# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, November 20/2019 | ★★★★★★

୪୫ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦/୨୦୧୯ | Bhubaneswar, Wednesday, November 20/2019 | ପୃଷ୍ଠା-୧




**ନ୍ୟୁୟର୍କରେ ଛୁଟି କାଟୁଛନ୍ତି ସାରା**

ବଲିଉଡ୍‌ର ପପୁଲାର୍ ଷ୍ଟାର୍-କିଡ୍ ସାରା ଅଲି ଖାନ୍ ଆଜିକାଲି ନ୍ୟୁୟର୍କରେ ଛୁଟି କାଟୁଛନ୍ତି। ଭାରତ ପରେ ନ୍ୟୁୟର୍କରେ ସମୟ କାଟିବାକୁ ସେ ଅଧିକ ପସନ୍ଦ କରନ୍ତି।

୦୭

୧୬

**ରାଜେଶ୍ୱରୀଙ୍କ ଜାତୀୟ ରେକର୍ଡ**

ପଞ୍ଜାବର ରାଜେଶ୍ୱରୀ କୁମାରୀ ୬୩ତମ ଜାତୀୟ ଶର୍ଟଗନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ଟ୍ରାପ ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି।



## ମୌସୁମୀ ନେଇଛି ୨,୩୯୧ ଜୀବନ

ନୂଆଦିଲ୍ଲୀ,୧୯।୧୧(ପି.ଟି.)

ଚଳିତବର୍ଷ ମୌସୁମୀ ଋତୁରେ ବର୍ଷା, ବନ୍ୟା ଓ ତଜ୍ଜନିତ କାରଣରୁ ୨,୩୯୧ ଜଣଙ୍କ ଜୀବନ ଯାଇଥିବାବେଳେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଯାଇଛି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ମଙ୍ଗଳବାର ଲୋକସଭାରେ ଏହି ସୂଚନା ଦେଇଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ କହିଛନ୍ତି, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଯୋଗୁ ବିଭିନ୍ନ ରାଜ୍ୟରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ବନ୍ୟା ଦେଖାଦେଇଥିବାବେଳେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଯବାନମାନଙ୍କୁ ବ୍ୟାପକ ଭାବେ ମୁତୟନ କରାଯାଇଥିଲା। ୧୭୬ ଏନ୍‌ଡିଆର୍‌ଏଫ୍ ଟିମ୍ ୯୮,୯୬୨ ଜଣଙ୍କୁ ଉଦ୍ଧାର କରିଥିବାବେଳେ ୨୩,୮୬୯ ଜଣଙ୍କୁ ଡାକ୍ତରୀ ଚିକିତ୍ସା ଯୋଗାଇଥିଲେ। ସେହିପରି ୬୧୭ ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଚିକିତ୍ସା ଯୋଗାଇ ଦିଆଯାଇଥିଲା। ୬୩.୯୭୫ ଲକ୍ଷ ହେକ୍ଟର ଚାଷଜମିର ଫସଲ ନଷ୍ଟ ହୋଇଯାଇଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ରିପୋର୍ଟ ମିଳିଥିବା ନିତ୍ୟାନନ୍ଦ ଉତ୍ତର ଦେଇଛନ୍ତି।

## ରାଜ୍ୟର ୧୯ ନଦୀ ପ୍ରଦୂଷିତ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ରାଜ୍ୟରେ ପ୍ରବାହିତ ନଦୀଗୁଡ଼ିକ ମଧ୍ୟରୁ ୧୯ଟି ନଦୀରେ ସହରାଞ୍ଚଳର ନାଳନର୍ଦ୍ଦମା ପାଣି ମିଶିବା ଯୋଗୁ ଏହା ପ୍ରଦୂଷିତ ହୋଇଥିବା ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇଛି। ଭୁବନେଶ୍ୱରର ଗଙ୍ଗୁଆ ଓ ଦୟା ନଦୀ, ରାଉରକେଲାରୁ ବିରିତୋଲ ଯାଇଥିବା ବ୍ରାହ୍ମଣୀ ନଦୀ, ଗୁରାଡିହ ନଳା, ପୁରୀ ନିକଟ ମଙ୍ଗଳା, ନାଗାବଳୀ, କାଠଯୋଡ଼ି, ସେରୁଆ, ରତ୍ନଚିରା, ନନ୍ଦିରା ଜୋର, କୁଆଖାଇ, ମହାନଦୀ, ଋଷିକୁଲ୍ୟା, ବାଙ୍ଗୁରୁ ନଳା, ଭେଡ଼େନ, କୁସୁମୀ, ଲୁଣା, ସାବୁଳିଆ ଏବଂ ବୁଢ଼ାବଳଙ୍ଗ ନଦୀ ବର୍ତ୍ତମାନ ପ୍ରଦୂଷିତ ଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଆରୁଖ କହିଛନ୍ତି ଯେ, ନଦୀ ତଟବର୍ତ୍ତୀ ସମସ୍ତ ସହରାଞ୍ଚଳରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରାଯିବା ବାଧ୍ୟତାମୂଳକ ନୁହେଁ। ମାତ୍ର ନଦୀ ନିକଟବର୍ତ୍ତୀ ସହର ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ତାଳଚେର ଏବଂ ରାଉରକେଲା ସହରରେ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଓଡବ୍ଲ୍ୟୁଏସ୍‌ଏସ୍‌ବି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ଭୁବନେଶ୍ୱର, ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ପଇସା ଦେଲେ ପାଠ**

**ଆଜିର ମନ୍ତବ୍ୟ**

" ବିଶ୍ୱରେ ଜଳ ସୁରକ୍ଷାର ନେତୃତ୍ୱ ନେଇପାରିବ ଇସ୍ରାଏଲ।
**-ଗଜେନ୍ଦ୍ର ସିଂ ଶେଖାୱତ୍, ଜଳଶକ୍ତି ମନ୍ତ୍ରୀ**

**କିଛି ତଥ୍ୟ**

୨୦୧୮ରେ ରାସ୍ତା ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୨.୩୭% ବୃଦ୍ଧି ଘଟି ୧.୫୧ ଲକ୍ଷ ରହିଛି।
**– ରାଜପଥ ମନ୍ତ୍ରଣାଳୟ**


Taste the difference! Vencobb FRESH CHICKEN

19.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 84 | 137 | 147 |
| DKL | 84 | 137 | 147 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 85 | 139 | 149 |
| BHM | 84 | 137 | 147 |

*Conditions Apply

Issued in the Interest of Consumers




ଭୁବନେଶ୍ୱର ରେଳ ଷ୍ଟେଶନରେ ମଙ୍ଗଳବାର ଶୁଭାରମ୍ଭ ହୋଇଥିବା ସେଗ୍‌ୱେ ପାଟ୍ରୋଲିଂ ବ୍ୟବସ୍ଥା । (ରିପୋର୍ଟ: ପୃଷ୍ଠା-୧୩)

### ମହାରାଷ୍ଟ୍ର ରାଜନୀତି: ଶିବସେନା ସୂତ୍ରରୁ ପ୍ରକାଶ

## ପାୱାରଙ୍କୁ 'ରାଷ୍ଟ୍ରପତି' ଲୋଭ

ମୁମ୍ବାଇ,୧୯।୧୧

ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ମହାରାଷ୍ଟ୍ରରେ ଭାଜପା ଯଦି ୫୦:୫୦ ସୂତ୍ରକୁ ଗ୍ରହଣ କରିବ ତେବେ ଶିବସେନା ପୁନର୍ବାର ମେଣ୍ଟକୁ ଫେରିବ। ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଡ଼ିବସିବା ପରେ ଭାଜପା ସହ ୩ ଦଶନ୍ଧିର ସମ୍ପର୍କ ଛିନ୍ନ କରିଥିବା ଶିବସେନା ପକ୍ଷରୁ ମଙ୍ଗଳବାର ଏଭଳି ସଙ୍କେତ ଦିଆଯାଇଛି। କାରଣ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସକୁ ଧରି ଶିବସେନାର ସରକାର ଗଠନ ସ୍ୱପ୍ନ ମଉଳିଯାଇଛି। ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ଭାଜପା ରାଷ୍ଟ୍ରପତି ପଦ ଲୋଭ ଦେଖାଇଥିବାରୁ ସେ ସରକାର ଗଠନ ପାଇଁ ସମର୍ଥନ ଘୋଷଣା କରୁ ନ ଥିବା ଶିବସେନା ପକ୍ଷରୁ କୁହାଯାଇଛି।

ମହାରାଷ୍ଟ୍ରରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ନ ମିଳିବା ପରେ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। ଫିଫ୍ଟି ଫିଫ୍ଟି ଫର୍ମୁଲାରେ ସରକାର ଗଠନ ଦାବିକୁ ଭାଜପା ପ୍ରତ୍ୟାଖ୍ୟାନ କରିଦେବାରୁ ଶିବସେନା ଅଲଗା ହୋଇଯାଇଛି। ଏନ୍‌ସିପି ଏବଂ କଂଗ୍ରେସ ସହ ମିଶି ସରକାର ଗଠନ କରିବାକୁ ଉଦ୍ଧବ ଠାକ୍‌ରେଙ୍କ ଦଳ ଚାହୁଁଛି। କିନ୍ତୁ ବିରୋଧୀ ଏନ୍‌ସିପି-କଂଗ୍ରେସ ମେଣ୍ଟ ପକ୍ଷରୁ ସବୁଜ ସଙ୍କେତ ମିଳୁନାହିଁ। ଏନ୍‌ସିପି ମୁଖ୍ୟ ଶରଦ ପାୱାର ସୋମବାର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି ପ୍ରାୟ ଘଣ୍ଟାଏ ଧରି କଥାବାର୍ତ୍ତା ହେବା ପରେ ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଅଧିକ ଆଲୋଚନା ଆବଶ୍ୟକ ବୋଲି କହିଥିଲେ। ଏହାକୁ ନେଇ ମଙ୍ଗଳବାର ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ପାୱାରଙ୍କ ସହ ଆମ ମେଣ୍ଟକୁ ନେଇ ଚିନ୍ତା କରିବା ଅନୁଚିତ। ଖୁବ୍‌ଶୀଘ୍ର ଅର୍ଥାତ୍ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଶିବସେନା ନେତୃତ୍ୱରେ ଏକ ସ୍ଥିର ସରକାର ଗଠନ ହୋଇଯିବ। ଅନ୍ୟପକ୍ଷରେ ଶିବସେନାର ଅନ୍ୟ ନେତାମାନେ ସ୍ୱୀକାର କରିଛନ୍ତି ଯେ, ମହାରାଷ୍ଟ୍ରରେ ସରକାର ଗଢ଼ିବା ଦୌଡ଼ରୁ ଶିବସେନାକୁ ବାଦ୍ ଦେବା ପାଇଁ ଚାହୁଁଥିବା ଭାଜପା ଏନ୍‌ସିପିକୁ ଧରି ଖେଳ କରିବା ପାଇଁ ଉଦ୍ୟମ ଚଳାଇଛି। ମହାରାଷ୍ଟ୍ର ସରକାରରେ ବଡ଼ ଭୂମିକା ଦିଆଯିବ ବୋଲି ପାୱାରଙ୍କ ଦଳକୁ ବୁଝାଶୁଝା କରୁଛି। କେବଳ ଏତିକି ନୁହେଁ, ପାୱାରଙ୍କୁ ଭାରତର ରାଷ୍ଟ୍ରପତି କରିବା ପାଇଁ ମଧ୍ୟ ଭାଜପା ଲୋଭ ଦେଖାଇଛି। ଏଥିପାଇଁ ଶିବସେନାକୁ ସମର୍ଥନ ଦେବା ପାଇଁ ପୂର୍ବରୁ ରାଜି ହୋଇଥିବା ଏନ୍‌ସିପି ଏବେ ସମର୍ଥନ ଘୋଷଣା କରୁନାହିଁ। ଶିବସେନାର ଦାବି ହେଉଛି ଏନ୍‌ସିପି-କଂଗ୍ରେସ ସହ ଗୋଟିଏ ସର୍ତ୍ତରେ ମେଣ୍ଟ ସରକାର ଗଠନ କରାଯିବ। ତାହା ହେଉଛି ସମ୍ପୂର୍ଣ୍ଣ ୫ ବର୍ଷ ପାଇଁ ଶିବସେନା ପାଖରେ ମୁଖ୍ୟମନ୍ତ୍ରୀ ପଦ ରହିବ। କିନ୍ତୁ ଭାଜପା ସହିତ ମେଣ୍ଟ କଲେ ୫୦:୫୦ ସୂତ୍ର ଏବେ ବି ଗ୍ରହଣୀୟ ବୋଲି ଶିବସେନା ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିବାବେଳେ ଫଳାଫଳ ୨୪ ତାରିଖରେ ଆସିଥିଲା। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାକୁ ୧୦୫ ଆସନରେ ସଫଳତା ମିଳିଛି। ଶିବସେନା ୫୬ ଆସନ ଦଖଲ କରିବା ପରେ ପ୍ରଥମ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନିଜେ ରଖିବା ପାଇଁ ଭାଜପା ନିକଟରେ ଦାବି ରଖିଥିଲା, ଯାହାକି ଅଗ୍ରାହ୍ୟ ହୋଇଯାଇଛି। ବିରୋଧୀ ଏନ୍‌ସିପିକୁ ୫୪ ଓ କଂଗ୍ରେସକୁ ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରୁ ଶିବସେନା ଓହରିବା ପୂର୍ବରୁ ତାକୁ ସମର୍ଥନ କରିବା ନେଇ ଏନ୍‌ସିପି ପକ୍ଷରୁ ଯେତିକି ତତ୍ପରତା ପ୍ରକାଶ ପାଉଥିଲା, ଏବେ ସେଭଳି ଦେଖିବାକୁ ମିଳୁନାହିଁ। ଇତିମଧ୍ୟରେ ପାର୍ଲାମେଣ୍ଟର ଶୀତ ଅଧିବେଶନର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନ୍‌ସିପିକୁ ପ୍ରଶଂସା କରିଥିଲେ। ଏନ୍‌ସିପି ଏବଂ ବିଜେଡିଠାରୁ ଅନ୍ୟ ଦଳଗୁଡ଼ିକ ଶୃଙ୍ଖଳା ଶିଖିବା ଉଚିତ ବୋଲି ମୋଦି କହିଥିଲେ। ଏହି ସବୁ ସମୀକରଣକୁ ଦେଖିଲେ ପାୱାରଙ୍କୁ ରାଷ୍ଟ୍ରପତି ପଦ ଯଚାଯିବା ନେଇ ହେଉଥିବା ଚର୍ଚ୍ଚା ଅମୂଳକ ନୁହେଁ ବୋଲି କେତେକ ମହଲରେ କୁହାଯାଉଛି।



ଶରଦ ପାୱାର

**ପାର୍ଲାମେଣ୍ଟରେ ଏନ୍‌ସିପିକୁ ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ**

## ହତ୍ୟାର ତୃତୀୟ କାରଣ ପ୍ରେମ

ନୂଆଦିଲ୍ଲୀ,୧୯।୧୧

ଭାରତରେ ହତ୍ୟାର ତୃତୀୟ ବଡ଼ କାରଣ ହେଉଛି ପ୍ରେମ ବ୍ୟାପାର। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟାନୁସାରେ ୨୦୦୧ରୁ ୨୦୧୭ ମଧ୍ୟରେ ପ୍ରେମକୁ ନେଇ ହତ୍ୟାକାଣ୍ଡ ସବୁଠୁ ବେଶି ବୃଦ୍ଧି ପାଇଛି। ବିଶ୍ୱର ଅଧିକାଂଶ ଦେଶ ଭଳି ଭାରତରେ ମଧ୍ୟ ହତ୍ୟାର ହାର ବିଗତ କିଛି ବର୍ଷ ମଧ୍ୟରେ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। କିନ୍ତୁ ଯେତିକି ହତ୍ୟାକାଣ୍ଡ ଘଟୁଛି ତା' ପଛରେ ତୃତୀୟ ମୁଖ୍ୟ କାରଣ ସାଜିଛି ପ୍ରେମ ବ୍ୟାପାର। ନିକଟରେ ଜାରି ହୋଇଥିବା ଏନ୍‌ସିଆର୍‌ବି ତଥ୍ୟରୁ ଜଣାପଡ଼ିଛି ଯେ, ୨୦୦୧ରେ ୩୬,୨୦୨ ହତ୍ୟା ମାମଲା ରୁଜୁ ହୋଇଥିଲା। କିନ୍ତୁ ୨୦୧୭ ବେଳକୁ ଏହି ସଂଖ୍ୟା ୨୮,୬୫୩କୁ ଖସିଯାଇଥିଲା। ଅର୍ଥାତ୍ ଏହି ଅବଧି ମଧ୍ୟରେ ହତ୍ୟା ମାମଲା ୨୧% ହ୍ରାସ ପାଇଥିଲା। ଏହି ହତ୍ୟାକାଣ୍ଡଗୁଡ଼ିକ ପଛର କାରଣ ବ୍ୟକ୍ତିଗତ ଶତ୍ରୁତା ୪.୩% ଏବଂ ସମ୍ପତ୍ତି ବିବାଦ ୧୨% ଦାୟୀ। ସେହିପରି ପ୍ରେମ ବ୍ୟାପାର ଓ ଅନୈତିକ ସମ୍ପର୍କ ଯୋଗୁ ୨୮% ହତ୍ୟାକାଣ୍ଡ ଘଟିଥିବା ଏନ୍‌ସିଆର୍‌ବି ରିପୋର୍ଟର ବିଶ୍ଳେଷଣରୁ ଜଣାପଡ଼ିଛି।



**୧୪ ରାଜ୍ୟରେ ନଂ.୧ ହତ୍ୟାକାରୀ ପ୍ରେମ**

୨୦୧୭ରେ ଅବିଭକ୍ତ ଆନ୍ଧ୍ରପ୍ରଦେଶରେ ହାରାହାରି ୩୮୪ ଲୋକ ପ୍ରେମଜନିତ ହିଂସା କାରଣରୁ ହତ୍ୟାର ଶିକାର ହୋଇଛନ୍ତି। ଅର୍ଥାତ୍ ଆନ୍ଧ୍ର ଓ ତେଲଙ୍ଗାନାରେ ଦିନକୁ ଅନ୍ୟୂନ ଜଣଙ୍କ ଜୀବନ ପ୍ରେମ ଯୋଗୁ ଯାଉଛି।

**ସବୁଠୁ ଆଗରେ ଉତ୍ତରପ୍ରଦେଶ**

ପ୍ରେମଜନିତ ହତ୍ୟାକାଣ୍ଡରେ ଦେଶରେ ସବୁଠୁ ଆଗରେ ରହିଛି ଉତ୍ତରପ୍ରଦେଶ। ଏହା ପଛକୁ ରହିଛି ତାମିଲନାଡୁ, କର୍ଣ୍ଣାଟକ ଓ ଦିଲ୍ଲୀ। ଅଧିକାଂଶ ରାଜ୍ୟରେ ପ୍ରେମ ବ୍ୟାପାର ହତ୍ୟା ପଛର ତୃତୀୟ କିମ୍ବା ଚତୁର୍ଥ ବଡ଼ କାରଣ। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ଛତିଶଗଡ଼, ଓଡ଼ିଶା, ମଧ୍ୟପ୍ରଦେଶ, ହରିୟାଣା, ରାଜସ୍ଥାନ, ବିହାର, ଝାଡ଼ଖଣ୍ଡ ଓ ଆସାମ।

**କେରଳ, ପଶ୍ଚିମବଙ୍ଗରେ ସବୁଠୁ କମ୍**

କେରଳ ଓ ପଶ୍ଚିମବଙ୍ଗରେ ଯେତିକି ହତ୍ୟାକାଣ୍ଡ ଘଟୁଛି ତା'ର ଟପ୍ ୫ କାରଣ ମଧ୍ୟରେ ପ୍ରେମ ରହିଛି। ଏହାସତ୍ତ୍ୱେ ଏହି ଦୁଇ ରାଜ୍ୟରେ ସବୁଠୁ କମ୍ ପ୍ରେମଜନିତ ହତ୍ୟାକାଣ୍ଡ ଘଟିଛି।

**ଅନର୍ କିଲିଂ: ୨୦୧୬ରେ ୭୧, ୨୦୧୭ରେ ୯୨**

ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସୂଚନା ମୁତାବକ ପ୍ରେମକୁ ନେଇ ହତ୍ୟାର ମୁଖ୍ୟ କାରଣ ହେଉଛି ତ୍ରିକୋଣୀୟ ପ୍ରେମ ବା ଅନୈତିକ ସମ୍ପର୍କ। ସେହିପରି ଅନର୍ କିଲିଂ ମଧ୍ୟ ଏହାର ଅନ୍ୟତମ ପ୍ରମୁଖ କାରଣ। ୨୦୧୬ରେ ସମ୍ମାନ ପାଇଁ ୭୧ ଜଣଙ୍କୁ ହତ୍ୟା କରାଯାଇଥିବାବେଳେ ୨୦୧୭ରେ ଅନରକିଲିଂ ଯୋଗୁ ୯୨ ଜଣଙ୍କ ଜୀବନ ଯାଇଥିଲା। ଭିନ୍ନ ଜାତି, ବର୍ଗ ଓ ଧର୍ମରେ ବିବାହ ଯୋଗୁ ପ୍ରେମୀ ଯୁଗଳ ପରିବାର ଏବଂ ସମ୍ପର୍କୀୟ ଲୋକଙ୍କ ହତ୍ୟାର ଶିକାର ହେଉଛନ୍ତି।

## ଧାନ କିଣାରେ ମଧ୍ୟସ୍ଥ ଉଚ୍ଛେଦ

- ମୁଲତବୀ ପ୍ରସ୍ତାବରେ ଉତ୍ତର ଦେଲେ ସମବାୟ ମନ୍ତ୍ରୀ
- ସୁଫଳ ପାଇଁ ମାଗିଲେ ୩ ମାସ ସମୟ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ୭ଟି ଜିଲାର ୮୫୧ ପ୍ୟାଡି ପ୍ରୋକ୍ୟୁରମେଣ୍ଟ ସେଣ୍ଟର(ପିପିସି) ମଧ୍ୟରୁ ୩୪୭ଟି କେନ୍ଦ୍ରରୁ ଧାନ କ୍ରୟ ପାଇଁ ଟୋକନ୍ ଦିଆଯାଇସାରିଛି। ଏହିପରି ଭାବେ ଚଳିତ ମାସ ୧୯(ମଙ୍ଗଳବାର) ସୁଦ୍ଧା ଚାଷୀଙ୍କୁ ୨୬,୫୪୩ ଟୋକନ୍ ଦିଆଯାଇସାରିଛି। ୧୫,୫୪,୦୧୭ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟୋକନ୍ ଦିଆଯାଇଛି। ସେଥିମଧ୍ୟରୁ କେବଳ ୨୪ ଜଣ ଚାଷୀଙ୍କଠାରୁ ୧୨୭୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡିଛି। ସମବାୟ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଙ୍ଗଳବାର ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର, ମୁକେଶ ମହାଲିଙ୍ଗ ଏବଂ ଶଙ୍କର ଓରାମଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ 'ରାଜ୍ୟରେ ଧାନକିଣାରେ ସରକାର ସମ୍ପୂର୍ଣ୍ଣ ବିଫଳ'ର ଉତ୍ତର ରଖି ରଣେନ୍ଦ୍ର ଏହା କହିଛନ୍ତି। ☞ପୃଷ୍ଠା-୧୩

### ବିଧାୟକଙ୍କ ଘର ଆଗରେ ଧାନ ରଖି ଆନ୍ଦୋଳନ

ବରଗଡ଼ ଅଫିସ୍/ସମ୍ବଲପୁର,୧୯।୧୧

ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ନୂଆ ଟୋକନ ବ୍ୟବସ୍ଥା ବିରୋଧରେ ପଶ୍ଚିମ ଓଡିଶାରେ ଚାଷୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ମଙ୍ଗଳବାର ଚାଷୀମାନେ ବିଭିନ୍ନ ସରକାରୀ ଅଫିସରେ ତାଲା ପକାଇ ଦେଇଥିବା ବେଳେ ରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି। ବରଗଡ଼ ଜିଲାର ବରଗଡ଼, ଭେଡ଼େନ, ଅତାବିରା ସମେତ ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଆନ୍ଦୋଳନ କରିଛନ୍ତି। ଅତାବିରାରେ ସେମାନେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅତିରିକ୍ତ ସମବାୟ ନିବନ୍ଧକ ଭକ୍ତବନ୍ଧୁ ସାହୁଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଅନ୍ୟପକ୍ଷେ ବରଗଡ଼ ଜିଲାପାଳଙ୍କ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଚାଷୀ ପ୍ରତିନିଧିମାନେ ଟୋକନ ବ୍ୟବସ୍ଥାକୁ ଜୋରଦାର ବିରୋଧ କରିବାରୁ କୌଣସି ନିର୍ଯ୍ୟାସ ବାହାରିପାରି ନ ଥିଲା। ଏହାର ପ୍ରତିବାଦରେ ବୁଧବାର କୃଷକ ସଙ୍ଗଠନ ପକ୍ଷରୁ ଅତାବିରା ବନ୍ଦ ଡାକରା ଦିଆଯାଇଛି। ସେହିପରି ସମ୍ବଲପୁରରେ ଚାଷୀମାନେ ଅନୁରୂପ ଆନ୍ଦୋଳନ ଚଳାଇଛନ୍ତି। ସେମାନେ ମଙ୍ଗଳବାର ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଘର ଆଗରେ ଧାନ ରଖି ପ୍ରତିବାଦ ଜଣାଇଛନ୍ତି ।



ରେଙ୍ଗାଲି ବିଧାୟକଙ୍କ ବାସଭବନ ଆଗରେ ଆନ୍ଦୋଳନରତ ଚାଷୀ।

### ■ ଖରିଫ ଧାନ ସଂଗ୍ରହ ୨୦୧୯-୨୦

## ଆଗୁଆ ହେବ ଟୋକନ୍ ବ୍ୟବସ୍ଥା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷ(୨୦୧୮-୧୯)ରେ ଧାନ ସଂଗ୍ରହ ପାଇଁ ଆଗୁଆ ଟୋକନ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତା, ଶୃଙ୍ଖଳା ଓ ପାରଦର୍ଶିତା ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସମ୍ପୃକ୍ତ ଜିଲା ପ୍ରଶାସନ ଏବଂ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଅନିୟମିତତା ରୋକିବାରେ ଟୋକନ୍ ବ୍ୟବସ୍ଥା ସଫଳ ହେବ ବୋଲି ରାଜ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଧାନ ସଂଗ୍ରହର ଧାର୍ଯ୍ୟ ସମୟ ପୂର୍ବରୁ ସେମାନଙ୍କ ବିକ୍ରି ଯୋଗ୍ୟ ଧାନ ସହ ସମ୍ପୃକ୍ତ ମଣ୍ଡିରେ ଉପସ୍ଥିତ ରହିବା ପାଇଁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଚାଷୀଙ୍କ ପଞ୍ଜୀକୃତ ନମ୍ବରକୁ ବାର୍ତ୍ତା ☞ପୃଷ୍ଠା-୧୩




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶ୍ରୀ
ପରିବାରବର୍ଗ


ଶଙ୍କର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଙ୍ଗଳରେ ଜୀବନ ସନ୍ଧାନ ପ୍ରୟାସ

## ୨ ଛାତ୍ରଙ୍କ ଉଦ୍ୟମ

ବ୍ରହ୍ମପୁର ଅଫିସ୍,୧୯।୧୧

ମଙ୍ଗଳରେ ଜୀବନ ସନ୍ଧାନକୁ ନେଇ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ସଫଳତା ମିଳିପାରି ନାହିଁ। ତେବେ ବ୍ରହ୍ମପୁରର ୨ଜଣ ଛାତ୍ର ଏଦିଗରେ ନିଜ ଉଦ୍ୟମରେ ପ୍ରୟାସ ଆରମ୍ଭ କରିଛନ୍ତି। ବ୍ରହ୍ମପୁର ଗୋଷାଣୀନୂଆଗାଁ ଡିଏଭି ପବ୍ଲିକ ସ୍କୁଲ ଦଶମ ଶ୍ରେଣୀ ଛାତ୍ର ସୁମିତ ପଟ୍ଟନାୟକ ଏବଂ ପୀୟୂଷ ରଞ୍ଜନ ପାଢୀ। ଏମାନଙ୍କ କହିବାନୁଯାୟୀ, ୩ ମାସ ହେଲା ପରିଶ୍ରମ କରି ଏହି ପ୍ରକଳ୍ପ ନିର୍ମାଣ କରିଛନ୍ତି । ଏକ ବକ୍ସ ଭିତରେ ଦୁଇଟି ଉଦ୍ଭିଦକୁ ରଖାଯାଇଛି। ସେହି ବକ୍ସକୁ ଏକ ହଟ୍ ବେଲୁନ୍ ମାଧ୍ୟମରେ ଆକାଶକୁ ଛଡ଼ାଯିବ। ବେଲୁନ୍ ଭିତରେ ହିଲିୟମ୍ ଗ୍ୟାସ୍ ରଖାଯାଇଛି। ଏହି ଗ୍ୟାସ୍ ବେଲୁନ୍‌କୁ ଉପରକୁ ନେବାରେ ସାହାଯ୍ୟ କରିବ। ବେଲୁନଟି ଏହି ବକ୍ସକୁ ଧରି ଷ୍ଟ୍ରାଟସ୍‌ଫିୟର୍ ବା ଆକାଶମାର୍ଗରେ ୩୦ରୁ ୫୦ କି.ମି. ଉପରକୁ ଯିବ। କାରଣ ପୃଥିବୀର ଷ୍ଟ୍ରାଟସ୍‌ଫିୟର ଏବଂ ମଙ୍ଗଳ ଗ୍ରହରେ ସ୍ଥିତି ପ୍ରାୟ ସମାନ। ବାୟୁର ଉତ୍ତାପ, ବିଭିନ୍ନ ଗ୍ୟାସ୍‌ର ଉପସ୍ଥିତି, ମଙ୍ଗଳ ଗ୍ରହ ସହ ସମାନ। ବକ୍ସରେ ଏକ କ୍ୟାମେରା ଖଞ୍ଜା ଯାଇ ଜିପିଏସ୍ ଲାଗିଛି। ଶୂନ୍ୟରେ ଏହି ବେଲୁନ୍‌ଟି ୩ଘଣ୍ଟା ରହି ପାରିବ। ଏହି ସମୟ ଭିତରେ ବେଲୁନ୍‌ଟି ଷ୍ଟ୍ରାଟସ୍‌ଫିୟର୍‌ରେ ପହଞ୍ଚିବା ପରେ ସେଠାରୁ ଭୂପୃଷ୍ଠକୁ ଫେରିବ। ପ୍ରାୟ ୧୨୦କି.ମି. ଅଞ୍ଚଳ ଭିତରେ ବକ୍ସଟି ଅବତରଣ କରିବ। ଅବତରଣ ସମୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ବେଗ ୨୫ଶହ କି.ମି. ଘଣ୍ଟା ପ୍ରତି ରହିବ। କିନ୍ତୁ ପରବର୍ତ୍ତୀ ସମୟରେ ଅର୍ଥାତ୍ ଭୂପୃଷ୍ଠର ନିକଟତର ହେଲେ ବେଗ କମି ସେକେଣ୍ଡକୁ ୩ମିଟର ରହିବ। ତେବେ ବକ୍ସକୁ ସୁରକ୍ଷିତ ଅବତରଣ କରିବା ପାଇଁ ଏକ ପାରାଚ୍ୟୁଟ୍ ମଧ୍ୟ ରହିଛି। ଅବତରଣ ସମୟରେ ପାରାଚ୍ୟୁଟ୍‌ଟି ସ୍ୱତଃପ୍ରବୃତ୍ତ ଭାବେ ଖୋଲିଯିବ। କେଉଁଠାରେ ଏହି ବେଲୁନ୍ ଅବତରଣ କରିବ, ତାହା ଜାଣିବା ପାଇଁ ଜିପିଏସ୍ ଲଗାଯାଇଛି। ପାରାଚ୍ୟୁଟ୍‌ଟି ବକ୍ସର ବେଗକୁ କମାଇବାରେ ସାହାଯ୍ୟ କରିବ। ଯଦି ଅବତରଣ ପରେ ଉଭୟ ଉଦ୍ଭିଦ ସୁରକ୍ଷିତ ଥିବ, କୌଣସି କ୍ଷତି ହୋଇ ନ ଥିବ, ତେବେ ମଙ୍ଗଳରେ ମଧ୍ୟ ଉଦ୍ଭିଦ ବଞ୍ଚିପାରିବା ପ୍ରମାଣିତ ହେବ ବୋଲି ଉଭୟ ଛାତ୍ର ପ୍ରକାଶ କରିଛନ୍ତି। କେବଳ ଉଦ୍ଭିଦ ନୁହଁ, ମଣିଷ ମଧ୍ୟ ବଞ୍ଚିପାରିବ । ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟାରେ ବେଲୁନ୍‌କୁ ଉପରକୁ ଛଡ଼ାଯାଇଥିଲା । ଖବର ଲେଖାହେବା ସୁଦ୍ଧା ଅବତରଣ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଜିପିଏସ୍ ମାଧ୍ୟମରେ ବକ୍ସର ସ୍ଥିତି ସମ୍ପର୍କରେ ସନ୍ଧାନ ଚାଲିଛି ବୋଲି ଛାତ୍ରଦ୍ୱୟ ପ୍ରକାଶ କରିଛନ୍ତି ।

ଏହି ପ୍ରକଳ୍ପ ନିର୍ମାଣ କରିବା ପାଇଁ ପ୍ରାୟ ୩୭ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ଟଙ୍କା ଅଭିଭାବକ ଏବଂ ସାଙ୍ଗସାଥୀମାନଙ୍କ ସୂତ୍ରରୁ ସଂଗ୍ରହ କରାଯାଇଛି। ବକ୍ସକୁ ପଠାଇବା ସମୟରେ ଭାରପ୍ରାପ୍ତ ଅଧ୍ୟକ୍ଷା ଧାରାଶ୍ରୀ ପାଢୀଙ୍କ ସମେତ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।


ସୁମିତ ପଟ୍ଟନାୟକ ଏବଂ ପୀୟୂଷ ରଞ୍ଜନ ପାଢୀ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। ସାଧାରଣ ତର୍କଜନିତ ବିବାଦରୁ ଦୂରେଇ ରହିବା ଭଲ ହେବ। ପାରିବାରିକ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ନଚେତ୍ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ** ଦୃଢ଼ ମନୋବଳ ଯୋଗୁ ଯେକୌଣସି ପରିସ୍ଥିତିରେ ମଧ୍ୟ ପଛକୁ ଫେରି ଚାହିଁବେ ନାହିଁ। ଆରମ୍ଭ କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ ଏବଂ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁମାନଙ୍କ ସହାନୁଭୂତି କାମ ପାଇଁ ପ୍ରେରଣ ଯୋଗାଇବ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଆନୁଷଙ୍ଗିକ ସାହାଯ୍ୟ ମଧ୍ୟ ପାଇବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ସମସ୍ୟାର କାରଣ ହୋଇପାରେ।

**କର୍କଟ** ପରିସ୍ଥିତି ବଦଳି ଯାଇଥିବାରୁ ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମକ୍ଷେତ୍ରରେ ପରିଶ୍ରମ ଅଧିକ ହେଲେ ମଧ୍ୟ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବେ। ବ୍ୟବସାୟ, ପରିବହନ, ବାଣିଜ୍ୟରେ ଲାଭାନ୍ୱିତ ହେବେ କିନ୍ତୁ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ** ନିଜର କଠିନ ଅଧ୍ୟବସାୟ ଓ ସାଧନା ହେତୁକ ସାମାଜିକ ସ୍ତରରେ ସମ୍ମାନ ଲାଭ କରିପାରନ୍ତି। ବନ୍ଧୁମାନଙ୍କ ସହାୟତା ପୂର୍ଣ୍ଣରୂପେ ରହିଥିବାରୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବ ନାହିଁ। କଠିନ ଶ୍ରମଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କଠାରୁ ପ୍ରେରଣା ପାଇ ଖୁସି ହେବେ।

**କନ୍ୟା** ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ବହୁପୂର୍ବରୁ ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତାର ଦାଉ ଅସମ୍ଭାଳ ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିବେ। ଅଭାବ ଓ ଅସୁବିଧାକୁ ନେଇ ପରିବାରରେ ଅଶାନ୍ତି ଦେଖାଦେଇପାରେ।

**ତୁଳା** କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅର୍ଥ ସଂକଟର ଦୂରୀକରଣ ନିମିତ୍ତ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅଫିସ କାମରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଭୁଲ୍ ବୁଝାମଣା ଓ ବୃଥା ସନ୍ଦେହ କାରଣରୁ ପାରିବାରିକ ଅଶାନ୍ତିଜନିତ ଅନ୍ୟମନସ୍କ ରହିପାରନ୍ତି।

**ବିଛା** ଅତୀତର କୌଣସି ଘଟଣା କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଆଗାମୀ ସମୟରେ ହେବାକୁ ଥିବା ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବିଷୟକୁ ନେଇ ମନରେ ବାରମ୍ବାର ଆଲୋଡନଜନିତ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ ହୋଇଯାଇପାରେ।

**ଧନୁ** କର୍ମକ୍ଷେତ୍ରର ସମସ୍ୟା ସମାଧାନ ଦିଗରେ ଯଥାସାଧ୍ୟ ଉଦ୍ୟମ କରି ବିଫଳ ହୋଇପାରନ୍ତି। କିନ୍ତୁ ପାରିବାରିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ । ଏଣେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କାର୍ଯ୍ୟ ସମ୍ପନ୍ନର ଆଶା ମଉଳି ଯାଇପାରେ। ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ଆପଣଙ୍କ ପରିସ୍ଥିତିକୁ ହୃଦୟଙ୍ଗମ କରି ଜଣେ ବନ୍ଧୁ ସହାନୁଭୂତି ପୂର୍ବକ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ତଥା ଚଳଚ୍ଚିତ୍ର ପ୍ରଭୃତି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପାରିବାରିକ କ୍ଷେତ୍ରରେ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସମ୍ଭାବନା ରହିଛି ।

**କୁମ୍ଭ** ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବା କାରଣରୁ ମାନସିକ ସ୍ତରରେ ପ୍ରସନ୍ନତା ଅନୁଭବ କରିବେ। କିନ୍ତୁ ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ଦ୍ୱାରା ସାମାଜିକ ସ୍ତରରେ ଅସମ୍ମାନିତ ହୋଇପାରନ୍ତି। ଆଜି ବନ୍ଧୁମାନଙ୍କ ସହ ଭ୍ରମଣ ସୁଯୋଗ ଜୁଟିପାରେ। ବ୍ୟବସାୟ ଓ ପରିବହନରେ ଶିଥିଳତା କାରଣରୁ ସାମୟିକ ବିଷାଦ ରହିପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ନେଇ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପୂଜାପାର୍ବଣ ମଉକାରେ ବନ୍ଧୁମିଳନ ମନକୁ ସାମୟିକ ହାଲୁକା କରିଦେଇପାରେ। କେତେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସାମାଜିକ ସ୍ତରରେ ବୁଝାମଣା ଠିକ୍ ରହିବ ।

ଆଜି ମାର୍ଗଶିର କୃଷ୍ଣପକ୍ଷର ପ୍ରଥମାଷ୍ଟମୀ ବୁଧବାର, ଦିବା ଘ୧ ।୩୦ମି. ପରେ କାଞ୍ଜିଅଁଳା ନବମୀ, ଶ୍ରୀଲିଙ୍ଗରାଜ ଦେବଙ୍କ ଯାତ୍ରା, ନଭେମ୍ବର ୨୦ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, କର୍କଟ ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୭।୨୯ମି. ଗତେ ଘ୮ ।୧୩ମି. ମଧ୍ୟେ ଅମୃତବେଳା। ଘ୧୦ ।୨୨ମି. ଗତେ ଘ୧୧ ।୪୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧୧ ।୩୨ମି. ଗତେ ଘ୧୨ ।୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### BRIDE WANTED

Brahmin son DOB 15.12.1994, 5'6", B.Tech CSE Software Engineer in Mumbai, Bhanjanagar (Gm) 7 7 3 5 2 1 7 1 7 2, 8763379359. D-15311

Son age 30 B.Tech, M.Tech NIT Bhopal Phd IIT Hyderabad working Scientist Govt. of India (Caste-no-bar) 8144589551. D-15314

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ଫୋନ୍ : 6370055042. D-15264

ତେଲୀପାତ୍ର 55½, କମ୍ପାନୀ ଚାକିରି, ମାଟ୍ରିକ (ଘରଜୋଇଁଆ ପ୍ରଯୁଜ୍ୟ): 7377316197. D-67253

Divorcee groom Bank manager 41, TCS 38, Clerk 43- 7873374269. D-68607

ସୁରଟର ଏକ ଡାଇମଣ୍ଡ କମ୍ପାନୀରେ ଚାକିରି କରୁଥିବା ପୁରୀ ନିବାସୀ 35 ବର୍ଷୀୟ ବରପାତ୍ର ପାଇଁ, ବଣିଆ ଜାତିର ଏକ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ କରନ୍ତୁ। 9348544047, 9238600228. D-15274

Karan bride for 32/5.5"/B.Com MBA Bengali Brahmin bride for 29/5.10"/B.Tech 7978736177. D-68218

ପୁତ୍ରର ବାହାଘର ପାଇଁ ଚିନ୍ତିତ କି? Photo, Biodata ସହ ଯୋଗାଯୋଗ। ''Akankshya group'', 7978736177. D-68215

Wanted brahmin brides for 37/5.8"/MA BEd. and 29/5.6"/B. Tech immediately. "AKANKSHYAGROUP" 7978736177. D-68217

### GROOM WANTED

ବାଙ୍ଗାଲୋରରେ ଚାକିରି କରୁଥିବା ବ୍ରାହ୍ମଣ M.Com, 31 ବୟସର ଝିଅ ପାଇଁ ପୁଅ ଆବଶ୍ୟକ। 8088210274. D-15312

Daughter is B.Sc, B.Ed & M.A Education, serving TGT Science, in Kendriya Vidyalaya (permanent) Dob- 1986, 5.4" Danua Brahmin, fair complexion, needs boy of same caste, preferably Kendriya Vidyalay Employee/ Central Govt. Contact No: 9402475189, 9438054955 for early marriage. D-15228

ସୁନ୍ଦର କରଣ ଝିଅ 1979, PG, 5'4'' ପାଇଁ ଚାକିରିଆ, ବ୍ୟବସାୟୀ ପାତ୍ର ଆବଶ୍ୟକ। (Any caste), 8895458810. D-15266

କନ୍ୟାର ବାହାଘର ଶୀଘ୍ର କରିବାକୁ ଚାହୁଁଛନ୍ତି କି? ଭଲଭଲ ପ୍ରସ୍ତାବ ପାଇଁ। ''Akankshya group'', 7978736177. D-68216

Age 35, Graduate Divorcee ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7381460016. D-67918

Girl age 29 B.Tech NIT MBA lift Delhi working in MNC Mumbai vishwokarma Caste-no-bar 7008986005. D-15313

Now Matrimonial ads. only on Wednesday & Sunday Book 1 Get 1 FREE

**1500sqft. gharabari plots with developed 40ft. main entrance road and 30ft. internal road with park, fountain, electricity and gated boundary 9k.m from airport and 2k.m before Xavier University is immediate for sale. 9937162220.** D-68513

ଦୁଇଗୁଣ୍ଠ ଜାଗାରେ ଦୁଇମହଲା ବିଶିଷ୍ଟ ନୂତନ କୋଠାଘର ବିକ୍ରି ହେବାପାଇଁ ଅଛି। ସ୍ଥାନ- ଜଗତପୁର ମିରାମସଲା ପାଖ ମୋ.ନଂ.: ୮୧୧୭୮୮୧୫୭୮ ମୂଲ୍ୟ: ଟ.୭୫ଲକ୍ଷ ଧ-୧୫୩୧୫

**Ready to move 2BHK and 1BHK flats in 1st block out of 6 blocks (84flats) near Mount Litera Zee School Kateni (7k.m from SUM Hospital) is immediate for sale. 9937847725.** D-68512




Tastefully built 1st floor 3BR with Garage and modern facilities at H/17 Chhend 1st phase at Rourkela on main road available for rent. Interested person contact: 9937055045. D-56659

3200sqft. in 2nd floor on Janpath, Ashok Nagar, Bhubaneswar with basement parking for staffs, 2nos. 8pax lift, 2 staircases, 24hrs DG power backup. Fire protection. Suitable for MNC/Bank/ Office/Retail store/ Restaurant. Contact: 9437012533. D-15310

3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091

3500sqft. Godown Cum Office/ Staff quarter available for rent in N-3 area of IRC Village, Nayapali, please, Contact: 9437020530, 8826869805. D-68183

2 Bedroom, 2 Toilet, Drawing, Big balcony, First floor for rent only Family opposit Stewart School Unit-8 Contact: 9437890015, 06742562487. D-67723




Rejuvenate and ayurvedic full body massage by smart therapist. 9114402304. D-68145

Kajal Ayurvedic massage club fully relaxed by smart lady, home service available- 9937637219. D-67000

Ayurvedic full body massage ladies & gents smart therapist, 9040900385. D-68701

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Newly open full body massage by ladies, gents therapist. 8018656899 D-60850

Ayurvedic full body massage by ladies, gents therapist. 7008773793 D-60851

Refresh your mind and soul with best therapy at Orchid Salon/Spa. 9937287222. D-68703

Refresh your body with smart and expert therapist, Contact: 6370668486. D-68182

Sai herbal Spa refresh your body with smart and expert therapist, contact: 7608062524. D-68184

Genuine body massage and SPA provide by expert. 9 5 8 3 1 2 5 2 8 7 , 7991082881. D-56660




SALE

Scooty pep for sale 15 years renewal, Contact. 7008437072 12000/-. D-67722

HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9 5 5 6 2 4 0 2 2 8, 9937292015. Email- enquiry@kttorissa.com D-15185




SALE

**ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରି ହେଉଛି। Project ଭିତରେ 30ft road ଦିଆଯାଇଛି। 8018474890.** D-68431

**Plot sale near AIIMS Hospital, Bhubaneswar yellow zone 30' Road- 8280037688.** D-68425

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8 1 4 4 7 0 6 5 6 0 , 9348817649. D-68416

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

3BHK brand new Duplex with three phase electricline (Ready to move) with gated community (land- 1500sqft. Construction 1600sqft. both floors), at Brahmeswar Patna is for sale. Directly buyer Contact: 9776804190. D-15241

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

ଭୁବନେଶ୍ୱର କେଶୁରା 1450/- ନଖରା 750/- କଳିଙ୍ଗବିହାର 1400/- IIT ଅରଗୁଳ 200/- ଗୁଡିଆପୋଖରୀ 750/- possession plot କିଣନ୍ତୁ। 7978641199. D-68704

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68510

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9078736851.** D-68428

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

Sale! 2BR, 1265sqft., 2bath, 2balcony, kitchen, puja. Gudiapokhari Chhaka, 7/8kms. from Rabi Talkies Square, Bhubaneswar. 9437562371. D-67254

Jaydev Vihar Bank of Baroda କୁ ଲାଗି 2BHK flat 1180/- sqft. ରେ 56,00,000/-ରେ କିଣନ୍ତୁ। 7978641199. D-68705

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଜୀତେଶି ଷଡ଼ଙ୍ଗୀ



ତନୁଶ ଦାସ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ 'ମୋ ସରକାର'ରେ ଅଗ୍ନି ନିରାପତ୍ତା

# କ୍ଷେତ୍ରୀୟ କର୍ମଚାରୀ ଦେବେ ପ୍ରମାଣପତ୍ର

■ ଜାନୁୟାରୀରୁ ମୋ ସରକାର କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ
■ ଏପ୍ରିଲ ପହିଲାରୁ ସମ୍ପୂର୍ଣ୍ଣ ଅନ୍‌ଲାଇନ ବ୍ୟବସ୍ଥା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ବାସଗୃହ ଏବଂ ବିଲ୍ଡିଂ ପାଇଁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଲାଗି ଆଉ ଅଗ୍ନିଶମ ସେବା ନିର୍ଦ୍ଦେଶାଳୟ ଯିବାକୁ ପଡିବନାହିଁ। ପୂର୍ବରୁ ଯେଉଁସବୁ ପଦ୍ଧତି ଚାଲି ଆସିଥିଲା ରାଜ୍ୟ ସରକାର ସେଥିରେ ପରିବର୍ତ୍ତନ ଆଣିଛନ୍ତି। ଅନ୍ୟପଟେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ଖୁବ୍‌ଶୀଘ୍ର 'ମୋ ସରକାର' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଲାଗି ମଧ ନିଷ୍ପତ୍ତି ସରିଛି। ଏଥର ଅଗ୍ନି ବିଭାଗର କ୍ଷେତ୍ରୀୟ କର୍ମଚାରୀମାନେ ଏଥିପାଇଁ ଆବଶ୍ୟକ ଅନୁମୋଦନ ଓ ପ୍ରମାଣପତ୍ର ମଙ୍ଗଳବାରଠାରୁ ଦେଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଅଗ୍ନି ସୁରକ୍ଷା କ୍ଷେତ୍ରରେ ଅଧିକ ସଚେତନତା ଓ ସୁରକ୍ଷିତ ବ୍ୟବସ୍ଥା ପାଇଁ ବିଭିନ୍ନ ଅନୁମୋଦନ ଓ ପ୍ରମାଣପତ୍ର ପ୍ରଦାନ ଅଧିକାର କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ହାତରେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏ ସଂକ୍ରାନ୍ତରେ ବିସ୍ତୃତ ଘୋଷଣାନାମା ପ୍ରକାଶ ପାଇଛି। ଅଗ୍ନିଶମ ବିଭାଗର କ୍ଷେତ୍ର କର୍ମଚାରୀମାନେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବେଠାରୁ ଦେଇପାରିବେ। ୨୦୨୦ ଜାନୁୟାରୀ ପହିଲାରୁ 'ମୋ ସରକାର' କାର୍ଯ୍ୟକ୍ରମରେ ଏହି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯିବ। ସେହିପରି ଆସନ୍ତା ଏପ୍ରିଲ ପହିଲାରୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟା କେବଳ ଅନ୍‌ଲାଇନ ଜରିଆରେ ହିଁ ହୋଇପାରିବ ବୋଲି ନିଷ୍ପତ୍ତି ହୋଇଛି।

ସରକାରଙ୍କ ପକ୍ଷରୁ କୋଠାବାଡ଼ି, ହୋଟେଲ ଆଦି କ୍ଷେତ୍ରରେ କେଉଁ ଅଧିକାରୀ ଦାୟିତ୍ୱ ନେବେ ତା'ର ମଧ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ନୂତନ ନିଷ୍ପତ୍ତି ଦ୍ୱାରା ଦୈନନ୍ଦିନ ଚଳଣି ଓ ବ୍ୟବସାୟ ଅଧିକ ସହଜ ହୋଇପାରିବ ବୋଲି ସରକାର କହିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ନୀତି ଅନୁଯାୟୀ ମଧ ଏହି ପ୍ରକ୍ରିୟାକୁ ଅଧିକ ସରଳ ଓ ସମୟ ଉପଯୋଗୀ କରାଯାଇଛି। ନୂଆ ନିୟମ ଅନୁଯାୟୀ କ୍ଷେତ୍ରୀୟ କର୍ମଚାରୀମାନେ ଆବଶ୍ୟକ ପ୍ରକ୍ରିୟା ଅନୁସରଣ କରି ଆବେଦନ ଗ୍ରହଣ କରିବାର ୧୮ ଦିନ ମଧ୍ୟରେ ପ୍ରମାଣ ପତ୍ର ପ୍ରଦାନ କରିବେ। ଉକ୍ତ ପ୍ରମାଣପତ୍ର ୨ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆବାସିକ କୋଠାବାଡ଼ି କ୍ଷେତ୍ରରେ କିନ୍ତୁ ଏହି ପ୍ରମାଣପତ୍ର ୫ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାଦ୍ୱାରା ଅଗ୍ନି ସୁରକ୍ଷା ପ୍ରମାଣପତ୍ର କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିପାରିବ। ନୂତନ ନିଷ୍ପତ୍ତି ଅନୁଯାୟୀ, ୧୫ମିଟରରୁ କମ୍ ଉଚ୍ଚତା ବିଶିଷ୍ଟ କୋଠା ପାଇଁ ସର୍କଲ ଡେପୁଟି ଫାୟାର ଅଫିସର, ୧୫ରୁ ୩୫ମିଟର ଉଚ୍ଚତା ବିଶିଷ୍ଟ କୋଠା ପାଇଁ ରେଞ୍ଜ ଫାୟାର ଅଫିସର, ୩୫ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ କୋଠାବାଡ଼ି(ମଲ୍ଟିପ୍ଲେକ୍ସ ବ୍ୟତୀତ) ପାଇଁ ମୁଖ୍ୟ ଫାୟାର ଅଫିସର, ୧୨ମିଟରରୁ କମ୍ ଉଚ୍ଚତା ତଥା ୩୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ ଯେଉଁଠି ଅତିକମ୍‌ରେ ଗୋଟିଏ ଆଇସିୟୁ ଥିବ ସେ କ୍ଷେତ୍ରରେ ଆସିଷ୍ଟାଣ୍ଟ ଫାୟାର ଅଫିସର ଏବଂ ୧୨ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ଉପରୋକ୍ତ ବୈଶିଷ୍ଟ୍ୟଯୁକ୍ତ ଚିକିତ୍ସାଳୟ ପାଇଁ ଡେପୁଟି ଫାୟାର ଅଫିସର, ସିନେମା ହଲ୍ ପାଇଁ ଜିଲାର ଆସିଷ୍ଟାଣ୍ଟ ଫାୟାର ଅଫିସର, ୩ ତାରକାରୁ କମ୍ ହୋଟେଲ, ଲଜିଂ ଓ ଗେଷ୍ଟ ହାଉସ ପାଇଁ ଆସିଷ୍ଟାଣ୍ଟ ଫାୟାର ଅଫିସର, ୩ ତାରକାରୁ ବଡ ହୋଟେଲ ପାଇଁ ଡେପୁଟି ଫାୟାର ଅଫିସର ଅଗ୍ନି ସୁରକ୍ଷା ପ୍ରମାଣପତ୍ର ଦେବେ। ସେହିପରି ବିମାନ ବନ୍ଦର, ବିମାନ ଅବତରଣ କେନ୍ଦ୍ର, ଷ୍ଟାଡିୟମ, ବହୁତଳ କାର ପାର୍କିଂ, ଭୂତଳ ଓ ଆଂଶିକ ଭୂତଳ କାର ପାର୍କିଂ ପାଇଁ ରେଞ୍ଜ ଫାୟାର ଅଫିସର, ପେଟ୍ରୋଲ ପମ୍ପ ଏବଂ ଏଲ୍‌ପିଜି ଗୋଦାମ ପାଇଁ ଆସିଷ୍ଟାଣ୍ଟ ଫାୟର ଅଫିସର, ଶିଳ୍ପ କଳକାରଖାନା, ଗୋଦାମ ଘର, ବିସ୍ଫୋରକ ଦ୍ରବ୍ୟର ସଂରକ୍ଷଣ, ପରିବହନ, ବିକ୍ରୟ ଏବଂ ଆତସବାଜି ଉତ୍ପାଦନ ଓ ବିକ୍ରୟ(ସ୍ଥାୟୀ ଲାଇସେନ୍ସଧାରୀ)ପାଇଁ ଡେପୁଟି ଫାୟର ଅଫିସର ଏବଂ ବୃହତ୍ ଶିଳ୍ପ ବିସ୍ଫୋରକ ଦ୍ରବ୍ୟ ଉତ୍ପାଦନକାରୀ, ପେଟ୍ରୋଲିୟମ ତଥା ଅନ୍ୟ ବାହ୍ୟ ପଦାର୍ଥ ଡିପୋ ଆଦି କ୍ଷେତ୍ରରେ ରେଞ୍ଜ ଫାୟାର ଅଫିସର ଅଗ୍ନି ସୁରକ୍ଷା ପ୍ରମାଣପତ୍ର ପ୍ରଦାନ କରିବେ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।

■ ପଶ୍ଚିମ ଓଡ଼ିଶା ବନ୍ଦ ଘଟଣା

# ଆଇନଜୀବୀଙ୍କୁ ସୁରକ୍ଷା ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୧୯।୧୧

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆଇନଜୀବୀମାନେ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି। ଦୀର୍ଘଦିନ ଧରି ଏହି ଆନ୍ଦୋଳନ ଚାଲୁ ରହିଥିବାରୁ ପଶ୍ଚିମ ଓଡ଼ିଶାରେ ଥିବା ବିଭିନ୍ନ ଅଦାଲତରେ ମାମଲା ପରିଚାଳନାରେ ଅସୁବିଧା ସୃଷ୍ଟି ହୋଇଛି। ଏ ନେଇ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ସମ୍ବଲପୁରକୁ ଯେଉଁ ଆଇନଜୀବୀ ମାମଲା ଲଢ଼ିବା ପାଇଁ ଯିବେ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ହାଇକୋର୍ଟ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଡିସେମ୍ବର ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିରେ ପଶ୍ଚିମ ଓଡିଶା ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରା ପାଇଁ ଜିଲାର ଅନେକ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ମହାନ୍ତି ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

■ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି

# ଗଞ୍ଜେଇ ଚାଷକୁ ଅନୁମତି ମିଳିବନି

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ରାଜ୍ୟରେ ଗଞ୍ଜେଇ ଚାଷ ପାଇଁ ଅନୁମତି ଦିଆଯିବ ନାହିଁ। ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଅବକାରୀ ବିଭାଗ ସଚିବ ଏସ.କେ. ଲୋହାନୀ। ସେ କହିଛନ୍ତି ଯେ ଆଇନ ବିଭାଗ ଗଞ୍ଜେଇ ଚାଷକୁ ଅନୁମତି ଦେଇ ନାହିଁ। ଏହି ପରିପ୍ରେକ୍ଷୀରେ ଗଞ୍ଜେଇ ଚାଷକୁ ବିଭାଗ ଅନୁମତି ଦେଇପାରିବ ନାହିଁ। କେତେକ ଔଷଧ ତିଆରି କରୁଥିବା କମ୍ପାନୀ ଗଞ୍ଜେଇ ଚାଷକୁ ରାଜ୍ୟରେ ଅନୁମତି ଦେବାକୁ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଗଞ୍ଜେଇରୁ ବିଭିନ୍ନ ମାରାତ୍ମକ ରୋଗର ଔଷଧ ତିଆରି ହୋଇପାରିବ। ରାଜ୍ୟରେ ଚାଷ କରାଗଲେ ଔଷଧ ନିର୍ମାତା କମ୍ପାନୀଗୁଡ଼ିକୁ ଏହାର ସୁବିଧା ମିଳିପାରିବ। ଏହାକୁ ଦୃଷ୍ଟିରେ ରଖି କମ୍ପାନୀଗୁଡିକ ସରକାରଙ୍କୁ ଗଞ୍ଜେଇ ଚାଷକୁ ରାଜ୍ୟରେ ଅନୁମତି ଦେବାକୁ ପ୍ରସ୍ତାବ ଦେଇଥିଲେ। ତେବେ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଆଇନ ବିଭାଗ ପ୍ରତ୍ୟାଖ୍ୟାନ କରି ଦେଇଛି। ସୂଚନାଯୋଗ୍ୟ ଯେ, ଗଞ୍ଜେଇ ଚାଷକୁ ରାଜ୍ୟରେ ଅନୁମତି ଦେବାକୁ ଅବକାରୀ ବିଭାଗର ଯୁଗ୍ମ ସଚିବ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଥିଲେ। ଏହାକୁ ବିଭିନ୍ନ ନିଶା ନିବାରଣ ସଂଗଠନ ପକ୍ଷରୁ ବିରୋଧ କରାଯାଉଥିବାରୁ ବୈଠକରେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଗଞ୍ଜେଇ ଚାଷକୁ ଅନୁମତି ଦେବା ନେଇ ପୂର୍ବତନ

### ଚାଷ ସପକ୍ଷରେ ତଥାଗତ

ଏମ୍‌ପି ତଥାଗତ ସତପଥୀ କହିଛନ୍ତି ଯେ ଗଞ୍ଜେଇରେ ଅନେକ ଲାଭଦାୟକ ଦିଗ ଅଛି। କ୍ୟାନସର, ଶ୍ୱାସ ରୋଗ ପାଇଁ ଏଥିରୁ ଔଷଧ ତିଆରି ହୁଏ। ତେବେ ଗଞ୍ଜେଇ ଚାଷ ଆଇନକରଣ ସପକ୍ଷରେ ମୁଁ ନୁହେଁ। ଏହି ଚାଷକୁ ଡିକ୍ରିମିନାଲାଇଜେଶନ କରାଯିବା ପାଇଁ ସେ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଗଞ୍ଜେଇ ଚାଷ ସହଜ, ସେଥିରେ ବେଶି ପାଣି, ଖତ କିମ୍ବା ସାର ଦର କାର ପଡ଼େ ନାହିଁ। କ୍ଷୁଦ୍ର ଚାଷୀମାନେ ଏହାକୁ ଚାଷ କରି ବେଶ୍ ଲାଭବାନ ହୋଇପାରିବେ। ରାଜ୍ୟ ସରକାର ଏହି ଚାଷକୁ ପ୍ରୋତ୍ସାହନ ଦେବା ଦରକାର। ଉତ୍ତରାଖଣ୍ଡ ସରକାର ଗଞ୍ଜେଇ ଚାଷକୁ ଅନୁମତି ଦେଇଛନ୍ତି। ଆମ ସରକାର ଏହାକୁ ମନା କରିବା ସମ୍ପୂର୍ଣ୍ଣ ଦୂରଦୃଷ୍ଟିହୀନତା। ଆଇନରେ ସଂଶୋଧନ ଆଣି ଗଞ୍ଜେଇ ଚାଷକୁ ଅନୁମତି ଦେବା ଉଚିତ ବୋଲି ସେ କହିଛନ୍ତି।

ODISHA STATE HOUSING BOARD
A Govt. of Odisha undertaking
Sachivalaya Marg, Bhubaneswar-751001
Phone : 0674-2393524/2392587/2393277, Website : https://oshb.org




Multi Storied Residential Apartment Complex at a Prime Locality in ANGUL Town
BOOKING CLOSES on 30th Nov. 2019
Behind District Headquarter Hospital and near to Daily Market, Bus Stand, Railway Station, Central School & Collectorate.
● Ample Open Space ● Gated Complex with required Infrastructure Facilities ● Quality Construction
● Nominal Registration Charges - only on divided share of Land Cost as per benchmark value ● Easy Payment Schedule during construction period
● Tie-up with State Bank of India, Bank of Baroda, HDFC Bank for EMD & Loan as per eligibility.
Forms are available at :
● SBI : Angul, Talcher, Dhenkanal, Kandsar, NTPC ● BOB : Angul ● OSHB : Site Office Angul, Cuttack, Rourkela, Sambalpur and Head Office at Bhubaneswar.
Housing Commissioner-cum-Secretary
ODISHA STATE HOUSING BOARD
For Details Contact :
98612 11820, 9437 22 6043, 90903 73641, 9437 228 444, 98610 32436
Or Visit : https://oshb.org
Building Houses Building Odisha

# ଋଷିକୁଲ୍ୟା ମୁହାଣରେ କଇଁଛଙ୍କ ମିଳନ ଆରମ୍ଭ

ଗଞ୍ଜାମ,୧୯।୧୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ନିକଟ ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହୋଇଛି। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଏହି ପ୍ରକ୍ରିୟା ଶୀଘ୍ର ଆରମ୍ଭ ହୋଇଥିବା ପରିବେଶବିତ୍‌ମାନେ କହିଛନ୍ତି। ମଙ୍ଗଳବାର ଖଲ୍ଲିକୋଟ ରେଞ୍ଜର ଦିଲୀପ ମାର୍ଥାଙ୍କ ନିର୍ଦ୍ଦେଶରେ ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲିକ କର୍ମଚାରୀଙ୍କ ସହ ସମୁଦ୍ରରେ ପାଟ୍ରୋଲିଂ କରୁଥିଲେ।


ସମୁଦ୍ରରେ କଇଁଛଙ୍କ ମିଳନ।

ଉପକୂଳଠାରୁ ପ୍ରାୟ ୨୦ କିମି ଦୂରରେ ମାତ୍ର ୩ହଳ କଇଁଛଙ୍କ ମିଳନ ପ୍ରକ୍ରିୟା ଦେଖିବାକୁ ପାଇଥିଲେ। ଚଳିତମାସ ଶେଷ ଏବଂ ଡିସେମ୍ବରରେ ଦଳ ଦଳ କଇଁଛଙ୍କ ମିଳନ ଦେଖିବାକୁ ମିଳିବ ବୋଲି ରମ୍ଭା ବନାଞ୍ଚଳ ଅଧିକାରୀ ମଲିକ ସୂଚନା ଦେଇଛନ୍ତି। ପରେ ଅଣ୍ଡା ଦେବା ସମୟ ଆସିବାବେଳେ ଉକ୍ତ କଇଁଛମାନେ ଉପକୂଳଠାରୁ ମାତ୍ର ୫ କିମି ପରିଧି ମଧ୍ୟରେ ଦଳଦଳ କଇଁଚ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିବ ବୋଲି ସେ କହିଛନ୍ତି। ଶୀତ ଆଗମନ ହେବାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ମଧ ସେ କହିଛନ୍ତି। ଅନୁକୂଳ ପାଗ ଓ ଦକ୍ଷିଣାପବନ ବୋହିଲେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ। କଇଁଛଙ୍କ ମିଳନ ପ୍ରକ୍ରିୟା ଅବ୍ୟାହତ ରହିବା ଯାଏ ପାଟ୍ରୋଲିଂ ଜାରି ରହିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସମୁଦ୍ରରେ ପାଟ୍ରୋଲିଂ ପାଇଁ ଦୁଇଟି ସ୍କ୍ୱାଡ ଗଠନ କରାଯାଇଛି ଏବଂ ହାଚେରୀ (କୃତ୍ରିମ ଉପାୟରେ ଅଣ୍ଡାରୁ ଛୁଆ ବାହାର କରିବା) ପାଇଁ ବ୍ୟବସ୍ଥା କରାଯାଇଛି। କଇଁଛଙ୍କ ସୁରକ୍ଷା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଜାନୁୟାରୀ ଶେଷ କିମ୍ବା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଅଣ୍ଡାରୁ ଛୁଆ ବାହାରିବ ବୋଲି ବନ ବିଭାଗ ଆଶା ରଖିଛି।




■ ଚୋରା ପଥର ଚାଲାଣ ର୍‍ୟାକେଟରେ ପୋଲିସ ବାବୁ

# ଇନ୍ସପେକ୍ଟର ରଞ୍ଜିତ ସାହୁ ନିଲମ୍ବିତ

■ ପୂର୍ବରୁ ନିଲମ୍ବିତ ହୋଇଥିଲେ ଇନ୍ସପେକ୍ଟର ବିକ୍ରମ ଜେନା
■ ଏବେବି ନିଲମ୍ବିତ ଦୁଇ ଅଧିକାରୀଙ୍କ ପତ୍ତା ମିଳୁନି
■ ପଳାତକ ଘୋଷଣା କରିପାରେ ଏସ୍‌ଟିଏଫ୍


ରଞ୍ଜିତ ସାହୁ


ବିକ୍ରମ ଜେନା

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଖୋର୍ଦ୍ଧା ପଥର ଚାଲାଣରେ ସଂପୃକ୍ତଥିବା ଦୁଇ ଇନ୍ସପେକ୍ଟର ବିକ୍ରମ କେଶରୀ ଜେନା ଏବଂ ରଞ୍ଜିତ ସାହୁଙ୍କୁ ଏସ୍‌ଟିଏଫ ଗିରଫ କରିବା ପାଇଁ ବାଟ ଫିଟିଛି। ଗତ ୧୬ ତାରିଖରେ ଇନ୍ସପେକ୍ଟର ବିକ୍ରମଙ୍କୁ ନିଲମ୍ବିତ କରାଯାଇଥିବାବେଳେ ମଙ୍ଗଳବାର ରଞ୍ଜିତଙ୍କୁ ନିଲମ୍ବନ କରିଛନ୍ତି ପୋଲିସ ଡିଜି ବିଜୟ କୁମାର ଶର୍ମା। ବିନା କାରଣରେ ଛୁଟିରେ ରହିବା ଓ ନୋଟିସ ସତ୍ତ୍ୱେ ଜବାବ ନ ଦେବା କାରଣରୁ ତାଙ୍କ ଉପରେ ଏହି ପଦକ୍ଷେପ ନିଆଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଦର୍ଶାଯାଇଛି।

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧିକାରୀ ଥିବା ରଞ୍ଜିତଙ୍କୁ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ଖଣି ଓ ନିଶା ମାଫିଆଙ୍କ ସହ ଲିଙ୍କ୍‌ର ପ୍ରମାଣ ପାଇବାପରେ ଡିଜିପି ତାଙ୍କୁ ନିଲମ୍ବିତ କରିଛନ୍ତି। ତେଣୁ ଏବେ ଏସ୍‌ଟିଏଫ୍ ରଞ୍ଜିତଙ୍କ ସହ ବିକ୍ରମଙ୍କୁ ଗିରଫ ପାଇଁ ଜୋର୍‌ଦାର ଉଦ୍ୟମ ଚଳାଇଛି। ହେଲେ ସେମାନେ ଫେରାର ରହି ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଉଦ୍ୟମ ଚଳାଇଛନ୍ତି। ଏସ୍‌ଟିଏଫ୍ ସେମାନଙ୍କର କୌଣସି ପତ୍ତା ପାଉ ନ ଥିବାରୁ ପଳାତକ ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି। ଜଣେ ଅଧିକାରୀ କହିଛନ୍ତି, ସେମାନଙ୍କ ଘରେ ଲଟ୍‌କା ଲଗାଯିବ। ଏହାସତ୍ତ୍ୱେ ଯଦି ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣ ନ କରନ୍ତି, ତେବେ ଉଭୟଙ୍କୁ ପଳାତକ ଘୋଷଣା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ।

ଅନ୍ୟପକ୍ଷରେ ଏସ୍‌ଟିଏଫ୍ ଉଭୟଙ୍କ ଆକାଉଣ୍ଟ ଯାଞ୍ଚ ପାଇଁ ଦାବି ଉଠୁଛି। କାରଣ ଉଭୟ ଖୋର୍ଦ୍ଧା ଜିଲାରେ ଥିବାବେଳେ ନିଜ ପଦବୀର ଅପବ୍ୟବହାର କରି ଖଣି ମାଫିଆଙ୍କୁ ଅନୁକମ୍ପା ଓ ସୁରକ୍ଷା ଦେଇଥିଲେ। ସେହିଭଳି ନିଶା ମାଫିଆ ଛୋଟା ଓ ଅନ୍ୟ କେତେଜଣଙ୍କୁ ସେମାନଙ୍କ ଅପରାଧ ସାମ୍ରାଜ୍ୟ ବିସ୍ତାର କରିବାରେ ସହଯୋଗ କରିଥିଲେ। ଏଥିପାଇଁ ଦୁଇ ଥାନା ଅଧିକାରୀ ଓ ସେମାନଙ୍କ ପରିବାର ଲୋକଙ୍କ ଆକାଉଣ୍ଟକୁ ବିପୁଳ ଟଙ୍କା ଆସିଥାଇପାରେ। ଯାଞ୍ଚ କରାଗଲେ ଆହୁରି ବହୁ ଗୁମର ପଦାକୁ ଆସିବ। ଏପରି କି ଅନେକ ସମୟରେ ଏହି ଦୁଇ ଅଧିକାରୀ ଖୋର୍ଦ୍ଧାର ଏକ ନିର୍ଦ୍ଦିଷ୍ଟ ହୋଟେଲରେ ଅପରାଧୀଙ୍କ ସହ ଏକାଠି ହୁଅନ୍ତି। କଳାକାରବାର ଓ ଅପରାଧର ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରିବା ସହ ମଉଜମସ୍ତି କରନ୍ତି। ଏସ୍‌ଟିଏଫ୍ ଏହା ଉପରେ ତଦନ୍ତ କରିବା ସହ ସେମାନଙ୍କୁ ଗିରଫ କଲେ ଅପରାଧ ପେଡ଼ି ଖୋଲିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।

-ଶ୍ରୀମା

# ପଇସା ଦେଲେ ପାଠ

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଭାରତର ଅନ୍ୟତମ ପ୍ରମୁଖ ଶିକ୍ଷା କେନ୍ଦ୍ର ଭାବେ ଜଣାଶୁଣା। ସାମାଜିକ, ଅର୍ଥନୈତିକ ଏବଂ ବୌଦ୍ଧିକ ବିଷୟବସ୍ତୁକୁ ନେଇ ଯେତେବେଳେ ଦେଶବ୍ୟାପୀ ହୁରି ପଡ଼ିଥାଏ, ସେତେବେଳେ ଏଠାକାର ଛାତ୍ରୀଛାତ୍ର ଓ ଗବେଷକମାନେ ବିତର୍କରେ ଭାଗ ନେଇ ପ୍ରଗତିଶୀଳ ଚିନ୍ତାଧାରା ଦେଇଥାଆନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ମେଧାବୀ ଛାତ୍ରଙ୍କ ସମାଗମ ହେଉଥିବାରୁ ଏଠାକାର ଶୈକ୍ଷିକ ବାତାବରଣ ଅନ୍ୟ ବିଶ୍ୱବିଦ୍ୟାଳୟ ପାଇଁ ଉଦାହରଣ ପାଲଟିଥାଏ। ହେଲେ କିଛି ବର୍ଷ ହେବ ଏହି ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ର ମୁକ୍ତ ବାତାବରଣକୁ ସଙ୍କୁଚିତ କରିବା ଲାଗି ପ୍ରୟାସ ଚାଲିଛି। ସରକାରୀ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇଲେ ତାହାକୁ ଦବାଇ ଦେବା ସକାଶେ ପଦକ୍ଷେପ ନିଆଯାଉଛି। ନିକଟରେ ଏହି ବିଶ୍ୱବିଦ୍ୟାଳୟର ହଷ୍ଟେଲ ଫି' ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିବାରୁ ତାହାର ପ୍ରତିବାଦ କରି ଜେଏନ୍‌ୟୁ ଛାତ୍ର ସଂସଦ ୨୩ ଦିନ ଧରି ପ୍ରତିବାଦ କରିଆସୁଛି। ୧୮ ନଭେମ୍ବରରେ ଛାତ୍ରମାନେ ପାର୍ଲାମେଣ୍ଟ ଆଡ଼କୁ ମାଡ଼ିଯିବାରୁ ସେମାନଙ୍କ ଉପରେ ଲାଠିଚାର୍ଜ କରାଯାଇଛି। ୧୦୦ ଛାତ୍ରଙ୍କୁ ଅଟକ ରଖାଯିବା ଓ କେତେକେ ଆହତ ହୋଇଥିବାରୁ ଜେଏନ୍‌ୟୁ ଛାତ୍ର ଆନ୍ଦୋଳନ ଦେଶବ୍ୟାପୀ ଚର୍ଚ୍ଚା ଧରିଛି। ସୋସିଆଲ ସାଇଟ୍ ବିଶେଷକରି ମାଇକ୍ରୋବ୍ଲଗିଂରେ 'ଏମର୍ଜେନ୍ସି ଇନ୍ ଜେଏନ୍‌ୟୁ' ଏବେ ଟ୍ରେଣ୍ଡିଂ ହୋଇଛି। ଏଭଳିସ୍ଥଳେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଉକ୍ତ ପ୍ରସଙ୍ଗକୁ ଠିକ୍ ଭାବେ ସମାଧାନ କରିପାରୁ ନ ଥିବାରୁ ବିବାଦ ବଢ଼ିବାରେ ଲାଗିଛି।

ଜଏନ୍‌ୟୁରେ ଅଧ୍ୟୟନରତ ପ୍ରାୟ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗରିବ ପରିବାରରୁ ଆସିଥାଆନ୍ତି। ସେମାନଙ୍କ ହଷ୍ଟେଲ ଫି ଅତ୍ୟଧିକ ବୃଦ୍ଧି ପାଇବା ନିଶ୍ଚିତ ଭାବେ ଚିନ୍ତାଜନକ। ନୂଆ ମାନୁଆଲରେ ଡାଇନିଂ ହଲ୍‌କୁ ଛାତ୍ରମାନେ ଯିବା ଲାଗି ଡ୍ରେସ୍ କୋଡ୍ କରାଯାଇଛି। ପୂର୍ବରୁ ସର୍ଭିସ ଚାର୍ଜ ନ ଥିଲା, ଏବେ ତାହା ୧୭୦୦ ଟଙ୍କା ହୋଇଛି। ସେହିଭଳି ଆନୁଷଙ୍ଗିକ ଖର୍ଚ୍ଚ ବଢ଼ାଇ ଦିଆଯାଇଥିବାରୁ ଜଣେ ଛାତ୍ରକୁ ମାସିକ ସର୍ବନିମ୍ନ ୧୨,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ରାତି ସାଢ଼େ ୧୧ ପୂର୍ବରୁ ସେମାନେ ହଷ୍ଟେଲ ଫେରିବା ଆଦି କଟକଣା କରାଯାଇଥିବାରୁ ଛାତ୍ର ସଂସଦ ଏହାର ପ୍ରତିବାଦ କରିଛି। ଛାତ୍ରୀଛାତ୍ରମାନଙ୍କ ଯୁକ୍ତି ହେଉଛି, ଜେଏନ୍‌ୟୁ ହେଉଛି ହ୍ୟୁମାନିଟିଜ୍ ବା ମାନବବାଦୀ ବିଷୟବସ୍ତୁ ଉପରେ ଆଧାରିତ ପାଠ୍ୟକ୍ରମରେ ଗବେଷଣା କରିବା ଲାଗି ଦେଶର ଏକ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ। ତେଣୁ ସେଠାକାର ପାଠାଗାର ୨୪ ଘଣ୍ଟା ଅଧ୍ୟୟନ ପାଇଁ ଖୋଲାଯିବା ଦରକାର। ସେମାନେ ନିରାପତ୍ତା ଲାଗି ସିକ୍ୟୁରିଟି ଫି ମଧ୍ୟ ଦେଉଛନ୍ତି। ଯଦି ସାଢ଼େ ୧୧ଟା ପୂର୍ବରୁ ସେମାନଙ୍କୁ ହଷ୍ଟେଲ ଫେରିଆସିବାକୁ ନିର୍ଦ୍ଦେଶ ଦିଆଯିବ, ତେବେ ଗବେଷଣା କାର୍ଯ୍ୟରେ ତାହା ବ୍ୟାହତ ସୃଷ୍ଟି କରିବ।

ସାମାଜିକ ଭିତ୍ତିଭୂମିର ସର୍ବାଗ୍ରେ ରହିଛି ଶିକ୍ଷା। ତେଣୁ ଏହାର ବ୍ୟାପକ ପ୍ରସାର ଓ ଗୁଣବତ୍ତା ବୃଦ୍ଧି ଲାଗି ସରକାରଙ୍କ ଗୁରୁଦାୟିତ୍ୱ ଅଛି। କିନ୍ତୁ ଯେଭଳି ଭାବେ ଶିକ୍ଷାର ଘରୋଇକରଣ କରାଯାଉଛି, ସେଥିରୁ ବୁଝିବାକୁ ହେବ ଯେ ସାର୍ବଜନୀନ ଶିକ୍ଷା ତା'ର ମୌଳିକତା ହରାଇବସୁଛି। ନୂଆ ଶିକ୍ଷାନୀତିରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧିକ ସ୍ୱନ୍‌ସର୍ଡ ବା ପ୍ରାୟୋଜିତ ପାଠ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଇଛି। ଅର୍ଥାତ୍ ଛାତ୍ରୀଛାତ୍ରଙ୍କୁ ସେଭଳି ପାଠ ପଢ଼ିବା ଲାଗି ପର୍ଯ୍ୟାପ୍ତ ଅର୍ଥ ଦେବାକୁ ପଡ଼ିବ। ତେଣୁ ଗରିବ ତଥା ମେଧାବୀ ପିଲାମାନେ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେବେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ସମସ୍ତଙ୍କ ହିତକୁ ଗୁରୁତ୍ୱ ଦିଆଯିବା ଉଚିତ। ଶୁଣିବାକୁ ମିଳୁଛି, ସରକାରୀ ପାଣ୍ଠି ଦ୍ୱାରା ଚାଲୁଥିବା ଜେଏନ୍‌ୟୁ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ସରକାର ଆର୍ଥିକ ଅନୁଦାନ ଦେବାକୁ ଚାହୁଁନାହାନ୍ତି। ଏହା ପରିବର୍ତ୍ତେ ଋଣ ଭଳି ଅର୍ଥ ଯୋଗାଇ ଦେଇ ପରବର୍ତ୍ତୀ ସମୟରେ ତାହାକୁ ବିଶ୍ୱବିଦ୍ୟାଳୟ କିଭଳି ଶୁଝିପାରିବ ସେଥିଲାଗି ଚିଠା ପ୍ରସ୍ତୁତ କରୁଛି। ଏକ ବିଶ୍ୱବିଦ୍ୟାଳୟକୁ ଯଦି ରାଜସ୍ୱ ଆଦାୟର ଏକ କେନ୍ଦ୍ର ଭାବେ ସରକାର ଦେଖିବେ, ତେବେ ଛାତ୍ରମଙ୍ଗଳ, ଶୈକ୍ଷିକ ବାତାବରଣ ଓ ଗବେଷଣା କାର୍ଯ୍ୟ ଢେର ପଛକୁ ଚାଲିଯିବ। କାରଣ ପର୍ଯ୍ୟାପ୍ତ ଅର୍ଥ ଦେଇ ପାଠ ପଢ଼ିବା ଲାଗି ସିଟ୍ ପାଉଥିବା ଛାତ୍ରମାନେ ସମସ୍ତେ ମେଧାବୀ ନୁହନ୍ତି। ବହୁ ଗରିବ ଛାତ୍ର ଅଛନ୍ତି, ଯେଉଁମାନେ ଉପଯୁକ୍ତ ଶିକ୍ଷା ପାଇପାରୁ ନାହାନ୍ତି। ଦେଖିବାକୁ ଗଲେ କର୍ପୋରେଟ୍ କ୍ଷେତ୍ର ବା ବଡ଼ବଡ଼ ଶିଳ୍ପପତିଙ୍କୁ ହଜାର ହଜାର କୋଟି ଟଙ୍କାର ପ୍ୟାକେଜ ଦିଆଯାଉଛି। ହେଲେ ଗରିବ ପିଲା ପାଇଁ ସରକାର ଖର୍ଚ୍ଚ କରିବାକୁ କୁଣ୍ଠିତ। ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରୁ ଉତ୍ତମ ମାନବ ସମ୍ବଳ ବାହାରି ଦେଶକୁ ଉନ୍ନତି ପଥରେ ଆଗେଇ ନେଇଥାଆନ୍ତି। ଏବେ ସରକାରଙ୍କ ବିପରୀତ ପଦକ୍ଷେପ ଭାରତକୁ ପଛେଇ ନେବାର ସଙ୍କେତ ଦେଲାଣି।

## ଚିରନ୍ତନୀ

ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!
ଅସ୍ଫୁଟ କେଉଁ ଶିଶୁର ମଧୁର ବାଣୀ
ବାଜେ ପଥିକର ସବୁ ଇନ୍ଦ୍ରିୟ ଟାଣି
ଆସଇ ଚେତନା ଚମକି ଆଗକୁ ଧାଏଁ
ପାହାଡ଼ ପାଚେରି ଉଠିଚି ଆକାଶ ଯାଏଁ
ଲୋଡେ ଆଉ ପାରି ଡେଇଁଯିବା ପାଇଁ ଉଡି
ଦୂର ଗାଆଁ କୋଳେ ରବି ଯାଏ ଧୀରେ ବୁଡି।
ବାନ୍ଧି ସାହସ ପୁଣି ଚାରି ଖୋଜ ଉଠେ
ସଞ୍ଜ ଗଗନେ ଗୋଟି ଗୋଟି ତାରା ଫୁଟେ।
କୋଟିଏ ବାସନା ମାନସ ଆକାଶେ ତା'ର
ରଚିଲେ ଅସୀମ ଅସ୍ଥାୟୀ ଅଭିସାର। (ଏହି ଯେ ପାହାଡ଼)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | 6 | | | | C |
| 5 | 4 | | | | | C | | | | | 3 | 8 | | |
| 0 | A | | 2 | 6 | D | | 3 | | | | | E | 7 | |
| | B | | | 8 | | | D | | | | 1 | 0 | | |
| | C | | | | E | A | 4 | | 7 | | D | 5 | | 6 |
| D | 3 | 4 | 9 | | A | | | | | 2 | | | C | |
| | | | | | | 9 | 1 | | | | 8 | | A | 2 |
| | | | | | 7 | | 6 | | A | | 5 | | 4 | |
| | | | | | | | | C | D | | 9 | 7 | | 0 |
| 1 | | | | B | | 5 | | | C | | | 6 | | |
| 7 | | | | | | | | | | | | 3 | | 8 |
| A | | | | | | | | | | 4 | 0 | | | 7 |
| E | | | | | 2 | | 5 | 6 | | B | | 1 | 0 | |
| | | | | 1 | 0 | | E | | 3 | | 6 | 2 | B | 4 |
| | | | 8 | D | | | 0 | B | E | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 8 | 9 | 2 | A | 7 | E | 6 | B | 3 | 4 | 5 | C | 0 |
| 0 | 7 | E | 6 | D | 1 | 5 | C | 2 | 9 | 8 | A | B | 3 | 4 |
| 4 | A | 3 | B | 7 | 5 | 0 | 1 | 9 | C | D | 6 | 8 | 2 | E |
| 6 | 5 | B | 3 | C | E | A | 8 | 4 | 7 | 2 | 0 | 9 | 1 | D |
| C | 2 | 9 | 4 | 8 | 0 | B | 3 | D | E | 5 | 1 | 6 | A | 7 |
| 7 | 9 | 1 | D | E | 3 | 6 | A | C | 4 | 0 | 8 | 2 | B | 5 |
| D | E | 6 | 8 | 4 | 9 | 1 | B | 3 | 5 | 7 | 2 | C | 0 | A |
| 8 | 4 | C | 0 | 6 | 2 | E | 5 | 7 | A | 1 | B | 3 | D | 9 |
| 2 | 3 | A | C | 5 | B | 4 | D | 0 | 6 | E | 9 | 1 | 7 | 8 |
| B | 0 | 5 | A | 1 | 7 | 9 | 2 | 8 | 3 | C | D | 4 | E | 6 |
| 3 | C | 0 | 5 | 9 | 8 | 2 | 4 | E | 1 | A | 7 | D | 6 | B |
| 9 | 1 | 7 | 2 | A | 4 | D | 0 | B | 8 | 6 | C | E | 5 | 3 |
| 5 | 6 | 4 | 1 | B | C | 3 | 7 | A | D | 9 | E | 0 | 8 | 2 |
| E | 8 | D | 7 | 0 | 6 | C | 9 | 5 | 2 | B | 3 | A | 4 | 1 |
| A | B | 2 | E | 3 | D | 8 | 6 | 1 | 0 | 4 | 5 | 7 | 9 | C |

ଗତକାଲିର ଉତ୍ତର

# ଇଲେକ୍ଟୋରାଲ ବଣ୍ଡ: ଆର୍‌ବିଆଇକୁ ଉପେକ୍ଷା

ନୀତୀନ ସେଠୀ

ଇଲେକ୍ଟୋରାଲ ବଣ୍ଡ୍ ଉନ୍ମୋଚିତ ହେବାର ଅଳ୍ପଦିନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକୁ ଗୋପନରେ ପାଣ୍ଠି ଯୋଗାଣ ଲାଗି ତରତର ହେଉଥିବା ମୋଦି ସରକାର ଏ ବିଷୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମତାମତ ନେଇଛନ୍ତି ବୋଲି ଛଳନା କରିଛନ୍ତି। ବାସ୍ତବରେ ଆର୍‌ବିଆଇ ଯେଉଁ ପରାମର୍ଶ ଦେଇଥିଲା ସରକାର ତାହାକୁ ଅଗ୍ରାହ୍ୟ କରିଦେଇଥିବା ହଫ୍‌ପୋଷ୍ଟ ଇଣ୍ଡିଆ ହାତରେ ପଡ଼ିଥିବା ଅପ୍ରକାଶିତ ଦଲିଲରୁ ଜଣାପଡ଼ିଛି। ମାର୍ଚ୍ଚ ୨୦୧୮ରୁ ଏ ପର୍ଯ୍ୟନ୍ତ ଅନ୍ୟୂନ ୬୦୦୦ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ହୋଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ପକ୍ଷରୁ ସଂଗୃହୀତ ତଥ୍ୟ ଅନୁସାରେ ପ୍ରଥମ ଦଫାରେ ଯେଉଁ ୨୨୨ କୋଟି ଟଙ୍କାର ବଣ୍ଡ୍ ବିକ୍ରି ହୋଇଥିଲା, ସେଥିରୁ ଏକା ଭାଜପା ଭାଗରେ ପଡ଼ିଛି ୯୫ ପ୍ରତିଶତ ଟଙ୍କା। ୨୦୧୭ ବଜେଟର ଚାରିଦିନ ପୂର୍ବରୁ ଜଣେ ବରିଷ୍ଠ ଟ୍ୟାକ୍ସ ଅଫିସର ପାର୍ଲାମେଣ୍ଟରେ ଉପସ୍ଥାପନ ହେବାକୁ ଥିବା ଅର୍ଥମନ୍ତ୍ରୀଙ୍କ ଦଲିଲରେ ଏକ ସଂକେତ ଦେଖିବାକୁ ପାଇଥିଲେ। ୨୦୧୭ ଫେବୃୟାରୀ ୧ରେ ଇଲେକ୍ଟୋରାଲ ବଣ୍ଡ୍ ଉନ୍ମୋଚନ କରିବାକୁ ଚାହୁଁଥିବା ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ ଭାଷଣରେ କହିଥିଲେ: ଏହା ହେଉଛି ଏକ ଆଇନାନୁମୋଦିତ ବ୍ୟବସ୍ଥା ଯାହା ମାଧ୍ୟମରେ କର୍ପୋରେଟ୍‌ମାନେ ରାଜନୈତିକ ଦଳଗୁଡ଼ିକୁ ବେନାମୀ ଭାବେ ଅସୀମିତ ପାଣ୍ଠି ଦାନ କରିପାରିବେ।

ଆଇନରେ ପରିଣତ ହେବା ପରେ ଉକ୍ତ ବେନାମୀ ଇଲେକ୍ଟୋରାଲ ବଣ୍ଡ୍ ରାଜନୀତିରେ ବଡ଼ ବ୍ୟବସାୟିକ ସଂସ୍ଥାଗୁଡ଼ିକର ପ୍ରଭାବକୁ ଆଇନାନୁମୋଦିତ କରିଦେବ ଏବଂ ସେମାନେ ଭାରତୀୟ ରାଜନୀତିରେ ସେମାନଙ୍କ ପୁଞ୍ଜିନିବେଶ କରିବାର ସୁଯୋଗ ପାଇବେ। କିନ୍ତୁ ଗୋଟିଏ ବାଧା ହେଲା ଏଥିରେ ଆର୍‌ବିଆଇର ଅନୁମୋଦନ ଦରକାର। ଉକ୍ତ ବେନାମୀ ଦାନକୁ ଆଇନାନୁମୋଦିତ କରିବାକୁ ହେଲେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆକ୍ଟର ସଂଶୋଧନ ଦରକାର ବୋଲି ବରିଷ୍ଠ ଟ୍ୟାକ୍ସ ଅଧିକାରୀ ଜାନୁୟାରୀ ୨୮, ୨୦୧୭ରେ ଅର୍ଥ ମନ୍ତ୍ରଣାଳୟରେ ଥିବା ତାଙ୍କ ଉପରିସ୍ଥ ଅଧିକାରୀଙ୍କ ପାଖକୁ ଲେଖିଥିଲେ। ସେ ପ୍ରସ୍ତାବିତ ସଂଶୋଧନର ଚିଠା ପ୍ରସ୍ତୁତ କରି ଅର୍ଥ ମନ୍ତ୍ରଣାଳୟର ଅନୁମୋଦନ ପାଇଁ ପଠାଇଥିଲେ। ସେହିଦିନ ୧ଟା ୪୫ ମିନିଟରେ ଉକ୍ତ ଅଧିକାରୀ ଜଣକ ଆର୍‌ବିଆଇର ଡେପୁଟି ଗଭର୍ନରଙ୍କ ପାଖକୁ ଏକ ପାଞ୍ଚଧାଡ଼ିଆ ଇମେଲ ପଠାଇ ତାଙ୍କର ମତାମତ ଲୋଡ଼ିଥିଲେ। ଜାନୁୟାରୀ ୩୦ରେ ଏ ସମ୍ପର୍କରେ ଆର୍‌ବିଆଇର ମତାମତ ମିଳିଥିଲା। ଆର୍‌ବିଆଇ କହିଥିଲା ଯେ ଆର୍‌ବିଆଇ ଆକ୍ଟର ସଂଶୋଧନ କରି ଇଲେକ୍ଟୋରାଲ ବଣ୍ଡ୍‌କୁ ଆଇନାନୁମୋଦିତ କରାଗଲେ ତାହା ଏକ ଖରାପ ପରମ୍ପରା ସୃଷ୍ଟି କରିବ। ତାହା ଭାରତୀୟ ବ୍ୟାଙ୍କନୋଟ୍ ଉପରେ ଥିବା ବିଶ୍ୱାସକୁ ନଷ୍ଟ କରିବା ସହ ମନିଲଣ୍ଡରିଂକୁ ପ୍ରୋତ୍ସାହନ ଦେବ ଏବଂ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ମୂଳ ନୀତିକୁ ନଷ୍ଟ କରିବ।

ଆର୍‌ବିଆଇର କହିବା ଅନୁସାରେ ଇଲେକ୍ଟୋରାଲ ବଣ୍ଡ୍ ହେଉଛି ଏକପ୍ରକାର 'ବିୟରର୍ ବଣ୍ଡ୍'- ଏକ ମାରାତ୍ମକ ଅସ୍ୱଚ୍ଛ ଆର୍ଥିକ ଉପକରଣ, ଯେଉଁଥିରେ ତା'ର ଦାତାଙ୍କ ନାମ ଗୋପନ ରହିଥାଏ। ବିୟରର୍ ଉପକରଣଗୁଡ଼ିକ ଭଙ୍ଗାଇଲେ ତାହା ମୁଦ୍ରାରେ ପରିଣତ ହୋଇଥାଏ ଏବଂ ତାହାର ପରିମାଣ ଯଦି ଉଲ୍ଲେଖନୀୟ ହୁଏ, ତେବେ ତାହା ଆର୍‌ବିଆଇ ଇସ୍ୟୁ କରୁଥିବା ବ୍ୟାଙ୍କନୋଟ୍ ଉପରୁ ଭରସା କମାଇଦେବ। କିଏ ରାଜନୈତିକ ଦଳଗୁଡ଼ିକୁ ଟଙ୍କା ଦେଲେ ଏହି ବଣ୍ଡରୁ ତାହା ଜଣାପଡ଼ିବ ନାହିଁ। ଆର୍‌ବିଆଇଠାରୁ ଏପରି ପ୍ରତିକୂଳ ମତାମତ ପାଇବା ପରେ ସରକାର ନିଜ ଯୋଜନାକୁ ସ୍ଥଗିତ ରଖିବା କଥା। କିନ୍ତୁ ଏ ସମ୍ପର୍କରେ ମୋଦି ସରକାରଙ୍କ ତୁଙ୍ଗ କର୍ମକର୍ତ୍ତାମାନେ ନିଷ୍ପତ୍ତି ନେଇସାରିଥିଲେ। ଆର୍‌ବିଆଇର ଉଦ୍‌ବେଗକୁ ତତ୍କାଳୀନ ରାଜସ୍ୱ ସଚିବ ହସମୁଖ ଆଧିଆ ସେହିଦିନ ହିଁ ଏକ ଛୋଟ ପାରାଗ୍ରାଫ୍ ମାଧ୍ୟମରେ ଅଗ୍ରାହ୍ୟ କରିଦେଇଥିଲେ। ଆଧିଆ ଅର୍ଥ ବ୍ୟାପାର ସଚିବ ତପନ ରାୟ ଓ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ପାଖକୁ ଉକ୍ତ ପାରାଗ୍ରାଫ୍‌ରେ ଲେଖିଥିଲେ ଯେ, ଦାତାଙ୍କ ନାମ ଗୋପନ ରଖିବାର ଉଦ୍ଦେଶ୍ୟ ଆର୍‌ବିଆଇ ଠିକ୍‌ଭାବେ ବୁଝିପାରି ନାହିଁ। ଦାତାଙ୍କ ପୂର୍ଣ୍ଣ ଟିକସ ପଇଠ ହୋଇଥିବା ଅର୍ଥରୁ ହିଁ ଏହି ଦାନ ଦିଆଯିବାର ବ୍ୟବସ୍ଥା ଅଛି ବୋଲି ସେ ଉଲ୍ଲେଖ କରିଥିଲେ। ଆର୍‌ବିଆଇର ମତକୁ ଖଣ୍ଡନ କରିବା ପାଇଁ ଯଥେଷ୍ଟ ଯୁକ୍ତି ପ୍ରଦାନ କରିବା ବଦଳରେ ତାଙ୍କ ନୋଟ୍ ଜଣାଇଦେଉଥିଲା ଯେପରି ସରକାର ଉକ୍ତ ବିରୁଦ୍ଧ ମତ ପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି।

ଫାଇନାନ୍ସ ବିଲ୍ ଛପା ସରିବା ପରେ ଆର୍‌ବିଆଇର ମତାମତ ପହଞ୍ଚିଛି, ତେଣୁ ସରକାର ନିଜ ପ୍ରସ୍ତାବରେ ଆଗକୁ ଯାଇପାରିବେ ବୋଲି ଆଧିଆ ଯାହା ଲେଖିଛନ୍ତି ତାହା ଠିକ୍ ନୁହେଁ, କାରଣ ମତାମତ ଦେବା ପାଇଁ ଆର୍‌ବିଆଇକୁ ଯେଉଁଦିନ ଲେଖାଯାଇଥିଲା, ଠିକ୍ ସେହିଦିନ ହିଁ ଆର୍‌ବିଆଇ ତା'ର ମତାମତ ଦେଇଥିଲା ଏବଂ ଉକ୍ତଦିନ ହିଁ ତାଙ୍କ ସହକର୍ମୀ ଆଧିଆଙ୍କ ସହ ଏକମତ ହେଲେ। ବିଦ୍ୟୁତ୍ ଗତିରେ ଫାଇଲ ଦୌଡ଼ିଲା ଏବଂ ଅର୍ଥମନ୍ତ୍ରୀ ଜେଟ୍‌ଲୀ ସଙ୍ଗେ ସଙ୍ଗେ ଚିଠା ପ୍ରସ୍ତାବ ଉପରେ ଦସ୍ତଖତ କରିଦେଲେ। ତା'ର ଦୁଇଦିନ ପରେ ରାଜନୈତିକ ପାଣ୍ଠି ଯୋଗାଣରେ ସ୍ୱଚ୍ଛତା ଆଣିବା ପାଇଁ ଜେଟ୍‌ଲୀ ଇଲେକ୍ଟୋରାଲ ବଣ୍ଡ ସୃଷ୍ଟି ଓ ଆର୍‌ବିଆଇ ଆକ୍ଟର ସଂଶୋଧନ ଲାଗି ପ୍ରସ୍ତାବ ଦେଇଥିଲେ। ତା' ପର ମାସରେ ଫାଇନାନ୍ସ ବିଲ୍ ୨୦୧୭ ଗୃହୀତ ହୋଇ ପ୍ରସ୍ତାବ ଆଇନରେ ପରିଣତ ହେଲା।

ସୁତରାଂ ଆର୍‌ବିଆଇ ଆଇନକୁ ବଦଳାଇ ଓ ଅନ୍ୟ ସଂଶୋଧନ କରି ତରବରିଆ ଭାବେ ନୂତନ ଆଇନ ପ୍ରଣୀତ ହେଲା, ଯାହା ଭାରତୀୟ ରାଜନୈତିକ ଦଳଗୁଡ଼ିକ ଲାଗି ବିଶେଷତଃ ଭାରତୀୟ ଜନତା ପାର୍ଟି (ଭାଜପା) ନିମନ୍ତେ ଛପର-ଫଡ଼ା ଆୟର ବାଟ ସୁଗମ କରିଦେଲା। ଅତୀତରେ କର୍ପୋରେଟ୍‌ଗୁଡ଼ିକ ରାଜନୈତିକ ଦଳଗୁଡ଼ିକୁ ଯାହା ଦାନ ଦେଉଥିଲେ ତାହା ତାଙ୍କ ଆନୁଆଲ୍ ଷ୍ଟେଟ୍‌ମେଣ୍ଟରେ ଉଲ୍ଲେଖ କରିବାକୁ ପଡୁଥିଲା। ତା'ଛଡ଼ା ସେମାନେ ତାଙ୍କ ତିନିବର୍ଷର ହାରାହାରି ବାର୍ଷିକ ଲାଭର ୭.୫ ପ୍ରତିଶତରୁ ଅଧିକ ଦେଇପାରୁ ନ ଥିଲେ। ବିଦେଶୀ କମ୍ପାନୀମାନେ ଭାରତୀୟ ରାଜନୈତିକ ଦଳଗୁଡ଼ିକୁ ଆଦୌ ଦାନ କରିପାରୁ ନ ଥିଲେ। କିନ୍ତୁ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଉକ୍ତ ସଂଶୋଧନ ସେ ସବୁକିଛିକୁ ବଦଳାଇଦେଲା।

ଶେଲ୍ କମ୍ପାନୀଗୁଡ଼ିକ, ଯାହାଙ୍କର ନିର୍ଦ୍ଦିଷ୍ଟ କିଛି ବ୍ୟବସାୟ ନାହିଁ, ବ୍ୟକ୍ତି ତଥା ଅନ୍ୟ ଆଇନଗତ ସଂସ୍ଥା ଯଥା ଟ୍ରଷ୍ଟଗୁଡ଼ିକ ମଧ୍ୟ ଏବେ ବେନାମୀ ଭାବେ ଅସୀମିତ ପରିମାଣର ଇଲେକ୍ଟୋରାଲ ବଣ୍ଡ୍ କିଣି ଚୁପ୍‌ଚାପ ନିଜ ପସନ୍ଦର ରାଜନୈତିକ ଦଳଗୁଡ଼ିକୁ ଦେଇପାରିବେ। ଏବେ ବିଦେଶୀ କମ୍ପାନୀଗୁଡ଼ିକ ମଧ୍ୟ ଭାରତୀୟ ରାଜନୀତିକ ଦଳଗୁଡ଼ିକୁ ପାଣ୍ଠି ଯୋଗାଇପାରିବେ।

ବର୍ତ୍ତମାନ ଅବସରପ୍ରାପ୍ତ ନାଭାଲ୍ ଅଫିସର କମୋଡୋର ଲୋକେଶ ବାତ୍ରାଙ୍କ ଦ୍ୱାରା ପ୍ରଦତ୍ତ ଦଲିଲ ଅନୁସାରେ ଇଲେକ୍ଟୋରାଲ ବଣ୍ଡର ବୈଧତାକୁ ସୁପ୍ରିମ୍‌କୋର୍ଟ ଯାଞ୍ଚ କରୁଛନ୍ତି। ବାତ୍ରା ଏଥିରେ ଦର୍ଶାଇଛନ୍ତି କିପରି ଭାରତୀୟ ଅର୍ଥ ବ୍ୟବସ୍ଥା ଓ ବ୍ୟାଙ୍କଗୁଡ଼ିକର ଅଭିଭାବକ ଭାରତୀୟ ରିଜର୍ଭ ବ୍ୟାଙ୍କର ପରାମର୍ଶକୁ ମୋଦି ସରକାର ଉପେକ୍ଷା ଓ ଅଗ୍ରାହ୍ୟ କରି ତରବରିଆ ଭାବେ ଆଇନ ପାସ୍ କରିଛନ୍ତି, ଯାହାଦ୍ୱାରା କେବଳ ଭାରତୀୟ ନୁହେଁ ବିଦେଶୀ କମ୍ପାନୀମାନେ ମଧ୍ୟ ବେନାମୀ ଭାବେ ରାଜନୈତିକ ଦଳଗୁଡ଼ିକୁ ଦାନ କରିପାରିବେ।

ସରକାର ଇଲେକ୍ଟୋରାଲ ବଣ୍ଡ୍ ଉପରେ ଆର୍‌ବିଆଇର ପ୍ରାରମ୍ଭିକ ପ୍ରତିବାଦକୁ କେବଳ ଅଗ୍ରାହ୍ୟ କରିନାହାନ୍ତି, ବରଂ ଉକ୍ତ ସ୍କିମ୍ ଦ୍ୱାରା ଯେପରି କମ୍ ପ୍ରବଞ୍ଚନା ଘଟେ ଓ ଭାରତୀୟ ମୁଦ୍ରା ଅସ୍ଥିର ହେବାର କମ୍ ସମ୍ଭାବନା ରହେ, ତାହା ଉପରେ ବ୍ୟାଙ୍କ ଯେଉଁ ପ୍ରସ୍ତାବ ଦେଇଥିଲା, ତାକୁ ମଧ୍ୟ ଅଣଦେଖା କରିଛନ୍ତି।

ଅର୍ଥ ମନ୍ତ୍ରଣାଳୟ ଏକ ଇମେଲ୍ ମାଧ୍ୟମରେ ହଫ୍‌ପୋଷ୍ଟ ଇଣ୍ଡିଆକୁ କହିଛନ୍ତି ଯେ, ଏହା ନିର୍ଦ୍ଦିଷ୍ଟ ପ୍ରଶ୍ନର ବିଶଦ ଉତ୍ତର ଦେଇପାରିବ ନାହିଁ କାରଣ ଏହା ଆସନ୍ତାବର୍ଷର ବଜେଟ ପ୍ରସ୍ତୁତିରେ ବ୍ୟସ୍ତ ଅଛି। ମନ୍ତ୍ରଣାଳୟ ପୁଣି କହିଛି ଯେ, ସରଳ ବିଶ୍ୱାସରେ ସବୁ ନିଷ୍ପତ୍ତି ନିଆଯାଇଛି। ଇମେଲ ମାଧ୍ୟମରେ ଯେଉଁ ପ୍ରସଙ୍ଗଗୁଡ଼ିକ ଉଠାଯାଇଥିଲା, ସେଗୁଡ଼ିକ ତତ୍କାଳୀନ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ନୀତିଗତ ନିଷ୍ପତ୍ତି ସମ୍ପର୍କରେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ, ସରକାରୀ ସଂସ୍ଥାଗୁଡ଼ିକର ସବୁ ନିଷ୍ପତ୍ତି ସରଳ ବିଶ୍ୱାସରେ ଏବଂ ବୃହତ୍ତର ଜନସ୍ୱାର୍ଥରେ ନିଆଯାଇଥାଏ। ବିଭିନ୍ନ ଦୃଷ୍ଟିକୋଣରୁ କୌଣସି ନିଷ୍ପତ୍ତିର ବ୍ୟାଖ୍ୟା କରାଯାଇପାରେ। ତେଣୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଯେଉଁସବୁ ଦିଗକୁ ବିଚାରକୁ ନିଆଯାଇଥିଲା ତାହାର ଏକ ଉପଯୁକ୍ତ ସ୍ପଷ୍ଟୀକରଣ ଦିଆଯିବା ଉଚିତ।

(ସୌଜନ୍ୟ: ହଫିଙ୍ଗ୍‌ଟନ୍‌ପୋଷ୍ଟ.ଇନ୍)

# ୟୁ ଆର୍ ନଟି



ଶୁଭନାରାୟଣ ଶତପଥୀ

ଗତ ଛୁଟିରେ ମୁଁ ବଲାଙ୍ଗୀର ଇଣ୍ଟରସିଟିରେ ସମ୍ବଲପୁରରୁ ଫେରୁଥାଏ। ଟ୍ରେନ୍‌ଟି ଭାରି ଭିଡ଼ ହୋଇଥିବାରୁ ସିଟ୍ ମିଳିଲା ନାହିଁ। ଠିଆ ହୋଇ ଆସିବା ଭିତରେ ଚାରିଆଡ଼କୁ ନଜର ବୁଲାଉଥାଏ। ଦୁଇଟି ସିଟ୍ ଫାଙ୍କା ପଡ଼ିଥିବାର ଦେଖିଲି। ସିଟ୍ ପାଖରେ ପହଞ୍ଚିଗଲି। ଦେଖେ ତ ମୋ ପିଲାବେଳର ସାଙ୍ଗ ସୁବାସ ଲମ୍ବା ସିଟ୍‌ର ଗୋଟିଏ କଡ଼ରେ ବସିଛି। ଫାଙ୍କା ଥିବା ସ୍ଥାନରେ ମୁଁ ବସିବାକୁ ଗଲାବେଳେ ସେ ମୋତେ ମନା କଲା। ମୁଁ ଭାବିଲି ବୋଧହୁଏ ସେ ସିଟ୍ ଦୁଇଟିରେ ଯାତ୍ରୀ ଟଏଲେଟ୍ ଯାଇଛନ୍ତି। ମୋର ବସିବାର ଲାଳସା ଦେଖି ସୁବାସ ଠିଆ ହୋଇପଡ଼ି ନିଜ ସିଟ୍‌ଟିକୁ ଯାଚିଲା। ମୁଁ କିନ୍ତୁ ମନାକଲି ଓ ପିଲାବେଳର ପୁରୁଣା ସ୍ମୃତିଗୁଡିକୁ ସାଉଁଟିବା ପାଇଁ ତା' ସହ କଥାବାର୍ତ୍ତା ଆରମ୍ଭ କଲି। ଦୁଇମିନିଟ୍ ହୋଇଛି କି ନାହିଁ ଗୋଟିଏ ଦଶବର୍ଷର ପିଲାକୁ ଧରି ମହିଳା ଜଣେ ଆସି ସୁବାସ ପାଖରେ ବସିଲେ। ସୁବାସ ତାଙ୍କୁ ମୋ ସହିତ ପରିଚୟ କରାଇଦେଲେ ଯେ ସେ ହେଉଛନ୍ତି ତାଙ୍କ ସ୍ତ୍ରୀ ସୁଶୀଳା ଓ ପୁଅ ଆକାଶ। ସଙ୍ଗେ ସଙ୍ଗେ ସୁଶୀଳା ମ୍ୟାଡାମ୍ କହିଲେ ଆପଣ ଏଇଠି ବସନ୍ତୁ। ସେତେବେଳକୁ ମୁଁ ଜାଣିସାରିଥାଏ ମ୍ୟାଡାମ୍ ଆଣ୍ଠୁରୋଗଜନିତ ଯନ୍ତ୍ରଣାରେ ପୀଡ଼ିତ। ମୁଁ ତାଙ୍କୁ ମନାକରିବା ପୂର୍ବରୁ ସୁବାସର ପୁଅ ଆକାଶ ମୋ ହାତ ଧରି ତା' ସିଟ୍‌ରେ ବସାଇଦେଲା ଓ ତା' ବାପାଙ୍କ କୋଳରେ ନିଜେ ବସିପଡ଼ିଲା। ଛୋଟ ପିଲାଟିଏ ହେଲେ କ'ଣ ହେବ ତା'ର ଭଦ୍ରୋଚିତ ବ୍ୟବହାର, ସଂସ୍କାରକୁ ମାନିବାକୁ ହେବ। ଦୁଇମାସ ତଳେ ମୋ ସହ ଘଟିଥିବା ଅନ୍ୟ ଏକ ଘଟଣା ସହ ଏଇ ଛୋଟ ଘଟଣାଟିର ବେଶ୍ ସାମଞ୍ଜସ୍ୟ ରହିଛି ବୋଲି ମୁଁ ହିଁ କେବଳ ଜାଣେ।

ଘଟଣାଟି ଏହି ପ୍ରକାର- ମାଉସୀପୁଅ ଭାଇର ବାହାଘରରେ ଯୋଗ ଦେବାକୁ ମୁଁ ସାକ୍ଷୀଗୋପାଳ ଯାଇଥାଏ। ସମୟ ପ୍ରାୟ ଅପରାହ୍ଣ ୪ଟା ହେବ। ଭୋଜି ଖାଇସାରି ବିବାହ ବେଦି ପାଖରେ ଗୋଟିଏ ଚୌକିରେ ବସିଥାଏ। ମୋ ଚାରିପାଖର ଚୌକିଗୁଡ଼ିକ ଫାଙ୍କା ପଡ଼ିଥାଏ। ହଠାତ୍ ଜଣେ ଆଠବର୍ଷର ବାଳକ ଖାଲି ଖଲିପ୍ଲେଟ ଓ ଦନାଟିଏ ଧରି ଆସି ମୋ ପାଖ ଚୌକିରେ ବସିଲା। ବେଶ ପରିପାଟୀ ବେଶ୍ ସୁନ୍ଦର। ତା'ର ଚପଳତାକୁ ମୁଁ ଲକ୍ଷ୍ୟ କରୁଥିଲି। ବସିବାର ଦଶ ମିନିଟ ହୋଇଛି କି ନାହିଁ ସେ ବସିଥିବା ଚୌକି ଉପରେ ଧରିଥିବା ଖଲି ଓ ଦନାକୁ ଥୋଇ କୁଆଡ଼େ ଯିବାକୁ ବାହାରିଲା। ଆଉ ମୋତେ କହିଲା ଅଙ୍କଲ୍, ମୋ ଚୌକି ଓ ଖଲି ଦନାକୁ ଜଗିଥିବେ। ଏତିକି କହି ଚାଲିଗଲା। ଅଧଘଣ୍ଟା ବିତିଗଲା, ପିଲାଟି ଆସି ନ ଥାଏ। ଏତିକିବେଳେ ଜଣେ ବୟସ୍କ ଭଦ୍ର ମହିଳା ଆସି ମୋତେ ପଚାରିଲେ ଆଚ୍ଛା ଏ ଚୌକିରେ ମୁଁ ବସିପାରିବି କି? ମୁଁ ଉପରୋକ୍ତ ଘଟଣାଟି ତାଙ୍କୁ

### ଅନ୍ତର୍ଜାତୀୟ ଶିଶୁ ଦିବସ ଉପଲକ୍ଷେ

କହିଲି ଏବଂ ଖଲି ଦନାକୁ ମୁଁ ନିଜ କୋଳରେ ଧରି ଭଦ୍ର ମହିଳାଙ୍କୁ ସେ ଚୌକିରେ ବସିବାକୁ କହିଲି। ମନେ ମନେ ଭାବୁଥାଏ, ପିଲାଟି ମୋତେ ସିନା ଜଗାଇ ଦେଇଯାଇଛି କିନ୍ତୁ ସେ ଏକଥା ଭୁଲିଯିବଣି। ମହିଳାଙ୍କ ବସିବାର ଠିକ୍ ପାଞ୍ଚମିନିଟ୍ ପରେ ସେହି ବାଳକଟି ମୋ ଆଡ଼କୁ ଆସୁଥିବାର ଦେଖିଲି। ତାକୁ ଦୂରରୁ ଦେଖି ଚିନ୍ତାକଲି ସେ ଆସୁ। ମୋ ଚୌକିଟା ତାକୁ ଦେଇଦେବି। ସେ ବସିବ। କିନ୍ତୁ ସେ ମୋ ପାଖରେ ପହଞ୍ଚିବାର ଚାରିହାତ ପୂର୍ବରୁ ମୋତେ କହିଲା 'ୟୁ ଆର୍ ନଟି'। ମୁଁ କିଛି କହିବା ପୂର୍ବରୁ ସେ ଆସି ତା'ର ଖଲି ଓ ଦନା ମୋ ହାତରୁ ନେଇ ଚାଲିଗଲା। ପାଖରେ ବସିଥିବା ଭଦ୍ର ମହିଳା ଓ ଅନ୍ୟ ବ୍ୟକ୍ତିମାନେ ମୋ ସହ ଘଟୁଥିବା ଏ ଘଟଣା ଆଡ଼କୁ ଅବାକ୍ ହୋଇ ଚାହିଁ ରହିଥାନ୍ତି। କିନ୍ତୁ ମୁଁ ବୁଝି ସାରିଥାଏ ସେ ବାଳକଟି ଦେଇଥିବା ଦାୟିତ୍ୱକୁ ମୁଁ ଠିକ୍‌ରୂପେ ତୁଲାଇ ପାରିନାହିଁ ବା ଅଣଦେଖା କରିଛି। ସେ ଯାହା ହେଉନା କାହିଁକି ସେଦିନର ନିଷ୍କପଟ, ସ୍ୱଚ୍ଛ ମନର ପ୍ରତୀକ ସେହି ବାଳକଟିର କଥାର ଦୃଢ଼ତା ଓ ଦାୟିତ୍ୱସମ୍ପନ୍ନ କାର୍ଯ୍ୟର ଗୁରୁତ୍ୱକୁ ମୁଁ ଉପଲବ୍ଧି କରିପାରୁଥିଲି। ସେତେବେଳକୁ ସେ ନଟି ଶବ୍ଦଟିକୁ ମୁଁ ଗ୍ରହଣ କରି ନେଇଥିଲି। ଏ ଘଟଣାଟିର ଝଲକ ଟ୍ରେନ୍‌ରେ ସୁବାସ ଓ ଆକାଶଙ୍କ ଭିତରେ ଲକ୍ଷ୍ୟକଲି। ଯଦି ମୁଁ ସେଦିନର ସେ ସ୍ଥିତିକୁ ସୁବାସ ଭଳି ପରିଚାଳନା କରିଥାନ୍ତି ବୋଧହୁଏ ବାଳକଟି ମନରେ ଭରସା ଓ ବିଶ୍ୱାସ ଜନ୍ମାଇ ପାରିଥାନ୍ତି। ଏମିତି କଥାବାର୍ତ୍ତା ସରିଲା ବେଳକୁ ଟ୍ରେନ୍ ପହଞ୍ଚିସାରିଥାଏ ଅନୁଗୋଳ ଷ୍ଟେଶନରେ। ଝରକା ଆଡକୁ ଚାହିଁଲି ଦଶବାରବର୍ଷର ବାଳକଟିଏ ରୁମାଲଟିଏ ବଢ଼ାଇ ଦେଇ କହୁଛି ଅଙ୍କଲ୍ ଗୋଟିଏ ସିଟ୍ ରଖିବେ। ଆଉ ସୁଯୋଗକୁ ହାତଛଡା କରି ନ ଥିଲି ସେଦିନ। ରୁମାଲଟିକୁ ଆଣି ମୋ ସିଟ୍‌ରେ ପକାଇଦେଲି ଓ ପୁଣି ଠିଆ ହୋଇପଡ଼ିଲି। ସୁବାସ ମୋତେ ଦେଖି କହୁଥାଏ। ରିୟଲି ୟୁ ଆର ଭେରି ଚାଇଲ୍ଡ ଫ୍ରେଣ୍ଡଲି। କାରଣ ପିଲାଟି ମୋ ହାତକୁ ରୁମାଲ ବଢାଇଲା ବେଳକୁ ଫାଙ୍କା ଥିବା ସିଟ୍‌ରେ ଠିଆ ହୋଇଥିବା ଲୋକ ବସି ସାରିଥାନ୍ତି।

ବାସ୍ତବିକ ଏମିତି ଅନେକ ଘଟଣା ପ୍ରତିଦିନ ଆମ ନଜର ଆଢୁଆଳରେ ଘଟିଯାଏ କିନ୍ତୁ ସେଗୁଡିକୁ ଗୁରୁତ୍ୱ ଦେଇ ନ ଥାଉ ବା ହେୟ ଜ୍ଞାନ କରିଥାଉ। ଯାହା ସଂପୃକ୍ତ ବାଳକ ବା ଶିଶୁମାନଙ୍କର ମନସ୍ତତ୍ତ୍ୱ, ଅଧିକାରକୁ କ୍ଷୁଣ୍ଣ କରି ସେମାନଙ୍କ ମନରେ ନକାରାତ୍ମକ ଭାବନାକୁ ଜନ୍ମଦିଏ। ଏପରି ସମ୍ବେଦନଶୀଳ ଘଟଣାର ପରିଚାଳନା ପାଇଁ ଆମେ ସମାଜର ସମସ୍ତ ନାଗରିକ ବିଶେଷକରି ମାତାପିତା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ଶିଶୁମାନଙ୍କ ନିମନ୍ତେ ସମାଜର ପ୍ରତିଟି ସ୍ଥାନକୁ ଶିଶୁସୁଲଭ କରିବାକୁ ଯତ୍ନବାନ ହେବା ଆବଶ୍ୟକ। ନଚେତ୍ ଶିଶୁଟିର ମନରେ ରେଖାପାତ କରୁଥିବା ପ୍ରତ୍ୟେକ ଘଟଣା କହିବ 'ୟୁ ଆର୍ ନଟି'।

ବିଜିପୁର, ବ୍ରହ୍ମଗିରି, ପୁରୀ,
ମୋ-୯୪୩୮୪୩୨୦୨୩

## ଏଇ ଭାରତରେ

ପିଲାମାନେ ଟଙ୍କାଟିଏ ପାଇଲେ ବଜାରରୁ ବିସ୍କୁଟ କି ଚକୋଲେଟ କିଣିଦିଅନ୍ତି। କିନ୍ତୁ ଏମିତି ପିଲା ଅଛନ୍ତି ଯେଉଁମାନେ ତାଙ୍କ ପକେଟ୍ ଖର୍ଚ୍ଚ ସଞ୍ଚୟ କରି ଚଳାଉଛନ୍ତି ଶିଶୁ ବ୍ୟାଙ୍କ। ମଧ୍ୟପ୍ରଦେଶ ଛତରପୁର ଅଞ୍ଚଳରେ ଚାଲୁଛି ଏହି ବ୍ୟାଙ୍କ। ବିଭିନ୍ନ ବ୍ୟାଙ୍କରେ କୋଟି କୋଟି ଟଙ୍କା ଜମା ହେଉଥିବାବେଳେ ଶିଶୁ ବ୍ୟାଙ୍କରେ ୧ ଟଙ୍କାରୁ ଆରମ୍ଭ କରି ୧୦ ଟଙ୍କା ଯାଏ ଜମା ହେଉଥିବା ଶୁଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଗରିବ ପିଲାମାନେ ସେମାନଙ୍କ ପକେଟ ଖର୍ଚ୍ଚ ବଞ୍ଚାଇ ବ୍ୟାଙ୍କ ବାଲାନ୍ସ ବୃଦ୍ଧି କରୁଛନ୍ତି। ଏହି ବ୍ୟାଙ୍କରେ ସେମାନେ ଟଙ୍କା ଜମା ରଖିବା ସହ ଆବଶ୍ୟକ ସମୟରେ ବ୍ୟାଙ୍କରୁ ୫୦୦ ଟଙ୍କା ଯାଏ ମଧ୍ୟ ଋଣ ନେଉଛନ୍ତି। ଛତରପୁର ଥାନାରେ ସଂଚାଳିତ ସଞ୍ଜୀବନୀ ବାଲ୍ ମିତ୍ର କେନ୍ଦ୍ର ଦ୍ୱାରା ଏହି ଶିଶୁ ବ୍ୟାଙ୍କ ମେ' ୨୦୧୬ରେ ଖୋଲାଯାଇଥିଲା। ଏବେ ଏହି ବ୍ୟାଙ୍କରେ ୧୫୦ ଜଣ ଶିଶୁ ଯୋଡ଼ି ହୋଇଗଲେଣି। ୧୪ ବର୍ଷ ବୟସ ଯାଏ ପିଲାମାନେ ବ୍ୟାଙ୍କରେ ଖାତା ଖୋଲିପାରୁଛନ୍ତି। ବ୍ୟାଙ୍କ ମ୍ୟାନେଜର, କୋଷାଧ୍ୟକ୍ଷ ମଧ୍ୟ ପିଲାମାନେ ରହିଛନ୍ତି। ଏହି ବ୍ୟାଙ୍କ ସେବା ମାଧ୍ୟମରେ ସେମାନଙ୍କ ସଞ୍ଚୟ ମନୋଭାବ ବୃଦ୍ଧି ପାଉଛି ଓ ଜରୁରୀ ସମୟରେ ସେମାନେ ଆଉ ମାତାପିତାଙ୍କୁ ପଇସା ମାଗୁନାହାନ୍ତି। ଜନ୍ମଦିନରେ ଖର୍ଚ୍ଚ କରିବା ଲାଗି ହେଉ କି ଅନ୍ୟ କୌଣସି ଜିନିଷ କିଣିବା ଲାଗି ସେମାନେ ବ୍ୟାଙ୍କ୍‌ରୁ ଋଣ ନେଉଛନ୍ତି। ଏହି ବ୍ୟାଙ୍କର ଜମାକାରୀ ପିଲାମାନଙ୍କୁ ପୋଲିସ ପକ୍ଷରୁ ନୈତିକ ଶିକ୍ଷା, ପରିବେଶ ଓ ସ୍ୱାସ୍ଥ୍ୟ, ଦେଶପ୍ରେମ, ସାଧାରଣ ଜ୍ଞାନ, ଇଂଲିଶ ଓ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଉଛି। ଏଥିପାଇଁ ପିଲାମାନଙ୍କୁ ଘରୁ କେନ୍ଦ୍ରକୁ ଅଣାଯାଉଛି। ଏହି ବ୍ୟାଙ୍କ ଓ କେନ୍ଦ୍ର ସହ ଜଡିତ ଥିବା ପିଲା ବୟସ୍କ ହୋଇ ଭିନ୍ନ ଭିନ୍ନ କ୍ଷେତ୍ରରେ ରୋଜଗାରକ୍ଷମ ବି ହୋଇପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୪

- ଭାରତୀୟ ମଡେଲ ଐଶ୍ୱର୍ଯ୍ୟା ରାୟ ୧୯୯୪ ବର୍ଷର ମିସ୍ ୱାର୍ଲଡ ବିଜୟିନୀ।
- ଦକ୍ଷିଣ ଆଫ୍ରିକାର ପୂର୍ବାଞ୍ଚଳ କେପ ପ୍ରଦେଶରେ ଏକ ବସ୍ ଦୁର୍ଘଟଣା ଘଟି ୫୮ ଜଣଙ୍କ ମୃତ୍ୟୁ।
- ବିହାରର ହଜାରିବାଗ ଜିଲାରେ ବିଷାକ୍ତ ମଦ୍ୟପାନ କରି ୨୭ ଜଣଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ଏକକ ପ୍ରଶ୍ନପତ୍ର ସ୍ୱାଗତଯୋଗ୍ୟ

ମହାଶୟ,

ଆସନ୍ତା ଶିକ୍ଷାବର୍ଷଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଏକା ସମୟରେ ସମାନ ପ୍ରଶ୍ନପତ୍ର ମାଧ୍ୟମରେ ପରୀକ୍ଷା କରାଇବା ଉତ୍ତମ ଚିନ୍ତାଧାରା। ଏହାଦ୍ୱାରା ବିଦ୍ୟାଳୟରେ ପରୀକ୍ଷା ପରିଚାଳନାରେ କୌଣସି ବ୍ୟତିକ୍ରମ ହେବନାହିଁ। କାରଣ ପୂର୍ବରୁ ଜିଲା ଶିକ୍ଷା ଅଧିକାରୀ ସମ୍ପୃକ୍ତ ଜିଲାର କୌଣସି ଘରୋଇ ଛାପାଖାନାରେ ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରି ବହୁ ଅବ୍ୟବସ୍ଥାରେ ପଡୁଥିଲେ। ପୁଣି ଏଥିରେ ସ୍ୱଚ୍ଛତା ନ ଥିଲା। ଦୁର୍ଗମ ଅଞ୍ଚଳରେ ପ୍ରଶ୍ନପତ୍ର ଠିକ୍ ସମୟରେ ପହଞ୍ଚୁ ନ ଥିଲା। ବର୍ତ୍ତମାନ ମଧ୍ୟ ସରକାର ବହୁ ପୂର୍ବରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଇ, ଆଗୁଆ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ପହଞ୍ଚାଇ ପାରିଲେ ପରିଚାଳନାରେ କୌଣସି ତ୍ରୁଟି ହେବନାହିଁ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ଠିକ୍‌ରୂପେ ମପାଯାଇପାରିବ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ କେବେ

ଧରିତ୍ରୀ(୩୧।୧୦)ରେ ସରକାରୀ ମେଡିକାଲ କଲେଜର ବିଭିନ୍ନ କାର୍ଯ୍ୟର ସଂଯୋଜନା ପାଇଁ କେତେକ ଆଇଏଏସ୍ ଅଫିସରଙ୍କୁ ଦାୟିତ୍ୱ ଦେବା ଖବର ପ୍ରକାଶ ପାଇଛି। ସେଥିରେ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଅନ୍ୟତମ। ଏହି କଲେଜ ପାଇଁ ପୂର୍ତ୍ତ ବିଭାଗ ସଚିବ ତଥା କମିଶନରଙ୍କୁ ସଂଯୋଜକ ଦାୟିତ୍ୱ ଦେବା ଏହି କଲେଜ ପ୍ରତିଷ୍ଠା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ୨୦୧୬ରେ ଆରମ୍ଭ ହୋଇଥିବା ଏହି କଲେଜ ଶ୍ରୀମନ୍ଦିର ପ୍ରଶାସନର ପ୍ରାୟ ୨୫ ଏକର ଜମିରେ ନିର୍ମିତ ହେବାର କୁହାଯାଉଥିଲେ ମଧ୍ୟ ସଂଲଗ୍ନ ହସ୍ପିଟାଲ ପାଇଁ ଏ ପର୍ଯ୍ୟନ୍ତ ଆବଶ୍ୟକ ଘରୋଇ ଜମି ଅଧିଗ୍ରହଣ ହୋଇନାହିଁ, ଯାହା ଆରମ୍ଭ ହେଲେ ମଧ୍ୟ କେବେ ହସ୍ପିଟାଲ ସରିବ ତା'ର ସ୍ଥିରତା ନାହିଁ। ବହୁ ବାଧାବିଘ୍ନ ସତ୍ତ୍ୱେ କଲେଜ ଠିଆହେଲେ ମଧ୍ୟ ଯଦି ହସ୍ପିଟାଲ ତିଆରି ନ ହୁଏ, ତେବେ କଲେଜରେ ପଢୁଥିବା ଛାତ୍ରୀଛାତ୍ର ସୁଚାରୁରୂପେ ଶିକ୍ଷାଲାଭ କରିପାରିବେ ନାହିଁ। ଯଦି କଲେଜ ଓ ହସ୍ପିଟାଲ ଲାଗି ଏକସଙ୍ଗେ ଜମି ମିଳିବା ପାଇଁ ଉଦ୍ୟମ କରାଯାଇଥାନ୍ତା, ତେବେ ୨୦୨୦-୨୧ ପାଇଁ ପିଲା ଆଡ୍‌ମିଶନ ନେଇ ପାରିଥାନ୍ତେ। ତେବେ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପୁରୀ ସଦର ମହକୁମା ହସ୍ପିଟାଲକୁ ସାମୟିକ ଏ ଦିଗରେ ବ୍ୟବହାର କରାଯାଇପାରେ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୱେବ୍ ପୋର୍ଟାଲ 'ଓଡ଼ିଆ ଫଳକ' ଲୋକାର୍ପିତ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ):** ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ମଙ୍ଗଳବାର ଏକ ୱେବ୍ ପୋର୍ଟାଲ 'ଓଡ଼ିଆ ଫଳକ'ର ଲୋକାର୍ପଣ କରାଯାଇଛି। ଖାରବେଳ ଭବନରେ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ନୀତେନ୍ ଚନ୍ଦ୍ରଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟନ କରାଯାଇଥିଲା। ରାଜ୍ୟରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକରେ ଓଡ଼ିଆ ନାମଫଳକ ପ୍ରଦର୍ଶନକୁ କଡାକଡି କରାଯାଇପାରିବ। ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକ ଏବଂ ଜନସାଧାରଣଙ୍କ ଭାଗୀଦାରି ସମ୍ପର୍କରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ HTTP://ODIAPHALAKA.ODISHA.GOV.IN ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ନିୟମ ମାନି ନ ଥିବା ଦୋକାନ/ବାଣିଜ୍ୟିକ ପ୍ରତିଷ୍ଠାନ ବିରୋଧରେ ସାଧାରଣ ଜନତା ଅନ୍‌ଲାଇନ ଅଭିଯୋଗ କରିପାରିବେ। ଏହା ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମ କମିଶନର ନିରଞ୍ଜନ ସାହୁ, ଶ୍ରମ ବିଭାଗ ଓ ନିର୍ଦ୍ଦେଶାଳୟର ବରିଷ୍ଠ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଓଡ଼ିଶାର ୧୫ ଧାନ ଟ୍ରକ୍ ଛତିଶଗଡ଼ରେ ଜବତ

**ମାଲକାନଗିରି,୧୯।୧୧(ଡି.ଏନ୍.ଏ.):** ମାଲକାନଗିରି ଜିଲାର ପଦ୍ମଗିରି, ଶିଖପାଲି, ପୋଟେରୁ ଅଞ୍ଚଳରୁ ପ୍ରାୟ ୧୫ଟି ଟ୍ରକରେ ଧାନ ଚୋରାରେ ଛତିଶଗଡକୁ ପଠାଯାଉଥିବା ବେଳେ ଧରାପଡିଛି। ଛତିଶଗଡ଼କୁ ଚୋରା ଧାନ ଆସୁଥିବାରୁ ସରକାର କ୍ଷତି ସହୁଛନ୍ତି। ଓଡ଼ିଶାର ଗୋଟିଏ ବସ୍ତା ଧାନ ମଧ ଛତିଶଗଡ଼ରେ ପଶିପାରିବ ନାହିଁ ବୋଲି ସୁକୁମା ଜିଲାପାଳ ସନ୍ତୋଷ କୁମାର କହିଛନ୍ତି। ଏଠାରେ ଧାନ କୁଇଣ୍ଟାଲ ପିଛା ୨୫୦୦ ଟଙ୍କା ରହିଛି। ଏହାର ଫାଇଦା ନେବାକୁ ଦଲାଲମାନେ ଓଡ଼ିଶାରୁ କମ୍ ଦରରେ ଧାନ କିଣି ଏଠାରେ ଧାର୍ଯ୍ୟ ଦରରେ ବିକ୍ରି କରୁଛନ୍ତି। ଅଥଚ ଆମ ରାଜ୍ୟର ଚାଷୀ ତାଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଜିଲାପାଳ କହିଥିଲେ।

### କଏଦୀଙ୍କ ଆତ୍ମହତ୍ୟା ଘଟଣା
### ୨୪ ଘଣ୍ଟା ପରେ ଜେଲରୁ ମୃତଦେହ ଉଦ୍ଧାର

**କେନ୍ଦୁଝର, ୧୯।୧୧ (ସ୍ୱ.ପ୍ର./ଡି.ଏନ୍.ଏ.):** କେନ୍ଦୁଝର ଜେଲରେ ବିଚାରାଧୀନ କଏଦୀ ପ୍ରଦୀପ ବେହେରାଙ୍କ ଆତ୍ମହତ୍ୟା କରିବାର ୨୪ ଘଣ୍ଟା ପରେ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରାଯାଇଛି। ପରିବାରବର୍ଗ ଏଥିରେ ସନ୍ଦେହ ପ୍ରକାଶ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ପ୍ରଦୀପଙ୍କ ବାପା ପ୍ରଭାକର ବେହେରା ଓ ଗ୍ରାମବାସୀ ଏନେଇ ଟାଉନ ଥାନାରେ ଏତଲା ଦେବାସହ ଜିଲାପାଳ ଆଶୀଷ ଠାକ୍‌ରେଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜେଲରେ କଡ଼ା ସୁରକ୍ଷା ସତ୍ତ୍ୱେ ପ୍ରଦୀପଙ୍କ ଆତ୍ମହତ୍ୟା ଘଟଣା ସେମାନଙ୍କୁ ଚକିତ କରିଛି। ଏଥିପାଇଁ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଜେଲ ଡିଆଇଜି (ସମ୍ବଲପୁର) ଅମୀୟ ପଟ୍ଟନାୟକ କେନ୍ଦୁଝର ଜେଲ ପରିଦର୍ଶନ କରି ଘଟଣା ଅନୁଧ୍ୟାନ କରିଛନ୍ତି।

### କଲେଜ ଅଧ୍ୟକ୍ଷଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବାମରା, ୧୯।୧୧ (ଡି.ଏନ୍.ଏ.):** ସମ୍ବଲପୁର ଜିଲା ବାମରା ବ୍ଲକ୍ କେସାଇବାହାଲ ଯୁକ୍ତ ୨ କଲେଜ ପ୍ରଭୁଦୟାଲ ରୁରାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟପ୍ରକାଶ ପଟେଲଙ୍କ ବାସଭବନ ସହ ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଭୋରରୁ ସମ୍ବଲପୁର, ସୁନ୍ଦରଗଡ, ସୋନପୁର ଓ ରାଉରକେଲା ଭିଜିଲାନ୍ସ ଟିମ୍ ତାଙ୍କ ଆବାସ, ୨ଟି ଛାତ୍ରାବାସ ଓ କଲେଜ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। କଲେଜ ଅଧ୍ୟକ୍ଷ ପଟେଲ ସରକାରୀ ଚାକିରିରେ ଥାଇ ମଧ୍ୟ କଲେଜ ପଛପଟେ ଏକ ଛାତ୍ରାବାସ ଓ ନିଜ ଆବାସରେ ଏକ ଛାତ୍ରୀନିବାସ ଚଳାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏହା ସହିତ ସେ କେସାଇବାହାଲରେ ୨ଟି ବିରାଟକାୟ କୋଠାଘର ତିଆରି କରିଛନ୍ତି ବୋଲି ଭିଜିଲାନ୍ସ ସୂଚନା ଦେଇଛି। ତେବେ ମୋଟ ସମ୍ପତ୍ତିର ଆକଳନ କରାଯାଉଛି। ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ଟିମ୍ ପକ୍ଷରୁ କୁହାଯାଇଛି।

# ସରକାରଙ୍କୁ ବିରୋଧୀଙ୍କ କଡ଼ା ସମାଲୋଚନା

- ମୁଲତବୀ ପ୍ରସ୍ତାବ ଆଲୋଚନା
- 'ରାଜ୍ୟରେ ଧାନ କିଣାରେ ସରକାର ସମ୍ପୂର୍ଣ୍ଣ ବିଫଳ'ପ୍ରସଙ୍ଗ
- ଅସନ୍ତୁଷ୍ଟ ହୋଇ ଭାଜପା, କଂଗ୍ରେସ ସଭ୍ୟଙ୍କ କକ୍ଷତ୍ୟାଗ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**



ଚାଷୀ ଅମଳ କରି ଧାନ ବସ୍ତା ଧରି ରହିଛି। ହେଲେ କିଣିବାକୁ କେହି ନାହିଁ। ଖରା, ବର୍ଷା, ଶୀତ କାକରରେ ଧାନ ସେମିତି ପଡି ରହୁଛି। ଯେଉଁ ବ୍ୟବସ୍ଥାରେ କ୍ରୟ କରାଯିବ, ସେହି ବ୍ୟବସ୍ଥାରେ ଚାଷୀ ନିଜକୁ ଖାପ ଖୁଆଇ ପାରୁନାହିଁ। ଧାନ କିଣାରେ ଅନିୟମିତତା ନେଇ ଖବରକାଗଜରେ ଖବର ପରିବେଷଣ କରାଯାଉଛି। ବୈଦ୍ୟୁତିକ ଗଣମାଧ୍ୟମରେ ଚାଷୀଙ୍କ କରୁଣ ଚିତ୍ର ଦେଖିବାକୁ ମିଳିଛି। ହେଲେ ସବୁ ଜାଣି ସରକାର ନୀରବଦ୍ରଷ୍ଟା ସାଜୁଥିବା ଭାଜପା ଏବଂ କଂଗ୍ରେସ ସଭ୍ୟ ଅଭିଯୋଗ କରିଛନ୍ତି। ବିଧାୟକ ଜୟନାରାୟଣ ମିଶ୍ର, ମୁକେଶ ମହାଲିଙ୍ଗ ଏବଂ ଶଙ୍କର ଓରାମଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ 'ରାଜ୍ୟରେ ଧାନ କିଣାରେ ସରକାର ସମ୍ପୂର୍ଣ୍ଣ ବିଫଳ' ଆଲୋଚନାରେ ଉପରୋକ୍ତ ଅଭିଯୋଗ କରାଯାଇଛି। ଆଲୋଚନା ପରେ ମନ୍ତ୍ରୀ ଉତ୍ତର ରଖିଥିଲେ, ହେଲେ ଏଥିରେ ଅସନ୍ତୁଷ୍ଟ ହୋଇ ପ୍ରଥମେ ଭାଜପା ଏବଂ ପରେ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

ଆଲୋଚନା ଆରମ୍ଭ କରି ଜୟନାରାୟଣ କହିଲେ, ସବୁ ଅଧିବେଶନରେ ଚାଷୀ ସମସ୍ୟାକୁ ଗୁରୁତ୍ୱର ସହ ଉଠାଉଛି। ହେଲେ କିଛି ଲାଭ ହେଉ ନାହିଁ। ଜିଲାସ୍ତରରେ ପ୍ରୋକ୍ୟୁରମେଣ୍ଟ କମିଟି ନାହିଁ। ମାର୍କେଟ ୧୫ରୁ ଖୋଲିଲାଣି, ହେଲେ ୧୮ ତାରିଖ ପର୍ଯ୍ୟନ୍ତ ଟୋକନ୍ ପହଞ୍ଚିନାହିଁ। ମିଲରମାନେ ପ୍ରୋକ୍ୟୁରମେଣ୍ଟ ବ୍ୟବସ୍ଥାରେ ହର୍ତ୍ତାକର୍ତ୍ତା ହୋଇଛନ୍ତି। ପଞ୍ଜାବ, ହରିୟାଣା ଆଦି ଅଞ୍ଚଳରେ ମଣ୍ଡି ବ୍ୟବସ୍ଥା ରହିଛି। ସେଠାରେ ଚାଷୀଙ୍କୁ ପଚାରି ସବୁ ନିଷ୍ପତ୍ତି ହୁଏ। ଓଡ଼ିଶାରେ ୪୦୦ ମଣ୍ଡି ଥାଇ ମଧ ପ୍ରାଥମିକ ବ୍ୟବସ୍ଥା ନାହିଁ। ଗତଥର ଭଳି ପ୍ରୋକ୍ୟୁରମେଣ୍ଟ କମିଟିକୁ ଯେମିତି ଅଧିକାର ଦିଆଯାଉଥିଲା, ସେମିତି ଦିଆଯାଉ। ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ବିଭାଗୀୟ ମନ୍ତ୍ରୀ ଏବଂ ସଚିବ କ୍ଷେତ୍ରକୁ ଯାଆନ୍ତୁ ବୋଲି ଜୟନାରାୟଣ କହିଛନ୍ତି। ଏହା ପରେ ମୁକେଶ କହିଲେ ଯେ, ପଶ୍ଚିମ ଓଡ଼ିଶାକୁ ଭାତହାଣ୍ଡି ବୋଲି କୁହାଯାଏ। ହେଲେ ପ୍ରତିବର୍ଷ ସରକାର ଧାନ କିଣାରେ ବିଫଳ ହେଉଛନ୍ତି। ନେଭା ଆପ୍ଲିକେଶନରେ ତଥ୍ୟ ଭୁଲ ରହୁଛି। ତେଣେ ଚାଷୀଙ୍କୁ ଅନ୍‌ଲାଇନ୍ ବ୍ୟବସ୍ଥାରେ ପକାଯାଉଛି। ଧାନ କିଣାରେ କଟ୍‌ନୀଛଟନୀ ବନ୍ଦ ହେଉ। ସାରା ରାଜ୍ୟରେ ମଣ୍ଡିକୁ ନେଇ ଯେଉଁ ଭିତ୍ତିଭୂମି ହେବା କଥା ତାହା ନ ଥିବା ସେ ଅଭିଯୋଗ କରିଥିଲେ। ବିଧାୟକ ନାଉରୀ ନାୟକ କହିଥିଲେ, ସମ୍ବଲପୁରରେ ଘର ସାମ୍ନାରେ ଧାନ ଥୁଆ ହୋଇଛି। ଗତକାଲି ଜିଲାପାଳଙ୍କ ଦପ୍ତର ଆଗରେ ଚାଷୀ ଛିଡା ହୋଇଥିଲେ। ମନ୍ତ୍ରୀ ଯେଉଁ ତଥ୍ୟ ଦେଉଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ୧୭ ସେପ୍ଟେମ୍ବରରୁ ପଞ୍ଜୀକରଣ କରାଯାଇଥିଲେ ବି ଏସ୍‌ଏମ୍‌ଏସ୍ ଯାଇନାହିଁ। କେତେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ନ ପାଇ ଆନ୍ଦୋଳନ କରୁଛନ୍ତି। ବିଜୁ ଯୁବ ବାହିନୀ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ହେଲେ ଜାନୁୟାରୀରେ ନୂଆ ଫସଲ କରିବାକୁ ଯାଉଥିବା ଚାଷୀଙ୍କ ପାଇଁ କିଛି ନାହିଁ ବୋଲି ନାଉରୀ କହିଥିଲେ।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଲେ, ଗତ ୩ରୁ ୪ ବର୍ଷ ମଧ୍ୟରେ ଧାନ କିଣା ସମ୍ପର୍କରେ ସମୀକ୍ଷା କରିଥିଲେ, ମନ୍ତ୍ରୀ ସବୁ ଜାଣିପାରନ୍ତେ। କାଗଜପତ୍ର ସଂଗ୍ରହ କରି ଉତ୍ତର ଦେଉଛନ୍ତି। ରାଜଧାନୀର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରୁ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛନ୍ତି। ଏହାକୁ କ'ଣ ୫-ଟି ଦ୍ୱାରା ସମାଧାନ କରାଯିବ। ଏସ୍‌ଏଚ୍‌ଜିଗୁଡିକୁ ଦୁର୍ନୀତିଗ୍ରସ୍ତ କରାଯାଇସାରିଲାଣି। କୁଇଣ୍ଟାଲ ପିଛା ୨୯୩୦ ଟଙ୍କା ଦାବି କରାଯାଉଥିଲେ ବି କେନ୍ଦ୍ର ସରକାର ଦାବି ଗ୍ରହଣ କରୁନାହାନ୍ତି। ହେଲେ ଅତୀତରେ ରାଜସ୍ଥାନ ନିର୍ବାଚନ ପୂର୍ବରୁ କେନ୍ଦ୍ର ବାଜରା ମୂଲ୍ୟ ବୃଦ୍ଧି କରିଥିବା ସାଲୁଜା କହିଥିଲେ। ସେହିପରି ନରସିଂହ ମିଶ୍ର କହିଥିଲେ ଯେ, ଚାଷୀ ଏବଂ ଧାନ କ୍ରୟ ପ୍ରସଙ୍ଗରେ ଆଲୋଚନା ସମୟରେ ଶାସକ ଦଳର କମ୍ ସଦସ୍ୟ ଏବଂ ହାତଗଣତି ମନ୍ତ୍ରୀ ରହୁଛନ୍ତି। ଏହା ହିଁ ତାଙ୍କ ଆନ୍ତରିକତାକୁ ଦର୍ଶାଉଛି। ରାଜ୍ୟରେ ଧାନ ଅମଳ ତ ହେଉଛି, ହେଲେ ରଖିବାକୁ ସ୍ଥାନ ନାହିଁ। ଏଫ୍‌ସିଆଇ ଧାନ କିଣୁ ବୋଲି ନିର୍ଦ୍ଦେଶ ରହିଛି, ହେଲେ ରାଜ୍ୟ ସରକାରଙ୍କ ଚୁକ୍ତି ହେତୁ ଏହା ହୋଇପାରୁନାହିଁ। ଜିଲା ଯୋଗାଣ ଅଧିକାରୀଙ୍କୁ ପଚାରିଲେ ଠିକ୍ ଉତ୍ତର ମିଳୁନାହିଁ। ଚାଷୀ ଦେଉଥିବା ଧାନରୁ ୪ରୁ ୫ କି.ଗ୍ରା. କାଟି ଦିଆଯାଉଛି। ସବୁ ଧାନ କିଣାଯାଉନାହିଁ। ସମସ୍ୟା ସମ୍ପର୍କରେ ଯେପରି ଉତ୍ତର ଆଶା କରାଯାଉଛି ତାହା ବିଭାଗୀୟ ମନ୍ତ୍ରୀ ପ୍ରଦାନ କରୁ ନ ଥିବା ନରସିଂହ ଅଭିଯୋଗ କରିଥିଲେ। ଶାସକ ଦଳ ପକ୍ଷରୁ ବିଧାୟକ ଶାରଦା ନାୟକ, କିଶୋର ମହାନ୍ତି, ଧ୍ରୁବ ସାହୁ ଏବଂ ସୁବାସ ନାୟକ ପ୍ରମୁଖ ବକ୍ତବ୍ୟ ରଖିବା ସହ ଗଠନମୂଳକ ପରାମର୍ଶ ଦେଇଥିଲେ।

# ବିଦ୍ୟୁତ୍ ତାର ବିଛାଇ ଦନ୍ତାହାତୀ ଶିକାର

**ଅମରପାଲି, ୧୯।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ରେଞ୍ଜ ଅନ୍ତର୍ଗତ କୋଟସମଲାଇ ପଞ୍ଚାୟତ ସାରସଦାଦର ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ଶିକାର କରାଯାଇଛି। ଶିକାର ପରେ ହାତୀର ଦାନ୍ତକୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଦନ୍ତାକୁ ପ୍ରାୟ ୭ଦିନ ପୂର୍ବରୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ବାର୍‌ହା ଶିକାର ପାଇଁ ୧୧କେଭି ଲାଇନ୍‌ରୁ ଜେଇ ତାର ଲଗାଇ ବାର୍‌ହା ଶିକାର କରାଯାଉଥିବା ବେଳେ ଏଥିରେ ଲାଗି ହାତୀର ମୃତ୍ୟୁ ହୋଇଛି। ଠେଙ୍ଗୋ ଡ୍ୟାମକୁ ଯାଇଥିବା ମୁଖ୍ୟ ରାସ୍ତାରୁ ସାରସଦାଦର ଗ୍ରାମକୁ ଯାଇଥିବା ମୁଖ୍ୟରାସ୍ତାରୁ ପ୍ରାୟ ୧୦୦ ମିଟର ଦୂରରେ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ମୃତଦନ୍ତା ପଡିଥିବା ସ୍ଥାନରେ ଏକ ପୋଖରୀ ଅଛି। ସେହି ଅଞ୍ଚଳ ଦେଇ ସୁନାପାଲି, ସାରସଦାଦର ଓ ସାଗଯୋରୀ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ପୋଖରୀକୁ ପାଣି ପିଇବାକୁ ବାର୍‌ହାମାନେ ଆସୁଥିବାରୁ ଶିକାର ଉଦ୍ଦେଶ୍ୟରେ ତାର ବିଛା ଯାଇଥିଲା। ଏବେ ଫସଲ ଅମଳ ସମୟ ହୋଇଥିବାରୁ ହାତୀପଲ ଆସି ଉକ୍ତ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରୁଥିଲେ। ବିଭିନ୍ନ ସମୟରେ ବନବିଭାଗ ଗ୍ରାମବାସୀଙ୍କ ସହ ମିଶି ହାତୀ ଘଉଡାଉଥିଲେ। ଉକ୍ତ ଦନ୍ତାହାତୀ ପଲରୁ ଅଲଗା ହୋଇ ଉକ୍ତ ଅଞ୍ଚଳକୁ ଆସି ନିକଟସ୍ଥ ପୋଖରୀକୁ ପାଣି ପିଇବା ପାଇଁ ଯାଉଥିବା ବେଳେ ବିଦ୍ୟୁତ ତାରରେ ଲାଗି ମୃତ୍ୟୁ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି।



ସାରସଦାଦର ସଂରକ୍ଷିତ ଜଙ୍ଗଲରେ ଶିକାର ହୋଇଥିବା ଦନ୍ତାହାତୀ।

## ୧୧ବର୍ଷରେ ବିଦ୍ୟୁତ୍ ସଂସ୍ପର୍ଶରେ ମରିଛନ୍ତି ୧୧୯ ହାତୀ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ରାଜ୍ୟରେ ଗତ ୧୧ବର୍ଷରେ ୧୧୯ ହାତୀଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ୨୦୦୯-୧୦ଠାରୁ ୨୦୧୯-୨୦ ମଧ୍ୟରେ ଘଟିଥିବା ଏହି ହାତୀ ମୃତ୍ୟୁରେ କେନ୍ଦୁଝର ଜିଲାର ମୋଟ ୧୧ ହାତୀ ମରିଛନ୍ତି। ଏଥିପାଇଁ ୧୪୮ଙ୍କୁ ଦାୟୀ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତନ୍ମଧ୍ୟରେ ୧୩୩ ଜନସାଧାରଣ, ୧୧ ଜଙ୍ଗଲ ବିଭାଗ ଅଧିକାରୀ ଓ ୪ ବିଦ୍ୟୁତ ବିଭାଗ କର୍ମଚାରୀ ରହିଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ମଙ୍ଗଳବାର ବିଧାନସଭାରେ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ 'ବିଦ୍ୟୁତ୍ ସଂସ୍ପର୍ଶରେ ମୃତ ହାତୀଙ୍କ ସଂଖ୍ୟା' ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

# ପୁଣି ଚର୍ଚ୍ଚାରେ ଏସପି ସାରା ଶର୍ମା

**ପାରଳାଖେମୁଣ୍ଡି,୧୯।୧୧ (ସ୍ୱ.ପ୍ର.)**

ପୁଣି ଚର୍ଚ୍ଚାରେ ଗଜପତି ଏସପି ସାରା ଶର୍ମା। ପୂର୍ବରୁ ମହିଳାଙ୍କ ସୁରକ୍ଷା ପାଇଁ ସି-ଟିମ୍ ଗଠନ କରିବା ସହ ଏଥିପାଇଁ ଗୀତଗାଇ ଚର୍ଚ୍ଚାକୁ ଆସିଥିଲେ। ଏବେ ପୁଣି ସେ ଫିଟ୍‌ନେସ ଶିବିର 'ଜୁମ୍ବା ଏରୋବିକ୍ସ' ଆୟୋଜନ କରି ଚର୍ଚ୍ଚାକୁ ଆସିଛନ୍ତି। ଅଧିକାରୀ ଓ ଜନ ସାଧାରଣଙ୍କୁ ମଙ୍ଗଳବାର ସଙ୍ଗୀତର ତାଳେତାଳେ ସାରା ଶର୍ମା ବ୍ୟାୟାମ ପ୍ରଶିକ୍ଷଣ ଦେଇଛନ୍ତି। ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଜିଲା ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାଜରେ ସମସ୍ତେ ନିଜ ଶରୀରକୁ ସୁସ୍ଥ ରଖିବାପାଇଁ ବ୍ୟାୟାମ କରିବା ନିତାନ୍ତ ଆବଶ୍ୟକ। ବ୍ୟାୟାମ କରିବା ଦ୍ୱାରା ମଣିଷ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ଜୀବନଯାପନ କରିପାରିବ। ପ୍ରତ୍ୟେକ ବ୍ୟକ୍ତି ବ୍ୟାୟାମ କରି ଅନ୍ୟମାନଙ୍କୁ ଶାରୀରିକ ବ୍ୟାୟାମ ପାଇଁ ସଚେତନତା କରିବାକୁ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ଏଥିରେ ବହୁ ସରକାରୀ ଅଧିକାରୀ, ପୋଲିସ ଅଧିକାରୀ, କର୍ମଚାରୀ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା କ୍ରୀଡା ଅଧିକାରୀ ପ୍ରଭାକର ତ୍ରିପାଠୀ, ପୂର୍ବତନ ବିଧାୟକ କେ.ସୁରିୟା ରାଓ, ଡିଏସ୍‌ପି ସୀତାରାମ ଶତପଥୀ, ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହୋନାଗା, ଥାନା ଅଧିକାରୀ ବିବେକନନ୍ଦ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଅଧିକାରୀ, ଜନସାଧାରଣଙ୍କୁ ଦେଲେ ବ୍ୟାୟାମ ତାଲିମ**



# ପି-ପାସ୍ ବ୍ୟବସ୍ଥା ରାଜଧାନୀ ନୁହେଁ ମଣ୍ଡିରୁ ନିୟନ୍ତ୍ରଣ ହେଉ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

୨୦୧୮-୧୯ ଖରିଫ୍ ଋତୁରେ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ୍ ଟ୍ରନ୍ ଧାନ କିଣିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହି ସମୟ ମଧ୍ୟରେ ୧୭ ଜିଲାରେ ମରୁଡି ହୋଇ ଫସଲ ହାନି ହୋଇଥିବା କଥା ସରକାର ମାନିଥିଲେ। ୨୦୧୯-୨୦ ଖରିଫ୍ ଋତୁରେ ଯେତେବେଳେ ବର୍ଷା ଓ ଫସଲ ଭଲ ହୋଇଛି ସେତେବେଳେ ରାଜ୍ୟ ସରକାର ୫୦ ଲକ୍ଷ ମେଟ୍ରିକ୍ ଟ୍ରନ୍ ଧାନ କିଣିବେ ବୋଲି କେମିତି ଲକ୍ଷ୍ୟ ରଖିଛନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଇଛି। ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି, ପଶ୍ଚିମ ଓଡ଼ିଶାର କେତେକ ଜିଲାରେ ସ୍ୱାଭାବିକ ଠାରୁ ଅଧିକ ଧାନ ହେବାର ସମ୍ଭାବନା ଅଛି। ଫଳରେ ଚାଷୀ ବାଧ୍ୟହୋଇ କମ୍ ଦରରେ ମିଲରଙ୍କୁ ବିକ୍ରି କରିବ ଏବଂ ମିଲର୍ ତାର ଗଳା ବାଟ ଖୋଜି ତାକୁ ନେଇ ଚାଉଳ ବନାଇବ ଏହା ହେଉଛି ସରକାରଙ୍କ ଉଦ୍ଦେଶ୍ୟ ବୋଲି ସମୀର କହିଛନ୍ତି। ପି-ପାସ୍ ସିଷ୍ଟମ୍ କରି ଚାଷୀମାନଙ୍କୁ ଅଯଥାରେ ସରକାର ହଇରାଣ କରୁଛନ୍ତି। ଏହି ବ୍ୟବସ୍ଥାରେ ରେଜିଷ୍ଟ୍ରେଶନ୍ କରିଥିବା ଚାଷୀ ମଣ୍ଡିକୁ ଧାନ ଆଣିବେ ଏବଂ ଦାୟିତ୍ୱରେ ଥିବା ସେକ୍ରେଟାରୀ ପାସ୍ ପାଇଁ ଚାଷୀ ନାଁକୁ ଭୁବନେଶ୍ୱର ପଠାଇବେ। ଭୁବନେଶ୍ୱର ଠାରେ ପି. ପାସ୍ କଣ୍ଟ୍ରୋଲରୁମରୁ ଏହା ଆପ୍ରୋଭାଲ ହେଲାପରେ ଯାଇ ଚାଷୀ ଧାନ ବିକ୍ରି କରିପାରିବ। ବିଗତ ଦିନରେ ଯେତେବେଳେ ପି.ପାସ୍ ବ୍ୟବସ୍ଥା ମଣ୍ଡିରେ କଣ୍ଟ୍ରୋଲ୍ ହେଉଥିଲା ସେତେବେଳେ ମଧ୍ୟ ଚାଷୀ ଧାନ ବିକ୍ରି କରିପାରୁ ନ ଥିଲା। ଏବେ ଏହାକୁ ଭୁବନେଶ୍ୱରରେ କଣ୍ଟ୍ରୋଲ୍ କରାଇଲେ ଆହୁରି ବିଳମ୍ବ ହେବ। ସରକାର ଠିକଣା ପଦକ୍ଷେପ ଯଦି ନ ନିଅନ୍ତି ତେବେ ଆସନ୍ତା ଦିନରେ ଭାଜପା କୃଷକ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ଏବଂ ଚାଷୀଙ୍କ ପାଇଁ ଲଢ଼େଇ କରିବ ସମୀର ଚେତାବନୀ ଦେଇଛନ୍ତି।

# ଆବାସ ଦୁର୍ନୀତି ନେଇ ଭାଜପାର ଟାର୍ଗେଟ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ମାହାଙ୍ଗା ଆବାସ କେଳାଙ୍କାରୀ କରିଥିବା ଜଣେ ଅଫିସର ବର୍ତ୍ତମାନ ମନ୍ତ୍ରୀଙ୍କ ଓଏସଡି ଭାବେ ଦାୟିତ୍ୱ ପାଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା କହିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଆବାସ କେଳାଙ୍କାରୀ ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାମରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତ ବିଡିଓ ବର୍ତ୍ତମାନ ମନ୍ତ୍ରୀଙ୍କ ଓଏସଡିଭାବେ ନିଯୁକ୍ତି ପାଇଛନ୍ତି ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସମିର ମହାନ୍ତି ଦାବି କରିଛନ୍ତି। ଆବାସ କେଳାଙ୍କାରୀ ହୋଇଥିବା ମାହାଙ୍ଗାବାସୀ କହୁଥିବା ବେଳେ ସରକାରଙ୍କ ୫-ଟି କୁଆଡେ ଗଲା ବୋଲି ସମୀର ପ୍ରଶ୍ନ କରିଛନ୍ତି।

## ବିଧାନସଭା ପ୍ରଶ୍ନୋତ୍ତର

# ଅମୃତ ଯୋଜନାରେ ଖର୍ଚ୍ଚ ହୋଇଛି ୧୭୫୨କୋଟି

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ରାଜ୍ୟର ସମସ୍ତ ମହାନଗର, ପୌରାଞ୍ଚଳ ଏବଂ ବିଜ୍ଞପିତ ଅଞ୍ଚଳ ପାଇଁ ବିଗତ ୫ ବର୍ଷ ମଧ୍ୟରେ ପାନୀୟଜଳ ନିମନ୍ତେ ବ୍ୟାପକ ଅର୍ଥ ଖର୍ଚ୍ଚ କରାଯାଇଛି। ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ଏଥିପାଇଁ ୪୬୯.୫୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିରୁ ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ୬୨୭.୨୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ରାଜ୍ୟର ୯ଟି ସହର ପାଇଁ ଅମୃତ ଯୋଜନା୨୦୧୫-୧୬ରୁ ଆରମ୍ଭ ହୋଇଛି। ଏହି ଯୋଜନାରେ ଜଳ ଯୋଗାଣ, ସ୍ୱେରେଜ/ସେପ୍ଟେଜ ଓ ପାର୍କ ନିର୍ମାଣ ପାଇଁ କେନ୍ଦ୍ର ଅନୁଦାନ ପ୍ରଦାନ କରୁଛି। ୨୦୧୫-୧୬ରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୪୭୨.୩୯କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ୪୭୨.୪୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପଟେ ଜଳ ଯୋଗାଣ ପାଇଁ ୮୦୮.୦୭କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ନିଗମ, ମହାନଗର ଏବଂ ଏନ୍‌ଏସି ଗୁଡ଼ିକୁ ମୁଖ୍ୟତଃ କେନ୍ଦ୍ର ଅର୍ଥ କମିଶନ ଏବଂ ରାଜ୍ୟ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିସକୃତ ଅର୍ଥରାଶି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥାଏ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ବିଧାନସଭା ସଦସ୍ୟ ଭୂପିନ୍ଦର ସିଂ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଜେନା କହିଛନ୍ତି ଯେ, କାଉନସିଲ ବୈଠକର ନିଷ୍ପତ୍ତି ଅନୁଯାୟୀ ପ୍ରାପ୍ତ ଅର୍ଥ ପୌରାଞ୍ଚଳର ଜଳ ଯୋଗାଣ, ରାସ୍ତା ଉନ୍ନତୀକରଣ, ନାଳ ସଫା ଇତ୍ୟାଦି ଲାଗି ଖର୍ଚ୍ଚ କରିଥାଆନ୍ତି। ୨୦୧୪-୧୫ରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ମହାନଗର ଗୁଡ଼ିକ ପାଇଁ କେନ୍ଦ୍ର ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ ଏବଂ ରାସ୍ତା ଉନ୍ନତୀକରଣ ଅନୁଦାନ ବାବଦରେ ମୋଟ ୨୨,୫୧,୮୨,୬୦,୩୦୦ ଟଙ୍କା ଆସିଛି। ସେହିପରି ପୌରପରିଷଦଗୁଡିକ ପାଇଁ ୨୦୧୪-୧୫ରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ର ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ ଏବଂ ରାସ୍ତା ଉନ୍ନତୀକରଣ ଅନୁଦାନ ବାବଦରେ ମୋଟ ୨୩,୧୦,୯୧,୪୭,୧୫୦ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ବିଜ୍ଞପିତ ଅଞ୍ଚଳଗୁଡିକ ପାଇଁ ୨୦୧୫-୧୬ରୁ ୨୦୧୮-୧୯ ଆର୍ଥିକ ବର୍ଷମଧ୍ୟରେ କେନ୍ଦ୍ର ଅର୍ଥକମିଶନ, ରାଜ୍ୟ ଅର୍ଥ କମିଶନ ଏବଂ ରାସ୍ତା ଉନ୍ନତୀକରଣ ଅନୁଦାନ ବାବଦକୁ ମୋଟ ୧୦,୨୨,୦୩,୭୯,୦୦୦ ଟଙ୍କା ଦିଆଯାଇଥିବା ମନ୍ତ୍ରୀ ଦର୍ଶାଇଛନ୍ତି।

# ୪୯୮ ପଞ୍ଚାୟତରେ ନାହିଁ ଶୌଚାଳୟ, ବିଦ୍ୟୁତ୍ ସଂଯୋଗ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ଏବେ ସୁଦ୍ଧା ରାଜ୍ୟର ସବୁ ପଞ୍ଚାୟତରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ବର୍ତ୍ତମାନ ମଧ୍ୟ ଅନେକ ପଞ୍ଚାୟତର ଲୋକମାନେ ଅନ୍ଧାରରେ ଜୀବନ ବିତାଉଛନ୍ତି। ସେହିପରି ରାଜ୍ୟର ସବୁ ଗ୍ରାମରେ ଏ ପର୍ଯ୍ୟନ୍ତ ନିଜସ୍ୱ ଗୃହ ଏବଂ ଶୌଚାଳୟ କରାଯାଇପାରି ନାହିଁ। ରାଜ୍ୟର ମୋଟ ୪୯୮ ଗ୍ରାମ ପଞ୍ଚାୟତରେ ନିଜସ୍ୱ ଗୃହ, ଶୌଚାଳୟ ଏବଂ ବିଦ୍ୟୁତ୍ ସଂଯୋଗ ନ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ବିଧାନସଭା ସଦସ୍ୟ ଦେବୀ ରଞ୍ଜନ ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଜେନା ଏହି ଉତ୍ତର ରଖିଛନ୍ତି। ମନ୍ତ୍ରୀ ଜେନା କହିଛନ୍ତି ଯେ, ସେହି ପଞ୍ଚାୟତଗୁଡ଼ିକରେ ଏହିସବୁ ସୁବିଧା ଉପଲବ୍ଧ କରାଇବା ପାଇଁ ୨୦୧୭-୧୮ ମସିହାରୁ ବ୍ୟବସ୍ଥା ହେଲାଣି। ଏଥିପାଇଁ ରାଜ୍ୟ ସରକାର ୮୯.୧୦କୋଟି ଟଙ୍କାର ଅନୁଦାନ ରାଶି ମଧ୍ୟ ପ୍ରଦାନ କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ରାଜ୍ୟରେ ନୂତନ ଭାବେ ସୃଷ୍ଟି ହୋଇଥିବା ୫୯୫ ଗୋଟି ଗ୍ରାମପଞ୍ଚାୟତ ମଧ୍ୟରୁ ୪୯୮ଟି ଗ୍ରାମ ପଞ୍ଚାୟତରେ ନିଜସ୍ୱ ଗୃହ, ଶୌଚାଳୟ ଏବଂ ବିଦ୍ୟୁତ୍ ସଂଯୋଗ ନାହିଁ। ଅର୍ଥ ବରାଦ କରାଯାଇ ସାରିଥିବା ବେଳେ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଚଳିତ ବର୍ଷ ଶୀଘ୍ର କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଜେନା କହିଛନ୍ତି।

# ଉଚ୍ଚ ନ୍ୟାୟାଳୟରେ ପଡ଼ିରହିଛି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ମାମଲା

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ଉଚ୍ଚ ନ୍ୟାୟାଳୟରେ ୧ଲକ୍ଷ ୫୦ହଜାର ୯୩୮ଟି ମାମଲା ୨୦୧୯ ଅକ୍ଟୋବର ସୁଦ୍ଧା ବିଚାରାଧୀନ ରହିଛି। ଏଥିରୁ ୨୧ହଜାର ୬୫୯ଟି ମାମଲା ୧୦ରୁ ୨୦ ବର୍ଷ ହେଲା ବିଚାରାଧୀନ ରହିଛି। ସେହିପରି ୨୦ବର୍ଷ ହେଲା ୩୭୯୬ଟି ମାମଲା ବିଚାରାଧୀନ ରହିଛି ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ବିଧାନସଭା ସଦସ୍ୟ ଶଙ୍କର ଓରାମ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଜେନା କହିଛନ୍ତି, ଉଚ୍ଚ ନ୍ୟାୟାଳୟରେ ବର୍ତ୍ତମାନ ୧୪ ବିଚାରପତି ପଦବୀ ଖାଲି ରହିଛି। ଏହାସହ ରାଜ୍ୟର ଅନ୍ୟାନ୍ୟ ନ୍ୟାୟାଳୟଗୁଡିକରେ ଜିଲା ଜଜ୍ ବର୍ଗରେ ୨୫, ସିନିୟର ସିଭିଲ ଜଜ୍ ବର୍ଗରେ ୩୪ ଏବଂ ସିଭିଲ ଜଜ୍ ବର୍ଗରେ ୮୯ ବିଚାରପତି ପଦବୀ ଖାଲି ରହିଛି। ଅଧସ୍ତନ ନ୍ୟାୟାଳୟଗୁଡିକରେ ଖାଲିଥିବା ବିଚାରପତି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ କହିଛନ୍ତି। ସେହିପରି ବିଧାନସଭାର ଅନ୍ୟଜଣେ ସଦସ୍ୟ ସୌଭିକ ବିଶ୍ୱାଳଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଜେନା କହିଛନ୍ତି, ରାଜ୍ୟର ଅଧସ୍ତନ ନ୍ୟାୟାଳୟ ଗୁଡିକରେ ୨୦୧୯ ଅକ୍ଟୋବର ୩୧ସୁଦ୍ଧା ୧୨ଲକ୍ଷ, ୧୪ହଜାର ୭୪୫ଟି ମାମଲା ବିଚାରାଧୀନ ରହିଛି।

**GANGADHAR MEHER UNIVERSITY, SAMBALPUR**

**NOTICE**

**No. 6213 / GMU** **IA-06/2020** **Date: 19.11.19**

The G.M. University, Sambalpur is going to conduct Gangadhar Meher University Eligibility Test (GET) for admission to the M. Phil & Ph. D. Programme in the subject mentioned below. These programs will commence from January 2020.

**M. Phil Programs-** Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Statistics, Zoology and Management Studies (Self-Financing)

**Ph. D. Programs-** Commerce, Economics, Education, Geograpy, Hindi, Philosophy, Political Science, Psychology and Statistics.

For application form and other details, kindly visit the University website- **www.gmuniversity.ac.in**.

**TIME LINE**

1. The last date for Submission of Application Form- 06.12.2019 upto 4.00 PM.
2. The date of Entrance Test Ph.D.- 14.12.2019 (10.00 to 11.00 AM followed by Viva-Voce from 11.30 AM onwards).
3. The date of Entrance Test of M. Phil- 13.12.2019 (10.00 to 11.00 AM followed by Viva-Voce from 11.30 AM onwards).

**Sd./- REGISTRAR,**
**G.M. University, Sambalpur**

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ ନଂ. DRM/Engg/KUR/19-20/E-Tender/41, ତା: 14.11.2019

1) ଟେଣ୍ଡର ବିଜ୍ଞପ୍ତି ସଂ. eTender-ESTATE-KUR-279-2019, ତା: 11.11.2019

**ବିବରଣୀ :** ଜୋନାଲ(Zonal) ମୁଖ୍ୟାଳୟ ବିଲ୍ଡିଙ୍ଗ, ରେଳ ସଦନ, ଭୁବନେଶ୍ୱରର ଗ୍ରୀନ୍ ରେଟିଙ୍ଗ୍ ପ୍ରମାଣୀକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹22.12 ଲକ୍ଷ, EMD (ଟଙ୍କାରେ): ₹ 44,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender-CENT-KUR-280-2019, ତା: 11.11.2019

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, ଭୁବନେଶ୍ୱର ପରିସୀମା ଅଧୀନରେ PSC ସ୍ଲିପରଗୁଡ଼ିକରେ ପ୍ରସ୍ତାବିତ ଛିଦ୍ରକରଣ, ବର୍ତ୍ତମାନର ଗାର୍ଡ଼ ରେଲ୍‌ଗୁଡ଼ିକର ନବୀକରଣ, ବାଲାଷ୍ଟଯୁକ୍ତ ଡେକ୍ ବ୍ରିଜ୍ ଏବଂ ଫୁଟ୍ ଓଭର ବ୍ରିଜ୍ ସ୍ଥାନଗୁଡ଼ିକରେ ଗାର୍ଡ଼ ରେଲ୍ ଲଗାଇବା, ସିଜ୍‌ଡ଼(Seized) ହୋଇଥିବା ରେଲ ସ୍କ୍ରୁ ଏବଂ ERC ର ନିକାଶ, ସ୍ଲାଇଡ୍ (Slide) ଚେୟାରଗୁଡ଼ିକର ୱେଲ୍ଡିଙ୍ଗ୍ ତଥା ଅନ୍ୟ ସଂରକ୍ଷା ସମ୍ପର୍କିତ P.Way କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹33.92 ଲକ୍ଷ, EMD (ଟଙ୍କାରେ): ₹ 67,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.04.12.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-521/K/19-20

# ୨୦୨୦ ସୁଦ୍ଧା ସବୁ ସହରାଞ୍ଚଳକୁ ପାନୀୟ ଜଳ ଯୋଗାଣ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)



- ପିଇବା ପାଣି ଯୋଗାଣକୁ ନେଇ ବିଧାନସଭାରେ ଉଦ୍‌ବେଗ
- ରାଜ୍ୟର ୫୦ ପ୍ରତିଶତ ଲୋକଙ୍କୁ ମିଳୁନି ପିଇବା ପାଣି
- ୨୦୨୫ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳକୁ ପାଇପ୍ ଯୋଗେ ଯୋଗାଯିବ ପାନୀୟ ଜଳ

୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ। ୨୦୨୪-୨୫ ସୁଦ୍ଧା ସମସ୍ତ ଗ୍ରାମାଞ୍ଚଳକୁ ପିଇବା ପାଣି ଯୋଗାଇ ଦିଆଯିବ। ମଙ୍ଗଳବାର ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମୂଳ ପ୍ରଶ୍ନରେ ରାଜ୍ୟରେ କେତୋଟି ଗ୍ରାମକୁ ପାଇପ୍ ପାଣି ଯୋଗାଇ ଦିଆଯାଇଛି। କୋରାପୁଟ ଜିଲାରେ କେତେ ଗ୍ରାମରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ହେଉଛି। ଏହି ଜିଲାର ବହୁ ପ୍ରକଳ୍ପ ଅଚଳ ହୋଇପଡ଼ିଛି କି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ରାଜ୍ୟରେ ୪୭ ହଜାର ୩୬୬ ଗ୍ରାମରୁ ୧୯ ହଜାର ୫୦୪ଟି ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କୋରାପୁଟ ଜିଲାର ୧ ହଜାର ୯୩୨ ଗ୍ରାମରୁ ୫୪୮ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। କୋରାପୁଟରେ ୪୯୧ଟି ପ୍ରକଳ୍ପ ମଧ୍ୟରୁ ୭ଟି ସାମୟିକ ଭାବେ ଅଚଳ ରହିଛି। ଏହାକୁ ମରାମତି କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଅତିରିକ୍ତ ପ୍ରଶ୍ନରେ ତାରା କହିଥିଲେ ଯେ, ରାଜ୍ୟରେ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ଅଚଳ ରହିଛି। ଯେଉଁ ତଥ୍ୟ ଦିଆଯାଇଛି ତାହା ସମ୍ପୂର୍ଣ୍ଣ ଅସତ୍ୟ। ବିଭାଗ ପକ୍ଷରୁ ଏକ ଟିମ୍ ପଠାଇ ପରିସ୍ଥିତି ଦେଖିବେ କି। ଖରାପ ହୋଇଥିବା ନଳକୂପ ସଜାଡ଼ିବା ପାଇଁ ବ୍ୟବସ୍ଥା କରିବେ କି ବୋଲି ପ୍ରଶ୍ନ କରିଥିଲେ। ସେହିପରି କଂଗ୍ରେସ ସଭ୍ୟ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ବିଜେଡି ସଭ୍ୟ ପ୍ରଦୀପ ମହାରଥୀ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ କୁମାର ଅମାତ, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, କୁସୁମ ଟେଟେ ପ୍ରମୁଖ ରାଜ୍ୟର ପାନୀୟ ଜଳ ଯୋଗାଣକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଯେତେବେଳେ ପ୍ରଶ୍ନ କରାଯାଉଛି ମନ୍ତ୍ରୀ ଚିରାଚରିତ ଢଙ୍ଗରେ ତୁରନ୍ତ ମରାମତି କରାଯିବ ବୋଲି କହୁଛନ୍ତି। ୪୭ ହଜାର ଗାଁରୁ ମାତ୍ର ୧୯ ହଜାର ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଅବଶିଷ୍ଟ ଗାଁକୁ କେବେ ସୁଦ୍ଧା ପାନୀୟ ଜଳ ଯୋଗାଣ କରାଯିବ। ପ୍ରତାପ ବାବୁ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପାଇଛନ୍ତି। ନବୀନ ବାବୁଙ୍କ ନାଁ ନେଇ ଖସିଯିବାକୁ ଚେଷ୍ଟା ନ କରନ୍ତୁ। ୨୦୨୦ ସୁଦ୍ଧା ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ମନ୍ତ୍ରୀ ଘୋଷଣା କରିଥିଲେ। ଏ ପର୍ଯ୍ୟନ୍ତ କେତେ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କେତେ ଟଙ୍କା ଯୋଗାଇ ଦେଉଛନ୍ତି। ସୌରଶକ୍ତିଚାଳିତ ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡ଼ିଛି। ସେଗୁଡ଼ିକୁ କେବେ ସୁଦ୍ଧା ମରାମତି କରାଯିବ। ନଳକୂପ ମରାମତି କରୁଥିବା କର୍ମଚାରୀମାନେ ସେମାନଙ୍କ ପାଉଣା ପାଉନାହାନ୍ତି। କେବେ ସୁଦ୍ଧା ସେମାନଙ୍କୁ ପାଉଣା ମିଳିବ ବୋଲି ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏପରି କି ଲୋକମାନଙ୍କୁ ଟୋପେ ବିଶୁଦ୍ଧ ପିଇବା ପାଣି ମିଳୁ ନ ଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ବାଚସ୍ପତି କହିଥିଲେ ଯେ ସଦସ୍ୟମାନେ ନିଜ ଅଞ୍ଚଳର ସମସ୍ୟା ଲିଖିତ ଭାବେ ମନ୍ତ୍ରୀଙ୍କୁ ଦେଇଦିଅନ୍ତୁ।

ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ ୨୦୨୦ ସୁଦ୍ଧା ରାଜ୍ୟର ସମସ୍ତ ଗାଁକୁ ନୁହେଁ, ସହରକୁ ପାଣି ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହି ଅନୁଯାୟୀ କାର୍ଯ୍ୟ ଚାଲିଛି। ପାନୀୟ ଜଳ ଯୋଗାଣ ପାଇଁ ଯେତିକି ପ୍ରକଳ୍ପ କାର୍ଯ୍ୟ ଚାଲିଛି ରାଜ୍ୟର ୬୫ ପ୍ରତିଶତ ଲୋକଙ୍କୁ ପାଇପ୍ ଯୋଗେ ପିଇବା ପାଣି ମିଳିପାରିବ। କେନ୍ଦ୍ର ସରକାରଙ୍କ ଅନୁଦାନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜ ଅଂଶଧନ ବାବଦରେ ୭ ହଜାର ୨୨୧ କୋଟି ଟଙ୍କା ଦେଇଥିବାବେଳେ କେନ୍ଦ୍ର ସରକାର ମାତ୍ର ୫୪୯ କୋଟି ଟଙ୍କା ଦେଇଛନ୍ତି। ୨୦୧୫-୧୬ରେ ରାଜ୍ୟ ସରକାର ୬୬୮କୋଟି ଟଙ୍କା ପାନୀୟ ଜଳ ପ୍ରକଳ୍ପ ପାଇଁ ଦେଇଥିବାବେଳେ କେନ୍ଦ୍ର ସରକାର ୯୩ କୋଟି, ୨୦୧୬-୧୭ରେ ରାଜ୍ୟ ସରକାର ୭୫୨ ଓ କେନ୍ଦ୍ର ସରକାର ୧୨୨, ୨୦୧୭-୧୮ରେ ରାଜ୍ୟ ସରକାର ୮୭୭ ଓ କେନ୍ଦ୍ର ସରକାର କେବଳ ୭୮ ଏବଂ ୨୦୧୮-୧୯ରେ ରାଜ୍ୟ ସରକାର ୧୬୫୬ ଓ କେନ୍ଦ୍ର ସରକାର ୧୧୫ କୋଟି ଟଙ୍କା ଅନୁଦାନ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓକିଲ ଭାଇ,**
**ଯାହାର ଖାଇବ ତାହାର ଗାଇ ।**

ଓକିଲ ବିଚାରାଳୟରେ ମକଦ୍ଦମା ଲଢ଼େ। ପାରିଶ୍ରମିକ ସ୍ୱରୂପ ମହକିଲ ଠାରୁ ପଇସା ନିଏ। ଯାହାଠାରୁ ପଇସା ପାଏ ସେ ତା' ପକ୍ଷ ନେଇ ମକଦ୍ଦମା ଲଢ଼ିଥାଏ। ଏହା ହିଁ ଓକିଲଙ୍କ ପେସା ବା ବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓସ୍ତ ପତର ପାନିଆଁ**
**ଚଉଧୁରୀ ଝିଅ କନିଆଁ**
**ସାଆନ୍ତରା ପୁଅ ବର**
**ଅଠର ଖଣ୍ଡ ବାଇଦ ବାଜେ ଢଙ୍ଗର ଢଙ୍ଗର ।**

ବଡ଼ଲୋକିଆ ବାହାଘର। ବଡ଼ଘର ଝିଅ, ବଡ଼ଘର ପୁଅ। ତେଣୁ ବାହାଘର ମଧ୍ୟ ସେଭଳି ଜାକଜମକିଆ ହେବା ସ୍ୱାଭାବିକ। ଥିଲାବାଲା ଘର ହେଲେ ବାହାଘରରେ ଖର୍ଚ୍ଚବାର୍ଚ୍ଚର କିଛି ସୀମା ନ ଥାଏ। ଟଙ୍କା ପଇସା ପାଣି ପରି ଖର୍ଚ୍ଚ କରାଯାଉଥିବା ଲକ୍ଷ୍ୟ କରାଯାଇଥାଏ। ଏକ ସମ୍ଭ୍ରାନ୍ତ ପରିବାର ମଧ୍ୟରେ ଅନୁଚିତ ହେଉଥିବା ବାହାଘରରେ ବାହ୍ୟଆଡମ୍ବର ପ୍ରତି ଅଧିକ ଦୃଷ୍ଟି ଦିଆଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଟେନ୍‌ବରୋଙ୍କୁ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର

ନୂଆଦିଲ୍ଲୀ, ୧୯।୧୧(ପି.ଟି.)

ବିଶିଷ୍ଟ ପ୍ରକୃତିବାଦୀ ତଥା ପ୍ରସାରକ ଭାବେ ଜଣାଶୁଣା ସାର୍ ଡେଭିଡ୍ ଆଟେନ୍‌ବରୋଙ୍କୁ ୨୦୧୯ ବର୍ଷର ଇନ୍ଦିରା ଗାନ୍ଧୀ ଶାନ୍ତି, ନିରସ୍ତ୍ରୀକରଣ ଓ ବିକାଶ ପୁରସ୍କାର ପ୍ରଦାନ କରାଯିବ। ତାଙ୍କ ନାମକୁ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ନେତୃତ୍ୱରେ ଗଠିତ ଅନ୍ତର୍ଜାତୀୟ ବିଚାରକମଣ୍ଡଳୀ ଓ ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟ୍ରଷ୍ଟ ଦ୍ୱାରା ମନୋନୀତ କରାଯାଇଛି। ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟ୍ରଷ୍ଟର ସମ୍ପାଦକ ସୁମନ୍ ଦୁବେ କହିଛନ୍ତି, ଆଟେନ୍‌ବରୋ ପୃଥିବୀରେ ନିରବଚ୍ଛିନ୍ନ ଭାବେ ପ୍ରକୃତି ସହ ଜଡ଼ିତ ହୋଇ ମାନବ ସମାଜକୁ ଜାଗ୍ରତ କରାଇବା ଓ ଜୈବ ବିପତ୍ତିରୁ ମଣିଷକୁ ରକ୍ଷାକରିବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛନ୍ତି।

## ରାଜ୍ୟ ସଭାରେ ସରୋଗେସି ବିଲ୍

### ସର୍ତ୍ତ କୋହଳ ଲାଗି ଦାବି

ନୂଆଦିଲ୍ଲୀ, ୧୯।୧୧(ପି.ଟି.)




ସରକାରଙ୍କ ପକ୍ଷରୁ ମଙ୍ଗଳବାର ରାଜ୍ୟ ସଭାରେ ସରୋଗାସି (ରେଗୁଲେଶନ) ବିଲ୍-୨୦୧୯ ଆଗତ କରାଯାଇଛି। ଏହା ଦେଶରେ ସରୋଗାସିକୁ ନିୟନ୍ତ୍ରଣ କରିବାରେ ସଫଳ ହେବ ବୋଲି କହି ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଏହାକୁ ଏକ ଗେମ୍ ଚେଞ୍ଜର ବୋଲି ମତ ଦେଇଛନ୍ତି। ହେଲେ ଏହି ବିଲ୍‌ରେ ରହିଥିବା କେତେକ ସର୍ତ୍ତ କୋହଳ ଲାଗି ବିଭିନ୍ନ ଦଳ ପକ୍ଷରୁ ଦାବିହୋଇଛି। ଆଲୋଚନାରେ ଭାଗନେଇ ଭାଜପା ନେତା ଏହାକୁ ପୁଣି ଷ୍ଟାଣ୍ଡିଂ କମିଟି ପାଖକୁ ପଠାଇବା ଲାଗି ମତ ଦେଇଥିଲେ। ବିଜେଡି ସଦସ୍ୟ ଅମର ପଟ୍ଟନାୟକ ଷ୍ଟାଣ୍ଡିଂ କମିଟିର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଗ୍ରହଣ କରାଯାଇ ନ ଥିବାରୁ ଏହାର ପୁନଃସମୀକ୍ଷା କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଜେଡିୟୁ ନେତା କେ. ପରୱିନ, ଡିଏମ୍‌କେ ନେତା ପି. ୱିଲ୍‌ଶନ୍ ପ୍ରମୁଖ ଏହାକୁ ବିରୋଧ କରିବା ସହ ସଂସଦୀୟ ସ୍ଥାୟୀ କମିଟିକୁ ପଠାଇବା ଲାଗି ମତ ଦେଇଥିଲେ। ପ୍ରକାଶଥାଉ କି, ଏହି ବିଲ୍ ଲୋକ ସଭାରେ ମୌସୁମୀ ଅଧିବେଶନରେ ପାସ୍ ହୋଇସାରିଛି।

## ପୀଡ଼ିତାଙ୍କ ପାଇଁ ୫୯୫ ଓସିଏସ୍

ନୂଆଦିଲ୍ଲୀ,୧୯।୧୧(ପି.ଟି.)

ଦେଶରେ ପୀଡ଼ିତାମାନଙ୍କ ପାଇଁ ୫୯୫ଟି ୱାନ୍ ଷ୍ଟପ୍ ସେଣ୍ଟର (ଓସିଏସ୍) ରହିଛି। ଶାରୀରିକ ଉତ୍ପୀଡ଼ନ ସହ ବିଭିନ୍ନ ଅପରାଧର ଶିକାର ହେଉଥିବା ମହିଳାମାନଙ୍କୁ ଏହି କେନ୍ଦ୍ରଗୁଡ଼ିକରେ ସହାୟତା ଦିଆଯାଉଛି। କାର୍ଯ୍ୟକ୍ଷମ ଥିବା ଓସିଏସ୍‌ଗୁଡ଼ିକରୁ ୨.୨୭ ଲକ୍ଷ ମହିଳାଙ୍କୁ ସେବା ପ୍ରଦାନ କରାଯାଇଛି ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଲୋକ ସଭାରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୧୫ ଏପ୍ରିଲ ୧ରୁ ଓସିଏସ୍ ଯୋଜନା କାର୍ଯ୍ୟକାରୀ ହେଉଛି। ସେଠାରେ ଡାକ୍ତରୀ ସେବା, ପୋଲିସ ସହାୟତା, ଆଇନଗତ ପରାମର୍ଶ, କୋର୍ଟ ମାମଲା ପରିଚାଳନା, ମନସ୍ତାତ୍ତ୍ୱିକ-ସାମାଜିକ କାଉନ୍‌ସେଲିଂ ଓ ଅସ୍ଥାୟୀ ଶିବିର ପୀଡ଼ିତାମାନଙ୍କୁ ପ୍ରଦାନ କରାଯାଉଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମୁଖ୍ୟତଃ ଶୁଖିଲା ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୮ | ୧୬.୮ |
| ଚାନ୍ଦବାଲି | ୨୯.୭ | ୧୯.୨ |
| କଟକ | ୩୦.୦ | ୧୮.୦ |
| ପାରାଦୀପ | ୨୯.୫ | ୨୦.୭ |
| ଭୁବନେଶ୍ୱର | ୩୦.୮ | ୧୮.୯ |
| ଗୋପାଳପୁର | ୩୩.୦ | ୨୧.୧ |
| ପୁରୀ | ୩୦.୨ | ୨୦.୬ |
| ଅନୁଗୋଳ | ୩୦.୭ | ୧୩.୦ |
| ବାରିପଦା | ୨୮.୫ | ୧୭.୦ |
| ଝାରସୁଗୁଡ଼ା | ୩୦.୦ | ୧୫.୫ |
| କେନ୍ଦୁଝର | ୨୮.୮ | ୧୫.୦ |
| ସମ୍ବଲପୁର | ୩୧.୭ | ୧୫.୮ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୩୧.୩ | ୧୭.୧ |
| ତାଳଚେର | ୩୩.୧ | ୧୮.୦ |
| ଭବାନୀପାଟଣା | ୨୯.୫ | ୧୬.୦ |
| ବଲାଙ୍ଗୀର | ୩୧.୦ | ୧୭.୦ |
| କୋରାପୁଟ | ୨୯.୦ | ୧୫.୦ |
| ଫୁଲବାଣୀ | ୨୯.୦ | ୧୨.୬ |
| ଟିଟିଲାଗଡ଼ | ୨୯.୦ | ୧୩.୧ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୩୦.୪ | ୧୩.୦ |
| ଦାରିଙ୍ଗିବାଡ଼ି | ୨୭.୫ | ୧୨.୦ |

ଡିଗ୍ରୀ ସେଲ୍‌ସିୟସ୍


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ରଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ ।ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BUSINESS

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ 90 ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

EDUCATION

SPOT ADMISSION
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Form fill-up fees & Weekend Class
NIDT
NO-1 B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

DHARITRI Career appointment Every Wednesday and Saturday

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday



"ନିଜର ସ୍ୱପ୍ନକୁ ହାତ ପାହାନ୍ତାରେ ପାଇସାରିଥିବା ମହିଳାମାନେ ଅନ୍ୟ ମହିଳାଙ୍କୁ ସଶକ୍ତ କରିବା ଓ ସେମାନଙ୍କ ସ୍ୱପ୍ନକୁ ସାକାରକରିବା ଲାଗି ସହଯୋଗ କରିବା ଆବଶ୍ୟକ।
-ଶ୍ରଦ୍ଧା କପୁର,
ବଲିଉଡ୍ ଅଭିନେତ୍ରୀ



# ବୟଫ୍ରେଣ୍ଡଙ୍କୁ ବିବାହ ଲାଗି ୬ ମାସ ନିଅନ୍ତି ଯୁବତୀ

**ସିକାଗୋ :** ବିବାହ ଜୀବନର ଏକ ନୂଆ ଅଧ୍ୟାୟ ବୋଲି କୁହାଯାଏ। ତେବେ ଯେଉଁ ଯୁବତୀଙ୍କର ବୟଫ୍ରେଣ୍ଡ୍ ବା ପୁରୁଷ ବନ୍ଧୁ ଥାଆନ୍ତି ଓ ସେମାନେ ତାଙ୍କୁ ବିବାହ କରିବାକୁ ଚାହାନ୍ତି ସେଥିପାଇଁ ସେମାନେ ବେଶ୍ କିଛି ସମୟ ଚିନ୍ତା କରନ୍ତି ବୋଲି ଗବେଷକମାନେ କହିଛନ୍ତି। ନିକଟରେ ସିକାଗୋ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଗବେଷଣାରୁ ଏହା ଜଣାପଡିଛି। ଗବେଷକଙ୍କ ମତରେ ଯେଉଁମାନେ ସିଙ୍ଗଲ୍ ଥାଆନ୍ତି ସେମାନେ ୨୧୦ ଦିନ ସମୟ ନେଇ ଭାବନ୍ତି ବୟଫ୍ରେଣ୍ଡଙ୍କୁ ବିବାହ କରିବେ ନା ନାହିଁ। କିନ୍ତୁ ଯେଉଁମାନେ ରିଲେସନଶିପ୍‌ରେ ଥାଆନ୍ତି, ସେମାନେ ବିବାହ କରିବାକୁ ଅତିକମ୍‌ରେ ୧୭୨ ଦିନ ଅବା ପ୍ରାଖାପାଖି ୬ ମାସ ସମୟ ନିଅନ୍ତି ବୋଲି ଗବେଷଣାରେ ଉଲ୍ଲେଖ କରାଯାଇଛି। ଗବେଷକଙ୍କ କହିବା କଥା ହେଲା, ପ୍ରେମରେ ପଡିଲେ ପ୍ରଥମ ୩ ମାସ ହନିମୁନ ଭଳି ଲାଗେ। ଏଥିରେ ପରସ୍ପରର କଥା କିଛି ଅଡୁଆ ଲାଗି ନ ଥାଏ। କିନ୍ତୁ ୩ ମାସ ପରେ ଧିରେ ଧିରେ ଜଣେ ବ୍ୟକ୍ତିଙ୍କ ଅସଲ ଗୁଣଗୁଡିକ ଜଣାପଡିଥାଏ। ଅର୍ଥାତ୍ ତାଙ୍କୁ କ'ଣ ପସନ୍ଦ କ'ଣ ପସନ୍ଦ ନୁହେଁ ଇତ୍ୟାଦି। ତେଣୁ ଏହାପରେ ହିଁ ଜଣେ ଯୁବତୀ ତାଙ୍କ ବୟଫ୍ରେଣ୍ଡଙ୍କୁ ବିବାହ କରିବାକୁ ସ୍ଥିର କରିଥାଆନ୍ତି। ଆହୁରି ମଧ୍ୟ ଯଦି ପ୍ରଥମରୁ ବିବାହ ପାଇଁ ହଁ ଭରିଦିଅନ୍ତି ଏହାକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ପାଖାପାଖି ୧୭୨ ଦିନ ସମୟ ଲାଗେ ବୋଲି ଗବେଷକମାନେ କହିଛନ୍ତି। ଯଦି ପ୍ରଥମରୁ କେହି ବୟଫ୍ରେଣ୍ଡଙ୍କୁ ବିବାହ କରନ୍ତି, ତେବେ ଅଧିକାଂଶ କ୍ଷେତ୍ରରେ ଏହି ସମ୍ପର୍କ ଦୀର୍ଘସ୍ଥାୟୀ ହୋଇ ନ ଥାଏ ବୋଲି ଗବେଷଣାରେ ଉଲ୍ଲେଖ କରାଯାଇଛି।



# ସଂକଳ୍ପର ଦିନଟିଏ

## ସାର୍ବଜନୀନ ଶିଶୁ ଦିବସ

୨୦ ନଭେମ୍ବର ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୧୯୫୯ରେ ଏହି ଦିନ ଜାତିସଂଘ ସାଧାରଣ ପରିଷଦ ଶିଶୁ ଅଧିକାର ଘୋଷଣାନାମାକୁ ଗ୍ରହଣ କରିଥିଲା। ୧୯୮୯ରେ ଠିକ୍ ଏହି ଦିନ ମଧ୍ୟ ଜାତିସଂଘ ସାଧାରଣ ପରିଷଦ ଶିଶୁ ଅଧିକାର ସମ୍ମିଳନୀକୁ ସ୍ୱୀକୃତି ଦେଇଥିଲା। ଏଣୁ ୨୦ ନଭେମ୍ବରରେ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଉଛି। ବିଶ୍ୱସ୍ତରରେ ଶିଶୁମାନଙ୍କ ଅଧିକାର ସମ୍ବନ୍ଧରେ ସଚେତନତା ଆଣିବା ତଥା ଏକତା ବଢାଇବା ଲକ୍ଷ୍ୟରେ ଏହାକୁ ପାଳନ କରାଯାଉଛି। ପିଲାମାନଙ୍କ ପାଇଁ ବିଭିନ୍ନ ଦେଶରେ ଲାଗୁ କରାଯାଇଥିବା ଭିନ୍ନ ଭିନ୍ନ କଲ୍ୟାଣକାରୀ ଯୋଜନାକୁ ଆଗକୁ ନେବାରେ ଏହି ଦିବସର ପ୍ରମୁଖ ଭୂମିକା ରହିଛି। ଏହି ଦିବସ ସମାଜ, ରାଷ୍ଟ୍ର ତଥା ଗୋଷ୍ଠୀ ଲାଗି ବହୁ ଉପଯୋଗୀ ସାବ୍ୟସ୍ତ ହୋଇଛି। ମତାପିତା,ଶିକ୍ଷକ,ନର୍ସ ଏବଂ ଡାକ୍ତର,ସରକାର, ସାମାଜିକ କର୍ମୀ,ଧାର୍ମିକ ଗୁରୁ, ବ୍ୟବସାୟୀ, ଗଣମାଧ୍ୟମ, ଯୁବକ ତଥା ଶିଶୁମାନେ ଏହି ଦିବସରେ ମୁଖ୍ୟ ଭୂମିକା ନର୍ବାହ କରିଆସୁଛନ୍ତି। ଶିଶୁମାନଙ୍କ ଲାଗି ଏକ ସୁନ୍ଦର ବିଶ୍ୱ ନିର୍ମାଣ କରିବା ପାଇଁ ଏହି ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅୟୋଜନ କରାଯାଏ। ଚଳିତ ବର୍ଷ ଶିଶୁ ଅଧିକାର ସମ୍ମିଳନୀର ୩୦ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏହା ପାଳନ କରାଯିବା ସହ ଶିଶୁ ଅଧିକାର କାର୍ଯ୍ୟକାରୀ କରିବା ଲାଗି ଦାବି କରିବାର ଏକ ସୁବର୍ଣ୍ଣ ସୁଯୋଗ ଓ ଉପଯୋଗୀ ସମୟ ବୋଲି ବିଚାର କରାଯାଏ। ବର୍ଷର ଭିନ୍ନ ଭିନ୍ନ ତାରିଖରେ ବିଭିନ୍ନ ଦେଶରେ ଶିଶୁ ଦିବସ ପାଳନ କରାଯାଉଥିଲେ ସାର୍ବଜନୀନ ଶିଶୁ ଦିବସ ୨୦ ନଭେମ୍ବରରେ ପାଳନ କରାଯାଉଛି। ୨୦୧୫ ସୁଦ୍ଧା ଏଚ୍ଆଇଭି/ ଏଡ୍ସ ସଂକ୍ରମଣ ବନ୍ଦ କରିବା ପାଇଁ ସହସ୍ରାବ୍ଦ ବିକାଶ ଲକ୍ଷ୍ୟ ବିଶ୍ୱ ନେତାମାନେ ସ୍ଥିର କରିଥିଲେ। ଏହାର ୮ଟି ଲକ୍ଷ୍ୟରୁ ୬ଟି ଯାହା ୧୯୮୯ରେ ମାନାବାଧିକାର ଚୁକ୍ତିରେ ଲିପିବଦ୍ଧ ହୋଇଥିବା ମୌଳିକ ଅଧିକାର ମଧ୍ୟରେ ପିଲାଙ୍କ ଅଧିକାର ଲାଗି ଅଭିପ୍ରେତ ତାହାକୁ ହାସଲ କରିବା ଲାଗି ୟୁନିସେଫ୍ ଜୋର ଦେଇଛି। ଏହା ମଧ୍ୟ ଶିଶୁଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଲାଗି ନୀତ ନିର୍ଦ୍ଧାରକଙ୍କ ସହଯୋଗରେ ଆଗେଇ ନେଉଛି। କେବଳ ସାର୍ବଜନୀନ ଶିଶୁ ଦିବସ ଏକ ଦିବସ ଭାବେ ପାଳନ କରାଯାଉନି , ବରଂ ଏହା ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନା,ଶୋଷଣ ,ବାଛବିଚାର ତଥା ଶିଶୁ ଶ୍ରମିକ ବିରୋଧରେ ସଚେତନତା ସୃଷ୍ଟି କରିବାରେ ପ୍ରୟାସରତ। ଏବେ ସୁଦ୍ଧା ବିଶ୍ୱରେ ୫ରୁ ୧୪ ବର୍ଷ ବୟସ ମଧ୍ୟରେ ୧୫୩ ମିଲିୟନ ଶିଶୁଙ୍କୁ ଜୋର ଜବରଦସ୍ତ ଶ୍ରମିକ କରାଯାଉଛି। ଏହାକୁ ଶେଷ କରିବା ଲାଗି ୧୯୯୯ରେ ବିଶ୍ୱ ଶ୍ରମିକ ସଂଗଠନ ଏଥିପାଇଁ ଆଇନ ପ୍ରଣୟନ କରିଥିଲା। ଶିଶୁଙ୍କ ସୁରକ୍ଷା ଲାଗି ବିଶ୍ୱରେ ଗ୍ରହଣ କରାଯାଉଥିବା ସମସ୍ତ ଆଇନ ଓ ସେମାନଙ୍କ ବିକାଶ ପାଇଁ ଲାଗୁ କରାଯାଉଥିବା ଯୋଜନାକୁ ଆଗକୁ ନେବା ଲାଗି ଏହି ଦିବସ ସ୍ମରଣ କରାଇଦିଏ। ଏହି ଦିନ ଶିଶୁଙ୍କ ବିକାଶ ଲଗି ସଂକଳ୍ପ ନେବାର ଦିନଟିଏ ବୋଲି ଗ୍ରହଣ କରିବା ଚାହି।





# ଜୀବନ ଲାଗି ଯାତ୍ରା ୩ ଘଣ୍ଟା ୩୦ ମିନିଟ୍

**ଫରିଦାବାଦ:** ନଭେମ୍ବର ୧୮ ରାତି ଅନ୍ୟମାନଙ୍କ ପାଇଁ ସମାନ୍ୟ ରହିଥିବାବେଳେ ୧୮ ବର୍ଷ ବୟସର ଜଣେ ଯୁବକଙ୍କ ଲାଗି ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଫରିଦାବାଦର ସର୍ବୋଦୟ ହସ୍ପିଟାଲ ଆଣ୍ଡ ରସର୍ଚ୍ଚ ସେଣ୍ଟର୍‌ରେ ଅକ୍ୟୁଟ ଲିମ୍ଫୋସାଇଟିକ୍ ଲ୍ୟୁକୋମିଆ(ଏଏଲ୍ଏଲ୍)ରେ ପୀଡିତ ଯୁବକଙ୍କୁ ମିଳିଲା ନୂଆ ଜୀବନ। ବୋନ୍ ମ୍ୟାରୋ ସେଲ୍ ଅନ୍ୟ ସ୍ଥାନରୁ ଅଣାଯାଇ ଏହି ହସ୍ପିଟାଲରେ ପ୍ରଥମେ ପ୍ରତିରୋପଣ କରାଯାଇଛି। ପୂର୍ବରୁ ବୋନ୍‌ମ୍ୟାରୋ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଗ୍ରହଣ କରାଯାଇ ପ୍ରତିରୋପଣ କରାଯାଉଥିଲା। କିନ୍ତୁ ଏହି କ୍ଷେତ୍ରରେ ରୋଗୀ ଓ ଡୋନରଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ଅହମଦାବାଦସ୍ଥିତ ଆପୋଲ ହସ୍ପିଟାଲରୁ ୩ ଘଣ୍ଟା ୩୦ ମିନଟରେ ଏହାକୁ ଆଣି ସର୍ବୋଦୟ ହସ୍ପିଟାଲରେ ପହଞ୍ଚା ଯାଇଥିଲା। ଏହି ପ୍ରତିରୋପଣରେ ଡୋନର ସଂସ୍ଥା, ଆପୋଲ ହସ୍ପିଟାଲ ଓ ଏୟାରପୋର୍ଟ ଏବଂ ଟ୍ରାଫିକ ପୋଲିସଙ୍କର ପ୍ରମୁଖ ଭୂମିକା ରହିଥିଲା। ଏକ୍ସ-ରେ ଦ୍ୱାରା ବୋନ୍ ମ୍ୟାରୋ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଥିବାରୁ ସବୋଦୟ ହସ୍ପିଟାଲର କ୍ୟାନ୍ସର ଏବଂ ବୋନ୍‌ମ୍ୟାରୋ ବିଭଗର ମୁଖ୍ୟ ଡା.ସୁମନ୍ତ ଗୁପ୍ତାଙ୍କ ନେତୃତ୍ୱରେ ଏକ ଟିମ ଏହାକୁ ଖୁବ୍ ସତର୍କତାର ସହ ଅଣି ରାତି ୧୨ଟା ୫୪ ମିନିଟରେ ପହଞ୍ଚିବା ପରେ ପ୍ରତିରୋପଣ କରାଯାଇଥିଲ। ରୋଗୀଙ୍କ ଜୀବନ ବଞ୍ଚାଇବା ଲାଗି ସଫଳ ଯାତ୍ରା ଓ ସଫଳ ପ୍ରତିରୋପଣ ପରେ ଉଭୟ ରୋଗୀ ଓ ଡୋନର୍‌ଙ୍କ ନାମ ଗୁପ୍ତ ରଖାଯାଇଛି।

## ୫୦୦ ବର୍ଷ ପରେ

# ପଗଡ଼ି ବାନ୍ଧିବେ, ଚମଡା ଜୋତା ପିନ୍ଧିବେ

**ଅଯୋଧ୍ୟା:** ରାମ ଜନ୍ମଭୂମି ବାବ୍ରି ମସଜିଦ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇବା ପରେ ଅଯୋଧ୍ୟାରେ ଏକ ବିଚିତ୍ର ପରମ୍ପରାର ଅବସାନ ଘଟିବାକୁ ଯାଉଛି। ଅଯୋଧ୍ୟା ନିକଟସ୍ଥ ପୂରା ବଜାର ଓ ଏହାର ଆଖପାଖ ୧୦୫ଟି ଗାଁର ସୂର୍ଯ୍ୟବଂଶୀ କ୍ଷତ୍ରିୟ ପରିବାର ୫୦୦ ବର୍ଷ ପରେ ମୁଣ୍ଡରେ ପଗଡ଼ି ବାନ୍ଧିବା ସହ ଚମଡା ଜୋତା ପିନ୍ଧିବେ। ରାମ ମନ୍ଦିର ନିର୍ମାଣର ସଂକଳ୍ପ ଏବେ ପୂରଣ ହୋଇଥିବାରୁ ସେମାନେ ଏହା ପାଳନ କରିବେ। ରାମ ମନ୍ଦିର ଉପରେ ଆକ୍ରମଣ ହେବା ପରେ ଯେ ପର୍ଯ୍ୟନ୍ତ ମନ୍ଦିର ପୁଣି ନିର୍ମାଣ କରା ନ ଯାଇଛି ସେବେଯାଏ ସେମାନେ ଜୋତା ପିନ୍ଧିବେନି କି ପଗଡି ବାନ୍ଧିବେନି ବୋଲି ଶପଥ ନେଇଥିଲେ। ଅଯୋଧ୍ୟା ସମେତ ବସ୍ତି ଜିଲାର ୧୦୫ଟି ଗାଁରେ ସୂର୍ଯ୍ୟବଂଶୀ କ୍ଷତ୍ରିୟ ସମୁଦାୟର ପ୍ରାୟ ଦେଢ ଲକ୍ଷ ଲୋକ ରହିଛନ୍ତି। ଦୀର୍ଘ ବର୍ଷ ହେବ ଏମାନେ ବାହାଘରରେ ପଗଡି ବାନ୍ଧିନାହାନ୍ତି। କିନ୍ତୁ ବାହାଘର ସମୟରେ କନ୍ୟା ମଥାରେ ଏକ ଛୋଟ ପଗଡି ବାନ୍ଧିଦିଆଯାଏ। ଜୋତା କିମ୍ବା ଚପଲ ନ ପିନ୍ଧିବା ପାଇଁ ଏମାନଙ୍କ ପୂର୍ବପିଢି ଯେବେଠୁ ଶପଥ ନେଇଥିଲେ ସେବେଠାରୁ ଚମଡା ପୂରା ବନ୍ଦ କରାଯାଇଥିଲା। ଏଥିପାଇଁ ସେମାନେ କଠଉ ପିନ୍ଧୁଥିଲେ। ବିନା ଚମଡା ଜୋତା କିମ୍ବା ଚପଲରେ ଲୋକଙ୍କୁ ଦେଖିଲେ ସେମାନେ ସୂର୍ଯ୍ୟବଂଶୀ ବୋଲି ଲୋକେ ଜାଣିପାରନ୍ତି। ଏବେ ଏଠହି ଗାଁଗୁଡିକରେ ସାଧାରଣ ସଭାମାନ ଆୟୋଜିତ କରାଯିବା ସହ ଲୋକମାନଙ୍କୁ ପଗଡ଼ି ବାଣ୍ଟିବା କାର୍ଯ୍ୟ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ୪୦୦ ପଗଡ଼ି ବଣ୍ଟାଗଲାଣି। କୋର୍ଟଙ୍କ ଫଇସଲାରେ ଖୁସି ହେବା ସହ ଭବ୍ୟ ମନ୍ଦିର ନିର୍ମାଣ ଅପେକ୍ଷାରେ ରହିଛନ୍ତି ସୂର୍ଯ୍ୟବଂଶୀ ବଂଶଧର।





# ସ୍କୁଲରେ ଶିକ୍ଷୟିତ୍ରୀଙ୍କ ପାଇଖାନା ଚିନ୍ତା

କହିବା ଓ କରିବା ମଧ୍ୟରେ ଆକାଶପାତାଳ ପ୍ରଭେଦ ରହିଛି। କିନ୍ତୁ କାର୍ଯ୍ୟ କରିବାର ପ୍ରଭାବ ସମସ୍ତଙ୍କୁ ଛୁଇଁପାରେ ଯାହା କରି ଦେଖାଇଛନ୍ତି ଜଣେ ଶିକ୍ଷୟିତ୍ରୀ। ତାଙ୍କ ନାଁ ଲକ୍ଷ୍ମୀ ପୋଦ୍ରୀ। ମଧ୍ୟପ୍ରଦେଶ ଶାହପୁର ଅନ୍ତର୍ଗତ ସହଜପୁର ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସେ କାର୍ଯ୍ୟ କରୁଛନ୍ତି। ୨୦୧୨ରୁ ସେ ଏହି ସ୍କୁଲ୍‌ରେ ରହିଛନ୍ତି। ସ୍କୁଲକୁ ଆସିବା କ୍ଷଣି ପରିବେଶ ଓ ପାଇଖାନା ଚିନ୍ତା କରୁଛନ୍ତି। ସରକାରୀ ସ୍କୁଲର ଅବସ୍ଥା କେମିତି ରହେ ତାହା ସମସ୍ତେ ଜାଣନ୍ତି। ମୁଖ୍ୟତଃ ଗ୍ରାମାଞ୍ଚଳ ସ୍କୁଲ୍‌ଗୁଡିକରେ ଶିକ୍ଷକଙ୍କ ଅଭାବ ସାଙ୍ଗକୁ ସ୍କୁଲ୍‌ର ଅନ୍ୟ କାର୍ଯ୍ୟ କରିବା ଲାଗି ଷ୍ଟାଫ୍ ନ ଥାନ୍ତି। ଏହି ବ୍ୟବସ୍ଥା ମଧ୍ୟରେ ସ୍କୁଲକୁ ସଫାସୁତୁରା ରଖିବା ମୁସ୍କିଲ। କିନ୍ତୁ ଲକ୍ଷ୍ମୀ ପ୍ରତିଦିନ ସ୍କୁଲ୍‌କୁ ଆସିବା କ୍ଷଣି ପ୍ରଥମେ ପାଇଖାନା ସଫା କରୁଛନ୍ତି। ସ୍କୁଲ୍ ପରିସରକୁ ଝାଡୁ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ଦେଖି ସ୍କୁଲ୍ ପିଲା, ଶିକ୍ଷକ ତଥା ଗ୍ରାମବାସୀମାନେ ବି ଝାଡୁ ଧରି ସଫାରେ ଲଗିପଡୁଛନ୍ତି।

ଲକ୍ଷ୍ମୀଙ୍କ କାର୍ଯ୍ୟ ସ୍ୱଚ୍ଛତାରେ ସୀମିତ ରହିନାହିଁ। ପିଲାମାନେ ଆଉ ମଧ୍ୟାହ୍ନଭୋଜନ ତଳେ ବସି ଖାଉନାହାନ୍ତି। ଏହାର ବିକଳ୍ପ ଭାବେ ବେଞ୍ଚ- ଟେବୁଲ ବ୍ୟବସ୍ଥା ମଧ୍ୟ କରାଯାଇଛି। ନିଜ ଦରମାରେ ଲକ୍ଷ୍ମୀ ଏହାକୁ କିଣିଛନ୍ତି। ଛାତ୍ରୀମାନଙ୍କ ସୁରକ୍ଷା ଲାଗି ସ୍କୁଲ୍‌ରେ ୪ଟି କ୍ୟାମେରା ମଧ୍ୟ ଲଗାଇଛନ୍ତି।

# ନ୍ୟୁୟର୍କରେ ଛୁଟି କାଟୁଛନ୍ତି ସାରା



**ମୁମ୍ବାଇ:** ବଲିଉଡ୍‌ର ପପୁଲାର୍ ଷ୍ଟାର୍-କିଡ୍‌ଙ୍କ ମଧ୍ୟରୁ ସାରା ଅଲୀ ଖାନ୍ ଅନ୍ୟତମ। କେବଳ ଷ୍ଟାର୍-କିଡ୍ ଭାବେ ନୁହେଁ, ଭଲ ବ୍ୟବହାର ସାଙ୍ଗକୁ ଦମଦାର୍ ଅଭିନୟ ଏବଂ ନିଜର ସ୍ୱତନ୍ତ୍ର ଷ୍ଟାଇଲ୍ ପାଇଁ ମଧ୍ୟ ସାରା ସବୁବେଳେ ଚର୍ଚ୍ଚାରେ ରହିଆଆନ୍ତି। ଏହାସହ ଆକ୍ଟର କାର୍ତ୍ତିକ ଆର୍ଯ୍ୟନଙ୍କ ସହ ତାଙ୍କ ରିଲେଶନଶିପ୍‌କୁ ନେଇ ମଧ୍ୟ ଅନେକ ସମୟ ପର୍ଯ୍ୟନ୍ତ ସାରା ଚର୍ଚ୍ଚାରେ ଥିଲେ। ହେଲେ ନିକଟରେ ଉଭୟଙ୍କ ମ୍ୟୁଚୁଆଲ୍ ବ୍ରେକ୍‌ଅପ୍ ହୋଇଯାଇଥିବା ଜଣାପଡ଼ିଛି। ସାରାଙ୍କୁ ଯୁବପିଢ଼ି ବହୁତ ପସନ୍ଦ କରିଥାନ୍ତି। ଏଥିପାଇଁ ସୋସିଆଲ ମିଡିଆରେ ସେ ସବୁବେଳେ ରୁହନ୍ତି ଅପଡେଟ୍। ତେବେ ନୱାବ୍ ପରିବାରର ତନୟା ସାରା ଆଜିକାଲି ନ୍ୟୁୟର୍କରେ ଛୁଟି କାଟୁଛନ୍ତି। ଭାରତ ପରେ ନ୍ୟୁୟର୍କରେ ସମୟ କାଟିବାକୁ ସେ ଅଧିକ ପସନ୍ଦ କରନ୍ତି। କାରଣ ସେଠାରେ ହିଁ ସାରା ନିଜ ପାଠପଢ଼ା ସାରିଛନ୍ତି। ନିଜ ନ୍ୟୁୟର୍କ ଟ୍ରିପ୍‌ର ଫଟୋଗୁଡ଼ିକୁ ସାରା ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି, ଯାହାକୁ ଲୋକ ପସନ୍ଦ ମଧ୍ୟ କରୁଛନ୍ତି। ଫଟୋଗୁଡ଼ିକରୁ ସେ ଖୁବ୍ ମସ୍ତି କରୁଥିବା ଜଣାପଡୁଛି। ଏହି ଭେକେଶନ୍ ଟ୍ରିପ୍‌ରେ ସେ କେବଳ ପାର୍ଟି କରୁନାହାନ୍ତି ବରଂ ନିଜ ଜିମ୍ ସେଡ୍ୟୁଲ୍ ମଧ୍ୟ ନିୟମିତ ରଖିଛନ୍ତି। ସେଠାକାର ଲୋକାଲ୍ କାଫେ, ପବ୍ସ୍, ପିଜ୍ଜା ଜଏଣ୍ଟସ୍ ଆଦି ସ୍ଥାନକୁ ବୁଲିଯାଇ ଫଟୋ ଶେୟାର କରିଛନ୍ତି। ଏହାସହ ନ୍ୟୁୟର୍କ ସହରର ରାସ୍ତାରେ ବୁଲୁଥିବା ସମୟର ଫଟୋ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ସ୍ଲିଙ୍ଗ୍ ବ୍ୟାଗ୍ ଧରିଥିବାବେଳେ ବ୍ଲାକ୍ ଡେନିମ୍, ପିଙ୍କ୍ ୱିନ୍ଟର ଜ୍ୟାକେଟ୍, ପିଙ୍କ ଟି-ଶାର୍ଟ, ଲାଇଟ୍ ପିଙ୍କ୍ ସ୍କାର୍ଫ୍ ଆଉ ବ୍ଲାକ୍ ବୁଟ୍ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହି ଲୁକ୍‌ରେ ସେ ଖୁବ୍ ଷ୍ଟାଇଲିସ୍ ଦେଖାଯାଉଛନ୍ତି।

# ବାଇସପ୍‌ରେ ଭର୍ତ୍ତି କରିଦେଲେ ୬ ଲିଟର ଭେସ୍‌ଲିନ୍

## ବଡିବିଲ୍ଡିଂ ମାନିଆ

**ମସ୍କୋ:** ସମସ୍ତଙ୍କୁ ଲୋଡ଼ା ଆକର୍ଷଣୀୟ ଚେହେରା। ଏଥିପାଇଁ ସୁଠାମ ଶରୀର ଗଠନ ନିଶାରେ ପଡ଼ିଛନ୍ତି ଯୁବପିଢ଼ି। ହେଲେ ପରିଶ୍ରମ ନୁହେଁ, ବରଂ କମ୍‌ଦିନରେ ନିଜର ମାଂସପେଶୀ ସୃଦୃଢ଼ କରିବାକୁ ସହଜ ସୁବିଧା ଉପାୟ ଖୋଜୁଛନ୍ତି ସେମାନେ। ହେଲେ କାର୍ଟୁନ କାରେକ୍ଟର ପୋପେୟାଙ୍କ ଭଳି ରାତାରାତି ବଡି ଗଠନ ନିଶାରେ ବାଇସପ୍‌ରେ ୬ଲିଟର ଭେସ୍‌ଲିନ୍ ଭର୍ତ୍ତି କରି ଜୀବନକୁ ବିପଦ ମୁହଁକୁ ଠେଲିଦେଇଛନ୍ତି ଜଣେ ରୁଷୀୟ ଯୁବକ। ଶରୀରରେ ମାତ୍ରାଧିକ ଭେସ୍‌ଲିନ୍ ମୃତ୍ୟୁର କାରଣ ହୋଇପାରେ ବୋଲି ଡାକ୍ତର ଚେତାବନୀ ଦେବା ପରେ ବାଧ୍ୟ ହୋଇ ସେ ଅପରେଶନ କରାଇଛନ୍ତି। ତଥାପି ତାଙ୍କ ଅବସ୍ଥା ସଙ୍ଗିନ ରହିଛି। ବାଇସପ୍ ପାଇଁ ଏପରି ପାଗଳପଣ କରିଥିବା ଯୁବକ ଜଣକ ହେଲେ ୨୩ବର୍ଷୀୟ କେରିଲ ତେରେଶିନ। କାରିଲ ଜଣେ ମିକ୍ସଡ ମାର୍ଶଲ ଆର୍ଟ (ଏମଏମ୍ଏ) ଫାଇଟର। ଏହି ମାର୍ଶଲ ଆର୍ଟରେ ଭାଗ ନେଉଥିବା ପ୍ରତିଯୋଗୀଙ୍କ ପାଇଁ ବଡି ଗଠନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସେ କଡ଼ା ଅଭ୍ୟାସ ଜାରି ରଖିଥିଲେ। ଏହା ସତ୍ତ୍ୱେ ବାଇସପ୍ ଗଠନକୁ ନେଇ ସନ୍ତୁଷ୍ଟ ନ ଥିଲେ କାରିଲ। ଏହାପରେ ସେ ବାଇସପ୍‌କୁ ଅସ୍ୱାଭାବିକ ଭାବେ ବଢ଼ାଇବା ପାଇଁ ଇଞ୍ଜେକ୍ସନ ସହାୟତାରେ ପେଟ୍ରୋଲିୟମ ଜେଲି (ଭେସ୍‌ଲିନ୍) ଭର୍ତ୍ତି କରିଥିଲେ। ଗୋଟିଏ ବାହୁରେ ୩ କେଜି ଲେଖାଏ ଭେସଲିନ୍ ଭର୍ତ୍ତି କରିବା ପରେ ତାଙ୍କର ବାଇସପ୍ କାର୍ଟୁନ କାରେକ୍ଟର ପୋପେୟାଙ୍କ ଭଳି ଫୁଲିଗଲା ସତ, ହେଲେ ଏହାର ସାଂଘାତିକ କୁପ୍ରଭାବ ପଡ଼ିଲା ତାଙ୍କ ଶରୀର ଉପରେ।

ବାଇସପ୍‌ରୁ ତୁରନ୍ତ ଭେସ୍‌ଲିନ୍ ବାହାର କରା ନ ଗଲେ ତେରେଶିନଙ୍କ ମୃତ୍ୟୁ ହୋଇଯିବ ବୋଲି ଚେତାଇଦେଲେ ଡାକ୍ତର। ଏହା କରିବାକୁ ପ୍ରଥମେ ସେ ଅରାଜି ଥିଲେ। ବହୁ ବୁଝାଶୁଝା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ତଥାପି ସେ ସମ୍ପୂର୍ଣ୍ଣ ବିପଦମୁକ୍ତ ନ ଥିବା ଡାକ୍ତର କହିଛନ୍ତି। ବାଇସପ୍‌ରେ ଭର୍ତ୍ତି ହୋଇଥିବା ଭେସ୍‌ଲିନ ଯୋଗୁ ତାଙ୍କର ଟିସ୍ୟୁ ନଷ୍ଟ ହୋଇଯାଇଛି। ହାତର ବିଭିନ୍ନ ସ୍ଥାନକୁ ରକ୍ତ ସଞ୍ଚାଳନ ବନ୍ଦ ହୋଇଯାଇଛି। ତାଙ୍କୁ ପ୍ରବଳ ଜ୍ୱର ହେଉଛି। ଦିନକୁ ଦିନ ସେ ଦୁର୍ବଳ ହୋଇପଡୁଛନ୍ତି। ଭେସ୍‌ଲିନ ଭଳି ବାହ୍ୟ ବ୍ୟବହୃତ କସ୍‌ମେଟିକ୍ ସାମଗ୍ରୀକୁ ଆଭ୍ୟନ୍ତରୀଣ ଅଙ୍ଗରେ ବ୍ୟବହାର କରିବାର ଫଳ ଭୋଗୁଛନ୍ତି ତେରେଶିନ। ସାମୟିକ ଆବେଗରେ ଆସି ଏପରି କାର୍ଯ୍ୟ ନ କରିବାକୁ ଡାକ୍ତରମାନେ ଦେଶର ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି।





"ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ପ୍ରଦୀପ ସେବା ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ, ଗୀତ ଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ କନଷ୍ଟ୍ରକଶନ ୱାର୍କର୍ସ ଫେଡେରେଶନ ପକ୍ଷରୁ ଶୋଭାଯାତ୍ରା, ଶ୍ରମ କମିଶନର କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ୟୁନାଇଟେଡ ନେଶନ୍ସ କନଭେନଶନ ଅନ ଦ ରାଇଟ୍ସ ଅଫ ଦ ଚାଇଲ୍ଡ(ୟୁଏନସିଆରସି)ର ୩୦ତମ ବାର୍ଷିକ ଉତ୍ସବ, ଇଉ୍କଲ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା।
- ଆର୍କିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ୱାର୍କର୍ସ ୟୁନିୟନ ପକ୍ଷରୁ ଧାରଣା, ସାମନ୍ତରାପୁର, ପୂର୍ବାହ୍ନ ୧୧ଟା।
- କ୍ୟାମ୍ପେନ ଫର ସରଭାଇଭଲ ଆଣ୍ଡ ଡିଗନିଟି(ସିଏସ୍‌ଡି) ପକ୍ଷରୁ ବିକ୍ଷୋଭ, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ମହତ୍ତ୍ୱ ଫାଉଣ୍ଡେଶନ ପକ୍ଷରୁ ପ୍ରତିଭା ଆଶ୍ରମର ୭ମ ବାର୍ଷିକ ଉତ୍ସବ, ପ୍ରତିଭା ଆଶ୍ରମ, ଡୁମଡୁମା, ଅପରାହ୍ନ ୪ଟା।
- ଅବନ୍ତିକା ଏକାଡେମୀ ଅଫ କଲଚରାଲ ଆଣ୍ଡ ସୋସିଆଲ ୱେଲଫେର ପକ୍ଷରୁ ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ସୁଧନ୍ୟା ପ୍ରକାଶନୀର ପୁସ୍ତକ ପାଠକାର୍ପଣ ଏବଂ କବିତା ପାଠୋତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲର ବାର୍ଷିକ ମ୍ୟୁଜିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ୟୁନିସେଫ ଓଡ଼ିଶା ଓ ଆଇନା ପକ୍ଷରୁ 'କଲ୍ପଲ ଆୱାର୍ଡସ', ହୋଟେଲ କ୍ରାଉନ, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୩୦।

**କଟକ**

- ସାମାଜିକ କର୍ମୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ୧୯ତମ ବାର୍ଷିକ ସ୍ମୃତିସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ପୁରୀ**

- ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା, ଜି.ଏମ୍. ଆଇନ ମହାବିଦ୍ୟାଳୟ, ଇନ୍‌ଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମହାନଦୀ ବସ୍ ଦୁର୍ଘଟଣାକୁ ବର୍ଷେ ପୂରିଲା

# ସାର୍ବଜନୀନ ହୋଇନି ତଦନ୍ତ ରିପୋର୍ଟ



- କାର୍ଯ୍ୟକାରୀ ହେଉନି କଟକଣା
- ଏବେ ବି ସେତୁ ଉପରେ ଦ୍ରୁତଗତିରେ ଯାଉଛି ଗାଡ଼ି

**କଟକ ଅଫିସ, ୧୯।୧୧**

୨୦୧୮ ନଭେମ୍ବର ୨୦। ସେଦିନ ଥାଏ ମଙ୍ଗଳବାର। ସନ୍ଧ୍ୟା ପାଖାପାଖି ସାଢେ ୬ଟା। ବଡ଼ଓଷା ପାଇଁ ଲୋକେ ପ୍ରସ୍ତୁତ ହେଉଥିବାବେଳେ ଆସିଲା ଅତ୍ୟନ୍ତ ଦୁଃଖଦାୟକ ଖବର। ତାଳଚେରରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ବସ୍ (ନଂ. ଓଡି୩୫ଏ-୦୨୧୧) ମହାନଦୀ ପୋଲ ବାଡ଼ାକୁ ଭାଙ୍ଗି ୩୦ ଫୁଟ ତଳକୁ ଖସି ପଡ଼ିଥିଲା। ନଦୀରେ ପାଣି ନ ଥିଲେ ମଧ୍ୟ ବସ୍‌ଟି ବାଲିରେ ପଲ୍‌ଟା ମାରି ପଡ଼ିଥିଲା। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ପରବର୍ତ୍ତୀ ସମୟରେ ମୃତ୍ୟୁସଂଖ୍ୟା ୧୧ ଛୁଇଁଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। କାନ୍ଦବୋବାଳିରେ ଫାଟି ପଡୁଥିଲା ଏସ୍‌ସିବି ମେଡିକାଲ। ସ୍ତବ୍ଧ ହୋଇଯାଇଥିଲା କଟକ ସହର ସମେତ ସମଗ୍ର ରାଜ୍ୟ। ଘଟଣାଟି ଜାତୀୟ ଗଣମାଧ୍ୟମର ମଧ୍ୟ ପୃଷ୍ଠା ମଣ୍ଡନ କରିଥିଲା। ଇତିମଧ୍ୟରେ ଉକ୍ତ ଘଟଣାକୁ ବର୍ଷେ ବିତିଛି। ଲୋକେ ସେଦିନର ସେହି ହୃଦୟବିଦାରକ ଦୃଶ୍ୟକୁ ମନେପକାଉଥିବାବେଳେ ଭବିଷ୍ୟତରେ ସେଭଳି ଘଟଣା ନ ଘଟିବା ପାଇଁ ମଧ୍ୟ ଶୁଭ ମନାସୁଛନ୍ତି। ଏହି ବର୍ଷକ ମଧ୍ୟରେ ସରକାର ଓ ପ୍ରଶାସନ ଏଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କେତେଦୂର ଯତ୍ନବାନ୍ ହୋଇଛନ୍ତି ତାହା ଉପରେ ଆଖି ପକାଇଲେ ଅନେକ ନକାରାତ୍ମକ ଦିଗ ସାମ୍ନାକୁ ଆସୁଛି। ମୁଖ୍ୟତଃ ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାବେଳେ ପୋଲ ଉପରେ ଦ୍ରୁତଗତିରେ ଗାଡ଼ି ଚଳାଚଳ ନ କରିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯେଉଁ ସ୍ଥାନରେ ବସ୍‌ଟି ବାଡ଼ା ଭାଙ୍ଗି ଖସି ପଡ଼ିଥିଲା ଉକ୍ତ ସ୍ଥାନର ସ୍ଥାୟୀ ମରାମତି କରାଯାଇନାହିଁ। ମହାନଦୀ ପୋଲ ଆରମ୍ଭରୁ ଆକ୍ସିଡେଣ୍ଟ ପ୍ରୋନ ଏରିଆ ଲେଖିବା ପାଇଁ ନିଷ୍ପତ୍ତି ଓ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରିବାକୁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଇନାହିଁ। ପୋଲର ଉଭୟ ପାର୍ଶ୍ୱରେ ଡ୍ରାଇଭରମାନଙ୍କ ସଚେତନତା ପାଇଁ ବିଭିନ୍ନ ସାଙ୍କେତିକ ଲଗାଯିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହାକୁ ପାଳନ କରାଯାଇନାହିଁ। ଏହିଭଳି ସ୍ଥିତିରେ ଇତିମଧ୍ୟରେ ୧ ବର୍ଷ ବିତିଯାଇଛି।

### ଦୁର୍ଘଟଣା ସମ୍ପର୍କରେ

୨୦୧୮ ନଭେମ୍ବର ୨୦ ତାରିଖରେ ଦୁର୍ଘଟଣାଗ୍ରସ୍ତ ବସ୍‌ଟି ୫୪ ସିଟ୍ ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ସ୍ଲିପର କୋଚ୍ ଥିଲା। ପୋଲ ଉପରେ ବସ୍‌ଟି ଏକ ମଇଁଷିକୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା।

### ତତ୍କାଳ ଗଠନ ହୋଇଥିଲା ଯୁଗ୍ମ କମିଟି

ଘଟଣାର ତଦନ୍ତ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ, ପରିବହନ ବିଭାଗର ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ କରାଯାଇଥିଲା। ନଭେମ୍ବର ୨୫ରେ ଉକ୍ତ କମିଟି ୬୦ ପୃଷ୍ଠାରୁ ଅଧିକ ସମ୍ବଳିତ ବନ୍ଦ ଲଫାଫା ଭିତରେ ଏକ ରିପୋର୍ଟ ପରିବହନ କମିଶନରଙ୍କ ଜରିଆରେ ସରକାରଙ୍କୁ ପ୍ରଦାନ କରିଥିଲା। ହେଲେ ଏହି ତଦନ୍ତ ରିପୋର୍ଟରେ କ'ଣ ଉଲ୍ଲେଖ ଥିଲା ତାହା ଅଦ୍ୟାବଧି ସାର୍ବଜନୀନ ହୋଇନାହିଁ।

### ବର୍ତ୍ତମାନର ସ୍ଥିତି

ମହାନଦୀ ପୋଲ ଉପରେ ବର୍ତ୍ତମାନ ଦ୍ରୁତଗତିରେ ଗାଡ଼ିଗୁଡ଼ିକ ଯାତାୟାତ କରୁଛି। ପରିବହନ ବିଭାଗର ନିୟମ ଅନୁଯାୟୀ, ଫୁଲନଖରା ପାଖରୁ ଟାଙ୍ଗୀ ବନ୍ଧାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ନିମନ୍ତେ ବସ୍‌ର ବେଗ ଘଣ୍ଟା ପ୍ରତି ୫୦ କିମି ଧାର୍ଯ୍ୟ କରାଯାଇଛି। ତେବେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେବା ସମୟରେ ଏହାର ବେଗ ପାଖାପାଖି ୧୦୦ କିମି ଥିବା ସେ ସମୟରେ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ବସ୍‌ଟି ପୋଲର ଯେଉଁ ଅଂଶରେ ବାଡା ଭାଙ୍ଗିଥିଲା ଠିକ୍ ସେହି ସିଧାରେ ତଳକୁ ଖସିଛି। ଯଦି ବସ୍‌ର ବେଗ ୧୦୦ କିମି ଥାନ୍ତା ତେବେ ବସ୍‌ଟି ବାଡ଼ା ଭାଙ୍ଗିବା ସ୍ଥାନରୁ ୨୦ ଫୁଟ ଦୂରରେ ପଡ଼ିଥାନ୍ତା ବୋଲି ତଦନ୍ତକାରୀ ଅଧିକାରୀମାନେ ପ୍ରାଥମିକ ଭାବେ ମତ ଦେଇଥିଲେ। ଫୋରମ ଫର ପ୍ରିଭେନ୍‌ଶନ ଅଫ ରୋଡ୍ ଆକ୍ସିଡେଣ୍ଟର ସମ୍ପାଦକ ବିକାଶ ମହାପାତ୍ରଙ୍କ କହିବା ଅନୁଯାୟୀ, ଅଧିକାଂଶ ଦୁର୍ଘଟଣା ପଛରେ ଗାଡ଼ିର ବେଗ ଏକ ପ୍ରମୁଖ କାରଣ ଭାବେ ଚିହ୍ନଟ ହୋଇଥାଏ। ଏଡେବଡ଼ ଦୁର୍ଘଟଣା ଘଟିଲା ଅକାଳରେ ୧୧ଟି ଜୀବନ ଚାଲିଗଲା। ଶେଷରେ ମଇଁଷିର ଦୋଷ ଦେଇ ସରକାର ଖସିଗଲେ। ଭବିଷ୍ୟତରେ ଉକ୍ତ ପୋଲ ଉପରେ ଆଉ କିଭଳି ଦୁର୍ଘଟଣା ଘଟିବନି ସେ ନେଇ କୌଣସି ବ୍ୟବସ୍ଥା କରାଗଲାନାହିଁ। ଗାଡ଼ି ଡ୍ରାଇଭରମାନେ ଚିରାଚରିତ ଢଙ୍ଗରେ ବେପରୁଆ ଗାଡ଼ିଚାଳନା କରୁଛନ୍ତି। ଭଗବାନ କରନ୍ତୁ ପୁଣିଥରେ ସେଭଳି ବିଭୀଷିକା ଦେଖିବାକୁ ନ ମିଳୁ ବୋଲି ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି, ସଂଶୋଧିତ ମୋଟରଯାନ ଆଇନ ଡିସେମ୍ବର ପହିଲାରୁ କାର୍ଯ୍ୟକାରୀ ହେଲା ପରେ ଆପେ ଆପେ ସବୁ ଠିକ୍ ହୋଇଯିବ। ଦୁର୍ଘଟଣାର ତଦନ୍ତ କରୁଥିବା ଯୁଗ୍ମ କମିଟି ସଦସ୍ୟ ତଥା ମୋଟର ଯାନ ନିରୀକ୍ଷକ ରଶ୍ମିରଞ୍ଜିତ ଦଳବେହେରା କୁହନ୍ତି, ସରକାରଙ୍କୁ ଯେଉଁ ରିପୋର୍ଟ ଦିଆଯାଇଥିଲା ତାହା ମୋର ମନେ ନାହିଁ। କିନ୍ତୁ ପ୍ରତିକାର ପାଇଁ ଅନେକଗୁଡ଼ିଏ ପ୍ରସ୍ତାବ ସେଥିରେ ଉଲ୍ଲେଖ ଥିଲା।

## ଉତ୍କଳ କନିକା ଗାଲେରିଆ ମଲ୍ ସିଲ୍

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ):** କଳ୍ପନା ଛକସ୍ଥିତ ଉତ୍କଳ କନିକା ଗାଲେରିଆ ସପିଙ୍ଗ୍ ମଲ୍‌କୁ କମିଶନରେଟ ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ଆବଶ୍ୟକ ପାର୍କିଂ ବ୍ୟବସ୍ଥା ହୋଇ ନ ଥିବା ଓ ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଉଚିତ କାଗଜପତ୍ର ନ ଥିବାରୁ ପୋଲିସ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏହି ମଲ୍‌ରେ ୨୦୦ ଯାନବାହନ ରଖିବାକୁ ପାର୍କିଂସ୍ଥଳ ରହିଥିବାବେଳେ ତା'ଠାରୁ ଅଧିକ ଯାନବାହନ ଆସୁଛି। ପାର୍କିଂସ୍ଥଳରେ ସ୍ଥାନାଭାବ ଯୋଗୁ ଗ୍ରାହକମାନେ ମୁଖ୍ୟ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ମଲ୍ କର୍ତ୍ତୃପକ୍ଷ ଅକୁପେନ୍ସି ସାର୍ଟିଫିକେଟ ମଧ୍ୟ ପାଇନାହାନ୍ତି। ସେହିଭଳି ଫାୟାର ସେଫ୍ଟି ନେଇ ଆବଶ୍ୟକ ସମସ୍ତ ସାର୍ଟିଫିକେଟ ମଧ୍ୟ ପାଇନାହାନ୍ତି। ଏନେଇ ମଲ କର୍ତ୍ତୃପକ୍ଷ କହିଛନ୍ତି, ପାର୍କିଂ ଓ ଅଗ୍ନି ନିରାପତ୍ତା ସଂକ୍ରାନ୍ତ ସମସ୍ତ ନିୟମକୁ ପାଳନ କରାଯାଉଛି। ଖୁବ୍‌ଶୀଘ୍ର ସମସ୍ତ କାଗଜପତ୍ର ଦାଖଲ କରାଯାଇ ମଲ୍‌କୁ ଖୋଲାଯିବ।

## 'ସଂପ୍ରୀତି, ଭାଇଚାରା ଓ ସହିଷ୍ଣୁତା ଜାତୀୟ ସଂହତିର ମୂଳକଥା'

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ବିବିଧତା ସତ୍ତ୍ୱେ ଜାତୀୟ ଏକତା ଓ ସଂହତି ଭାରତୀୟ ଜନଜୀବନର ବିଶେଷତ୍ୱ। ଯୁଦ୍ଧ, ହିଂସା, ସାମ୍ପ୍ରଦାୟିକତା ଓ ଅଶାନ୍ତି ଜାତୀୟ ସଂହତିକୁ ବିପନ୍ନ କରିଥାଏ। ଏହାକୁ ଅକ୍ଷୁଣ୍ଣ ରଖିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଲୋଡ଼ା ବୋଲି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମତବ୍ୟକ୍ତ କରିଛନ୍ତି।

ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସୂଚନା ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜନ୍ମତିଥିକୁ 'ଜାତୀୟ ସଂହତି ଦିବସ' ଭାବେ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଦାସ ଦେଶର ପ୍ରଗତି ପର୍ବରେ ସ୍ୱର୍ଗୀୟା ଗାନ୍ଧୀଙ୍କ ଅବଦାନ ରହିଥିବା ଦର୍ଶାଇ ତାଙ୍କର ଦୃଢ଼ ମାନସିକତା, ବଳିଷ୍ଠ ନେତୃତ୍ୱ, ରାଜନୈତିକ ଅଭିଜ୍ଞତା ଓ ପ୍ରଗତିଶୀଳ ଚିନ୍ତାଧାରା ଏବେ ମଧ୍ୟ ପ୍ରେରଣାପ୍ରଦ ହୋଇରହିଛି ବୋଲି କହିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଭାଗୀୟ ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସକାଳେ ଅନୁଷ୍ଠିତ ଆନ୍ତଃବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ମନ୍ତ୍ରୀ ରଘୁନନ୍ଦନ ଦାସ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ଜାତୀୟ ସଂହତି ଦିବସ**

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଖଲାସୀ ଗିରଫ

**କଟକ ଅଫିସ,୧୯।୧୧**

ଭୁବନେଶ୍ୱର ଜଳ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଖଲାସି ସତ୍ୟ ନାରାୟଣ ମିଶ୍ରଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ମଙ୍ଗଳବାର ମିଶ୍ରଙ୍କ ଘରେ ଯାଞ୍ଚ କରାଯାଇ ୫୫ ଲକ୍ଷ ୧୪ହଜାର ୯୭୩ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତି ମଧ୍ୟରୁ ୫୪ ଲକ୍ଷ ୩୬ହଜାର ୧୯୧ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏହି ସମ୍ପତ୍ତିର ସେ କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫୭/୨୦୧୯) ରୁଜୁ କରାଯାଇ ମିଶ୍ରଙ୍କୁ ଗିରଫ କରାଯାଇଛି।


କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



କିରଣ



ପ୍ରତୀକ



ଜ୍ୟୋତିପ୍ରକାଶ



ସୁଜିତ୍



ପିଙ୍କୁନା



ବିଶ୍ୱଜିତ୍



ସାଗର



ଜଗତରାଜ୍

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ପରଦାକୁ ଆସିବ 'ପାଗଲ୍‌ପନ୍ତୀ'







**ଫିଲ୍ମ ଫ୍ରାଇଡେ'**

**ୱାଲ୍ଟ ଡିଜ୍‌ନୀର ଆନିମେଶନ ଫିଲ୍ମ 'ଫ୍ରୋଜେନ୍ ୨'**

ଫିଲ୍ମ ଫ୍ରଇଡେ'ରେ ଏଥର ରିଲିଜ ହେବ ହିନ୍ଦୀ ଫିଲ୍ମ 'ପାଗଲ୍‌ପନ୍ତୀ'। ଅନିସ୍ ବାଜ୍‌ମୀଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ କମେଡି ଫିଲ୍ମର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ବଲିଉଡ୍‌ର ଏଭର୍‌ଗ୍ରୀନ୍ ଅଭିନେତା ଅନିଲ କପୁର, ଜନ୍ ଆବ୍ରାହମ୍, ଇଲିଆନା ଡି'କ୍ରୁଜ୍, ଅର୍ଶଦ ୱାର୍‌ସୀ, ଉର୍ବଶୀ ରାଉତେଲା, ପୁଲକିତ୍ ସମ୍ରାଟ୍, କ୍ରିତି ଖର୍‌ବନ୍ଦା ଏବଂ ସୌରଭ ଶୁକ୍ଳା। ଏହି ମଲ୍ଟିଷ୍ଟାର୍‌ର ଫିଲ୍ମରେ ଷ୍ଟାର୍‌କାଷ୍ଟ ମୁଖ୍ୟ ଆକର୍ଷଣ ରହିଛି। ଫିଲ୍ମର ପ୍ରଯୋଜନା କରିଛନ୍ତି ଭୂଷଣ କୁମାର, ଅଭିଷେକ ପାଠକ, କ୍ରିଷନ୍ କୁମାର ଏବଂ ମଙ୍ଗତ ପାଠକ। ଜନ୍ ଆବ୍ରାହମ୍, ଉର୍ବଶୀ ରାଉତେଲା, ଅର୍ଶଦ ୱାର୍‌ସୀ ଓ ପୁଲକିତ ସମ୍ରାଟଙ୍କୁ ନେଇ ନିକଟରେ ରିଲିଜ ହୋଇଥିବା ଫିଲ୍ମର ଟିଜର୍ ବେଶ୍ ଦମଦାର୍ ହୋଇଥିବା ବେଳେ ସମ୍ପୂର୍ଣ୍ଣ ଫିଲ୍ମରେ ଭରପୂର କମେଡି ଥିବ ବୋଲି ଆଶା କରାଯାଉଛି। 'ସତ୍ୟମେବ ଜୟତେ', 'ବାଟ୍‌ଲା ହାଉସ୍', 'ପରମାଣୁ' ଭଳି ସିରିୟସ୍ ଫିଲ୍ମ କରିବା ପରେ ବହୁଦିନର ବ୍ୟବଧାନରେ ଜନ୍ ଆବ୍ରାହମ୍‌ଙ୍କୁ ଏକ ହାଲ୍‌କା ଓ କମେଡି ଚରିତ୍ରରେ ଦେଖିବାକୁ ମିଳିବ। 'ୱେଲ୍‌କମ୍ ବ୍ୟାକ୍' ଏବଂ 'ହାଉସ୍‌ଫୁଲ୍ ୨' ଭଳି ଏହି ଫିଲ୍ମରେ ମଧ୍ୟ ଜନ୍ ନିଜ ମଧ୍ୟରେ ଥିବା ସଫଳ ହାସ୍ୟ ଚରିତ୍ରକୁ ବାହାରକୁ ଆଣିବେ ବୋଲି କୁହାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, 'ୱେଲ୍‌କମ୍' ସିରିଜର ଅନିଲ କପୁର, ନିର୍ଦ୍ଦେଶକ ଅନିସ୍ ବାଜ୍‌ମୀ ଏବଂ ଜନ୍‌ଙ୍କୁ ଏକାସାଙ୍ଗେ ପୁଣିଥରେ ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବ। ସେହିଭଳି 'ୱେଲ୍‌କମ୍'ର କିଛି ତଡ୍‌କା 'ପାଗଲ୍‌ପନ୍ତୀ'ରେ ରହିଥିବା ମଧ୍ୟ କୁହାଯାଉଛି।

ଅନ୍ୟପକ୍ଷରେ ଏଥର ଶୁକ୍ରବାର ରିଲିଜରେ ପରଦାକୁ ଆସିବ ଆମେରିକାନ୍ କମ୍ପ୍ୟୁଟର୍ ଆନିମେଟେଡ୍ ମ୍ୟୁଜିକାଲ ଫାଣ୍ଟାସୀ ଫିଲ୍ମ 'ଫ୍ରୋଜେନ୍ ୨'। ୱାଲ୍ଟ ଡିଜ୍‌ନୀ ଆନିମେଶନ ଷ୍ଟୁଡିଓ ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମ ୨୦୧୩ରେ ରିଲିଜ ହୋଇଥିବା 'ଫ୍ରୋଜେନ୍'ର ସିକ୍ୱେଲ୍। କ୍ରିସ୍ ବକ୍ ଏବଂ ଜେନିଫର୍ ଲି'ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କ୍ରିଷ୍ଟେନ୍ ବେଲ୍, ଇଡିନା କେମ୍ ମେଞ୍ଜେଲ୍, ଜୋନାଥନ୍ ଗ୍ରଫ୍, ଜୋଶ୍ ଗାଡ୍, ସାଣ୍ଟଇନୋ ଫୋଣ୍ଟାନା ପ୍ରମୁଖ ରହିଛନ୍ତି। ରଟେନ୍ ଟମେଟୋସ୍‌ରେ ୮୩ ରିଭ୍ୟୁ ଆଧାରରେ ଫିଲ୍ମକୁ ୮୪% ରେଟିଂ ମିଳିଥିବା ବେଳେ ୧୦ରୁ ୭.୦୧ ଆଭରେଜ୍ ରେଟିଂ ମିଳିଛି।



# କେକେଙ୍କ ଗୀତରେ ଦର୍ଶକ ମତୁଆଲା




ବୈଷ୍ଣବ ପାଣି ମଞ୍ଚ

କଟକ ଅଫିସ, ୧୯।୧୧

'ୟାରୋ ଦୋସ୍ତି ବଡିହି ହସିନ୍ ହେ, ୟେ ନା ହୋ ତୋ କ୍ୟା ଫିର ବୋଲୋ ୟେ ଜିନ୍ଦେଗି ହେ' ଗୀତରେ ମତୁଆଲା ହୋଇଛନ୍ତି ଦର୍ଶକ। ବାଲିଯାତ୍ରା ପଡିଆର ଗଣକବି ବୈଷ୍ଣବ ପାଣି ମଞ୍ଚରେ ବଲିଉଡ କଣ୍ଠଶିଳ୍ପୀ କ୍ରିଷ୍ଣାକୁମାର କୁନାଥ(କେକେ)ଙ୍କ ସଙ୍ଗୀତରେ ମତୁଆଲା ହୋଇଥିଲେ ଦର୍ଶକ। କେକେଙ୍କ ଗୀତ ଶୁଣିବା ପାଇଁ ମଙ୍ଗଳବାର ମଞ୍ଚ ନିକଟରେ ଦର୍ଶକଙ୍କ ଭିଡ ହୋଇଥିଲା। ପ୍ରାୟ ୨ଘଣ୍ଟା ଧରି କେକେଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ। ବେଜାନ ଦିଲକୋ ତେରେ ଇସ୍କ ନେ ଜିନ୍ଦା କିୟା, କିୟୁଁ ଆଜ୍ କଲ୍ ହମ ନିନ୍ଦ କମ ଖ୍ୱାଓ୍ୱବ ଜ୍ୟାଦା ହେ ଆଦି ରୋମାଣ୍ଟିକ ଗୀତ ତାଳେ ତାଳେ ଯୁବପିଢ଼ି ଷ୍ଟେଜ ସମ୍ମୁଖରେ ନାଚିଥିଲେ। ସେହିପରି ବାଲିଯାତ୍ରା ପଡିଆର ମହାନଦୀ ମଞ୍ଚରେ ନଟରାଜ ଡ୍ୟାନ୍ସ ଗ୍ରୁପର କଳାକାରମାନେ ଶିବ ତାଣ୍ଡବ ନୃତ୍ୟ ପରିବେଷଣ କରିଥିଲେ। କଳାତୀର୍ଥ ଅନୁଷ୍ଠାନ ପକ୍ଷରୁ ପରିବେଷଣ କରାଯାଇଥିବା ପାରମ୍ପରିକ ଲୋକ ନୃତ୍ୟରେ ଦର୍ଶକ ଆନମନା ହୋଇଥିଲେ। ଏଥିସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଉପ ଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ପୋଲିସ ଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଟ୍ରାଫିକ ଡିସିପି ସାଗରିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ସୁଲଗ୍ନା ଓ ଶୁଭମ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ପୁଣି ଥରେ ବାଲିଯାତ୍ରା ଆସିବାକୁ ବହୁତ ଇଚ୍ଛା

ବାଲିଯାତ୍ରା ସମ୍ପର୍କରେ ପୂର୍ବରୁ ଶୁଣିଥିଲି। ତେବେ ବାଲିଯାତ୍ରା ପଡିଆରେ ପହଞ୍ଚିବା ପରେ ଜାଣିଲି ଏହା ମୋ ଭାବନା ଠାରୁ ଅନେକ ଗୁଣା ଅଧିକ ସୁନ୍ଦର। ମୋତେ ଏତେ ମାତ୍ରାରେ ଭଲ ପାଇବା ଦେଇଥିବାରୁ ମୁଁ କଟକବାସୀଙ୍କୁ ଧନ୍ୟବାଦ ଦେଉଛି। ସୁଯୋଗ ମିଳିଲେ ପୁଣିଥରେ କଟକ ବାଲିଯାତ୍ରାକୁ ନିଶ୍ଚିତ ଆସିବି ବୋଲି କହିଛନ୍ତି କେକେ।

# ଆଜି ସରିବ ବାଲିଯାତ୍ରା

ଐତିହାସିକ କଟକ ବାଲିଯାତ୍ରାର ମଙ୍ଗଳବାର ଥିଲା ଅଷ୍ଟମ ଦିନ। ବିଭିନ୍ନ ସ୍ଥାନରୁ ଆସିଥିବା ଲୋକମାନେ ବାଲିଯାତ୍ରାରେ ବିଭିନ୍ନ ଷ୍ଟଲ ବୁଲିବା ସହ ଚାଟ୍, ଗୁପ୍‌ଚୁପ୍, ଠୁଙ୍କାପୁରୀ ଓ ଫାଷ୍ଟଫୁଡ ଖାଦ୍ୟର ମଜା ନେଇଥିଲେ। ତେବେ ପୂର୍ବଦିନ ଅପେକ୍ଷା ମଙ୍ଗଳବାର ଭିଡ କମ୍ ଥିବା ଦେଖିବାକୁ ମିଳିଥିଲା। ପ୍ରଥମାଷ୍ଟମୀ ନିମନ୍ତେ ପୂଜା ସାମଗ୍ରୀ କିଣିବା ପାଇଁ ଲୋକେ ବ୍ୟସ୍ତଥିବାରୁ ଯାତ୍ରାକୁ ଆସି ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ବୁଧବାର ସରିବ ବାଲିଯାତ୍ରା। ଲୋକଙ୍କୁ ଅପେକ୍ଷା କରିବା ପଡିବ ଆଉ ଗୋଟିଏ ବର୍ଷ। ଶେଷ ଦିନରେ ଅଧିକ ସଂଖ୍ୟକ ଲୋକଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି।

### ଷ୍ଟଲରେ ଶିଙ୍ଗ ତିଆରି ସାମଗ୍ରୀ

ବାଲିଯାତ୍ରାର କଟକ ଜିଲା ଶିଳ୍ପ କେନ୍ଦ୍ରଠାରେ ଥିବା ଷ୍ଟଲ୍‌ରେ ଶିଙ୍ଗରେ ତିଆରି ବିଭିନ୍ନ ଜିନିଷ ଦେଖିବାକୁ ମିଳିଥିଲା। ଯେପରି କି ଶିଙ୍ଗ ପାନିଆ, ପକ୍ଷୀ, ଶିଙ୍ଗବାଡ଼ି, ଚାବି ଲକେଟ୍ ଭଳି ଅନ୍ୟାନ୍ୟ ଜିନିଷ। ଏହାର ମୂଲ୍ୟ ୫୦ଟଙ୍କାରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଚଳିତବର୍ଷ ଜିଲା ପ୍ରଶାସନର ଖାମଖିଆଲ ମନୋବୃତ୍ତି ଯୋଗୁ ଷ୍ଟଲ୍‌ଟି ପଡ଼ିଆର ଦୂରରେ ରହିଛି। ଫଳରେ ଲୋକେ ଆସୁନାହାନ୍ତି। ଗତବର୍ଷଠାରୁ ଚଳିତବର୍ଷ କମ୍ ବ୍ୟବସାୟ ହୋଇଛି। ଗତବର୍ଷ ବ୍ୟବସାୟ ୧ ଲକ୍ଷ ହୋଇଥିବା ବେଳେ ଚଳିତବର୍ଷ ୪୦ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ ହୋଇପାରିଛି ବୋଲି ବ୍ୟବସାୟୀ ଅଶୋକ ବେହେରା କହିଛନ୍ତି।

### ଚାଷ ସମ୍ପର୍କରେ ଲୋକଙ୍କୁ ସଚେତନ

ବାଲିଯାତ୍ରାର କୃଷି ବିଭାଗର ଷ୍ଟଲ୍‌ରେ ବିଭିନ୍ନ ଚାଷ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ବିନା ରାସାୟନିକ ସାର ବ୍ୟବହାର କରି କିପରି ଚାଷ କରାଯାଇପାରିବ ସେ ନେଇ ଏକ ମଡେଲ କରାଯାଇ ଲୋକଙ୍କୁ ଅବଗତ କରାଯାଇଥିଲା। ପ୍ୟାଡେଲ ପମ୍ପ, ବୁନ୍ଦା ଜଳସେଚନ ଯାହାକୁ ଆଫ୍ରିକାରେ ବ୍ୟବହାର କରାଯାଇ ଚାଷ କରାଯାଉଛି ସେ ଉପରେ ଲୋକଙ୍କୁ ବୁଝାଯାଉଥିବା କ୍ଲଷ୍ଟର ମ୍ୟାନେଜର ବିରଞ୍ଚି ଦଳବେହେରା କହିଛନ୍ତି। ଏହି ଷ୍ଟଲ୍‌ରେ ମାଣ୍ଡିଆ, ବାଜରା, ଅଟା, କୋନ ତିଆରି ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରାଯାଉଥିଲା। ଯାହାରକି ମୂଲ୍ୟ ପାଖାପାଖି ୨୦ରୁ ୧୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ମତ୍ସ୍ୟ ବିଭାଗ ପକ୍ଷରୁ ଏକ ଷ୍ଟଲ୍ ଖୋଲାଯାଇ ଲୋକଙ୍କୁ ସଚେତନ କରାଯାଉଛି।

### ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର କର୍ମଶାଳା

ବାଲିଯାତ୍ରା ପଡିଆର ମୋ କଟକ ପାଭିଲିୟନରେ ଦିବ୍ୟାଙ୍ଗଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜୀବନ ବିନ୍ଦୁ ରାଜ୍ୟ ସଂଯୋଜକ ଦେବାଶିଷ ସାମନ୍ତରାୟ, ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂହ, ଯୁବ କଲ୍ୟାଣ ବିଭାଗ ଅଧ୍ୟକ୍ଷ ବିଜୟ ନାୟକ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ସଞ୍ଜୟ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ନିରୁପମା ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ବିଷୟରେ ଆଲୋଚନା କରିଥିଲେ।


ପିଲାମାନେ ଟୟେ ଟ୍ରେନ୍‌ର ମଜା ନେଉଛନ୍ତି।


ଜଣେ ଶିଶୁ ରବର ଖେଳଣା ଦେଖୁଛି।


ଭିନ୍ନକ୍ଷମ କର୍ମଶାଳାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓ ଅନ୍ୟ ଅତିଥି।

# ମେରାଇନ ଡ୍ରାଇଭ୍ ଇକୋ ରିଟ୍ରିଟ୍ ପାଇଁ ଅନୁମତି

ପୁରୀ ଅଫିସ, ୧୯।୧୧

ପୁରୀକୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବିଶେଷକରି ବିଦେଶୀ ପର୍ଯ୍ୟଟକଙ୍କୁ ଫୋକସରେ ରଖି ଏକାଧିକ ପଦକ୍ଷେପ ନିଆଯାଉଛି। ସେହିପରି ଅର୍କକ୍ଷେତ୍ର କୋଣାର୍କକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି କରିବା ଲାଗି ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍‌ର ପରିକଳ୍ପନା କରାଯାଇଛି। ଏଥିରେ ମାସେ ବ୍ୟାପୀ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେଉଥିବା ଭଳି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ କୋଣାର୍କ-ପୁରୀ ବେଳାମାର୍ଗର ସାହୁଖଣତା ନିକଟରେ ୨୫ ଏକର ଜମିରେ କାମ ଚାଲିଛି। ତେବେ ଏହି ଅଞ୍ଚଳ କୋଣାର୍କ -ବାଲୁଖଣ୍ଡ ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ଯାଉଥିବାରୁ ଏଥିପାଇଁ ଅନୁମତି ଦରକାର ଥିଲା। ପୂର୍ବରୁ ଏହାକୁ ଆଇସିଜେଡ୍‌ଏମ୍‌ପି ଅନୁମତି ଦେଇଥିବାବେଳେ ମଙ୍ଗଳବାର କୋଣାର୍କ-ବାଲୁଖଣ୍ଡ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ପରିଚାଳନା କମିଟି (ଇକୋ ସେନ୍ସିଟିଭ ଜୋନ୍ ମ୍ୟାନେଜମେଣ୍ଟ କମିଟି) ଅନୁମତି ଦେଇଛି। ଅପରାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ବସି ଏ ନେଇ ଆଲୋଚନା କରାଯିବା ସହ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍‌କୁ ଅନୁମତି ଦିଆଯାଇଛି। ତେବେ କେତେକ କାର୍ଯ୍ୟ ନ କରିବା ପାଇଁ କୁହାଯାଇଛି। ଏହି ଉତ୍ସବ ଆୟୋଜନ ନେଇ ବୁଧବାର ପର୍ଯ୍ୟଟନ ମନ୍ତ୍ରୀ କୋଣାର୍କ ଏବଂ ପୁରୀରେ ବୈଠକ କରିବେ ବୋଲି ସ୍ଥିର ହୋଇଛି।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଉତ୍ସବ ସ୍ଥଳରେ ପରିବେଶ ପ୍ରଦୂଷଣ ହେଲା ଭଳି କାର୍ଯ୍ୟ କେହି କରିବେ ନାହିଁ। ଦୈନିକ ବାହାରୁ ଥିବା ଅଳିଆ ଆବର୍ଜନା ବାହାରେ ପକାଯିବ ନାହିଁ। ଆବର୍ଜନାକୁ ଗୋଟିଏ ଜାଗାରେ ରଖାଯିବ। ଏଥିରେ କେହି ନିଆଁ ଲଗାଇବେ ନାହିଁ।ସେହିପରି ମଇଳା ପାଣି ନଦୀ କିମ୍ବା ସମୁଦ୍ରକୁ ଛଡ଼ାଯିବ ନାହିଁ କିମ୍ବା ଶବ୍ଦ ପ୍ରଦୂଷଣ ହେବ ନାହିଁ। ସମୁଦ୍ର କୂଳରେ ଏହି ଉତ୍ସବ ହେବାକୁ ଥିବାରୁ ସାମୁଦ୍ରିକ ଜୀବ ବିଶେଷକରି ଅଲିଭ ରିଡ୍‌ଲେଙ୍କ ପ୍ରତି ଅଧିକ ସତର୍କ ରହିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅଧିକ ଲାଇଟ୍ ଯେପରି ପାଣିକୁ ପଡ଼ିବ ନାହିଁ ସେଥିଲାଗି ପଦକ୍ଷେପ ନିଆଯିବ। ଏହି ବୈଠକରେ ଜିଲାପାଳ ବଳବନ୍ତ ସିଂ ଅଧ୍ୟକ୍ଷତା କରିଥିବା ବେଳେ କମିଟି ସଦସ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୧୫ରୁ ଜାନୁୟାରୀ ୧୫ ମାସେ ପର୍ଯ୍ୟନ୍ତ ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ୍ ଚାଲିବ। ଗୁଜୁରାଟର କଚ୍ଛରେ ହେଉଥିବା ରାନ୍ ଉତ୍ସବ ଶୈଳୀରେ ଏହା କରାଯିବ। ତେଣୁ ଚିହ୍ନଟ ଜାଗାରେ ଏବେ କାମ ଦ୍ରୁତଗତିରେ ଚାଲିଛି। ଏଠାରେ ପ୍ରାୟ ୫୦ଟି ଟେଣ୍ଟ କରାଯାଉଥିବାବେଳେ ପରିବେଶ ପର୍ଯ୍ୟଟନ ଏବଂ ବେଳାଭୂମି ପର୍ଯ୍ୟଟନ ମୁଖ୍ୟ ଆକର୍ଷଣ ହେବ। ଏଠାରେ ପର୍ଯ୍ୟଟକ ରାତ୍ରିଯାପନ କରିବାର ସମସ୍ତ ପ୍ରକାର ବ୍ୟବସ୍ଥା ରହିବ। ଏହା ମଧ୍ୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା କଳାସଂସ୍କୃତି ଓ ପରମ୍ପରାର ଗାଥା, ଫୁଡ୍‌କୋର୍ଟ, ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ଜଳକ୍ରୀଡ଼ା, ସି ଫୁଡ୍ ଷ୍ଟଲ ଏବଂ ବୋଟିଂ ଭଳି ବିଭିନ୍ନ ସୁବିଧା ସୁଯୋଗ ଉପଲବ୍ଧ ହେବ।

### ଆଜି ପର୍ଯ୍ୟଟନ ମନ୍ତ୍ରୀଙ୍କ ବୈଠକ

# ଶୁକ୍ରବାରଠାରୁ ଇ-ବସ୍ 'ଡେମୋ ରନ୍'



- ପରିଚାଳନା ଦାୟିତ୍ୱ ନେଲା କ୍ରୁଟ୍
- ଡେମୋ ଦେଖାଇବେ ଦେଶର ବିଭିନ୍ନ ସଂସ୍ଥା

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ ଲିମିଟେଡ୍ (କ୍ରୁଟ) ଦ୍ୱାରା ପରିଚାଳିତ 'ମୋ ବସ୍' ସେବା ସାରା ଦେଶରେ ଆଦୃତ ହୋଇଛି। ଦେଶର ଶ୍ରେଷ୍ଠ ସିଟି ବସ୍ ସେବା ପୁରସ୍କାର ପାଇଛି। ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିବାକୁ ଥିବା ଇ-ବସ୍‌ଗୁଡ଼ିକର ପରିଚାଳନା ଦାୟିତ୍ୱ କ୍ରୁଟ୍‌କୁ ଦିଆଯାଇଛି। ଆସନ୍ତା ଶୁକ୍ରବାରଠାରୁ ଭୁବନେଶ୍ୱରରେ ଇ-ବସ୍‌ଗୁଡ଼ିକର ଡେମୋ ରନ୍ କରାଯିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି, ଇ-ବସ୍ ଚଳାଚଳ ପାଇଁ ଏବେ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ସାରା ଦେଶରୁ ବହୁ ଉଦ୍ୟୋଗୀ ଓ ସଂସ୍ଥା ନିଜ ନିଜର ଇ-ବସ୍ ମଡେଲକୁ ଡେମୋ ରନ୍ ଦ୍ୱାରା ଦେଖାଇବେ। ପ୍ରତିଦିନ ଉକ୍ତ ବସ୍ ସହରରେ ବୁଲିବ, କିନ୍ତୁ ଲୋକ ସେଥିରେ ଯାତାୟାତ କରିବେ ନାହିଁ। କେବଳ ସେଥିରେ ବାଲି ବସ୍ତା ରଖାଯିବ। ଏବେ ହାଇଦ୍ରାବାଦର ଜଣେ ବିଡର ଡେମୋ ଦେଖାଇବା ପାଇଁ ତା'ର ଇ-ବସ୍ ମଡେଲକୁ ଭୁବନେଶ୍ୱର ପଠାଇଛି। ଶୁକ୍ରବାରଠାରୁ ଏହାର ଡେମୋ ଆରମ୍ଭ ହେବ। ଇ-ବସ୍‌ଗୁଡ଼ିକୁ ଚାର୍ଜ କରିବା ପାଇଁ କ୍ରୁଟ୍ ପକ୍ଷରୁ ସେସୁ ସହ ଆଲୋଚନା ହୋଇଛି। ଇତିମଧ୍ୟରେ ଡେମୋ ରନ୍ ପାଇଁ ଆବଶ୍ୟକ ବିଦ୍ୟୁତ ଚାର୍ଜିଂ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଡେମୋ ପାଇଁ ଥିବା ଇ-ବସ୍‌ଟି କଟକ ବାଙ୍କୀ ନିକଟ ଏକ ପ୍ରୟୋଗ ଶାଳାରେ ରଖାଯାଇଛି। ସେଥିରେ ବାଲି ବସ୍ତା ଲୋଡ୍ କରାଯିବା ସହ ଓଜନ ମପାଯାଇ ରାସ୍ତାକୁ ଛଡ଼ା ଯିବ। ସମସ୍ତ ବିଡରଙ୍କ ଇ-ବସ୍‌କୁ ଯାଞ୍ଚ କଲା ପରେ ସବୁଠୁ ଭଲ ପ୍ରଦର୍ଶନ କରିଥିବା ବିଡର ୫୦ ଇ-ବସ୍ ଯୋଗାଇବ ବୋଲି ଜଣାପଡ଼ିଛି।

### ମାଗଣା ହୋଇପାରେ 'ମୋ ସାଇକେଲ'

ଆସନ୍ତା ୨୬ ତାରିଖରେ 'ମୋ ସାଇକେଲ ଯୋଜନା'କୁ ବର୍ଷେ ପୂରିବ। ମୋ ବସ୍ ଭଳି ମୋ ସାଇକେଲ ସଫଳ ହୋଇ ନ ଥିବାରୁ କିପରି ଅଧିକ ଆଦୃତ ହୋଇପାରିବ ସେନେଇ ନୂଆ କିଛି ଚିନ୍ତା କରାଯାଉଛି। ବାର୍ଷିକ ଉତ୍ସବରୁ ମୋ ସାଇକେଲକୁ ସପ୍ତାହରେ ଦିନେ କିମ୍ବା ଦୁଇଦିନ ଲୋକଙ୍କ ପାଇଁ ମାଗଣା କରିବାକୁ ଆଲୋଚନା ଚାଲିଛି। ଏହାବ୍ୟତୀତ ଗୋଟିଏ ଆପ୍ଲିକେଶନରେ ମୋ ସାଇକେଲ ଚଲାଇବା ପାଇଁ ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ମହିଳାମାନଙ୍କୁ ମୋ ସାଇକେଲ ଚଲାଇବା ପାଇଁ ଆକୃଷ୍ଟ କରାଯିବାକୁ କିଛି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ। ଗତ ୪ ମାସ ହେବ ମୋ ସାଇକେଲ ପରିଚାଳନା ଦାୟିତ୍ୱ କ୍ରୁଟ୍ ନେବା ପରେ ବହୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛି। ଫଳରେ ବର୍ତ୍ତମାନ ମୋ ସାଇକେଲର ମାସିକ ଚାଳକଙ୍କ ସଂଖ୍ୟା ବଢି ୧୨ଶହରେ ପହଞ୍ଚିଥିବା ସୂଚନା ମିଳିଛି।

# 'ମନି ସାମନ୍ତରାୟ ପାଠାଗାର' ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ସମାଜସେବିକା ମନି ସାମନ୍ତରାୟଙ୍କ ତୃତୀୟ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ଭୁବନେଶ୍ୱର ଅଶୋକ ନଗରସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନି ସାମନ୍ତରାୟ ସ୍ମୃତି ସଂସଦ ମେଣ୍ଢାଶାଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଦାତାରାମ ଅଶୋକ ମଙ୍ଗରାଜଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ ଯୋଗଦେଇ ମନି ସାମନ୍ତରାୟଙ୍କୁ ଜଣେ ମହିୟସୀ ମହିଳ ଭାବେ ବର୍ଣ୍ଣନା କରିଥିଲେ। ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଅନୁପ ବୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇ ତାଙ୍କ ଆଦର୍ଶକୁ ଅନୁକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। କଟକର ପୂର୍ବତନ ଜିଲାପାଳ ରଘୁନାଥ ମିଶ୍ର, ବାର୍ କାଉନ୍‌ସିଲ ଅଫ୍ ଓଡ଼ିଶାର ପୂର୍ବତନ ଅଧ୍ୟକ୍ଷ ଚିନ୍ମୟ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନି ସାମନ୍ତରାୟଙ୍କ ସ୍ମୃତିଚାରଣ କରିଥିଲେ। ଆଇନଜୀବୀ ସରୋଜ ନାୟକ, ସୁରେଶ ରଥ, ସୁଜିତ ସ୍ୱାଇଁ, ସୁଶୀଲ ଛୁଆଳ ସିଂ, ସନ୍ତୋଷ ସାମନ୍ତରାୟ, ପ୍ରସନ୍ନ ଦାସ ଓ ନଳିନୀ କୁମାର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମନି ସାମନ୍ତରାୟଙ୍କ ଜନ୍ମପୀଠ ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳରେ 'ମନି ସାମନ୍ତରାୟ ପାଠାଗାର'କୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସମାଜସେବୀ ରମାକାନ୍ତ ଦାସ, ଭାସ୍କର ସୁବୁଦ୍ଧି ଓ ଶ୍ରୀନିବାସ ମାନସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ର କୁଳଦୀପ ସାମଲ, ସ୍ୱାଗତିକା ନାୟକ, ସତ୍ୟଭାମା ବେହେରା ଓ ସ୍ମିତିପ୍ରଜ୍ଞା ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନଟବର ଷଡ଼ଙ୍ଗୀ, ଡ. ରବିନାରାୟଣ ଦାସ, ପ୍ରଦୋଷ କୁମାର ଜେନା ଓ ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତି କମିଟି ଅଧ୍ୟକ୍ଷ ତଥା ତାଙ୍କ ପୁତ୍ର ଶ୍ରୀମନ୍ତ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଜ୍ଞାନକୌଶଳ ଦ୍ୱାରା ପ୍ରକୃତ ବିକାଶ ସମ୍ଭବ

### ବିଜିୟୁରେ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ବର୍ତ୍ତମାନ ଟେକ୍ନୋଲୋଜିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସମୟରେ ଜ୍ଞାନକୌଶଳ ଏବଂ ଧର୍ମଶାସ୍ତ୍ର ସହ ପ୍ରକୃତ ବିକାଶ ସମ୍ଭବ ହେବ। ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ଭୁବନେଶ୍ୱରର ୨୦୧୭-୧୯ ବ୍ୟାଚ୍ ଏମ୍‌ବିଏ, ଏମ୍‌ଏଜେଏମ୍‌ସି, ଏମ୍‌କମ୍ ଏବଂ ଅର୍ଥନୀତି ସ୍ନାତକୋତ୍ତର ପାଠ୍ୟକ୍ରମର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଏହା କହିଛନ୍ତି। ଏଥିରେ ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ଦାମୋଦର ଆଚାର୍ଯ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କୁଳପତି ଡ.ସୁଧାକର ପଣ୍ଡା ବୀବରଣୀ ପାଠ କରିଥିଲେ।

ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପି.ନାୟକ, ସ୍କୁଲ ଅଫ୍ କମର୍ସର ଡିନ୍ ସାମ୍‌ସନ ମହାରଣା, ବିର୍ଲା ସ୍କୁଲ ଅଫ୍ କମ୍ୟୁନିକେଶନର ବିଭାଗୀୟ ମୁଖ୍ୟ ଶିବ ଶଙ୍କର ଦାସ କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିଥିଲେ। ଏମ୍‌ବିଏରେ ଶିଳ୍ପା ପଟ୍ଟନାୟକ, ଏମ୍‌ଜେଏମ୍‌ସିରେ ପ୍ରିୟଙ୍କିତା ପ୍ରହରାଜ, ଏମ୍.କମ୍‌ରେ ଉତ୍ତମ ଅଗ୍ରୱାଲ, ଅର୍ଥନୀତିରେ ପ୍ରଜ୍ଞା ଦାସ, ବିବିଏରେ ବିଶାଲ କର୍ଣ୍ଣାନୀ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବିଜିୟୁ ପରିଚାଳନା କମିଟି ସଦସ୍ୟ ବିକାଶ କାଣ୍ଡୋଇ, ବିମ୍‌ଟେକ୍ ଗ୍ରେଟର ନୋଏଡା ନିର୍ଦ୍ଦେଶକ ଡ.ଏଚ୍ ଚତୁର୍ବେଦୀ, ରେଜିଷ୍ଟ୍ରାର ବି.କେ.ଦାସ, ପରୀକ୍ଷା ନିୟନ୍ତ୍ରକ ବିମଳ ଚନ୍ଦ୍ର ମିଶ୍ର, ବିର୍ଲା ସ୍କୁଲ ଅଫ ଲର ଡିନ୍ ଲଳିତ କୁମାର ଦେବ, ଅର୍ଚ୍ଚନା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।





ଆଇଆଇଟି ଏବଂ ଏନ୍‌ଆଇଆଇଟିଗୁଡ଼ିକ ପ୍ରଦୂଷଣ ସମସ୍ୟାର ସମାଧାନ କରିପାରିବେ ବୋଲି ବିଶ୍ୱାସ।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି



ଅହମଦାବାଦରେ 'ପ୍ରାଣୀଙ୍କୁ ସୁରକ୍ଷା ଓ ସମ୍ମାନ' ଶୀର୍ଷକ ଏକ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଭାଗନେଇଥିବା ପ୍ରାଣୀଙ୍କ ପ୍ରତି କ୍ରୁରତା ନିବାରଣ ପାଇଁ ସୋସାଇଟି (ଏସ୍‌ପିସିଏ) କର୍ମକର୍ତ୍ତାମାନେ ହାତୀଙ୍କୁ ଖାଦ୍ୟ ଖୁଆଉଛନ୍ତି।



ଚେନ୍ନାଇରେ ଆଦିବାସୀ ସାଂସ୍କୃତିକ ଉତ୍ସବ 'ପାଲାଙ୍ଗୁଡ଼ି ନାଥମ୍' ପାଳନ ଅବସରରେ ମୁଣ୍ଡରେ ଗୋଧିକୁ ବସାଇ କୌଶଳ ପ୍ରଦର୍ଶନ କରୁଛନ୍ତି ଜଣେ କଳାକାର।

## ସଂକ୍ଷେପରେ

### ୪ ଜେଇଏମ୍ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୧୯।୧୧(ପି.ଟି.) :** ଜମ୍ମୁ-କଶ୍ମୀରର ପୁଲୱାମାରେ ଆତଙ୍କବାଦୀ ବିସ୍ଫୋରଣ କରିଥିବା ଜୈଶ-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ସଙ୍ଗଠନର ୪ ସହଯୋଗୀଙ୍କୁ ଗିରଫ କରାଯାଇଛି। ଗତ ଜୁଲାଇରେ ଆରିହଲ୍ ଅଞ୍ଚଳରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ମାମଲାର ତଦନ୍ତ କରାଯାଉଥିବାବେଳେ ଏମାନଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ବିଦେଶରୁ ଆତଙ୍କବାଦୀଙ୍କୁ ଆଣୁଥିବା ମାଷ୍ଟରମାଇଣ୍ଡ ଶାରିକ୍ ଅହମଦଙ୍କୁ ଧରିବା ପରେ ଅନ୍ୟ ୩ ଜଣ ଜେଇଏମ୍ ସଦସ୍ୟ ଆକିବ୍ ଅହମଦ, ଆଦିଲ୍ ଅହମଦ ଓ ଓୱାଇସ୍ ଅହମଦଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ଆରିହଲ୍ ଅଞ୍ଚଳରେ ମଧ ଏମାନେ ବିସ୍ଫୋରଣ କରିଥିବା ଜଣାପଡ଼ିଛି। ଏମାନଙ୍କଠାରୁ ଅନେକ ବିସ୍ଫୋରକ ଓ ଆପତ୍ତିଜନକ ଜିନିଷ ଜବତ କରାଯାଇଛି। ଏନେଇ ଅଧିକ ପୋଲିସ ତଦନ୍ତ ଜାରି ରହିଥିବା ପ୍ରକାଶ।

### ୩ ମାସ ପରେ କଶ୍ମୀରରେ ଖୋଲିଲା ସ୍କୁଲ

**ଶ୍ରୀନଗର, ୧୯।୧୧(ପି.ଟି.) :** ଦୀର୍ଘ ୩ ମାସ ପରେ ପୁଣି କଶ୍ମୀରରେ ମଙ୍ଗଳବାର ସ୍କୁଲ ଖୋଲିଛି। ୩୭୦ ଅନୁଚ୍ଛେଦ ହଟାଇ ଦିଆଯିବା ପରେ ପରିସ୍ଥିତିକୁ ଦେଖି ଅଘୋଷିତ ଭାବେ ଏଠାକାର ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ଏବେ ସ୍ଥିତି ସାମାନ୍ୟ ହେବାରେ ଲାଗିଛି। ଅନେକ ଘରୋଇ ସ୍କୁଲ ମଙ୍ଗଳବାର କଶ୍ମୀରରେ ଖୋଲିଥିବା ଜଣାପଡ଼ିଛି। ସେହିପରି ଯାତ୍ରୀ ପରିବହନ ବ୍ୟବସ୍ଥାରେ ମଧ ସୁଧାର ଆସିଛି। ସ୍କୁଲଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଖୋଲିଥିବାବେଳେ ବିନା ୟୁନିଫର୍ମରେ ପିଲାଙ୍କୁ ଆସିବା ଲାଗି କୁହାଯାଇଛି। ଗତ ରବିବାର ଶ୍ରୀନଗରରୁ ବନିହାଲ ରେଳ ଚଳାଚଳ କରିଥିଲା।

### ୩୭୦ ଉଚ୍ଛେଦ ପରଠୁ ୭୬୫ ଗିରଫ

**ନୂଆଦିଲ୍ଲୀ,୧୯।୧୧(ପି.ଟି.):** ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇବା ପରଠୁ ସେଠାରେ ଆତଙ୍କ ଦମନ ପାଇଁ ୭୫୬ ଟେକାମାଡ଼କାରୀ ଓ ବିଶୃଙ୍ଖଳା ସୃଷ୍ଟିକାରୀଙ୍କୁ ସୁରକ୍ଷା ବଳ ଗିରଫ କଲାଣି। ଅଗଷ୍ଟ ୫ରୁ ନଭେମ୍ବର ୧୫ ମଧରେ ୭୬୫ ଜଣଙ୍କୁ ଗିରଫ କରାଯାଇଛି। ୧୯୦ଟି ଟେକାମାଡ଼ ମାମଲା ରୁଜୁ କରାଯାଇଛି ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ସୂଚନା ଦେଇଛନ୍ତି।

### ସମୁଦ୍ର ପତ୍ତନ ୮.୫ ସେ.ମି. ବଢ଼ିଛି

**ନୂଆଦିଲ୍ଲୀ,୧୯।୧୧(ପି.ଟି.):** ଗତ ୫୦ ବର୍ଷ ମଧରେ ଭାରତୀୟ ଉପକୂଳରେ ସମୁଦ୍ର ପତ୍ତନ ୮. ୫ ସେ.ମି. ବୃଦ୍ଧି ପାଇଛି ବୋଲି ରାଜ୍ୟ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋ କହିଛନ୍ତି। ଦେଶର ଉପକୂଳ ଅଞ୍ଚଳର ସମୁଦ୍ର ପତ୍ତନ ବର୍ଷକୁ ହାରାହାରି ୧.୭୦ ମି.ମି. ବଢ଼ୁଛି।

## ଇତିହାସର ଆଇନାରେ

**ନଭେମ୍ବର ୨୦ର ପ୍ରମୁଖ ଘଟଣା**

### ଅଗ୍ନିକାଣ୍ଡରେ ୪୧ ମୃତ

୧୯୯୬ ନଭେମ୍ବର ୨୦ରେ ହଂକଂର ଏକ ୧୬ ମହଲା କମର୍ସିଆଲ ବିଲ୍ଡିଂରେ ଅଗ୍ନିକାଣ୍ଡ ଘଟିବାରୁ ୪୧ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ନିଆଁର ପ୍ରକୋପରେ ୮୧ ଗୁରୁତର ହୋଇପଡ଼ିଥିଲେ। ତଳ ୩ ମହଲା ଓ ଉପର ୨ ମହଲା ଏହାଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ନିଆଁ ଲିଭାଇବା ଲାଗି ୨୦୦ ଅଗ୍ନିସମ ବିଭାଗର କର୍ମଚାରୀ ଓ ୩୫ ଇଞ୍ଜିନିୟର ନିୟୋଜିତ ହୋଇଥିଲେ।

### କୋଇଲା ଖଣିରେ ବିସ୍ଫୋରଣ

୧୯୬୮ ନଭେମ୍ବର ୨୦ରେ ପଶ୍ଚିମ ଭିର୍ଜିନିଆର ଫାର୍ମିଂଟନସ୍ଥିତ ଏକ କୋଇଲା କାରଖାନାରେ ବିସ୍ଫୋରଣ ହେବାରୁ ୭୮ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ବିସ୍ଫୋରଣ ବେଳେ ଖଣି ଭିତରେ ୯୯ ଶ୍ରମିକ କାର୍ଯ୍ୟରତ ଥିଲେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ୧୯ ମୃତକଙ୍କୁ ଚିହ୍ନି ହେଉ ନ ଥିଲା।

## ଜେଏନ୍‌ୟୁରେ ଥମୁନି ବିବାଦ

# ଛାତ୍ରୀଛାତ୍ରଙ୍କ ବିରୋଧରେ ମାମଲା ରୁଜୁ

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**




ବିକ୍ଷୋଭରତ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ଛାତ୍ରୀଛାତ୍ରଙ୍କ ବିରୋଧରେ ମଙ୍ଗଳବାର ପୋଲିସ ମାମଲା ରୁଜୁକରିଛି। ହଷ୍ଟେଲ ଫି ବୃଦ୍ଧିକୁ ନେଇ ଏମାନେ ପ୍ରତିବାଦ ସ୍ୱରୂପ ବିକ୍ଷୋଭ କରୁଥିବାବେଳେ ସୋମବାର ଏମାନଙ୍କ ଉପରେ ପୋଲିସ ଲାଠିଚାର୍ଜ କରିଥିଲା। ଏବେ ଆଇପିସିର ଧାରା ୧୮୬, ୩୫୩, ୩୩୨, ୧୮୮, ୧୪୭, ୧୪୯ ଆଦି ଲଗାଯାଇ ପୋଲିସ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକରିଛି। କିଷନଗଡ଼ ପୋଲିସ ଷ୍ଟେଶନ ଓ ଲୋଧି କଲୋନୀ ପୋଲିସ ଷ୍ଟେଶନରେ ଏହି ମାମଲା ରୁଜୁ କରାଯାଇଥିବା ଡିସିପି(ସାଉଥ୍) ଅତୁଲ୍ କୁମାର ଠାକୁର ପ୍ରକାଶ କରିଛନ୍ତି। ସରକାରୀ ସମ୍ପତ୍ତି ନଷ୍ଟକରିବା, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିକରିବା, ଦଙ୍ଗା ଓ ବିଶୃଙ୍ଖଳା କରି ଏକାଠି ହେବା ଭଳି ଅନେକ ସଙ୍ଗିନ ଅଭିଯୋଗ ଛାତ୍ରୀଛାତ୍ରଙ୍କ ବିରୋଧରେ ଲଗାଯାଇଛି। ସୋମବାର ଶତାଧିକ ଛାତ୍ରୀଛାତ୍ର ଦିଲ୍ଲୀରେ ବିକ୍ଷୋଭକରିବା ସହ ଫି ବୃଦ୍ଧିକୁ ବିରୋଧ କରି ମାର୍ଚ୍ଚ କରିଥିଲେ। ପୋଲିସ ଅଟକାଇବାରୁ ସଂଘର୍ଷ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଦମନ କରିବା ଲାଗି ପୋଲିସ ଲାଠିଚାର୍ଜ କରିଥିବା ଅଭିଯୋଗ ହୋଇଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ଏହାକୁ ଅସ୍ୱୀକାର କରିଥିଲେ। ସଂଘର୍ଷରେ ୩୦ ପୋଲିସ ଓ ୧୫ ଛାତ୍ରୀଛାତ୍ର ଆହତ ମଧ ହୋଇଥିଲେ। ୮ ଘଣ୍ଟା ଧରି ଅଞ୍ଚଳ ରଣକ୍ଷେତ୍ର ପାଲଟିଥିଲା। ଏଥିରେ ଦିଲ୍ଲୀର ଅନ୍ୟ ବିଶ୍ୱବିଦ୍ୟାଳୟର ହଜାର ହଜାର ଛାତ୍ରୀଛାତ୍ର ମଧ ସାମିଲ ଥିଲେ। ବ୍ୟାରିକେଡ୍ ଭାଙ୍ଗି ଛାତ୍ରୀଛାତ୍ରମାନେ ଆଗକୁ ମାଡ଼ିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଜେଏନ୍‌ୟୁ ଛାତ୍ର ସଂଘ ସଭାପତି ଏ.ଘୋଷ୍, ସମ୍ପାଦକ ସତୀଶ୍ ଚନ୍ଦ୍ର ଯାଦବଙ୍କ ସମେତ ଶତାଧିକ ଛାତ୍ରୀଛାତ୍ରଙ୍କୁ ପୋଲିସ ଅଟକ ରଖିଥିଲା।

### ପୋଲିସ ଦମନଲୀଳାକୁ ନେଇ ଗୃହରେ ତାତି

**ନୂଆଦିଲ୍ଲୀ, ୧୯।୧୧(ପି.ଟି.) :** ଫି ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ କରୁଥିବା ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନର ତାତି ମଙ୍ଗଳବାର ପାର୍ଲାମେଣ୍ଟରେ ଦେଖିବାକୁ ମିଳିଛି। କେନ୍ଦ୍ରକୁ ଏନେଇ ବିରୋଧୀ ସମାଲୋଚନା କରିଛନ୍ତି। ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ନିରୀହ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ସହରୀ ମାଓବାଦୀ କାର୍ଯ୍ୟକଳାପ ସହ ସମାନ ବୋଲି ମତ ଦେଇଛନ୍ତି। ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପୋଲିସର ଦମନଲୀଳାକୁ ଲଜ୍ଜାଜନକ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ବିରୋଧୀ ସଦସ୍ୟମାନେ ଏଥିରେ ସ୍ୱରମିଳାଇ ରାଜ୍ୟ ସଭାରେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

### 'ଆଇନଗତ ପଦକ୍ଷେପ ନିଆ ନ ଯାଉ'

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**



ବିକ୍ଷୋଭରତ ଛାତ୍ରୀଛାତ୍ରଙ୍କ ବିରୋଧରେ କୌଣସି ପ୍ରଶାସନିକ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଉ ବୋଲି ଜେଏନ୍‌ୟୁ ଛାତ୍ରସଂଘ ପକ୍ଷରୁ ଦାବି କରାଯାଇଛି। ଛାତ୍ରସଂଘ ସଭାପତି ଏ. ଘୋଷ୍ କହିଛନ୍ତି, ମାନବସମ୍ବଳ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ସହ ଆଲୋଚନା କରାଯାଇ ଛାତ୍ରୀଛାତ୍ରଙ୍କ ବିରୋଧରେ କୌଣସି ଆଇନଗତ ପଦକ୍ଷେପ ନିଆ ନ ଯିବା ଲାଗି ଅନୁରୋଧ କରାଯାଇଛି। ଇ-ମେଲ୍ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନୋଟିସ ପଠାଯାଇଥିଲେ ହେଁ କେହି ଟଙ୍କାଟିଏ ବି ଜରିମାନା ଦେବେନାହିଁ। ମଧ୍ୟସ୍ଥତା ଲାଗି ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ପ୍ୟାନେଲ ସହ ଆଲୋଚନା କରିବାକୁ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମନା କରିଦେବା ଉଚିତ ନ ଥିଲା। ଏହା ଦ୍ୱାରା ଛାତ୍ର ଅଶାନ୍ତି ବୃଦ୍ଧି ପାଇବ। ଛାତ୍ରୀଛାତ୍ରଙ୍କ ଦାବି ପୂରଣ ନ ହେବା ଓ ଫି ବୃଦ୍ଧି ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ଛାତ୍ରସଂଘ ପକ୍ଷରୁ କୁହାଯାଇଛି।

## ୧୦ ସଂସ୍ଥାକୁ ଦିଆଯାଇଛି ଫୋନ୍ ଟ୍ୟାପିଙ୍ଗ୍ ଅନୁମତି

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଭଳି ୧୦ଟି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଫୋନ୍ ଟ୍ୟାପିଙ୍ଗ୍ ପାଇଁ ଅନୁମତି ଦିଆଯାଇଛି। କୌଣସି ବ୍ୟକ୍ତିଙ୍କୁ ସର୍ଭିଲାନ୍ସରେ ରଖିବା ପୂର୍ବରୁ ସେହି ସଂସ୍ଥାଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅନୁମତି ନେବା ଜରୁରୀ ବୋଲି ମଙ୍ଗଳବାର ଲୋକ ସଭାରେ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍ସଆପ୍ କଲ୍ ଓ ମେସେଜ୍ ଟ୍ୟାପିଙ୍ଗ୍ ସମ୍ପର୍କିତ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି, କୌଣସି କମ୍ପ୍ୟୁଟରରେ ସୂଚନା ପ୍ରସ୍ତୁତ, ପ୍ରେରଣ, ଗ୍ରହଣ ବା ସଂରକ୍ଷଣ କରାଯାଇଥିଲେ ତାକୁ ଆୟତ୍ତ, ଅନୁଧ୍ୟାନ କିମ୍ବା ବିଗୂଢ଼ କରିବା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇନ, ୨୦୦୦ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ କ୍ଷମତା ପ୍ରଦାନ କରିଛି। ସରକାର ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ, ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟାକ୍ସେସ୍, ଡାଇରେକ୍ଟୋରେଟ୍ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ, ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ, ରିସର୍ଚ୍ଚ ଆଣ୍ଡ ଅନାଲିସିସ୍ ୱିଙ୍ଗ୍ 'ର', ଡାଇରେକ୍ଟୋରେଟ୍ ଅଫ୍ ସିଗ୍ନାଲ ଇଣ୍ଟେଲିଜେନ୍ସ ଏବଂ ଦିଲ୍ଲୀ ପୋଲିସ କମିଶନରଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି।

## ରାଜସ୍ଥାନ ପୌର ନିର୍ବାଚନ

### କଂଗ୍ରେସ ୯୬୧, ଭାଜପା ୭୩୭

**ଜୟପୁର, ୧୯।୧୧(ପି.ଟି.)**

ଶାସକ କଂଗ୍ରେସ ରାଜସ୍ଥାନ ପୌର ନିର୍ବାଚନରେ ବିପୁଳ ସଫଳତା ହାସଲ କରିଛି। ଦଳ ମୋଟ ୯୬୧ ୱାର୍ଡ ଦଖଲ କରିବାରେ ସମର୍ଥ ହୋଇଛି। ଭାଜପାକୁ ମୋଟ ୭୩୭ ୱାର୍ଡରେ ସଫଳତା ମିଳିଛି। ଶନିବାର ଅନୁଷ୍ଠିତ ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆଶାନୁରୂପ ସଫଳତା ଦଳକୁ ମିଳିଥିବା କହିଛନ୍ତି। ବିଏସ୍‌ପିକୁ ୧୬, ସିପିଏମ୍‌କୁ ୩ ଓ ଏନ୍‌ସିପିକୁ ୨ଟି ୱାର୍ଡ ମିଳିଥିବା ନିର୍ବାଚନ କମିଶନଙ୍କଠାରୁ ପ୍ରକାଶ।

## ଓବିସି ତାଲିକାରେ ବଢ଼େଇ ଜାତିକୁ ନେଇ ସଂଶୋଧନ

# କେନ୍ଦ୍ରକୁ ଅନୁରୋଧ କଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ,୧୯।୧୧**

କେନ୍ଦ୍ରୀୟ ତାଲିକାର ଅନ୍ୟ ପଛୁଆ ବର୍ଗ (ଓବିସି)ରେ ରହିଥିବା 'ବଢ଼େଇ' ଜାତିରେ ସଂଶୋଧନ ପାଇଁ ମଙ୍ଗଳବାର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମଙ୍ଗଳବାର ଲୋକ ସଭା ପରିସରରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାୱରଚନ୍ଦ ଗେହଲଟଙ୍କୁ ସାକ୍ଷାତ କରି ଏକ ପତ୍ର ଦେଇଥିଲେ। ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ହାଇକୋର୍ଟଙ୍କ ରାୟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ପରିପ୍ରେକ୍ଷୀରେ କେନ୍ଦ୍ରୀୟ ତାଲିକାର ଓବିସିରେ 'ବଢ଼େଇ' ଜାତିକୁ ନେଇ ସଂଶୋଧନ କରିବା ପାଇଁ ପଛୁଆ ବର୍ଗଙ୍କ ପାଇଁ ଜାତୀୟ ଆୟୋଗଙ୍କ ନିକଟକୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟକୁ ଦୁଇଟି ପ୍ରସ୍ତାବ ପଠାଇଛି। କିନ୍ତୁ ମନ୍ତ୍ରଣାଳୟ ପକ୍ଷରୁ ଅଦ୍ୟାବଧି ଏନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ଏହି ବର୍ଗର ଲୋକେ ଓବିସି ପ୍ରମାଣପତ୍ର ପାଇପାରୁ ନାହାନ୍ତି। ତେଣୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସେ ଗେହଲଟଙ୍କୁ ଅନୁରୋଧ କରିଛନ୍ତି।

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପିଡିପି ଏମ୍‌ପିଙ୍କ ଚିଠି

# ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରାଯାଉ

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ଜମ୍ମୁ-କଶ୍ମୀରର ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସହ ଗୃହବନ୍ଦୀ ଥିବା ରାଜ୍ୟର ସମସ୍ତ ରାଜନେତାମାନଙ୍କୁ ତୁରନ୍ତ ମୁକ୍ତକରିବା ଲାଗି ପିଡିପିର ରାଜ୍ୟ ସଭା ଏମ୍‌ପି ମହମ୍ମଦ ଫୟାଜ୍ ମିର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ ଲେଖିଛନ୍ତି, ଜମ୍ମୁ-କଶ୍ମୀରରେ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଫଳରେ ରାଜ୍ୟବାସୀ ନାହିଁ ନ ଥିବା ସମସ୍ୟା ଭୋଗକରୁଛନ୍ତି। ନେତାଶୂନ୍ୟ ହୋଇପଡ଼ିଥିବା ଏହି ଅଞ୍ଚଳର ଲୋକେ ଭୟର ବାତାବରଣ ମଧରେ ଅଛନ୍ତି। ତେଣୁ ୩୭୦ ଅନୁଚ୍ଛେଦ ହଟାଯିବା ପରେ ଅଗଷ୍ଟ ୫ରୁ ଅଟକ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି, ଫାରୁକ୍ ଅବଦୁଲ୍ଲା ଓ ଓମାର ଅବଦୁଲ୍ଲାଙ୍କ ସହ ସମସ୍ତ ରାଜନେତା ଓ କର୍ମୀଙ୍କୁ ତୁରନ୍ତ ମୁକ୍ତ କରାଯାଉ।

# ମାର୍ଶାଲଙ୍କ ନୂଆ ସେନା ପୋଷାକର ସମୀକ୍ଷା ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**

ରାଜ୍ୟ ସଭା ମାର୍ଶାଲଙ୍କ ଲାଗି ନୂଆ ସେନା ପୋଷାକ ନେଇ ସମାଲୋଚନା କରାଯିବା ପରେ ଏହାର ସମୀକ୍ଷା କରାଯିବ ବୋଲି ଗୃହର ଅଧକ୍ଷ ଭେଙ୍କାୟା ନାଇଡୁ ପ୍ରକାଶ କରିଛନ୍ତି। କେତେକ ପୂର୍ବତନ ସେନା ଅଧିକାରୀ ଓ ବିରୋଧୀ ଦଳର ନେତା ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ରାଜ୍ୟ ସଭା ସେକ୍ରେଟାରିଏଟ୍ ପକ୍ଷରୁ ମାର୍ଶାଲଙ୍କ ଲାଗି ନୂଆ ଡ୍ରେସକୋର୍ଡର ବ୍ୟବସ୍ଥା କରାଯାଇଥିବା ନାଇଡୁ ନିଜେ ଗୃହରେ କହିଥିଲେ। ହେଲେ ଏନେଇ କେତେକ ପ୍ରସ୍ତାବ ଓ ବିରୋଧକୁ ଆଖିଆଗରେ ରଖି ଏହାର ସମୀକ୍ଷା କରାଯିବ ବୋଲି ନାଇଡୁ ମଙ୍ଗଳବାର ମତ ଦେଇଛନ୍ତି।




## ଶିଶୁଙ୍କ ବିରୋଧରେ ଯୌନ ହିଂସା

# ତଦନ୍ତ, ଶୁଣାଣି ସ୍ଥିତି ଚିନ୍ତାଜନକ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ଦେଶରେ ଶିଶୁଙ୍କ ବିରୋଧରେ ଯୌନ ହିଂସା ବଢ଼ିବାରେ ଲାଗିଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଶିଶୁଙ୍କୁ ଯୌନ ଉତ୍ପୀଡ଼ନ କ୍ଷେତ୍ରରେ ତଦନ୍ତ ଓ ଶୁଣାଣି ସ୍ଥିତିଅଚମ୍ଭିତ କରିଦେବା ଭଳି ବୋଲି ସର୍ବୋଚ୍ଚ ଅଦାଲତ ଟିପ୍ପଣୀ ଦେଇଛନ୍ତି। ଏହାସହ ଏଭଳି ମାମଲାଗୁଡ଼ିକର ତଦନ୍ତ ତୁରନ୍ତ କରାଇ ଶୁଣାଣି ସମ୍ପୂର୍ଣ୍ଣ କରାଇବା ସକାଶେ କେନ୍ଦ୍ର ଓ ସମସ୍ତ ରାଜ୍ୟ ସରକାରଙ୍କୁ ଅଧିକ ତତ୍ପରତା ଦେଖାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶିଶୁ ବଳାତ୍କାର ମାମଲା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ନେଇ ନିଜଆଡ଼ୁ ବିଚାର ଆରମ୍ଭ କରିଛନ୍ତି। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ୧୦୦ରୁ ଅଧିକ ମାମଲା ରୁଜୁ ହୋଇଥିବା ଜିଲାଗୁଡ଼ିକରେ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ଗୋଟିଏ ଲେଖାଏ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିବା ସମେତ କେତେକ ନିର୍ଦ୍ଦେଶନାମା ଏହା ପୂର୍ବରୁ ଜାରି କରିଥିଲେ। ସୁପ୍ରିମକୋର୍ଟ ରେଜିଷ୍ଟ୍ରାର ସୁରିନ୍ଦର ଏସ୍. ରାଠିଙ୍କ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟକୁ ଗତ ୧୩ ତାରିଖରେ ତତ୍କାଳୀନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଗ୍ରହଣ କରିଥିଲେ। ଉକ୍ତ ରିପୋର୍ଟରୁ ଚକିତ କରିଦେବା ଭଳି ତଥ୍ୟ ମିଳିଛି। ଶୁଣାଣି ସମ୍ପର୍କରେ ନ କହିବା ଭଲ। ବର୍ଷକରେ ମାତ୍ର ୨୦% ମାମଲାର ବିଚାର ହୋଇପାରିଛି। ପୀଡ଼ିତାଙ୍କୁ ସହାୟତା ଦେବା ପାଇଁ କାହାକୁ ଦାୟିତ୍ୱ ଦିଆଯାଇ ନାହିଁ କିମ୍ବା ସେମାନଙ୍କୁ କ୍ଷତିପୂରଣ ମଧ ମିଳିନାହିଁ। ପ୍ରାୟ ଦୁଇ-ତୃତୀୟାଂଶ ମାମଲା ବର୍ଷାଧିକ ସମୟ ଧରି ପଡ଼ିରହିଛି। ତେଣୁ ପୋକ୍ସୋ ଆଇନ ଅନୁସାରେ ଶିଶୁଙ୍କ ବିରୋଧରେ ଯୌନ ଅପରାଧ ମାମଲାଗୁଡ଼ିକର ଶୁଣାଣି ବର୍ଷକ ମଧରେ ଶେଷ କରିବାକୁ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ନେଇ ଗଠିତ ଖଣ୍ଡପୀଠ କହିଥିଲେ।





ଯେଉଁମାନେ ସମାଜରୁ ଅଧିକ ନିଅନ୍ତି ଓ ସମାଜକୁ କିଛି ଦିଅନ୍ତି ନାହିଁ, ସେହିମାନେ ହିଁ ଅସୁର ପଦବାଚ୍ୟ।
-ଆରିଷ୍ଟଟଲ୍



## ସଂକ୍ଷେପରେ

### ଦୟାନଦୀ ଘାଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପୁରୁଣା ଭୁବନେଶ୍ୱର, ୧୯।୧୧ (ଡି.ଏନ୍.ଏ):** ଧଉଳି ଥାନା ଅଧୀନ ଲିଙ୍ଗିପୁର ଦୟା ନଦୀ ଘାଟରୁ ମଙ୍ଗଳବାର ସକାଳୁ ଏକ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଯୁବକଙ୍କ ବୟସ ୨୫ବର୍ଷ ହୋଇଥିବା ଅନୁମାନ କରାଯାଉଥିବାବେଳେ ପରିଚୟ ଜଣାପଡ଼ିନାହିଁ। ସକାଳ ସମୟରେ ଘାଟ ନିକଟରେ ଏକ ମୃତଦେହ ଭାସୁଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏ ନେଇ ପୋଲିସ ନଂ.୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**ବାଲିଅନ୍ତା,୧୯।୧୧(ଡି.ଏନ୍.ଏ.):** ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବାଲିଅନ୍ତା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ପରଆପାଟପୁର ଗ୍ରାମର ପ୍ରତାପ କୁମାର ସ୍ୱାଇଁ(୪୦)। ତଦନ୍ତକାରୀ ଅଧିକାରୀ ପି.କେ. ସାହୁଙ୍କ ସୂଚନା ଅନୁଯାୟୀ, ଗଞ୍ଜାମ ଅଞ୍ଚଳରେ ଜଣେ ବ୍ୟକ୍ତି ପରିଆପାଟପୁର ଗ୍ରାମରେ ଭଡା ଘର ନେଇ ସପରିବାର ରହୁଥିଲେ। ଗତ ରବିବାର ସନ୍ଧ୍ୟାରେ ତାଙ୍କ ସ୍ତ୍ରୀ ଶୌଚ ହେବା ପାଇଁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ସେଠି ପ୍ରତାପ ଥିବାବେଳେ ମହିଳାଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣଙ୍କ ଘରକୁ ଫେରି ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ପରେ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୨୯୯/୧୯ରେ ଏକ ମାମଲା ରୁଜୁ କରିଛି।

### ପର୍ଯ୍ୟଟନସ୍ଥଳୀ ଟିକେଟ ହେର୍‌ଫେର୍ ନେଇ ସିବିଆଇ ତଦନ୍ତ ଦାବି

**ପୁରୁଣା ଭୁବନେଶ୍ୱର,୧୯।୧୧ (ଡି.ଏନ୍.ଏ.):** ଏଏସଆଇର କେତେକ ଅସାଧୁ କର୍ମଚାରୀ ଓ ଘରୋଇ ସିକ୍ୟୁରିଟି ସଂସ୍ଥା କର୍ମଚାରୀଙ୍କ ମିଳିତ ଭାବେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଟିକେଟ ଅର୍ଥ ହେର୍‌ଫେର୍ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଏଏସ୍ଆଇ ମୁଖ୍ୟଫାଟକରେ ଧାରଣା ଦେବାପରେ ହଠାତ୍ କେତୋଟି ପର୍ଯ୍ୟଟନ ସ୍ଥଳରେ ଆୟର ବୃଦ୍ଧିପାଇଛି। ଏହି ଅନିୟମିତତା ବିରୋଧରେ ତଥା ଦୋଷୀ କର୍ମଚାରୀଙ୍କୁ ଦଣ୍ଡ ବିଧାନ ଓ ତଦନ୍ତ ନିମନ୍ତେ ମଞ୍ଚ ପକ୍ଷରୁ ମଙ୍ଗଳବାର ସିବିଆଇ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଏପରିକି ଉଦୟଗିରିଠାରେ ପୂର୍ବରୁ ଟିକେଟ ଆୟ ୭ରୁ ୧୩ହଜାର ଟଙ୍କା ହେଉଥିବାବେଳେ ଅଭିଯୋଗପରେ ଏହା ହଠାତ୍ ୨ରୁ ୩ଗୁଣ ବୃଦ୍ଧିପାଇଥିବା ମଞ୍ଚ ଅଭିଯୋଗ କରିଛି। ୧୯୯୬ ମସିହାରେ ରାଜାରାଣୀ, ଖଣ୍ଡଗିରି ଉଦୟଗିରି, କୋଣାର୍କ ଆଦି ଐତିହ୍ୟ ସ୍ଥଳରେ ସମାନ ଅଭିଯୋଗ କୋଣାର୍କ ସୁରକ୍ଷା ମଞ୍ଚ ତରଫରୁ କରାଯାଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ସ୍ଥାଣୁତା ଯୋଗୁ ଆଜି ଏପରି ବିଶୃଙ୍ଖଳା ପରିଲକ୍ଷିତ ହେଉଥିବା ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକ କହିଛନ୍ତି।

■ ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କୁ ହତ୍ୟା ଘଟଣା

# ଯୌନ ସମ୍ପର୍କକୁ ନେଇ ଖୋଳତାଡ଼ କରୁଛି ପୋଲିସ

**ଭୁବନେଶ୍ୱର, (ବ୍ୟୁରୋ)/କଟକ ରୋଡ,୧୯।୧୧(ଡି.ଏନ୍.ଏ.)**

ଅବସରପ୍ରାପ୍ତ ରେଲୱେ କର୍ମଚାରୀ ଟି. ଭେଙ୍କଟ ରାଓଙ୍କୁ ତଣ୍ଟିକାଟି ହତ୍ୟା ଘଟଣାକୁ ମଙ୍ଗଳବାର ୨୪ ଘଣ୍ଟା ବିତିଯାଇଛି। ହେଲେ ଲକ୍ଷ୍ମୀସାଗର ଥାନା ପୋଲିସ ଅଭିଯୁକ୍ତଙ୍କ ବାବଦରେ ସୁରାକ ପାଇପାରିନାହିଁ। କିଏ ଓ କେଉଁ କାରଣ ପାଇଁ ହତ୍ୟାକାଣ୍ଡ ଘଟାଇଲା ସେନେଇ ପୋଲିସ ତଦନ୍ତ କରୁଛି। ହେଲେ ଲଜ୍ ଭିତରୁ ଭେଙ୍କଟଙ୍କ ଉଲଗ୍ନ ମୃତଦେହ ମିଳିଥିବାରୁ ପୋଲିସ ଯୌନ ସମ୍ପର୍କକୁ ନେଇ ଖୋଳତାଡ଼ କରୁଛି। ଏନେଇ ଆଇଆଇସି ଦୟାନିଧି ନାୟକ କହିଛନ୍ତି, ଅପ୍ରାକୃତିକ ଯୌନ ସମ୍ପର୍କ କାରଣକୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେଣୁ ତଦନ୍ତରେ ଏହି ଦିଗକୁ ଅଧିକ ଫୋକସ କରାଯାଇଛି।

ଭେଙ୍କଟ ରେଲୱେ କିରାଣି ଭାବେ କାର୍ଯ୍ୟ କରୁଥିଲେ। ଚାକିରିରୁ ଅବସର ନେବା ପରେ ସେ ଭୁବନେଶ୍ୱର ରେଳଷ୍ଟେଶନରେ ଏକ ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ ଚଳାଉଥିଲେ। କେତେଜଣ ରେଲୱେ କର୍ମଚାରୀ କହିଛନ୍ତି ଯେ, ସୋମବାର ଅପରାହ୍ନ ସାଢ଼େ ଗୋଟାଏ ସମୟରେ ଭେଙ୍କଟ ଟିକେଟ୍ ଭେଣ୍ଡିଂ ମେଶିନ ନିକଟରେ ଥିଲେ। ଏହି ସମୟରେ ଜଣେ ଯୁବକ ସେଠାରେ ପହଞ୍ଚିଥିଲେ। ଉଭୟ ଷ୍ଟେଶନରେ ଥିବା ଏକ ବହି ଦୋକାନକୁ ଯାଇ ରେଲୱେର ଗ୍ରୁପ୍-ଡି ବହି କିଣିଥିଲେ। ଏହାପରେ ଉଭୟ ୬ ନମ୍ବର ପ୍ଲାଟଫର୍ମ ଦେଇ ବାହାରକୁ ବାହାରି ନିକଟସ୍ଥ ସୁକାନ୍ତି ଡର୍ମିଟୋରି ଲଜ୍‌କୁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଭେଙ୍କଟଙ୍କ ମୃତଦେହ ଉଲଗ୍ନ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲଜ୍ ରୁମ୍‌ର ଖଟ ଉପରେ ଦେଖିବାକୁ ମିଳିଥିଲା। ତାଙ୍କ ସହ ଥିବା ଯୁବକ ଜଣକ ଫେରାର ହୋଇଥିଲେ। ରେଲୱେ କର୍ମଚାରୀମାନେ ଚର୍ଚ୍ଚା କରୁଛନ୍ତି ଯେ, ଭେଙ୍କଟ କାଳେ ରେଲୱେ ଚାକିରି କରାଇଦେବାକୁ କହି ଯୁବକଙ୍କୁ ଉକ୍ତ ଲଜ୍‌କୁ ଡାକି ନେଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ତାଙ୍କୁ ଯୁବକ ଜଣକ ହତ୍ୟା କରିଦେଇଥିଲେ। ପୋଲିସ ସବୁ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସନ୍ଧାନୀ କୁକୁର ଭୁବନେଶ୍ୱର ରେଳଷ୍ଟେଶନ ୪ନଂ ପ୍ଲାଟ୍‌ଫର୍ମରୁ ଫେରିବା ପରେ ପୋଲିସ ଷ୍ଟେଶନର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଜଣେ ନାଲିରଙ୍ଗର ଶାର୍ଟ ପିନ୍ଧିଥିବା ଯୁବକ ଭେଙ୍କଟଙ୍କ ସହ ପ୍ଲାଟଫର୍ମରେ ଥିବା ଦେଖିବାକୁ ମିଳୁଛି। ଏପରିକି ସେମାନେ ଲଜ୍ ଭିତରକୁ ଯିବା ପାଇଁ ୬ ନମ୍ବର ପ୍ଲାଟଫର୍ମରେ ଛକାପଞ୍ଝା ହେଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଅନ୍ୟପଟରେ ଲଜ୍ ରୁମ୍‌ରୁ ଦୁଇଟି ବ୍ୟାଗ୍‌କୁ ଜବତ କରାଯାଇଛି। ଗୋଟିଏ ବ୍ୟାଗ୍ ଅଭିଯୁକ୍ତଙ୍କର। ପୋଲିସ ଉକ୍ତ ବ୍ୟାଗ୍‌ର ବାରକୋଡ୍‌କୁ ଯାଞ୍ଚ କରୁଥିବା ଜଣାପଡିଛି। ଏହାସହ ଭେଙ୍କଟଙ୍କ ମୋବାଇଲ୍ କଲ ଡିଟେଲ ରେକର୍ଡକୁ ମଧ୍ୟ ଯାଞ୍ଚ କରାଯାଉଛି। ସେ କାହାସହ ସେହିଦିନ କଥା ହୋଇଛନ୍ତି ସେନେଇ ପୋଲିସ ଖୋଳତାଡ କରୁଛି। ମଙ୍ଗଳବାର ସକାଳେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷରେ ଲଜ୍‌ର ସିସି କ୍ୟାମେରା ଖରାପ ହେବା ପୋଲିସ ପାଇଁ ଚିନ୍ତା ବଢାଇଛି। ଏପରିକି ନିୟମିତ ଭାବେ ଲଜ୍‌ରେ ରେଜିଷ୍ଟର ପ୍ରସ୍ତୁତ ହେଉ ନ ଥିବା ପୋଲିସ ଜାଣିବାକୁ ପାଇଛି। ଏହାପରେ ଲଜ୍ ମାଲିକଙ୍କୁ ଥାନାକୁ ଡକାଇ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଲଜ୍ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।




ବିଧାନସଭା ସମ୍ମୁଖରେ ବେସରକାରୀ ଅନୁଦାନ ଓ ଅଣଅନୁଦାନ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ।

## ଦାବି ପୂରଣ ପାଇଁ ଅଧ୍ୟାପକ, କର୍ମଚାରୀଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ବେସରକାରୀ ଅନୁଦାନ ଓ ଅଣଅନୁଦାନ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାନସଭା ସମ୍ମୁଖରେ ମହାସମାବେଶ କରି ଯୁକ୍ତ୨ ଏବଂ ଯୁକ୍ତ୩ର ଅଧ୍ୟାପକ ଓ କର୍ମଚାରୀମାନେ ନିଜର ନ୍ୟାଯ୍ୟ ଦାବି ପାଇଁ ଗର୍ଜିଥିଲେ। ହଜାର ହଜାର ସଂଖ୍ୟାରେ ଯୋଗଦେଇଥିବା ବିକ୍ଷୋଭକାରୀଙ୍କ କହିବା ହେଲା, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ବିଭିନ୍ନ ମହାବିଦ୍ୟାଳୟରେ ନିଯୁକ୍ତି ପାଇଛୁ। ମାସିକ ମାତ୍ର ୨ରୁ ୩ ହଜାର ଟଙ୍କା ଦରମା ପାଉଛୁ। ଏହିଭଳି ରାଜ୍ୟର ପ୍ରାୟ ୩ ଶହ ମହାବିଦ୍ୟାଳୟର ୩ ହଜାର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ସରକାରଙ୍କ ନିୟମାନୁଯାୟୀ ୭ଘଣ୍ଟା ଖଟୁଛୁ। ତେବେ ଚାକିରିର ସ୍ଥାୟିତ୍ୱ ଲାଗି ରାଜ୍ୟ ସରକାରଙ୍କୁ ସମସ୍ତଙ୍କ ତାଲିକା ଦିଆଯାଇଥିଲେ ମଧ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଏଯାବତ୍ ଆମକୁ ସରକାରୀ ତାଲିକାଭୁକ୍ତ କରିନାହିଁ। ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଜଣାଇବା ପରେ ବିଭାଗ ପକ୍ଷରୁ ୨୦୧୮ ଅଗଷ୍ଟରେ ଏକ ଆଲୋଚନା କରାଯାଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ମାଧ୍ୟମରେ ଅଧ୍ୟାପକ ଓ କର୍ମଚାରୀଙ୍କ ଅବସ୍ଥିତି ମଗାଯାଇଥିଲା। ଏମାନଙ୍କ ସଂଖ୍ୟା ୨୭୫୦ ବୋଲି ଆକଳନ କରାଯାଇ ୧କୋଟି ୪୨ଲକ୍ଷ ୧୬ହଜାର ଟଙ୍କାର ବ୍ୟୟ ଅଟକଳ ମଧ କରାଗଲା। ହେଲେ ଆଜିଯାଏ ସରକାର ସଂଘର ଦାବି ପ୍ରତି କର୍ଣ୍ଣପାତ କରୁନଥିବାରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ସଂଘର ସଭାପତି ଦେବ ବିଜୟୀ ମିଶ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରଶ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଆବାହକ ବିମଳ ଚନ୍ଦ୍ର ନନ୍ଦୀ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ କପିଳେଶ୍ୱର ଦେବଙ୍କ ପ୍ରଥମାଷ୍ଟମୀ ପାଇଁ ମାମୁଘରୁ ଗଲା ନବବସ୍ତ୍ର

**ପୁରୁଣାଭୁବନେଶ୍ୱର,୧୯।୧୧(ଡି.ଏନ୍.ଏ.)**

ଶ୍ରୀ କପିଳେଶ୍ୱର ଦେବ ବୁଧବାର ପ୍ରଥମାଷ୍ଟମୀ ଅବସରରେ ପେଡୁଆଁ ହେବେ। ଏଥିପାଇଁ ପାରମ୍ପରିକ ରୀତି ଅନୁଯାୟୀ ମଙ୍ଗଳବାର କୈବର୍ତ୍ତ୍ୟ ସାହିସ୍ଥିତ ମାମୁ ଘର ଶ୍ରୀ ଝୁଣ୍ଟୁକେଶ୍ୱର ମହାଦେବଙ୍କ ପୀଠରୁ କପିଳନାଥଙ୍କ ଉଦ୍ଦେଶ୍ୟରେ ନୂତନବସ୍ତ୍ରର ଥାଟ ଯାଇଛି। ସନ୍ଧ୍ୟାରେ ଏଥିପାଇଁ ସ୍ୱତନ୍ତ୍ର ବାଜା, ବାଣ, ସଙ୍କୀର୍ତ୍ତନ ଭଳି ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଇ ଶୋଭାଯାତ୍ରା ବାହାରିଥିଲା। ଥାଟରେ ପ୍ରଭୁ ଶ୍ରୀ କପିଳନାଥଙ୍କର ମଠା, ଗାମୁଛା, ଧୋତି, ମା’ ପାର୍ବତୀଙ୍କ ପାଇଁ ଶାଢି, ଚଳନ୍ତି ପ୍ରତିମା ପାଇଁ ପାଟ ଦିଆଯାଇଥିଲା। ପୂଜକ ନାରାୟଣ ପୂଜାପଣ୍ଡା ଝୁଣ୍ଟୁକେଶର ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ଶୋଭାଯାତ୍ରା ବାହାରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଲିଙ୍ଗରାଜ କୈବର୍ତ୍ତ୍ୟ ସେବାୟତ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାସୁଦେବ ବେହେରା, ବୃନ୍ଦାବନ ବେହେରା, ଲକ୍ଷ୍ମୀଧର ବେହେରା, ରାଧାକାନ୍ତ ବେହେରା, ଗଗନ ବେହେରା, ପ୍ରକାଶ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

ଗଣକବି ବୈଷ୍ଣବ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## ଗଣକବିଙ୍କ ଅପ୍ରକାଶିତ ଲେଖାକୁ ପ୍ରକାଶିତ କର




ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

କବି ହେଉଛନ୍ତି ବ୍ରହ୍ମାଙ୍କ ମାନସପୁତ୍ର। କଳ୍ପନା କରିବା ଓ ତାକୁ ସ୍ୱତନ୍ତ୍ର ଭାଷାରେ ପ୍ରତିପାଦିତ କରିବାର ଯେଉଁ କ୍ଷମତା ସେମାନଙ୍କ ଭିତରେ ଅଛି ତାହା ଅନ୍ୟ କାହା ନିକଟରେ ନାହିଁ। ଓଡ଼ିଶାରେ ଏହିପରି ବହୁ ବିଶିଷ୍ଟ ପ୍ରତିଭାଙ୍କ ଜନ୍ମ ହୋଇଛି, ସେମାନଙ୍କ ମଧ୍ୟରୁ ଗଣକବି ବୈଷ୍ଣବ ପାଣି ଜଣେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ କହିଛନ୍ତି। ମଙ୍ଗଳବାର ଇଡ୍‌କଲ୍ ଅଡିଟୋରିୟମରେ ଗଣକବି ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗଣକବି ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ, ଈଶ୍ୱର ନିଜର ସୃଜନର ପ୍ରକାଶ ପାଇଁ କବିଙ୍କୁ ପୃଥିବୀକୁ ପଠାଇଥାନ୍ତି। ସେମାନେ ନିଜେ ଜଳି ଜଳି ଅନ୍ୟକୁ ଆଲୋକ ଦିଅନ୍ତି। ସେହିଭଳି ଜଣେ ଅନନ୍ୟ ବିରଳ ସୃଜନ ପ୍ରତିଭା ହେଉଛନ୍ତି ଗଣକବି ବୈଷ୍ଣବ ପାଣି। ତାଙ୍କର ସମସ୍ତ ଅପ୍ରକାଶିତ ଲେଖାକୁ ଆସନ୍ତା ଜାନୁୟାରୀ ୨୬ତାରିଖ ମଧ୍ୟରେ ପ୍ରକାଶ କରି ତାଙ୍କ ପ୍ରତି ସମୁଚିତ ସମ୍ମାନ ପ୍ରଦାନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଭୂମିର ସୁଯୋଗ୍ୟ ସନ୍ତାନ ଭାବରେ ଗଣକବି ବୈଷ୍ଣବ ପାଣି ଓଡ଼ିଶାର ସାହିତ୍ୟ-ସଂସ୍କୃତିକୁ ଯେଉଁ ଅବଦାନ ଦେଇଛନ୍ତି ସେଥିପାଇଁ ସେ ଓଡ଼ିଆମାନଙ୍କ ପାଖରେ ଚିରସ୍ମରଣୀୟ ରହିବେ ବୋଲି ସେ କହିଥିଲେ।

ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ମନ୍ତ୍ରୀ ପ୍ରତାପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରେହରେ ପୂର୍ବତନ ବାଚସ୍ପତି ଶରତ କୁମାର କରଙ୍କୁ ମାହାଙ୍ଗା ଗୌରବ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ବିଶିଷ୍ଟ ଗାୟିକା ତୃପ୍ତି ଦାସଙ୍କୁ ଗଣକବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ସଂଯୋଜକ ଅବନୀ ଚନ୍ଦ୍ର ଦାସ ଓ ସମ୍ପାଦକ ଦେବ ଜେନା ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସୁଚେତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ ପାଳିତ

## ଶିଶୁ ସୁରକ୍ଷା ଲାଗି ନାଗରିକମାନେ ସ୍ୱର ଉତ୍ତୋଳନ କରନ୍ତୁ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ (ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ) ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହି କ୍ରମରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ସାମାଜିକ ଅନୁଷ୍ଠାନ ସେଭ୍ ଦି ଚିଲ୍ଡ୍ରେନ୍ ଏବଂ ୱାର୍ଲ୍ଡ ଭିଜନର ମିଳିତ ଆନୁକୂଲ୍ୟରେ ଶିଶୁ ଅଧିକାର ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଅଭିଯାନର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିବାବେଳେ ସୂଚନା ଭବନଠାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ ବରିଷ୍ଠ ବିଜେଡି ନେତା ଅରୂପ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ସମାଜର ପ୍ରତିସ୍ତରରେ ଶିଶୁମାନେ ଶୋଷିତ ହେଉଛନ୍ତି। ସେମାନଙ୍କ ସୁରକ୍ଷା ଦିଗରେ ସଚେତନ ନାଗରିକମାନେ ଦୃଢ଼ ସ୍ୱର ଉତ୍ତୋଳନ କରିବା ଜରୁରୀ ହୋଇପଡ଼ିଛି। ସେହିଭଳି ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ ରାଜ୍ୟରେ ଶିଶୁ ଯୌନ ନିର୍ଯାତନାକୁ ସମାପ୍ତ କରିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କହିଥିଲେ। ‘ନିରବତା ଭାଙ୍ଗିବା, ଶିଶୁ ଯୌନ ନିର୍ଯାତନା ସମାପ୍ତ କରିବା’ ଆଜିର ଆହ୍ୱାନ ଓ ଏହାକୁ କାର୍ଯ୍ୟରେ ରୂପାୟିତ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଥିଲେ, ମିଳିତ ଜାତିସଂଘ ଘୋଷଣାନାମା ଅନୁସାରେ ଶିଶୁଙ୍କ ଅଧିକାରକୁ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ବଞ୍ଚିବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର ଓ ଅଂଶଗ୍ରହଣ କରିବାର ଅଧିକାର। ଏସବୁ ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ଦିଗରେ ଓଡ଼ିଶା ସର୍ବଦା କାର୍ଯ୍ୟରତ ବୋଲି ସେ କହିଥିଲେ। ଏହି ଅବସରରେ ‘ମିଳିତ ଜାତିସଂଘ ସ୍ୱେଚ୍ଛାସେବୀ’ ପୁରସ୍କାରପ୍ରାପ୍ତ ଝିଲିମା ଉପସ୍ଥିତ ଥିଲେ। ଶିଶୁ ଅଧିକାର ଓ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନାକୁ ସମ୍ପୂର୍ଣ୍ଣ ବିଲୋପ କରିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା। ଅତିଥିମାନେ ଅଭିଯାନ ସମ୍ପର୍କିତ ଏକ ପୋଷ୍ଟର ମଧ ଉନ୍ମୋଚନ କରିଥିଲେ।

## ‘ମତ୍ସ୍ୟ ସ୍ୱାସ୍ଥ୍ୟ ଓ ପରିବେଶ ପରିଚାଳନା’ କର୍ମଶାଳା

**ବାଲକାଟୀ,୧୯।୧୧(ଡି.ଏନ୍.ଏ.)**

କୌଶଲ୍ୟାଗଙ୍ଗାସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ କେନ୍ଦ୍ରଠାରେ ମଙ୍ଗଳବାର ମଧୁରଜଳ କୃଷିରେ ‘ମତ୍ସ୍ୟ ସ୍ୱାସ୍ଥ୍ୟ ଓ ପରିବେଶ ପରିଚାଳନା’ ଶୀର୍ଷକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଫା ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ମାନସ କୁମାର ସିହ୍ନା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ପାଠ୍ୟକ୍ରମ ନିର୍ଦ୍ଦେଶକ ଡ.ସୁଧାଂଶୁ ଶେଖର ମିଶ୍ର, ନବରଙ୍ଗପୁର ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଡ.ମୁନୱାର ମାରାଣ୍ଡି ପ୍ରଧାନ, ବୈଜ୍ଞାନିକ ଡ.ପ୍ରିୟବ୍ରତ ସ୍ୱାଇଁ ଯୋଗଦେଇ ନିଜ ମତବ୍ୟକ୍ତ ରଖିଥିଲେ। ଏଥିରେ ବିଭିନ୍ନ ରାଜ୍ୟର ୩୨ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ଏହି ଶିବିରକୁ ହାଇଦ୍ରାବାଦସ୍ଥିତ ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦ ପ୍ରଯୋଜନା କରିଛନ୍ତି। ଶେଷରେ ବିଭାଗୀୟ ବୈଜ୍ଞାନିକ ସତ୍ୟନାରାୟଣ ସାହୁ ଧନ୍ୟବାଦ ଦେଇଥିଲା।

## ହାଇୱାକୁ ପିଟିଲା ଟ୍ରକ, ଡ୍ରାଇଭର ଗୁରୁତର

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ସପ୍ତସତୀ ମନ୍ଦିର ସାମ୍ନାରେ ମଙ୍ଗଳବାର ବିଳମ୍ବିତ ରାତିରେ କଟକ ଅଭିମୁଖେ ଯାଉଥିବା ଏକ ହାଇୱାକୁ ମାଛ ବୋଝେଇ ଟ୍ରକ (ଏପି ୦୭ ଟିଜି-୪୪୭୭) ଓଭରଟେକ ଉଦ୍ୟମ କରି ଦୁର୍ଘଟଣାଗ୍ରସ୍ତ ହୋଇଛି। ହାଇୱା ହଠାତ ବ୍ରେକ ମାରିବାରୁ ପଛରେ ଟ୍ରକ ପିଟି ହୋଇଥିଲା। ଟ୍ରକ ଡ୍ରାଇଭର ଷ୍ଟିୟରିଂ ସହ ଚାପି ହୋଇଯାଇଥିଲେ। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ଏକ ଘଣ୍ଟା ପରେ କଟର ମେଶିନରେ ଟ୍ରକ ସାମ୍ନା ପାର୍ଶ୍ୱକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ହେଲପର ଘଟଣାସ୍ଥଳରୁ ଖସିଯାଇଥିବା ଜଣାପଡ଼ିଛି। ଡ୍ରାଇଭରଙ୍କୁ ପିସିଆର ଭ୍ୟାନ୍ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ସେହିପରି ସୋମବାର ବିଳମ୍ବିତ ରାତିରେ ବାଣୀବିହାର ଛକରେ ଦୁଇଟି ଟ୍ରକ ମଧ୍ୟରେ ଧକ୍କା ହୋଇଥିଲା।

## ନୃତ୍ୟରେ ରାଧାକୃଷ୍ଣଙ୍କ ସ୍ୱର୍ଗୀୟ ପ୍ରେମର ଗାଥା

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**




ସାଂସ୍କୃତିକ ଅନୁଷ୍ଠାନ ‘କଳାକୃତି’ର ୯ମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟଶାଳା ଶିଳ୍ପୀଙ୍କ ଦ୍ୱାରା ଓଡିଶୀ ନୃତ୍ୟ ମଙ୍ଗଳାଚରଣରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ଶିବ ସ୍ତୁତି ଶ୍ଲୋକରେ ମହାଦେବଙ୍କୁ ଅର୍ଘ୍ୟ ଅର୍ପଣ କରାଯାଇଥିଲା। ମଙ୍ଗଳ ପୂର୍ବକ ମଙ୍ଗଳାଚରଣରେ ମହାଦେବଙ୍କ ଯଶଗାନ କରିବା ସହ ତାଙ୍କର ଅପୂର୍ବ ଶୋଭାକୁ ଶିଳ୍ପୀମାନେ ବଖାଣିଥିଲେ। ଏକତାଳି ତାଳରେ ନିବଦ୍ଧ ଏହି ନୃତ୍ୟକୁ ଗୁରୁ ବନ୍ଦିତା ଘୋଷାଲ ସଜାଇଥିଲେ। ପରେ ସେ ‘ଧୀର ସମୀରେ ଯମୁନା ତୀରେ..’ ଗୀତରେ ଅଭିନୟ ମାଧ୍ୟମରେ ରାଧାକୃଷ୍ଣଙ୍କ ସ୍ୱର୍ଗୀୟ ପ୍ରେମ ଗରିମାକୁ ବଖାଣିଥିଲେ। ଏହା କଳାବତୀ ରାଗ ଏବଂ ଏକତାଳି ତାଳ ଉପରେ ପର୍ଯ୍ୟବସିତ ଥିଲା। ପରେ ଗୁରୁ ଅଶୋକ କୁମାର ଘୋଷାଲଙ୍କ ସଂଯୋଜନାରେ ଅଭିନୟ ‘ଆହେ ନୀଳ ଶୈଳ....’ ଯତି ତାଳ ଉପରେ ପରିବେଷଣ ହୋଇଥିଲା। ଏହାପରେ ଘୋଷାଲଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟରେ ଆଇନାଟକୁ ପ୍ରଦର୍ଶନ କରିଥିଲେ ଶିଳ୍ପୀ। ରାଗ ଶଙ୍କରାଭରଣ ଓ ତାଳ ଖେମଟାରେ ଶିଳ୍ପୀମାନଙ୍କ ଅଙ୍ଗଚାଳନା ବେଶ୍ ଚମତ୍କାର ଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ‘ଏକ ଦନ୍ତାୟ ବକ୍ର ତୁଣ୍ଡାୟ’, ‘କସ୍ତୁରୀ ମୁଁ କସ୍ତୁରୀ...’ ଏବଂ ‘ସାଙ୍ଗାପାମା....’ ଗୀତରେ ନୃତ୍ୟ ଦ୍ୱାରା ଗ୍ରାମ୍ୟ ଜୀବନ ଶୈଳୀକୁ ଅତି ଚମତ୍କାର ଉପସ୍ଥାପନା କରିଥିଲେ ନୃତ୍ୟଶିଳ୍ପୀ। ଏଥିରେ ଉପସ୍ଥିତ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ସେହିପରି ଅମରେଶ୍ ଓ ଶତାବ୍ଦୀ ନିର୍ଦ୍ଦେଶନାରେ ସମ୍ବଲପୁରୀ ନୃତ୍ୟ, ‘ଲବଙ୍ଗଲତା ମୋ ଗଜମୁକ୍ତା...’ ଗୀତରେ ପଶ୍ଚିମ ଓଡ଼ିଶାର ଦୃଶ୍ୟ ମଧ ବେଶ୍ ଉପଭୋଗ୍ୟ ଥିଲା। ସାଗର କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିଭାବେ ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ବିଜୟ କୁମାର ଜେନା, ଅଶୋକ ତ୍ରିପାଠୀ, ନୃତ୍ୟ ଗୁରୁ ନିରଞ୍ଜନ ରାଉତ, ନୃତ୍ୟଶାଳା ନିର୍ଦ୍ଦେଶକ ଅଶୋକ ଘୋଷାଲ, ସମ୍ପାଦକ ବିଷ୍ଣୁପଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଦାଦାଗିରି କରୁଥିବା ଯୁବକଙ୍କୁ ବସ୍ତି ବାସିନ୍ଦାଙ୍କ ମାଡ଼

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମା’ ମଙ୍ଗଳା ବସ୍ତିରେ ଦାଦାବଟିକୁ କେନ୍ଦ୍ରକରି ତୁମୁଳ କାଣ୍ଡ ଘଟିଛି। ୮ରୁ ଊର୍ଦ୍ଧ୍ୱ ଯୁବକ ବସ୍ତିରେ ପଶି ଲୋକଙ୍କୁ ଘର ଛାଡ଼ିବାକୁ ବାଧ କରୁଥିବା ବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଏହି ସମୟରେ ଜଣେ ଯୁବକଙ୍କୁ ବସ୍ତିବାସିନ୍ଦା ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ଉକ୍ତ ଘଟଣା ନେଇ ପ୍ରଭାତ କୁମାର ସେଠୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଜଣେ ରାଜନୈତିକ ବ୍ୟକ୍ତିଙ୍କ ସମର୍ଥକ ଭାବେ ପରିଚୟ ଦେଇ କେତେଜଣ ଯୁବକ ୪ଟି ବାଇକରେ ସୋମବାର ମା’ ମଙ୍ଗଳା ବସ୍ତିରେ ପହଞ୍ଚି ହଙ୍ଗାମା କରିଥିଲେ। ବସ୍ତିର କେତେଜଣ ଲୋକଙ୍କୁ ଘର ଛାଡ଼ି ଯିବାକୁ ଧମକ ଦେଇଥିଲେ। ତେବେ ବସ୍ତିର ଲୋକେ ଏକାଠି ହୋଇ ଯୁବକମାନଙ୍କୁ କାବୁ କରିଥିଲେ।

## ଅଭିଯୁକ୍ତଙ୍କ ସହ ସେଲ୍ଫି ନେଇ ଅଡୁଆରେ ୨ ପୋଲିସ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**



ଗତ ଅକ୍ଟୋବର ୧୫ ତାରିଖରେ ଏକ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ତାଙ୍କ ସହ ସେଲ୍ଫି ନେଇ ବିବାଦରେ ଫସିଥିଲେ ତତ୍କାଳୀନ ଚନ୍ଦ୍ରଭାଗା ଥାନା ଅଧିକାରୀ ବୁଲୁ ମୁଣ୍ଡା। ଏହି ସେଲ୍ଫି ଭାଇରାଲ ହେବା ପରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏହା ମନରୁ ନ ଲିଭୁଣୁ ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଏୟାରପୋର୍ଟ ଥାନାର ଦୁଇ ଜଣ ପୋଲିସ କର୍ମଚାରୀ ଠକେଇ ମାମଲାରେ ଉତ୍ତରପ୍ରଦେଶରୁ ଗିରଫ କରିଥିବା ଅଭିଯୁକ୍ତଙ୍କ ସହ ସେଲ୍ଫି ନେଇ ଅଡୁଆରେ ପଡ଼ିଛନ୍ତି। ଏହି ସେଲ୍ଫି ଏବେ ଭାଇରାଲ ହେବାରେ ଲାଗିଛି। କେଉଁ ପରିସ୍ଥିତିରେ ଦୁଇ ପୋଲିସ କର୍ମଚାରୀ ଏଭଳି ସେଲ୍ଫି ନେଲେ ତାହା ତଦନ୍ତ ସାପେକ୍ଷ ହୋଇଥିବାବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଏକ ଘରୋଇ କମ୍ପାନୀରେ ଅଭିଯୁକ୍ତ ପପୁ କୁମାର ସିଂ ଅର୍ଥ କାରବାର ବିଭାଗରେ ଚାକିରି କରିଥିଲେ। ସେଠାରେ ଜାଲିଆତି କରି ୧୫ଲକ୍ଷ ଟଙ୍କା ହଡ଼ପ କରି ନେଇଥିଲେ। ଏ ନେଇ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ଦେବାଶିଷ ମହାନ୍ତି ୫ମାସ ତଳେ ଏୟାରପୋର୍ଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୧୭୧/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ତାଙ୍କୁ ଗିରଫ କରାଯିବା ପୂର୍ବରୁ ସେ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କ ଫୋନ୍ ନମ୍ବରକୁ ଟ୍ରାକିଂ କରିବା ପରେ ସେ ଉତ୍ତରପ୍ରଦେଶରେ ଲୁଚିଥିବା ଜଣାପଡ଼ିଥିଲା। ତାଙ୍କୁ ଗିରଫ କରି ଭୁବନେଶ୍ୱର ଆଣିବା ପାଇଁ ଏୟାରପୋର୍ଟ ଥାନାର ଜଣେ ମହିଳା ଏସ୍ଆଇ ଏବଂ ଜଣେ କନ୍‌ଷ୍ଟେବଲ ସେଠାକୁ ଯାଇଥିଲେ। ସେଠାରେ ସେମାନେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ତାଙ୍କ ସହ ସେଲ୍ଫି ଉଠାଇଥିଲେ। ଏହି ସେଲ୍ଫିକୁ ସେମାନେ ଅନ୍ୟ କାହାକୁ ପଠାଇବା ପରେ ଏବେ ତାହା ଭାଇରାଲ ହୋଇଛି। ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବା ପରେ ଭୁବନେଶ୍ୱର ଅଣାଯାଉଛି।

# ବାଚସ୍ପତି ନିରପେକ୍ଷ ହେବା ଜରୁରୀ: ବିରୋଧୀ ଦଳ ନେତା

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

- ଭୁଲ ସ୍ୱୀକାର କଲେ ସୂର୍ଯ୍ୟନାରାୟଣ
- ମୋଦିଙ୍କ ବିଜେଡିକୁ ପ୍ରଶଂସା ପରେ ଭାଜପା ଚୁପ୍
- ସ୍ମିତାରାଣୀ ମୃତ୍ୟୁ ରହସ୍ୟ
- ଭାଜପାର ଅଭିଯୋଗ: ୪ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି କିଏ



ଯାଜପୁର ଜିଲା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ଭାଜପା ଚଳିତ ଅଧିବେଶନ ଆରମ୍ଭରୁ ତୁମ୍ଭିତେଫାନ କରୁଥିଲା। ସୋମବାର ବାଚସ୍ପତି ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କୁ ସୁଯୋଗ ଦେଇ ନ ଥିଲେ। ପଏଣ୍ଟ ଅଫ ଅର୍ଡର ଜରିଆରେ ସେ କହିବା ଆରମ୍ଭ କରିବା ମାତ୍ରେ ବାଚସ୍ପତି ଗୃହକୁ ତୁରନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ବାଚସ୍ପତିଙ୍କ ଗୃହ ପରିଚାଳନାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ପ୍ରଦୀପ୍ତ ସୋମବାର ସନ୍ଧ୍ୟାରେ ଗୃହ ଚଳାଇ ଦେବେ ନାହିଁ ବୋଲି ଚେତାବନୀ ଦେଲେ। ହେଲେ ରାତି ପାହିବା ବେଳକୁ ସବୁ କିଛି ଓଲଟା। ବିରୋଧୀ ଦଳ ନେତାଙ୍କର ଆଉ ସେ ଟାଣ ନ ଥିଲା କି ଭାଜପା ସଦସ୍ୟମାନଙ୍କର ବିରୋଧ ବି ନ ଥିଲା। ଗୃହ କାର୍ଯ୍ୟରେ ଭାଜପା ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମଧ୍ୟ ନିଜର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିଥିଲେ। ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିବାରୁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ଏହାକୁ ନେଇ ଉଭୟ ଭାଜପା ଓ ବିଜେଡିକୁ କଂଗ୍ରେସ ସମାଲୋଚନା କରିଛି।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି କଂଗ୍ରେସ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ଏହା ପରେ ବିରୋଧୀ ଦଳ ନେତାଙ୍କୁ କହିବାକୁ ଡାକିଥିଲେ। ବିରୋଧୀ ଦଳ ନେତା କହିବା ପୂର୍ବରୁ ବାଚସ୍ପତି ନିଜର ଭୁଲ ସ୍ୱୀକାର କଲେ। ସେ କହିଲେ ଗତକାଲି ଗୃହରେ ସୂଚିତ କାର୍ଯ୍ୟକ୍ରମ ଶେଷ ହେବା ପୂର୍ବରୁ ଗୃହ କାର୍ଯ୍ୟକ୍ରମ ବନ୍ଦ କରି ଦେଇଥିଲି। ପଏଣ୍ଟ ଅଫ୍ ଅର୍ଡର ଜରିଆରେ ବିରୋଧୀ ଦଳ ନେତା କିଛି କହିବାକୁ ଚେଷ୍ଟା କରିଥିଲେ। ତାଙ୍କ ମନୋଭାବ ଠିକ୍‌ରେ ମୁଁ ବୁଝିପାରି ନ ଥିଲି। ମୋର ଭୁଲ ହୋଇଥିଲା। କହିବାକୁ ସୁଯୋଗ ନ ଦେବା ମୋର ଉଦ୍ଦେଶ୍ୟ ନ ଥିଲା ବୋଲି ବାଚସ୍ପତି କହିଥିଲେ। ଏହି ସମୟରେ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କହିଲେ ସାର୍ ଆପଣ ଭୁଲ ମାଗିଲେ। ବାଚସ୍ପତି କହିଲେ ଭୁଲ ହୋଇଥିଲେ ସ୍ୱୀକାର କରିବାରେ କିଛି ଅସୁବିଧା ନାହିଁ।

ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ ପାର୍ଲାମେଣ୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ବିରୋଧୀ ଦଳରେ ଥିବାବେଳେ ତତ୍କାଳୀନ ଲୋକ ସଭା ବାଚସ୍ପତି ବଳରାମ ଝାକର ତାଙ୍କୁ ସୁଯୋଗ ଦେଇ ନ ଥିଲେ। ସେହି ସମୟରେ ବାଜପେୟୀ କହିଥିଲେ, ଶାସକ ଦଳ ସଂଖ୍ୟା ବଳରେ ସରକାର ଚଳାଇପାରିବେ। ମାତ୍ର ବିରୋଧୀଙ୍କୁ ଅଣଦେଖା କରି ଗୃହ ଚଳାଇପାରିବେ ନାହିଁ। ମୁଁ ଗତକାଲି ମୋର ବକ୍ତବ୍ୟ ଆରମ୍ଭ କରୁ କରୁ ବାଚସ୍ପତି ଗୃହକୁ ବନ୍ଦ କରିଥିଲେ। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ବିଧାନସଭା ଚାଲିଛି। ଗୃହ କାର୍ଯ୍ୟରେ ବିଭ୍ରାଟ ନ ହେବା ପାଇଁ ଆମେ ଗାନ୍ଧୀମୂର୍ତ୍ତି ତଳେ ବସି ନୀରବ ପ୍ରତିବାଦ କରିଥିଲୁ। ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ ନିଜ ନିରପେକ୍ଷତା ପାଇଁ ଦଳକୁ ଛାଡିଥିଲେ। ବାଚସ୍ପତି କୌଣସି ଦଳର ନୁହନ୍ତି, ଗୃହର ସମସ୍ତ ସଦସ୍ୟଙ୍କ ପାଇଁ ନିରପେକ୍ଷତା ଅବଲମ୍ବନ କରିଥାଆନ୍ତି। ମାତ୍ର ଆପଣ କେବଳ ନିଜ ଦଳୀୟ ମନୋଭାବ ରଖୁଛନ୍ତି। ଏହାକୁ ଆମେ ନିନ୍ଦା କରୁଛୁ। ଗୃହରେ ମୋର ଯେତିକି କହିବାର ଅଧିକାର, ନରସିଂହ ବାବୁ ଏବଂ ଲକ୍ଷ୍ମଣ ମୁଣ୍ଡାଙ୍କର ମଧ୍ୟ ସେତିକି ଅଧିକାର ଅଛି। ନରସିଂହ ମିଶ୍ର, ଭୂପିନ୍ଦର ସିଂ, ବିଜୁ ପଟ୍ଟନାୟକ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକ ବିରୋଧୀ ଦଳର ନେତା ଥିଲେ। ମୋତେ କମ୍ ବୟସରେ ସେହି ସୁଯୋଗ ମିଳିଛି। ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁ ସମ୍ପର୍କରେ ଉଲ୍ଲେଖ କରି ପ୍ରଦୀପ୍ତ କହିଲେଯେ, ଏହି ଘଟଣାରେ ଜଡ଼ିତ ୫ଜଣଙ୍କ ମଧ୍ୟରୁ ମାତ୍ର ଜଣଙ୍କୁ ଗିରଫ କରାଯାଇଛି। ଦୁଇଜଣ ସମିତି ସଭ୍ୟ, ଜଣେ ଜିଲା ପରିଷଦ ସଭ୍ୟ ଏବଂ ରାମ୍‌କୋ ସିମେଣ୍ଟ କମ୍ପାନୀର ଜଣେ ଅଧିକାରୀଙ୍କୁ ଏ ପର୍ଯ୍ୟନ୍ତ କାହିଁକି ଗିରଫ କରାଯାଇ ନାହିଁ। ଆତ୍ମହତ୍ୟା ପରେ ରୂପେଶ ଭଦ୍ରାଙ୍କୁ ହସ୍ପିଟାଲ ନେବା ପାଇଁ କିଏ ଅନୁମତି ଦେଇଥିଲେ। ଆତ୍ମହତ୍ୟା ବେଳେ କବାଟ ବନ୍ଦ ଥିଲା କି ନାହିଁ ତାହା ତଦନ୍ତ ହେବା ଦରକାର। ଯାଜପୁର ଏସ୍‌ପି ମୃତକଙ୍କ ନାମରେ ଆପତ୍ତିଜନଙ୍କ ମନ୍ତବ୍ୟ ଦେଲେ। ସେହି ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉନାହିଁ। ରାଜ୍ୟ ମହିଳା କମିଶନର ସ୍ମିତାରାଣୀଙ୍କ ପରିବାର ସଦସ୍ୟଙ୍କୁ ନ ପଚାରି ହତ୍ୟା ଅଭିଯୁକ୍ତଙ୍କୁ ଯାଇ କାହିଁକି ଭେଟିଲେ। ପଦ୍ମପୁରଠାରୁ ଆରମ୍ଭ କରି କୁନ୍ଦୁଲି, ପିପିଲି ସମସ୍ତ ଘଟଣାକୁ ଚାପି ଦିଆଯାଇଛି। ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ଆଇନ ତା ବାଟରେ ଯିବ ବୋଲି କହୁଛନ୍ତି। ଆଇନ କେଉଁ ବାଟରେ ଯାଉଛି। ଅଭିଯୁକ୍ତଙ୍କୁ ୩୦୨ ଦଫାରେ ଗିରଫ କରା ନ ଯାଇ ୩୦୬ରେ କରାଯାଉଛି। କଂଗ୍ରେସ ସରକାର ଦୁର୍ନୀତିଗ୍ରସ୍ତ ହୋଇଥିଲେ ମଧ୍ୟ ଏଭଳି ଘଟଣା କେବେ ଘଟି ନ ଥିଲା। ଅଞ୍ଜନା ପାଇଁ କଂଗ୍ରେସ ଶାସନରୁ ଚାଲିଗଲା। ଏତେ ଘଟଣା ପରେ ବିଜେଡିକୁ ଲୋକମାନେ କିପରି ଭୋଟ ଦେଉଛନ୍ତି ତାହା ବୁଝାପଡୁ ନାହିଁ। ସ୍ମିତାରାଣୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଜେଡି ସଭ୍ୟ ଅମର ଶତପଥୀ ଗୃହ ପରିଚାଳନାରେ ବିରୋଧୀ ଦଳଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଚଳିତ ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିଥିଲେ। ବିଜେଡି ବିରୋଧୀ ଦଳରେ ଥିଲେ ମଧ୍ୟ ଗୃହ ମଧ୍ୟରେ ହୋହଲ୍ଲା କରିନାହିଁ। ସେଥିପାଇଁ ପ୍ରଧାନମନ୍ତ୍ରୀ ବିଜେଡିକୁ ପ୍ରଶଂସା କରିଛନ୍ତି। କେବଳ ପ୍ରଶଂସା କରିନାହାନ୍ତି, ବିରୋଧୀ ଦଳର ଭୂମିକା କେମିତି ହେବା ଦରକାର ସେନେଇ ମଧ୍ୟ ସୂଚାଇଛନ୍ତି। ପ୍ରଶ୍ନ ବାହାରେ ଅନେକ ଆଲୋଚନା ହେଉଥିବାରୁ ନୂଆ ବିଧାୟକମାନେ କହିବାକୁ ସୁଯୋଗ ପାଉନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀ ଦଳର ଉପନେତା ବିଷ୍ଣୁଚରଣ ସେଠୀ ଅମରଙ୍କୁ ଆକ୍ଷେପ କରି କହିଲେ ଯେ ବିଗତ ଅଧିବେଶନରେ ଆପଣ ମଧ୍ୟ ବାଚସ୍ପତିଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ଗୃହ ଯେମିତି ପରିଚାଳନା ହେଉଛି, ତାହା ସମସ୍ତେ ଜାଣନ୍ତି। ଗୃହ କାର୍ଯ୍ୟ ନଷ୍ଟ ନ ହେବ ବୋଲି ଆମେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲୁ। ପ୍ରଧାନମନ୍ତ୍ରୀଙ୍କ କଥାକୁ ନେଇ ବିଜେଡି ସାର୍ଟିଫିକେଟ୍ ଗୋଟାଉ ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେଯେ, ପ୍ରଧାନମନ୍ତ୍ରୀ ବିଜେଡିକୁ ପ୍ରଶଂସା କରିବା ପରେ ଏତେ ଚିତ୍କାର କରୁଥିବା ଭାଜପା ସଦସ୍ୟମାନେ ପୂରା ଚୁପ ହୋଇ ଯାଇଛନ୍ତି।

## ଜିଲା ଚିଠି



### ଯାଜପୁର

## ଉପୁରିଆ ବିକାଶ

ପ୍ରକୃତି ଦତ୍ତ ନଦୀ, ନାଳ ପ୍ରଭୃତି ଜଳଉତ୍ସ ଯାଜପୁରରେ ଭରପୂର ରହିଛି। ଜିଲାର ସୁକିନ୍ଦା, ଦାନଗଦୀ, ଧର୍ମଶାଳା, ରସୁଲପୁର, ବରୀ ଓ ଯାଜପୁର ବ୍ଲକ ଦେଇ ବ୍ରାହ୍ମଣୀ ଓ ଖରସ୍ରୋତା, କୋରେଇ, ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଦେଇ ବୈତରଣୀ ଓ ଏହାର ଶାଖା ନଦୀ ପ୍ରବାହିତ ହେଉଛି। ବାକି ବଡ଼ଚଣା ବ୍ଲକକୁ ବିରୂପା ଓ କେଲୁଅ, କୁଶେଇ ଆଦି ନଦୀ ଲାଗିଛି। ଏହାବାଦ ଛୋଟବଡ଼ ଝରଣା ପ୍ରବାହିତ ହେଉଛି। ବ୍ରିଟିଶ ଅମଳରୁ ନିର୍ମିତ ବୈତରଣୀ-ବୁଢ଼ା ଆନିକଟ ଦ୍ୱାରା ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ମାତ୍ର ୧୩,୦୯୯ ହେକ୍ଟର ଜମିରେ ଜଳସେଚନ ହୋଇ ଆସୁଥିବା ଦାବି କରାଯାଉଛି। ଏହାବାଦ ଜଗତପୁର-ଜେନାପୁର କେନାଲ ସାହାଯ୍ୟରେ ୯,୦୭୪ ହେକ୍ଟର ଜମିରେ ଖରିଫ ଋତୁରେ ପାଣି ମାଡିଥାଏ। ଜିଲାର ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ହେକ୍ଟର ଏବଂ ରବି ଋତୁରେ ୩୮,୦୫୪ ହେକ୍ଟର ଜମିରେ ଜଳସେଚନ ସୁବିଧା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଉଛି। ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଶତାଧିକ କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ ପ୍ରକଳ୍ପ କାମରେ ଆସୁନାହିଁ। ଜଳସେଚନ କ୍ଷେତ୍ରକୁ ଅବଲୋକନ କଲେ ଏହା କେବଳ ଉପୁରିଆ ବିକାଶ ବୋଲି ସହଜେ ଅନୁମେୟ। କୋର ନେଟୱାର୍କ ହିସାବରେ ଯାଜପୁର ଜିଲାର ମୋଟ ୧୭୮୧ ରୁ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡକ ସଂଯୋଗ କରିବା ପାଇଁ ବାକି ଅଛି। ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରି ରାଜନୀତି ବିକାଶର ଧାରାକୁ ପଛକୁ ପକାଇ ଦେଇଥିବାବେଳେ ଉପୁରିଆ ବିକାଶ କଥା କହି ବାହୁସ୍ଫୋଟ ମାରିବା ଏଠାରେ ସାର ହେଉଛି। ଫଳରେ ଏବେବି ଜିଲାର ଅଧିକାଂଶ ଅଞ୍ଚଳରେ ଲୋକଙ୍କ ଜୀବନଧାରଣ ମାନରେ ସେତେଟା ଉନ୍ନତି ପରିଲକ୍ଷିତ ହୋଇନାହିଁ। ଜିଲାର ପ୍ରତିନିଧିତ୍ୱ କରୁଥିବା ରାଜନୈତିକ ନେତୃବର୍ଗ ଏବଂ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଓ ଆନ୍ତରିକତା ଅଭାବ ଯୋଗୁ ଜିଲାର ବିକାଶ ପରାହତ ହେଉଛି। ଦାୟିତ୍ୱରେ ଥିବା ଅଧିକାଂଶ ଅଧିକାରୀ ଓ କର୍ମଚାରୀ ଦୁର୍ନୀତିରେ ବୁଡି ରହିଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସରକାରଙ୍କ ୫-ଟି ଆଇନ ସେଭଳି ଢଙ୍ଗରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଫଳରେ ଉପୁରିଆ ବିକାଶ କଥା ଆଳରେ ବାସ୍ତବ ବିକାଶର ଧାରା ପଛକୁ ଠେଲି ହୋଇ ଯାଉଛି।

– ହର୍ଷବର୍ଦ୍ଧନ ବେହେରା

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ବିଜେଡି ସଦସ୍ୟ

## ଶୂନ୍ୟକାଳ ପରେ ଗୃହରେ ରହୁନାହାନ୍ତି ଅଧିକାଂଶ ଶାସକ, ବିରୋଧୀ ସଦସ୍ୟ

ଭୁବେନଶ୍ୱର,୧୯।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ବିଧାୟକମାନଙ୍କୁ ବିଧାନସଭାରେ ଉପସ୍ଥିତ ରହି ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ବିଜେଡିର ଅଧିକାଂଶ ବିଧାୟକ ଗୃହରେ ଉପସ୍ଥିତ ରହୁ ନ ଥିବା ଦେଖାଯାଉଛି। ମଙ୍ଗଳବାର ଚାଷୀଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମୂଳତବୀ ଆଲୋଚନାବେଳେ ଶାସକ ଦଳର ଅଧିକାଂଶ ସଦସ୍ୟ ଗୃହରେ ଉପସ୍ଥିତ ନ ଥିଲେ। ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ସଦସ୍ୟମାନଙ୍କୁ ଗୃହରେ ଉପସ୍ଥିତ ରହିବା ପାଇଁ ତାଗିଦ୍ କରିଥିଲେ। ସଦସ୍ୟମାନଙ୍କର ଉପସ୍ଥିତି ଓ ସେମାନଙ୍କର କାର୍ଯ୍ୟଦକ୍ଷତାର ସମୀକ୍ଷା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିସାରିଛନ୍ତି।

ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଅଧିକାଂଶ ଆସନରେ ବିଧାୟକଙ୍କ ଉପସ୍ଥିତି ଦେଖିବାକୁ ମିଳୁଥିବାବେଳେ ଶୂନ୍ୟକାଳ ପରଠାରୁ ଧୀରେଧୀରେ ସଦସ୍ୟମାନେ ଗୃହ ବାହାରକୁ ଚାଲି ଯାଉଛନ୍ତି। ଏପରିକି କେତେକ ସଦସ୍ୟ ଆଦୌ ଗୃହକୁ ଆସୁ ନାହାନ୍ତି। ସ୍ୱଳ୍ପ ସଂଖ୍ୟକ ସଦସ୍ୟଙ୍କୁ ନେଇ ବାଚସ୍ପତି ଗୃହ ପରିଚାଳନା କରୁଛନ୍ତି। କେବଳ ଶାସକ ଦଳ ନୁହଁନ୍ତି, ବିରୋଧୀ ଦଳ ମଧ୍ୟରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳୁଛି। ମଙ୍ଗଳବାର ୧୨ଟା ୫୦ ମିନିଟ୍ ବେଳକୁ ଗୃହରେ ୩୫ଜଣ ବିଜେଡି ସଦସ୍ୟ ଥିବାବେଳେ ୧୮ଜଣ ଭାଜପା ଓ ୫ଜଣ କଂଗ୍ରେସ ସଦସ୍ୟ ଉପସ୍ଥିତ ଥିଲେ। ମଧ୍ୟାହ୍ନ ୧ଟା ୫୦ମିନିଟ୍ ବେଳକୁ ୧୭ଜଣ ବିଜେଡି, ୪ଜଣ କଂଗ୍ରେସ ଓ ୨ ଜଣ ଭାଜପା ସଦସ୍ୟ ଉପସ୍ଥିତ ଥିଲେ। ଅପରାହ୍ନ ୩ଟା ୩୦ରେ ଗୃହରେ ସଦସ୍ୟଙ୍କ ସଂଖ୍ୟା ଆହୁରି କମି ଯାଇଥିଲା। ସୂଚନା ଦିଆଯାଇ ପାରେ ଯେ ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ବିଜେଡିର ୧୧୩, ଭାଜପା ୨୩, କଂଗ୍ରେସର ୯, ସିପିଏମ୍ ଓ ସ୍ୱାଧୀନରୁ ଜଣେ ଲେଖାଏ ସଦସ୍ୟ ଅଛନ୍ତି।

# ୧୦ ବର୍ଷରେ ୨୦୦ ଶ୍ରମିକ ମୃତ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଦାରିଦ୍ର୍ୟ କଷାଘାତର ଶିକାର ହୋଇ ରାଜ୍ୟରୁ ଅନେକ ଲୋକ ଘର ପରିବାର ଛାଡି ଅନ୍ୟ ରାଜ୍ୟ ଓ ବିଦେଶକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଉଛନ୍ତି। କାର୍ଯ୍ୟ କରିବା ସମୟରେ ଅନେକ ମୃତ୍ୟୁମୁଖରେ ପଡନ୍ତି। ଗତ ୧୦ ବର୍ଷ (୨୦୦୯ରୁ ୨୦୧୯) ରେ ୧୯୯ ଜଣ ଶ୍ରମିକ ରାଜ୍ୟ ଓ ବିଦେଶରେ ପ୍ରାଣ ହରାଇଛନ୍ତି। ସେହି ଶ୍ରମିକମାନଙ୍କର ମୃତଦେହକୁ ରାଜ୍ୟକୁ ଫେରାଇ ଅଣାଯାଇ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ପ୍ରବାସୀ ମୃତ ଶ୍ରମିକମାନଙ୍କ ପରିବାରଙ୍କୁ ୧ କୋଟି ୫ ଲକ୍ଷ ୬୮ ହଜାର ୧୬୭ ଟଙ୍କା ପ୍ରଦାନ କରାଯାଇଛି। ବିଧାୟକ ପ୍ରକାଶ ସୋରେନଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ସୁଶାନ୍ତ ସିଂହ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପଛୁଆ ଜିଲା କଳାହାଣ୍ଡିରୁ ସର୍ବାଧିକ ୪୪ ଜଣ ଶ୍ରମିକ ଅନ୍ୟ ରାଜ୍ୟକୁ କିମ୍ବା ବିଦେଶକୁ କାମ କରିବାକୁ ଯାଇ ଜୀବନ୍ତ ଫେରି ନ ଥିବା ବେଳେ ଗଞ୍ଜାମରୁ ୨୭, ଖୋର୍ଦ୍ଧା ୧୪, କୋରାପୁଟ ୯, ନୂଆପଡା ୧୩, ରାୟଗଡା ୬, ସୁବର୍ଣ୍ଣ ପୁର ୪, ବୌଦ୍ଧ ୯, ଭଦ୍ରକ ୪, କଟକ ୨, ଯାଜପୁର ୨, କେନ୍ଦୁଝର ୩, କେନ୍ଦ୍ରାପଡା ୨୮, କନ୍ଧମାଳ ୧୬, ମାଲକାନଗିରି ୩, ମୟୂରଭଞ୍ଜ ୨, ନୟାଗଡ ୩, ପୁରୀ ୨, ବରଗଡ ୧ ଏବଂ ବଲାଙ୍ଗୀର ଜିଲାରୁ ୭ ଜଣଙ୍କର ମୃତ୍ୟୁ ହୋଇଛି।

■ କୁନ୍ଦୁଲି ଗଣବଳାତ୍କାର ମାମଲା

# ଏସ୍ଆଇଟି ତଦନ୍ତ ଉପରେ ଭରସା ନାହିଁ

ଜୟପୁର, ୧୯।୧୧(ନି.ପ୍ର)

କୁନ୍ଦୁଲି ଗଣବଳାତ୍କାର ମାମଲା ଆଜକୁ ୨ ବର୍ଷରୁ ଅଧିକ ସମୟ ବିତିଲାଣି। ହେଲେ ଏହାର ସତ୍ୟତା ଆଜିବି ଲୋକ ଲୋଚନକୁ ଆସିପାରିନାହିଁ। ଏହି ମାମଲାର ତଦନ୍ତ କରିବାକୁ ଏସ୍ଆଇଟି ଗଠନ କରାଯାଇଛି। ହେଲେ ଏହି ଏସ୍ଆଇଟି ଉପରେ ଭରସା ନାହିଁ ବୋଲି ମଙ୍ଗଳବାର ପୀଡ଼ିତାଙ୍କ ଖୁଡ଼ୀ ରାଧିକା ଖାତି ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ହେଲାଣି ଆମେ ସିବିଆଇ ତଦନ୍ତ ଦାବି କରି ଆସୁଛୁ। ପୀଡ଼ିତା ବଞ୍ଚିଥିବା ବେଳେ ତତ୍କାଳୀନ ଡିଆଇଜି ଏହି ଘଟଣାର ତଦନ୍ତ କରିଥିଲେ। ବର୍ତ୍ତମାନ ଝିଅ ଆତ୍ମହତ୍ୟା କରିଛି। ବାହାର ୩ ଜଣ ଡିଆଇଜି ଆସି ଆଉ ଅଧିକ କ'ଣ ତଦନ୍ତ କରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ସରକାରଙ୍କ ଲାଗି ଆମ ଝିଅର ଜୀବନ ଗଲା। ଝିଅ ବଞ୍ଚିଥିବା ବେଳେ ସରକାର ଚାହିଁଥିଲେ ସତ ବାହାରକୁ ଆଣି ପାରିଥାନ୍ତେ। ଇତିମଧ୍ୟରେ ଝିଅର ମୃତ୍ୟୁ ୨ ବର୍ଷ ବିତିଥିଲେ ମଧ୍ୟ ଏହାର ସତ୍ୟତା ପଦାକୁ ଆସୁ ବୋଲି ସରକାର ଚାହୁଁ ନାହାନ୍ତି। ସୂଚନାଯୋଗ୍ୟ, ୨୦୧୭ ଅକ୍ଟୋବର ୧୦ରେ କୁନ୍ଦୁଲିଠାରେ ଜଣେ ନବମଶ୍ରେଣୀ ଛାତ୍ରୀଙ୍କୁ ୪ ଜଣ ଦୁର୍ବୃତ୍ତ ଯବାନ ପୋଷାକରେ ଗଣବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା।



ମଙ୍ଗଳବାର ଘନ କୁହୁଡ଼ି ଯୋଗୁ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ଏକ ରାସ୍ତା ଅସ୍ପଷ୍ଟ ଦିଶୁଛି।

# ଚାକିରି କରାଇଦେବାକୁ କହି ୪୮ ଲକ୍ଷ ଟଙ୍କା ଠକେଇ

ରଣପୁର(ସ୍ୱ.ପ୍ର.)/ଖୋର୍ଦ୍ଧା ଅଫିସ,୧୯।୧୧

- ନକଲି ଭିଜା, ଫ୍ଲାଇଟ୍ ଟିକେଟ ଦେଇ ଫସିଲେ ୩ କର୍ମଚାରୀ
- ଏୟାରପୋର୍ଟରୁ ୩ କର୍ମଚାରୀଙ୍କୁ ଉଠାଇନେଲେ ଯୁବକ

| Executive Engineer, Earth Dam Division, Chitrakonda, Dist. Malkangiri. | EE CKD NCB/02/ORDRIP W- 02/ 2019-20 (On Line) | 21.11.2019 at 13.00 Hours | 30.11.2019 up to 17.00 Hours | 02.12.2019 at 12.30 Hrs. ( at O/o Sub-Divisional Officer, S.I.Sub-Division,Malkangiri. |

Further details can be seen from the e-procurement portal http://tendersorissa.gov.in

32019/11/0003/1920 No. A-394

Sd/- Executive Engineer, Earth Dam Division, Chitrakonda.

**CUTTACK DEVELOPMENT AUTHORITY**
C.D.A. Arunodaya Bhawan, Link Road, Cuttack - 753012 (Odisha)

Government of Odisha "e" procurement Notice
Bid Identification No. - EE, CDA, Cuttack - 01 / 2019-20

| | | |
|---|---|---|
| 1. **Nature** of work | : | Civil works |
| 2. No. of work | : | 1 No in NIT |
| 3. Estimated Cost | : | Rs.7.58 lakhs |
| 4. Tender Paper cost | : | Rs.4000.00 |
| 5. Class of Contractor | : | D & C Class |
| 6. Available of bid document | : | From 02.00 P.M. of 21.11.19 to 4.00 PM of 02.12.19 |
| 7. Date of Opening of Bid | : | Dt.05.12.19 at 12.30 PM |

8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Executive Engineer
Cuttack Development Autority, Cuttack

**WESCO UTILITY**

Headquarters: At/Po- Burla, Dist.-Sambalpur-768017, Odisha Ph.-0663-2432804
E-mail: purchase@wescoodisha.com / wesco@wescoodisha.com

**E-TENDER NOTICE**

For and on behalf of WESCO Utility, the undersigned invites tender through E-Tenders mode on two part bidding system from eligible bidders, who comply with the terms and conditions laid in the tender documents for the following materials.

1. TENDER NOTICE NO: WESCO/O&M/Safety Materials/09, Date: 14.11.2019 [ i) 11 KV Rubber Hand Gloves- 1500 ii) 33 KV Rubber Hand Gloves- 500 iii) Lineman Tool Kit – 1500 iv) Earth Discharge Rod-500.]
2. TENDER NOTICE NO: WESCO/SAUBHAGYA/AAAC (55 & 80) SQ MM/11, Dt. 18.11.2019 [ i.) 55 mm2 AAAC- 804.768Km, ii) 80 mm2 AAAC- 287.544Km].
3. TENDER NOTICE NO: WESCO/SAUBHAGYA/(3X35+1X25+1X16)mm2 LT XLPE AB CABLE /12, Date: 14.11.2019-[ (3 x 35 + 1 x 25 + 1 x 16) mm2 LT XLPE Cable- 105 Km].

For detailed specification, terms and conditions, EMD. Etc. please visit our website:www.wescoodisha.com/tenders & www.tenderwizard.com/ WESCO.
The eligible bidders are requested to apply through e-tender mode only.

Sd./- General Manager (Purchase)

**OFFICE OF THE CHIEF ENGINEER & BASIN MANAGER, UPPER MAHANADI BASIN, BURLA,**
Odisha, PIN-768017 A-396
E-Mail:cebmumbburla@rediffmail.com

Government of Odisha "e" Procurement Notice.
Bid Identification No. **UMB-02/2019-20**

On Line tenders are invited for EPC Contract (Turn Key Basis) for Gangadhar Meher Lift Irrigation Projects, Bijepur, District Bargarh in the State of Odisha from the **only shortlisted bidders** for the project"GangadharMeher Lift Irrigation Projects, Bijepur" made by Engineer-in-Chief, Water Resources, Odisha, Bhubaneswar.

1. **Name of Work**: Execution of GangadharMeher Lift Irrigation Project, Bijepur, Dist- Bargarh.
2. **Period of completion**: **30**(Thirty) calendar months including rainy season.
3. **Date & time of availability of bid document in the portal** : **21.11.2019, 11.00 AM. to 23.12.2019 upto 5.00 PM.**
4. **Time and date for Pre-Bid Conference** : **03.12.2019 at 11.00 AM .**
5. **Last date/Time for receipt of bids in the portal** : **23.12.2019 upto 5.00 PM.**
6. **Name & address of the officer inviting Bid** : Chief Engineer& Basin Manager Upper Mahanadi Basin, Burla Pin – 768017

Further details can be seen from the e-procurement portal "https://tendersodisha.gov.in"

32048/11/0008/1920

Sd/-
Chief Engineer& Basin Manager
Upper Mahanadi Basin, Burla

DSPL-153

ODISHA STATE MEDICAL CORPORATION — OSMC

**Odisha State Medical Corporation Ltd.**
Govt. of Odisha Undertaking
Health & Family Welfare Dept.

**WE ASSURE QUALITY DRUGS AND MEDICAL EQUIPMENT**



e-Niramaya

10112/13/0017/1920



“ମୁଁ ବଲର ଲେନ୍ଥରେ ପରିବର୍ତ୍ତନ କରିବା ଜାରି ରଖିବି ଯାହା ବ୍ୟାଟ୍ସମ୍ୟାନଙ୍କୁ ଅନୁମାନ କରିବାକୁ ବାଧ କରିବ।

–ମହମ୍ମଦ ଶାମି, ଭାରତୀୟ ଦ୍ରୁତ ବୋଲର

“ଟେଷ୍ଟ କ୍ରିକେଟର ଲୋକପ୍ରିୟତା ଫେରାଇ ଆଣିବା ପାଇଁ ଦିବା ରାତ୍ର ଟେଷ୍ଟ ଏକମାତ୍ର ଉପାୟ ନୁହେଁ। କିନ୍ତୁ ଏହା କରାଯିବାର ଆବଶ୍ୟକତା ରହିଛି ।

–ରାହୁଲ ଦ୍ରାବିଡ୍, ପୂର୍ବତନ ଭାରତୀୟ କ୍ରିକେଟର



## ସଂକ୍ଷେପରେ

### କୋହଲିଙ୍କୁ ମିଳୁନି ଛୁଟି

**ନୂଆଦିଲ୍ଲୀ,୧୯।୧୧:** ଭାରତୀୟ ଅଧିନାୟକ ବିରାଟ କୋହଲି ବିଶ୍ୱର ଅନ୍ୟତମ ଫିଟ୍ କ୍ରିକେଟର। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ୩୧ ବର୍ଷୀୟ ବ୍ୟାଟ୍ସମ୍ୟାନ କଦାପି ୱାର୍କଆଉଟ ସେସନ ମିସ୍ କରନ୍ତି ନାହିଁ ଓ ସର୍ବଦା ନିଜ ଡାଏଟ୍‌ରେ ରୁହନ୍ତି। ବାଂଲାଦେଶ ବିପକ୍ଷ ଦିବାରାତ୍ର ଟେଷ୍ଟ ପୂର୍ବରୁ କୋହଲି ଜିମ୍‌ରେ କସରତ କରୁଥିବାବେଳର ଏକ ଭିଡିଓ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ଭାରତୀୟ ଅଧିନାୟକ ନିଜ ୮ ପ୍ୟାକ ଆବ୍ସ ଦେଖାଇ ପୁଲ ଅପ୍ସ କରୁଛନ୍ତି। ଏହାର କ୍ୟାପଶନରେ ସେ ଲେଖିଛନ୍ତି, ନୋ ଡେଜ ଅଫ୍। ଏହାର ଅର୍ଥ ଛୁଟି ମିଳୁନାହିଁ। ବାଂଲାଦେଶ ବିପକ୍ଷ ଇନ୍ଦୋର ଟେଷ୍ଟ ୩ ଦିନରେ ଶେଷ ହେଲା ପରେ ପିଙ୍କ ବଲ ଟେଷ୍ଟ ଲାଗି ପ୍ରସ୍ତୁତି ଚାଲିଛି। ଏହାସତ୍ତ୍ୱେ କୋହଲି ଜିମ୍‌ରେ ଝାଳ ବୁହାଉଛନ୍ତି।

### ଚଣ୍ଡିପ୍ରସାଦ ସଭାପତି, ସନ୍ତୋଷ ସମ୍ପାଦକ



**ଭୁବନେଶ୍ୱର, ୧୯।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଚଣ୍ଡିପ୍ରସାଦ ଦାସ ସଭାପତି, ଶକ୍ତିରଞ୍ଜନ ସ୍ୱାଇଁ ଉପସଭାପତି, ସନ୍ତୋଷ କୁମାର ଚୌଧୁରୀ ସମ୍ପାଦକ, ଦୀପ୍ତି ପ୍ରକାଶ ସୁବୁଦ୍ଧି ଯୁଗ୍ମ ସମ୍ପାଦକ, ଶ୍ରୀମନ୍ତ କୁମାର ମିଶ୍ର କୋଷାଧକ୍ଷ ଏବଂ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ ବିଭାସ କୁମାର ପରିଡ଼ା କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି।

### ପିଙ୍କ୍ ବଲ ଟେଷ୍ଟର ପ୍ରଥମ ୪ ଦିନର ଟିକେଟ ବିକ୍ରି

**ମୁମ୍ବାଇ,୧୯।୧୧(ପି.ଟି.):** ଇଡେନ ଗାର୍ଡେନ୍ସଠାରେ ଖେଳାଯିବାକୁ ଥିବା ଐତିହାସିକ ପିଙ୍କ୍ ବଲ ଟେଷ୍ଟର ପ୍ରଥମ ୪ ଦିନର ଟିକେଟ ବିକ୍ରି ହୋଇଯାଇଛି ବୋଲି ବିସିସିଆଇ କ୍ରିକେଟ ସଭାପତି ସୌରଭ ଗାଙ୍ଗୁଲି ମଙ୍ଗଳବାର କହିଛନ୍ତି। ଏଥିନେଇ ସେ ବହୁତ ଖୁସି ଥିବା କହିଛନ୍ତି। ଆସନ୍ତା ୨୨ ତାରିଖରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦିବାରାତ୍ର ଟେଷ୍ଟ ଖେଳାଯିବ। ଏହି ଭିତ୍ତିରେ ଉଭୟ ଦଳ ପ୍ରଥମ ଥର ଖେଳିବେ। ଐତିହାସିକ ମ୍ୟାଚ୍ ଲାଗି ଅବଗଣନା ଗତ ରବିବାରଠାରୁ ଆରମ୍ଭ ହୋଇଯାଇଛି। ସହର ବିଭିନ୍ନ ଅଞ୍ଚଳକୁ ଗୋଲାପୀ ରଙ୍ଗରେ ସଜା ଯାଇଛି। ପୂର୍ବରୁ ଗାଙ୍ଗୁଲି ମ୍ୟାଚ୍ ଅଫିସିଆଲ ମାସ୍କଟ ପିଙ୍କୁ ଓ ଟୁଙ୍କୁଙ୍କୁ ଉନ୍ମୋଚନ କରିଥିଲେ। ଦେଶର ଅନ୍ୟତମ ବଡ଼ ଗ୍ରାଉଣ୍ଡରେ ୬୭ ହଜାର ଦର୍ଶକ ବସିବାର ବ୍ୟବସ୍ଥା ରହିଛି।

# ‘ରିଷ୍ଟ ସ୍ପିନରଙ୍କୁ ଫାଇଦା ମିଳିବ’

**ନୂଆଦିଲ୍ଲୀ, ୧୯।୧୧(ପି.ଟି.)**



ମଙ୍ଗଳବାର କୋଲ୍‌କାତାରେ ପହଞ୍ଚିଥିବା ଭାରତ ଏବଂ ବାଂଲାଦେଶ ଖେଳାଳିମାନେ।

ଭାରତ ଏହାର ସର୍ବପ୍ରଥମ ଦିବାରାତ୍ର କ୍ରିକେଟ ଟେଷ୍ଟ କୋଲକାତାର ଇଡେନ ଗାର୍ଡେନରେ ଖେଳିବାକୁ ଯାଉଛି। ବାଂଲାଦେଶ ବିପକ୍ଷ ଏହି ଟେଷ୍ଟ ପିଙ୍କ୍‌ବଲ୍‌ରେ ଖେଳାଯିବ। ଫ୍ଲଡ୍‌ଲାଇଟ୍‌ରେ ପିଙ୍କ୍‌ବଲର ବ୍ୟବହାର କିପରି ରହିବ ଏହାକୁ ନେଇ ବିଭିନ୍ନ ପ୍ରକାର କଳ୍ପନା ଜଳ୍ପନା ପ୍ରକାଶ ପାଉଛି। ଏହି ଟେଷ୍ଟରେ ଫିଙ୍ଗର ସ୍ପିନରଙ୍କ ଅପେକ୍ଷା ରିଷ୍ଟ ସ୍ପିନର ଅଧିକ ଉପାଦେୟ ସାବ୍ୟସ୍ତ ହେବେ ବୋଲି ଅନୁଭବ କରୁଛନ୍ତି ଟିମ୍ ଇଣ୍ଡିଆ ସିନିୟର ଅଫ୍ ସ୍ପିନର ହରଭଜନ ସିଂ। ରିଷ୍ଟ ସ୍ପିନରଙ୍କୁ ଖେଳିବା ସହଜ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ପିଙ୍କ୍‌ବଲ୍‌ରେ ବ୍ଲାକ୍ ଷ୍ଟିଚ୍ ରହିଥିବାରୁ ଏହାର ସିମ୍ ଧରିବା କଷ୍ଟସାଧ ହେବ। ତେଣୁ ଏ କ୍ଷେତ୍ରରେ ରିଷ୍ଟ ସ୍ପିନରମାନେ ଫାଇଦାରେ ରହିବେ ବୋଲି ସେ କହିଛନ୍ତି। ଭାରତୀୟ ଦଳରେ ଜଣେ ରିଷ୍ଟ ସ୍ପିନର କୁଲଦୀପ ଯାଦବ ରହିଛନ୍ତି। ତେବେ ହରଭଜନ ଚୟନ ପ୍ରକ୍ରିୟା ସମ୍ପର୍କରେ କିଛି କହିବାକୁ ଚାହିଁନାହାନ୍ତି। “କେଉଁମାନେ ଦଳରେ ଚୟନ ହେବେ ତାହା ଟିମ୍ ମ୍ୟାନେଜମେଣ୍ଟ ସ୍ଥିର କରିବ। ତା’ ଉପରେ ମୁଁ କିଛି ମନ୍ତବ୍ୟଦେବା ଠିକ୍ ହେବନାହିଁ। ତେବେ ସ୍ପିନରମାନେ ସେମାନଙ୍କ ଖେଳ ଦେଖାଇବା ପୂର୍ବରୁ ଦ୍ରୁତ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ଭାରତୀୟ ସିମରଙ୍କୁ ମୁକାବିଲା କରିବାକୁ ପଡ଼ିବ” ବୋଲି ହରଭଜନ କହିଛନ୍ତି। ୩ଟା ୩୦ରୁ ୪ଟା ୩୦ ମଧ୍ୟରେ କୋଲକାତାରେ ସୂର୍ଯ୍ୟାସ୍ତ ହୋଇଥାଏ। ଏହି ସମୟରେ ଦ୍ରୁତବୋଲରମାନେ ସର୍ବାଧିକ କ୍ଷତି ଘଟାଇ ଥାଆନ୍ତି। ଭବିଷ୍ୟତରେ ଦିବାରାତ୍ର ଟେଷ୍ଟ ଖେଳିବା ଜାରିରଖିବାକୁ ହେଲେ ଆମକୁ ସ୍ପିନରଙ୍କ ସମ୍ପର୍କରେ ଅଧିକ ଭାବିବାକୁ ପଡ଼ିବ ବୋଲି ସେ କହିଛନ୍ତି।

୨୦୧୬ ଦୁଲିପ ଟ୍ରଫି ପିଙ୍କ୍‌ବଲ୍‌ରେ ଖେଳାଯାଇଥିଲା। ଏଥିରେ କୁଲଦୀପ କିପରି ଘାତକ ସାବ୍ୟସ୍ତ ହୋଇଥିଲେ ତାହାକୁ ମନେ ପକାଇଛନ୍ତି ଏହି ଅଭିଜ୍ଞ ସ୍ପିନର। “୨୦୧୬ ଦୁଲିପ ଟ୍ରଫିରେ କେହି ଜଣେ ମଧ୍ୟ କୁଲଦୀପଙ୍କ ବୋଲିଂକୁ ଠିକ୍‌ଭାବେ ବୁଝିପାରି ନ ଥିଲେ। ଏହି ସଂସ୍କରଣରେ ଲେଗ୍ ସ୍ପିନରମାନେ ଅଧିକ ଉଇକେଟ ପାଇଥିଲେ। ଜଣେ ଫିଙ୍ଗର ସ୍ପିନର ବୋଲିଂ କଲାବେଳେ ବଲ୍ ସିମ୍ ସହିତ ରିଲିଜ୍ ହୋଇଥାଏ। ତେଣୁ ସେଥିରୁ ଟର୍ନ ଓ ବାଉନ୍ସ ମିଳିଥାଏ। ବୋଲର ଗୁଗ୍‌ଲି ବୋଲିଂ କଲାବେଳେ ସିମ୍ ଧରିବା କଷ୍ଟସାଧ ହୋଇଯାଇଥାଏ। ତେବେ ଫିଙ୍ଗର ସ୍ପିନର ହୋଇଥିଲେ ହେଁ ମୁଥୟା ମୁରଲୀଧରନ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ସେ ପିଙ୍କ୍ ବଲ୍‌ରେ ମଧ୍ୟ ସଫଳତା ପାଇଥାନ୍ତି। କାରଣ ସେ ଭିଡ଼ାଓଟରା ହୋଇଯାଇଥିବା ସିମ୍ ସହାୟତାରେ ଅଫ୍ ସ୍ପିନ ଏବଂ ଦୁସ୍‌ରା ବୋଲିଂ କରିପାରନ୍ତି” ବୋଲି ସେ କହିଛନ୍ତି।

ପିଙ୍କ୍ ଏସ୍‌ଜି ବଲ୍ ସ୍ପିନରଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ। କାରଣ ଲାଇଟ୍‌ରେ ଏହା ପରିଷ୍କାର ଦେଖା ଯିବାପାଇଁ ଗାଢ଼ା ରଙ୍ଗର ପ୍ରଲେପ ବ୍ୟବହାର କରାଯାଇଥାଏ। ଗାଢ଼ା ରଙ୍ଗ ଅର୍ଥ ବଲ୍‌ର ଗ୍ରୀପ୍ ଭଲ ରହି ନ ଥାଏ। ଏ କ୍ଷେତ୍ରରେ ଫିଙ୍ଗର ସ୍ପିନରଙ୍କ ହାତରୁ ବଲ୍ ଖସିଯିବାର ସମ୍ଭାବନା ଥାଏ। କାକର ସମୟରେ ଧଳା ବଲ୍ ଓ ପିଙ୍କ୍ ବଲ୍‌ରେ ବୋଲିଂର ପାର୍ଥକ୍ୟ ସମ୍ପର୍କରେ ସେ କହିଲେ ଯେ, ଦିବାରାତ୍ର ଗେମ୍ସରେ ଧଳା ବଲ୍ ହାତରୁ ସାବୁନ ଖଣ୍ଡ ପରି ଖସିଥାଏ ବୋଲି ଅନେକଙ୍କ ଧାରଣା ରହିଛି। ମାତ୍ର ତାହା ଠିକ୍ ନୁହେଁ। ଧଳା ବଲ୍ ହାତରୁ ଖସିଥାଏ ତାହାର କାରଣ ହେଲା ତା ଉପରେ ଥିବା ଆସ୍ତରଣ ଛାଡ଼ି ଯାଇଥାଏ ଏବଂ ବଲ୍ ଓଜନିଆ ହୋଇ ଯାଇଥାଏ। ପିଙ୍କ୍ ବଲ୍‌ରେ ଅତିରିକ୍ତ ଆସ୍ତରଣ ଥିବାରୁ ଏହା ସହଜରେ ଛାଡ଼ି ନ ଥାଏ, ତେଣୁ ବଲ୍ ଓଜନିଆ ହୋଇ ନ ଥାଏ। ମାତ୍ର ଏହାର ଷ୍ଟିଚ୍ ଗୁଡ଼ିକ ଓଦା ହୋଇ ଯାଇଥାଏ, ଯାହାକି ଫିଙ୍ଗର ସ୍ପିନରଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ।

୫୦ କିମ୍ବା ୨୦ ଓଭର ଖେଳରେ ବଲ୍ ଓଦା ହୋଇଗଲେ ଲେନ୍ଥ ପରିବର୍ତ୍ତନ କରି ବ୍ୟାଟ୍ସମ୍ୟାନଙ୍କୁ ବ୍ୟାକ୍‌ଫୁଟ୍‌ରେ ଖେଳିବାକୁ ବାଧ କରାଯାଇପାରେ। ମାତ୍ର ଟେଷ୍ଟରେ ସେପରି ଫିଲ୍ଡ ସେଟିଂ କରାଯାଇପାରିବ ନାହିଁ। ବଲ୍‌କୁ ଠିକ୍‌ଭାବେ ପିଚ୍ କରାଇବାକୁ ପଡ଼ିବ। ଓଦା ସିମ୍‌ରେ ୬ଟି ବଲ୍‌କୁ ଗୋଟିଏ ସ୍ଥାନରେ ପିଚ୍ କରାଇବା ସହଜ କଥା ନୁହେଁ। ଘରୋଇ କ୍ରିକେଟରେ ପିଙ୍କ୍‌ବଲରେ ଅଧିକ ଗେମ୍ କରାଯିବା ଆବଶ୍ୟକ। ଏହା ହେଲେ ସ୍ପିନରମାନେ ପ୍ରଭାବୀ ହୋଇପାରିବେ। ରଣଜୀ ଟ୍ରଫିରେ ଶୀର୍ଷ ସ୍ଥାନୀୟ ଜାତୀୟ ଖେଳାଳିଙ୍କ ପାଇଁ ବିସିସିଆଇ ଏକ ୱିଣ୍ଡୋ ବାହାର କରିପାରିଲେ ସେମାନେ ଅଧିକ ଅଭିଜ୍ଞ ହୋଇପାରିବେ।

# ଗୋଧୂଳି ସମୟ ଗୁରୁତ୍ୱପୂର୍ଣ୍ଣ



ସାଇମନ ଟଫେଲ

**କୋଲକାତା, ୧୯।୧୧ (ପି.ଟି.):** ଦିବାରାତ୍ର ଟେଷ୍ଟରେ ପିଙ୍କ୍ ବଲ୍ ବ୍ୟବହାର ହେଉଥିବାରୁ ଏହା କେବଳ ବ୍ୟାଟ୍ସମ୍ୟାନଙ୍କ ପାଇଁ ନୁହେଁ ଅମ୍ପାୟରଙ୍କ ପାଇଁ ମଧ୍ୟ ଚ୍ୟାଲେଞ୍ଜ ସଦୃଶ ହେବ। ତେଣୁ ନୂଆ ରଙ୍ଗ ସହିତ ଅଭ୍ୟସ୍ତ ହେବାପାଇଁ ଅମ୍ପାୟରମାନେ ମଧ୍ୟ କିଛି ଅଭ୍ୟାସ ସେସନରେ ଯୋଗଦେବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ସାଇମନ ଟଫେଲ ପ୍ରକାଶ କରିଛନ୍ତି। ଆଡିଲେଡ୍‌ରେ ସର୍ବପ୍ରଥମ ପିଙ୍କ୍‌ବଲ୍ ଟେଷ୍ଟ ହେବା ସମୟରେ ଟଫେଲ ଆଇସିସି ଅମ୍ପାୟର ପରଫରମାନ୍ସ ଆଣ୍ଡ ଟ୍ରେନିଂ ମ୍ୟାନେଜର ଥିଲେ। ସ୍ପଷ୍ଟଭାବେ ଦେଖିବା ପାଇଁ ଅମ୍ପାୟରମାନେ କୃତ୍ରିମ ଲେନ୍ସ ବ୍ୟବହାର କରିବା ଉଚିତ ବୋଲି ସେ କହିଛନ୍ତି।




ବଲ୍‌କୁ ଭିନ୍ନ ଭାବେ ଦେଖିବା ପାଇଁ ଅମ୍ପାୟରମାନେ କୌଣସି ସ୍ୱତନ୍ତ୍ର ଲେନ୍ସ ବ୍ୟବହାର କରିବେ କି ନାହିଁ ତାହା ତାଙ୍କ ନିଜ ଉପରେ ନିର୍ଭରକରେ। ମାତ୍ର ସେମାନେ ଯଥା ସମ୍ଭବ ଅଧିକ ନେଟ୍ସ ସେସନରେ ଭାଗନେବା ଆବଶ୍ୟକ। ଏହା ହେଲେ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ଏବଂ ଉପଯୁକ୍ତ ସମୟରେ ଠିକ୍ ନିଷ୍ପତ୍ତି ନେଇପାରିବେ ବୋଲି ଟଫେଲ କହିଛନ୍ତି। ଗୋଧୂଳି ସମୟରେ ଆଲୋକ ପରିବର୍ତ୍ତନ ହୋଇଥାଏ। ସେତେବେଳେ ସୂର୍ଯ୍ୟ କିରଣ ଅପେକ୍ଷା କୃତ୍ରିମ ଆଲୋକ ଅତ୍ୟନ୍ତ ଉଜ୍ଜ୍ୱଳ ରହିଥାଏ। ସେତେବେଳେ ବଲ୍ ଉପରେ ନଜର ରଖିବା ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ହେବ। ଅମ୍ପାୟରଙ୍କ କ୍ଷେତ୍ରରେ ମଧ୍ୟ ତାହା ହେବ ବୋଲି ମୁଁ ଭାବୁଛି। ଅମ୍ପାୟରଙ୍କ ପାଇଁ ମଧ୍ୟ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ଟଫେଲ ପ୍ରକାଶ କରିଛନ୍ତି। ନିଜ ପୁସ୍ତକ ‘ଫାଇଣ୍ଡି ଦ ଗ୍ୟାପ୍ସ’ର ପ୍ରମୋଟ କରିବା ପାଇଁ ଟଫେଲ ଏବେ ଭାରତ ଗସ୍ତରେ ଆସିଛନ୍ତି। ସେ ଆଗାମୀ ଦିବାରାତ୍ର ଟେଷ୍ଟ ଦେଖିବା ସମ୍ଭାବନା ରହିଛି। ଦିବାରାତ୍ର ଟେଷ୍ଟ ପାଇଁ ବାଂଲାଦେଶ ଖେଳାଳିଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଭାରତର ଅନେକ ଖେଳାଳି ଘରୋଇ କ୍ରିକେଟରେ ପିଙ୍କ୍‌ବଲ୍‌ରେ ଖେଳିବାରେ ଅଭ୍ୟସ୍ତ ଅଛନ୍ତି। ମାତ୍ର ବାଂଲାଦେଶ ଖେଳାଳଙ୍କର ଏଥିରେ ବିଶେଷ ଅଭିଜ୍ଞତା ନାହିଁ। ୨୦୧୩ରେ ବାଂଲାଦେଶ ଏକ ୪ ଦିନିଆ ଦିବାରାତ୍ର ମ୍ୟାଚ ଖେଳିଥିଲା। ମାତ୍ର ସେତେବେଳେ ଖେଳିଥିବା ଖେଳାଳିମାନେ ବର୍ତ୍ତମାନ ଟିମ୍‌ରେ ନାହାନ୍ତି। ତେଣୁ ବାଂଲାଦେଶ ପାଇଁ ଏହି ଟେଷ୍ଟ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଟଫେଲ କହିଛନ୍ତି।

# ଶାହଦତଙ୍କ ବାସନ୍ଦ ୫ ବର୍ଷ ବଢ଼ିଲା



ଶାହଦତ ହୋସେନ (ମଝି)।

**ଢାକା,୧୯।୧୧:** ବାଂଲାଦେଶ ଘରୋଇ ଟୁର୍ନାମେଣ୍ଟରେ ସାଥୀ ଖେଳାଳିଙ୍କୁ ଆକ୍ରମଣ କରିଥିବା ଘଟଣାରେ ପୂର୍ବତନ ପେସର ଶାହଦତ ହୋସେନଙ୍କୁ ୫ ବର୍ଷ ବାସନ୍ଦ କରାଯାଇଛି। ଏଥିସହ ଜରିମାନା ବାବଦକୁ ତାଙ୍କୁ ୩ ଲକ୍ଷ ଟାକା ଦେବାକୁ ପଡ଼ିବ। ବୋର୍ଡର ଟେକନିକାଲ କମିଟି ଏହି ଦଣ୍ଡାଦେଶ ଧାର୍ଯ୍ୟ କରିଛି। ଏହି ଘଟଣା ଢାକା ଡିଭିଜନ ଓ ଖୁଲନା ଡିଭିଜନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଘଟିଥିଲା। ବଲ୍‌କୁ ରିଭର୍ସ ସୁଇଙ୍ଗ୍ କରିବା ପାଇଁ ଶାହାଦତଙ୍କ ଦକ୍ଷତା ଉପରେ ଆରାଫତ ପ୍ରଶ୍ନ ଉଠାଇଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଉଠିଥିଲେ। ବାଂଲାଦେଶ ପାଇଁ ଶାହାଦତ ୨୦୦୫ରୁ ୨୦୧୫ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରରେ ଖେଳି ୧୦୦ରୁ ଅଧିକ ଉଇକେଟ ନେଇଛନ୍ତି। ୩୩ ବର୍ଷୀୟ ପେସର ବାଂଲାଦେଶ ପାଇଁ ୩୮ ଟେଷ୍ଟ, ୫୧ ଦିନିକିଆ ଓ ୬ ଟି୨୦ ଖେଳିଛନ୍ତି।

# ଆଇ–ଲିଗ୍ କାର୍ଯ୍ୟସୂଚୀ ଘୋଷଣା

**ନୂଆଦିଲ୍ଲୀ,୧୯।୧୧(ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ମଙ୍ଗଳବାର ୨୦୧୯–୨୦ ସିଜନ ଲାଗି ଆଇ ଲିଗ୍ କାର୍ଯ୍ୟସୂଚୀ ଘୋଷଣା କରିଛି। ଚଳିତ ମାସ ୩୦ ତାରିଖରେ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ପୂର୍ବତନ ଚାମ୍ପିୟନ ମୋହନ ବାଗାନ ଓ ଆଇଜଲ ଏଫ୍‌ସି ମଧ୍ୟରେ ମିଜୋରାମର ରାଜୀବ ଗାନ୍ଧୀ ଷ୍ଟାଡିୟମରେ ମୁକାବିଲା ହେବ। ନିକଟରେ ଲିଗ୍‌ର ପ୍ରସାରଣ ଅଧିକାର ଡିସ୍ପୋର୍ଟକୁ ଦିଆଯାଇଥିବା ଏଆଇଏଫ୍‌ଏଫ୍ ପକ୍ଷରୁ ଘୋଷଣା କରାଯାଇଥିଲା। ବୋର୍ଡର ଏହି ପଦକ୍ଷେପକୁ ବହୁ କ୍ଲବ ସମର୍ଥନ କରିଥିଲେ। ମାର୍କେଟିଂ ପାର୍ଟନର ଏଫ୍‌ଏସ୍‌ଡିଏଲ, ପ୍ରସାରଣକାରୀ ସଂସ୍ଥା ଡିସ୍ପୋର୍ଟ ଓ ପ୍ରତିଯୋଗିତାର ସମସ୍ତ ଦଳ ସହ ଆଲୋଚନା କ୍ରମେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି ବୋଲି ହିରୋ ଆଇ ଲିଗ୍ ସିଇଓ ସୁନାନ୍ଦୋ ଧରି କହିଛନ୍ତି। ଲିଗ୍‌ର ସମସ୍ତ ମ୍ୟାଚ୍ ଅପରାହ୍ନ ୨ଟା, ୫ଟା ଓ ସନ୍ଧ୍ୟା ୭ଟାରେ ଖେଳାଯିବ।

# ମହିଳା ଟ୍ରାପରେ ରାଜେଶ୍ୱରୀଙ୍କ ଜାତୀୟ ରେକର୍ଡ

**ନୂଆଦିଲ୍ଲୀ,୧୯।୧୧(ପି.ଟି.)**

ପଞ୍ଜାବର ରାଜେଶ୍ୱରୀ କୁମାରୀ ୬୩ତମ ଜାତୀୟ ଶର୍ଟଗନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ଟ୍ରାପ ଇଭେଣ୍ଟରେ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏ ନେଇ ଭାରତୀୟ ରାଇଫଲ ଆସୋସିଏଶନ (ଏନ୍‌ଆରଏଆଇ) ମଙ୍ଗଳବାର ସ୍ପଷ୍ଟ କରିଛି। ଯୋଗ୍ୟତା ପର୍ଯ୍ୟାୟରେ ମୋଟ ଉପରେ ୧୨୫ରୁ ରାଜେଶ୍ୱରୀ ୧୧୮ ସ୍କୋର କରିଥିଲେ। ୫ ରାଉଣ୍ଡ ବିଶିଷ୍ଟ ଇଭେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ପଞ୍ଜାବ ଶୁଟର ଯଥାକ୍ରମେ ୨୪, ୨୩, ୨୪, ୨୪ ଓ ୨୩ ସ୍କୋର କରି ଶୀର୍ଷସ୍ଥାନ ହାତେଇ ଥିଲେ। ସେ ପୂର୍ବ ରେକର୍ଡକୁ ଦୁଇ ପଏଣ୍ଟ ବ୍ୟବଧାନରେ ପଛରେ ପକାଇଛନ୍ତି। ପୂର୍ବରୁ ସୀମା ତୋମାର, ଶ୍ରେୟାସୀ ସିଂ ଓ ମନୀଷ କିର ୧୧୬ ସ୍କୋର କରି ଜାତୀୟ ରେକର୍ଡର ଯୁଗ୍ମ ଅଧିକାରୀ ଥିଲେ। ସୀମା ଓ ଶ୍ରେୟାସୀ ଇଣ୍ଡୋନେସିଆରେ ଅନୁଷ୍ଠିତ ଇଭେଣ୍ଟବେଳେ ରେକର୍ଡ ଅଧିକାରୀ ହୋଇଥିବାବଳେ ମନୀଷ ଜୟପୁର ଜାତୀୟ ଇଭେଣ୍ଟରେ ରେକର୍ଡ ସମକକ୍ଷ ହୋଇଥିଲେ। ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲେ ମଧ୍ୟ ମୁଁ ଜାତୀୟ ରେକର୍ଡ ଅଧିକାରୀ ହୋଇଥିବାରୁ ଗର୍ବିତ। ଏକଦା ଏହାକୁ ମୋ ବାପା ମଧ୍ୟ ହାସଲ କରିଥିଲେ। ବାପାଙ୍କୁ ସଫଳତାର ସହ ଅନୁକରଣ କରିପାରି ଥିବାରୁ ମୁଁ ବହୁତ ଖୁସି ବୋଲି ରାଜେଶ୍ୱରୀ କହିଛନ୍ତି। ଅନ୍ୟ ଭାରତୀୟ ଶୁଟର ଶଗୁନ ଚୌଧାରୀ ମଧ୍ୟ ପୂର୍ବତନ ଜାତୀୟ ରେକର୍ଡ(୧୧୬)ଠାରୁ ଅଧିକ ସ୍କୋର କରିଛନ୍ତି। ସେ ୧୧୭ ପଏଣ୍ଟ ସହ ରାଜେଶ୍ୱରୀଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ।



ରାଜେଶ୍ୱରୀ କୁମାରୀ

# ସେମିରେ ସୁବ୍ରତ–ଅବିନାଶ, କୁନାଲ–ଆଶୁତୋଷ

**କଟକ ଅଫିସ,୧୯।୧୧**



ଆଶୁତୋଷ ପାଢ଼ୀ

କଟକ କ୍ଲବଠାରେ ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍‌ଏଓ) ଓ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଅଲ ଓଡ଼ିଶା ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ ଚାମ୍ପିୟନଶିପର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଦ୍ୱିତୀୟ ଦିବସରେ ସିନିୟର ବିଲିୟାର୍ଡସ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି ଇଭେଣ୍ଟରେ ସୁବ୍ରତ ଦାସ, ଅବିନାଶ ମହାପାତ୍ର, କୁନାଲ ଅଗ୍ରୱାଲ ଓ ଆଶୁତୋଷ ପାଢ଼ୀ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ସୁବ୍ରତ–ଅବିନାଶ, କୁନାଲ–ଆଶୁତୋଷଙ୍କ ଭିତରେ ସେମି ମୁକାବିଲା ହେବ। ସିନିୟର ବିଲିୟାର୍ଡସର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡ଼ିକରେ ଆଶୁତୋଷ ୩–୦ ଫ୍ରେମରେ ରୋହିତ ଶର୍ମାଙ୍କୁ, ସୁବ୍ରତ ୩–୦ ଫ୍ରେମରେ ନିଶାନ୍ତ ବିଶ୍ୱାଳଙ୍କୁ, କୁନାଲ ୩–୦ ଫ୍ରେମରେ ସୌଭାଗ୍ୟ ବେହେରାଙ୍କୁ ଓ ଅବିନାଶ ମହାପାତ୍ର ୩–୦ ଫ୍ରେମରେ ସମୀର ଅଲ୍ଲୀଙ୍କୁ ପରାସ୍ତ କରିଥିଲେ। ବୁଧବାର ସିନିୟର ବିଲିୟାର୍ଡସ ଚାମ୍ପିୟନଶିପ ଶେଷ ହେବା ସହ ସିନିୟର ସ୍ନୁକର ଚାମ୍ପିୟନଶିପ ଆରମ୍ଭ ହେବ।

# ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ପାକିସ୍ତାନ ପ୍ରସ୍ତୁତ

**ବ୍ରିସ୍‌ବେନ,୧୯।୧୧(ଏଏଫ୍‌ପି)**



ଅଭ୍ୟାସ ଅବସରରେ ଅଷ୍ଟ୍ରେଲିଆ ଅଧିନାୟକ ଟିମ ପେନ।

ସ୍ଥାନୀୟ ବ୍ରିସ୍‌ବେନ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଗୁରୁବାର ଖେଳାଯିବ। ଅଷ୍ଟ୍ରେଲିଆ ମାଟିରେ ପାକିସ୍ତାନର ରେକର୍ଡ ସେତେଟା ଭଲ ନାହିଁ। ଥରେ ମାତ୍ର ଅଷ୍ଟ୍ରେଲିଆ ବିପକ୍ଷରେ ପାକିସ୍ତାନ ଟେଷ୍ଟ ସିରିଜ ଡ୍ର ରଖିଥିଲା। ପୁଣି ୧୯୯୫ରେ ପାକିସ୍ତାନ ଶେଷଥର ପାଇଁ ଟେଷ୍ଟ ବିଜୟ ହାସଲ କରିଥିଲା। ମାତ୍ର କେତେଜଣ ଖେଳାଳି ଅଧିନାୟକ ଆଝାର ଅଲି, ବାବାର ଆଜମ ଓ ଇନ୍–ଫର୍ମ ଆସାଦ ସାଫିକ ଗତ ୨୦୧୬/୧୭ ଅଷ୍ଟ୍ରେଲିଆ ଗସ୍ତରେ ଆସିଥିଲେ। ଏହି ଗସ୍ତରେ ପାକିସ୍ତାନ ୩–୦ରେ ପରାସ୍ତ ହୋଇ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହୋଇଥିଲା। ସେତେବେଳର ଅଧିନାୟକ ମିସ୍‌ବା ଉଲ୍ ହକ ଏବେ ଦଳରେ କୋଚ୍ ରହିଛନ୍ତି। ଅଷ୍ଟ୍ରେଲିଆରେ ପୂର୍ବ ରେକର୍ଡ ଭଲ ନ ଥିଲେ ମଧ୍ୟ ଏହା ଆମ ଉପରେ ଚାପ ପକାଇପାରିବ ନାହିଁ ବୋଲି ମିସ୍‌ବା କହିଛନ୍ତି। ଅଷ୍ଟ୍ରେଲିଆ ମାଟିରେ ଆମେ ଭଲ ପ୍ରଦର୍ଶନ କରିବାକୁ ସୁଯୋଗ ପାଇଛୁ। ଭଲ ପ୍ରଦର୍ଶନ କରିବାକୁ ଏହା ଆମକୁ ମୋଟିଭେଟ୍ କରିବ। ଅତୀତରେ ଯାହା କରିପାରି ନ ଥିଲୁ ଏବେ ତାହା କରି ଦେଖାଇବୁ ବୋଲି ସେ କହିଛନ୍ତି। ଯୁବ ଖେଳାଳିଙ୍କୁ ନେଇ ଆମ ଦଳ ଗଠିତ ଓ ସଫଳତା ପାଇଁ ସମସ୍ତେ ବ୍ୟଗ୍ର ଅଛନ୍ତି। ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ଓ ଶ୍ରେଷ୍ଠ ପ୍ରଦର୍ଶନ କରବାକୁ ଆମେ ପ୍ରସ୍ତୁତ। ଭଲ କ୍ରିକେଟ ଖେଳି ଜିତିବାକୁ ଆମେ ଚିନ୍ତା କରୁଛି ବୋଲି ସେ କହିଛନ୍ତି। ବାବର ଆଜମ ଓ ଆସାଦ୍ ସାଫିକଙ୍କ ଉପରେ ପାକିସ୍ତାନ ଅଧିକ ନିର୍ଭରଶୀଳ ହୋଇପଡ଼ିଛି। ୩ ବର୍ଷ ତଳେ ଏହି ଦୁଇ ଖେଳାଳି ବ୍ରିସ୍‌ବେନ୍‌ରେ ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ ଏ’ ଓ କ୍ରିକେଟ ଅଷ୍ଟ୍ରେଲିଆନ ଏ’ ବିପକ୍ଷରେ ଏମାନେ ମଧ୍ୟ ଶତକ ହାସଲ କରିଛନ୍ତି।

ଗତ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୨–୨ରେ ସିରିଜ ଡ୍ର ରଖି ଆଶେସ ବଜାୟ ରଖିଥିଲା। ଗତ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ୨–୦ରେ ପାକିସ୍ତାନକୁ ଟି୨୦ରେ ହରାଇଥିଲା। ଏହି ଉଇକେଟରେ ଦ୍ରୁତ ବୋଲରଙ୍କ ସ୍ୱର୍ଗ ରୂପେ ଜଣାଅଛି। ତେଣୁ ଦ୍ରୁତ ବୋଲରମାନେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଆଶା କରାଯାଉଛି। ପ୍ୟାଟ କ୍ୟୁମିନ୍ସ, ମିଚେଲ ଷ୍ଟାର୍କ ଓ ଜୋସ୍ ହାଜେଲଉଡଙ୍କୁ ନେଇ ଅଷ୍ଟ୍ରେଲିଆ ଦ୍ରୁତ ବୋଲିଂ ବିଭାଗ ବେଶ୍ ଦୃଢ଼ ମନେହେଉଛି। ତେବେ ଗାଳିଗୁଲଜ କରି ବାସନ୍ଦ ହୋଇଥିବା ଜେମ୍ସ ପାଟିନସନ ପ୍ରଥମ ଟେଷ୍ଟରୁ ବାଦ୍ ପଡିଛନ୍ତି।

୧୬ ବର୍ଷୀୟ ଟିନଏଜ୍ ଦ୍ରୁତ ବୋଲର ନସୀମ ଶାହ ପାକିସ୍ତାନ ତରଫରୁ ଡେବ୍ୟୁ କରିବେ। ୧୯ ବର୍ଷୀୟ ସାହିନ ଆଫ୍ରିଦି ଓ ମୁସା ଖାଁଙ୍କ ସମେତ ମହମ୍ମଦ ଆବାସ ଓ ଅଭିଜ୍ଞ ଇମ୍ରାନ ଖାଁ ସିନିୟରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍, ଆଶେସରେ ଦୁର୍ବଳ ପ୍ରଦର୍ଶନ କରିଥିବା ଡେଭିଡ ୱାର୍ନର, ମାର୍ନସ ଲାବୁସେନ, ଟ୍ରାଭିସ୍ ହେଡ ଓ ମାଥ୍ୟୁ ହେଡ୍ ଏହି ସିରିଜରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଆଡିଲେଡରେ ଖେଳାଯିବ। ଏହା ଦିବାରାତ୍ର ଭିତ୍ତିକ ହେବ।

- **ଅଷ୍ଟ୍ରେଲିଆ ଦଳ:** ଟିମ ପେନ (ଅଧିନାୟକ), କ୍ୟାମେରନ ବ୍ୟାନ୍‌କ୍ରଫ୍ଟ, ଜୋ ବର୍ନ୍ସ, ପ୍ୟାଟ୍ କ୍ୟୁମିନ୍ସ, ଜୋସ ହାଜେଲଉଡ, ଟ୍ରାଭିସ ହେଡ, ମାର୍ନସ ଲାବୁସେନ, ନାଥାନ ଲିୟନ, ମିଚେଲ ନେସେର, ଜେମ୍ସ ପାଟିନସନ, ଷ୍ଟିଭ ସ୍ମିଥ, ମିଚେଲ ଷ୍ଟାର୍କ, ମାଥ୍ୟୁ ୱେଡ ଓ ଡେଭିଡ ୱାର୍ନର।
- **ପାକିସ୍ତାନ ଦଳ:** ଆଝାର ଅଲି (ଅଧିନାୟକ), ଅବିଦ ଅଲି, ଆସାଦ ସାଫିକ, ବାବର ଆଜମ, ହାରିସ୍ ସୋହେଲ, ଇମାମ- ଉଲ-ହକ, ଇମ୍ରାନ ଖାଁ ସିନିୟର, ଇଫ୍‌ତିଖାର ଅହମ୍ମଦ, କାଶିଦ ଭଟ୍ଟି, ମହମ୍ମଦ ଅବାସ, ମହମ୍ମଦ ରିଜୱାନ, ମୁସା ଖାଁ, ନସୀମ ଶାହ, ଶାହିନ ଆଫ୍ରିଦି, ଶାନ ମାସୁଦ ଓ ୟାସିର ଶାହ।

ଆଇଟିଏଫ୍‌ର ଅନ୍ୟାୟ ଓ ଅନୁଚିତ ନିଷ୍ପତ୍ତିକୁ ମୁଁ ବିରୋଧ କରିବି। ପାକିସ୍ତାନ ବାହାରେ ମ୍ୟାଚ୍ ହେଲେ ମୁଁ ଅଂଶଗ୍ରହଣ କରିବି ନାହିଁ।
—ଐସମ ଉଲ ହକ୍ କୁରେଶୀ, ପାକିସ୍ତାନ ଟେନିସ ଖେଳାଳି



ପିଙ୍କ୍ ବଲର ସିମ୍ ଧରିବା କଷ୍ଟକର ହେବ। ଏଥିଯୋଗୁ ରିଷ୍ଟ ସ୍ପିନରମାନେ ଟିକେ ଫାଇଦାରେ ରହିବେ।
—ହରଭଜନ ସିଂ, ଭାରତୀୟ ଭେଟେରାନ୍ ସ୍ପିନର



## ସଂକ୍ଷେପରେ

### ଲିନ୍‌ଙ୍କ ରେକର୍ଡ



**ଆବୁଧାବି,୧୯।୧୧:** ଆବୁଧାବିରେ ଟି୧୦ ଲିଗ୍‌ର ତୃତୀୟ ସଂସ୍କରଣ ଏବେ ଖେଳାଯାଉଛି। ଏହି ଲିଗ୍‌ରେ ଅଷ୍ଟ୍ରେଲିଆ ଓପନର କ୍ରିସ ଲିନ ମରାଠା ଆରବିୟାନ୍ସ ପାଇଁ ଖେଳୁଛନ୍ତି। ସୋମବାର ଲିନ ବିସ୍ଫୋରକ ବ୍ୟାଟିଂ କରି ରେକର୍ଡ ଭଙ୍ଗ କରିଛନ୍ତି। ଟିମ୍ ଆବୁ ଧାବି ବିପକ୍ଷ ମ୍ୟାଚ୍‌ରେ ସେ ୩୦ ବଲରୁ ୯୧ ରନ୍ କରିଥିଲେ। ଏହା ଟି୧୦ ଫର୍ମାଟ ଇତିହାସରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ୯ ଚୌକା ଓ ୭ ଛକା ସାମିଲ ଥିଲା। ସେ କେବଳ ବାଉଣ୍ଡ୍ରିରେ ୭୮ ରନ୍ କରିଥିଲେ। ଏଥିଯୋଗୁ ଆରବିୟାନ୍ସ ଦଳ ଧାର୍ଯ୍ୟ ୧୦ ଓଭରରେ ୨ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଜବାବରେ ଆବୁ ଧାବି ଦଳ ୩ ଉଇକେଟ ହରାଇ ୧୧୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ମରାଠା ଆରବିୟାନ୍ସ ଦଳ ୨୪ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ଏଥିପୂର୍ବରୁ ଏହି ଛୋଟିଆ ଫର୍ମାଟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିବାର ରେକର୍ଡ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଲେକ୍ସ ହେଲ୍ସଙ୍କ ନାମରେ ଥିଲା। ସେ ଗତ ସିଜନରେ ୩୨ ବଲରେ ୮୭ ରନ୍ କରିଥିଲା। ଉଲ୍ଲେଖଥାଉ କି, ଆଇପିଏଲରେ କେକେଆର ପାଇଁ ୪୧ ମ୍ୟାଚ୍ ଖେଳିଥିବା ଲିନ ୧୪୦ ଷ୍ଟ୍ରାଇକ ରେଟ୍‌ରେ ୧୨୮୦ ରନ୍ କରିଛନ୍ତି। ସେ ଡିସେମ୍ବର ୨୦ ତାରିଖରେ ଆଇପିଏଲ ଖେଳାଳିଙ୍କ ନିଲାମ ପ୍ରକ୍ରିୟାର ସମ୍ମୁଖୀନ ହେବେ।

### ଅମ୍ପାୟରଙ୍କ ତ୍ରୁଟି ଯୋଗୁ ବ୍ୟାଟ୍ସମ୍ୟାନଙ୍କ ଜୀବନ ଗଲା

**ହାଇଦ୍ରାବାଦ,୧୯।୧୧:** କ୍ରିକେଟରେ ଅମ୍ପାୟରଙ୍କ ତ୍ରୁଟି କରିବା କିଛି ନୂଆ କଥା ନୁହେଁ। ମାତ୍ର ଅମ୍ପାୟର ତ୍ରୁଟି ଯୋଗୁ ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଏତେ ବିଚଳିତ ହୋଇ ଉଠିଥିଲେ ଯେ, ତାଙ୍କୁ ହୃଦ୍‌ଘାତ ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫଳରେ ଉକ୍ତ ଖେଳାଳିଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ହାଇଦ୍ରାବାଦରେ କ୍ଲବ ସ୍ତରୀୟ ମ୍ୟାଚ୍‌ବେଳେ ଘଟିଛି। ଏହି ଦୁଃଖଦ ଘଟଣା କ୍ରିକେଟ ପ୍ରଶଂସକଙ୍କୁ ଚକିତ କରି ଦେଇଛି। ୪୧ ବର୍ଷୀୟ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ନାୟକ ଜବରଦସ୍ତ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। କିନ୍ତୁ କିଛି ସମୟ ପରେ ଅମ୍ପାୟରଙ୍କ ଭୁଲ ନିଷ୍ପତ୍ତିର ଶୀକାର ହୋଇ ସେ ଆଉଟ ହୋଇଥିଲେ। ବିରକ୍ତ ହୋଇ ସେ ପ୍ୟାଭିଲିଅନ ଫେରିଗଲେ। ସେଠାରେ ତାଙ୍କୁ ଆଟାକ ଆସିଥିଲା। ଗଣମାଧମରେ ପ୍ରକାଶ ପାଇଥିବା କିଛି ରିପୋର୍ଟ ଅନୁଯାୟୀ, ୬୬ ରନ୍ କରି ଖେଳୁଥିବାବେଳେ ନାୟକଙ୍କୁ ଆଉଟ୍ ଦେଇଥିଲେ ଅମ୍ପାୟର। ହେଲେ ବଲ ତାଙ୍କ ବ୍ୟାଟରେ ନୁହେଁ ଅନ୍ୟ କୌଣସି ସାଉଣ୍ଡ ଯୋଗୁ କ୍ୟାଚ୍ ଆଉଟ ଦିଆଯାଇଥିଲା।

# ନୁର-ସୁଲତାନରେ ଇଣ୍ଡୋ-ପାକ୍ ମୁକାବିଲା

**ନୂଆଦିଲ୍ଲୀ,୧୯।୧୧ (ପି.ଟି.)**

ପାକିସ୍ତାନର ରିଭ୍ୟୁ ଅପିଲକୁ ପ୍ରତ୍ୟାଖ୍ୟାନ କରିଛି ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍)। ଅନ୍ୟପଟେ ଆଇଟିଏଫ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଆୟୋଜନ ହେବାକୁ ଥିବା ଡେଭିସ୍ କପ୍ ଟାଇ ପାଇଁ ଏକ ନିରପେକ୍ଷ ଭେନ୍ୟୁର ନାମ ଘୋଷଣା କରିଛି। ଏହି ବିବାଦୀୟ ତଥା ବହୁଚର୍ଚ୍ଚିତ ମ୍ୟାଚ୍ କାଜାଖସ୍ତାନର ରାଜଧାନୀ ନୁର-ସୁଲତାନରେ ଆୟୋଜନ ହେବ ବୋଲି ଆଇଟିଏଫ୍ ମଙ୍ଗଳବାର ସ୍ପଷ୍ଟ କରିଛି। ଏହ ପୂର୍ବରୁ ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ଗତ ୪ ତାରିଖରେ ଡେଭିସ୍ କପ୍ ମ୍ୟାଚ୍‌କୁ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରିବା ନେଇ ଆଇଟିଏଫ୍‌ର ନିଷ୍ପତ୍ତି ବିରୋଧରେ ରିଭ୍ୟୁ ଅପିଲ୍ କରିଥିଲା। ଏହି ମ୍ୟାଚ୍ ଆସନ୍ତା ୨୯ରୁ ୩୦ ତାରିଖ ମଧ୍ୟରେ ଆୟୋଜନ ହେବ। ଯଦି ଭାରତୀୟ ତୀର୍ଥଯାତ୍ରୀ ବିନା ସୁରକ୍ଷା ଭୟରେ ପାକିସ୍ତାନ ଯାତ୍ରା କରିପାରୁଛନ୍ତି, ତାହେଲେ ଭାରତୀୟ ଦଳ କାହିଁକି ଇସ୍‌ଲାମାବାଦରେ ମ୍ୟାଚ୍ ଖେଳିବ ନାହିଁ ବୋଲି ପିଟିଏଫ୍ ଯୁକ୍ତି ବାଢ଼ିଥିଲା। ତେବେ ଆଇଟିଏଫ୍ ଟ୍ରିବ୍ୟୁନାଲ ଏହାକୁ ଶେଷରେ ପ୍ରତ୍ୟାଖ୍ୟାନ କରିଛି। ପୁଣି ପାକିସ୍ତାନ କୌଣସି ନିରପେକ୍ଷ ଭେନ୍ୟୁ ନେଇ ପ୍ରସ୍ତାବ ଦେଇନାହିଁ। ଫଳରେ ନୁର-ସୁଲତାନକୁ ଭେନ୍ୟୁ ରୂପେ ଚୟନ କରାଗଲା ବୋଲି ଆଇଟିଏଫ୍ କହିଛି। ଅଧ୍ୟକ୍ଷ ଥଣ୍ଡା କାରଣରୁ ମ୍ୟାଚ୍‌ଗୁଡିକ ଇନ୍‌ଡୋର କୋର୍ଟରେ ଖେଳାଯିବ। ଇନ୍‌ଡୋର ପରିବେଶ ଆମ ଖେଳାଳିଙ୍କୁ ସୁହାଇବ। ଏହା ଦ୍ୱାରା କେବଳ ଗ୍ରାସ୍ କୋର୍ଟ ନୁହେଁ ହାର୍ଡ କୋର୍ଟରେ ମଧ୍ୟ ଆମ ଖେଳାଳିମାନେ ଭଲ ଖେଳିପାରିବେ ବୋଲି ଭାରତୀୟ କୋଚ୍ ଜିଶାନ ଅଲି କହିଛନ୍ତି। ଇନ୍‌ଡୋରରେ ଖେଳିଲେ ମଧ୍ୟ ଥଣ୍ଡା ପରିବେଶ ଦ୍ୱାରା ଆମ ଖେଳାଳିଙ୍କ ଶରୀର ପ୍ରଭାବିତ ହେବ ନାହିଁ ବୋଲି ସେ କହିଛନ୍ତି। ଏହା ଦ୍ୱାରା କ୍ୱାଲିଟି ଟେନିସ ଦେଖିବାକୁ ମିଳିବ। କାରଣ ଇନ୍‌ଡୋରରେ ଖେଳିଲେ ସୂର୍ଯ୍ୟ କିରଣ ଓ ପବନ ସମସ୍ୟା ରହିବ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଏହି ମ୍ୟାଚ୍ ଇସ୍‌ଲାମାବାଦ୍‌ରେ ପ୍ରଥମେ ସେପ୍ଟେମ୍ବରରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ପାକିସ୍ତାନରେ ସୁରକ୍ଷା ନେଇ ଆପତ୍ତି ଉଠାଇବାରୁ ଏହାକୁ ନଭେମ୍ବର ୨୯-୩୦ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। ଏହି ଡେଭିସ୍ କପ୍ ଟାଇ ପାଇଁ ଭାରତ ଏକ ପୂର୍ଣ୍ଣ କ୍ଷମତାସମ୍ପନ୍ନ ଦଳ ଘୋଷଣା କରିଛି। ଇସ୍‌ଲାମାବାଦରେ ଖେଳିବାକୁ ଭାରତୀୟ ଖେଳାଳିମାନେ ଅନିଚ୍ଛା ପ୍ରକାଶ କରିବା ସହ ନିରପେକ୍ଷ ଭେନ୍ୟୁରେ ଖେଳିବା ପାଇଁ ସମ୍ମତି ଜଣାଇଥିଲେ। ଦୁଇ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଓ ରାମକୁମାର ରମାନାଥନ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେହିପରି ଅଭିଜ୍ଞ ଲିଆଣ୍ଡର ପେସ ଓ ଜୀବନ ନେଦୁଞ୍ଚେଝିଆନ୍ ଡବଲ୍ସ ପାର୍ଟନର ହିସାବରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। କାନ୍ଧରେ ଆଘାତ ସମସ୍ୟା କାରଣରୁ ଶ୍ରେଷ୍ଠ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଏହି ଟାଇରୁ ଓହରିଯାଇଛନ୍ତି। ଅନ୍ୟପଟେ ଯଦି ଟାଇ ସ୍ଥାନାନ୍ତର ହୁଏ ତେବେ ପାକିସ୍ତାନର ଶ୍ରେଷ୍ଠ ଟେନିସ ଖେଳାଳି ଐସାମ-ଉଲ୍-ହକ କୁରେଶି ଏଥିରୁ ଓହରିଯିବେ ବୋଲି ଧମକ ଦେଇଛନ୍ତି। ତେବେ ଏ ନେଇ ଆମର କିଛି କରିବାର ନାହିଁ ବୋଲି ଜିଶାନ କହିଛନ୍ତି।

DAVIS CUP
THE WORLD CUP OF TENNIS®



ଜନ୍ମଦିନ ଶୁଭେଚ୍ଛା



Debasmita Panda (Shree)
କଙ୍କାଲୁ, ଢେଙ୍କାନାଳ
ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ତଥା ତୋର ଚଲାପଥକୁ କୁସୁମିତ କରାନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଈ, ପିଉସୀ, ପିଉସା, କକା, ସୁପାଲି, ଦିପାଲି ତଥା ପରିବାରବର୍ଗ।
ଧ-୬୮୬୧୧

Marriage Wish



Bikash (Viky)
&
Sushmita (Ranu)
May Shree Jagannath Mahaprabhu shower his choicest blessings upon you....
With best compliments from friends and relatives....
D-15316

# କଳିଙ୍ଗ ଷ୍ଟାଡିୟମରେ କମଲ ହାସନ



କମଲ ହାସନ (ବାମରୁ ଦ୍ୱିତୀୟ)ଙ୍କୁ ଓଡ଼ିଶା ଏଫ୍‌ସି ଜର୍ସି ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ସମ୍ପ୍ରତି ଓଡ଼ିଶା ଗସ୍ତରେ ଥିବା ବଲିଉଡ ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ପଦ୍ମଶ୍ରୀ କମଲ ହାସନ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ଷ୍ଟାଡିୟମରେ ଉପଲବ୍ଧ ସୁବିଧା ସୁଯୋଗ ଏବଂ ବିଶ୍ୱସ୍ତରୀୟ ଭିତ୍ତିଭୂମି ଦେଖି ସେ ଅଭିଭୂତ ହୋଇଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ ଓ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ଷ୍ଟାଡିୟମ ପରିଦର୍ଶନ ଅବସରରେ କମଲ ଓଡ଼ିଶା ଏଫସି ଖେଳାଳିଙ୍କ ସହିତ ମିଶିଥିଲେ। ଓଡ଼ିଶା ଏଫସି ପକ୍ଷରୁ ତାଙ୍କୁ ଏକ ଜର୍ସି ଉପହାରଭାବେ ପ୍ରଦାନ କରାଯାଇଥିଲା। ଏହାପରେ ସେ ହକି କମ୍ପ୍ଲେକ୍ସକୁ ଯାଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ସେଠାରେ ମଧ୍ୟ ତାଙ୍କୁ ଭାରତୀୟ ଦଳର ଏକ ଜର୍ସି ପ୍ରଦାନ କରାଯାଇଥିଲା। ପରେ ଭାରତୀୟ ହକି ଦଳର ଅଧିନାୟକ ମନପ୍ରୀତ ସିଂ, ତାରକା ଗୋଲକିପର ପି.ଆର. ଶ୍ରୀଜେଶ ପ୍ରମୁଖ ତାଙ୍କ ସହ ଫଟୋ ଉଠାଇଥିଲେ। ଆଗାମୀ ଦିନରେ ହେବାକୁଥିବା ଟୁର୍ନାମେଣ୍ଟ ପାଇଁ ଖେଳାଳିମାନଙ୍କୁ କମଲ ଶୁଭେଚ୍ଛା ଜଣାଇଥିଲେ।

# ରଜତଙ୍କ ପୁନଃ ଅବସ୍ଥାନ ନେଇ ଓମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୧୯।୧୧(ପି.ଟି.):** ଅଧ୍ୟକ୍ଷ ହିସାବରେ ବରିଷ୍ଠ ପତ୍ରକାର ରଜତ ଶର୍ମାଙ୍କ ପୁନଃ ଅବସ୍ଥାନ ନେଇ ଓମ୍ବୁଡ୍ସମ୍ୟାନ ଦେଇଥିବା ନିର୍ଦ୍ଦେଶକୁ ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ଆପେକ୍ସ କାଉନସିଲ ପ୍ରତ୍ୟାଖାନ କରିଛି। ରଜତ ଶନିବାର ଡିଡିସିଏ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଚାପରେ କାର୍ଯ୍ୟ କରିବାରେ ଅସୁବିଧା ହେଉଥିବାରୁ ସେ ପଦ ଛାଡିଥିଲେ। ତେବେ ଡିଡିସିଏ ଓମ୍ବୁଡ୍ସମ୍ୟାନ ରବିବାର ରଜତଙ୍କ ଇସ୍ତଫାକୁ ଗ୍ରହଣ କରି ନ ଥିଲେ ଓ ତାଙ୍କୁ ପୁଣି ପଦ ସମ୍ଭାଳିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସେ ଆସନ୍ତା ୨୭ ତାରିଖରେ ଏ ନେଇ ଔପଚାରିକ ଭାବେ ଶୁଣାଣି କରିବାକୁ ସମ୍ମତି ପ୍ରକାଶ କରିଥିଲେ। ତେବେ ତାଙ୍କର ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇ ନ ଥିଲା। ଆପେକ୍ସ କାଉନସିଲର ୧୫ ଜଣ ସଦସ୍ୟଙ୍କ ମଧ୍ୟରୁ ୯ ଜଣ ବିଭିନ୍ନ କାରଣ ଦର୍ଶାଇ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଆପଣଙ୍କ ପୁନଃ ଯୋଗଦାନ କୌଣସି କାମକୁ ନୁହଁ ବୋଲି କାଉନସିଲ ରଜତଙ୍କୁ ଚିଠି ଲେଖି ଜଣାଇଛି। ଉଲ୍ଲେଖଥାଉ କି, ରଜତ ଶର୍ମାଙ୍କ ସହିତ କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ଦୁଇ ସଦସ୍ୟ ସୁନୀଲ ଭାଲସନ ଓ ଯଶପାଲ ଶର୍ମା, ମୁଖ୍ୟ କାର୍ଯ୍ୟନିର୍ବାହୀ ରବି ଚୋପ୍ରା ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ଚୋପ୍ରା ସୋମବାର କାର୍ଯ୍ୟରେ ପୁଣି ଯୋଗ ଦେଇଥିଲେ।

## ୨୦୨୦ ଅଲିମ୍ପିକ୍ସରୁ ୩ ଅଷ୍ଟ୍ରେଲୀୟ ଫୁଟବଲର ବାଦ୍

**ସିଡ୍‌ନୀ, ୧୯।୧୧ (ଏଏଫ୍‌ପି):** ଅଷ୍ଟ୍ରେଲିଆର ୩ଜଣ ୨୩ ବର୍ଷରୁ କମ୍ ଫୁଟବଲର ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି। କାମ୍ବୋଡିଆରେ ଜଣେ ମହିଳା ଏମାନଙ୍କ ବିରୋଧରେ ଅଭିଯୋଗ ଆଣିବାରୁ ଆସନ୍ତାବର୍ଷ ଅଗଷ୍ଟ ପର୍ଯ୍ୟନ୍ତ ଏମାନଙ୍କୁ ବାସନ୍ଦ କରାଯାଇଛି। ଫଳରେ ଏମାନେ ସ୍ୱତଃ ଅଲିମ୍ପିକ୍ସରୁ ବାଦ୍ ପଡିଛନ୍ତି। ଏହି ୩ଜଣ ଫୁଟବଲର ହେଲେ ନାଥାନିଏଲ ଅଟକିନ୍‌ସନ, ଲାଚଲାନ ୱେଲ୍ସ ଓ ବ୍ରାଣ୍ଡନ ୱିଲସନ। ଗତ ମାର୍ଚ୍ଚରେ କାମ୍ବୋଡିଆରେ ଏଏଫ୍‌ସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ଖେଳିବା ଅବସରରେ ଏହି ୩ ଖେଳାଳି ଆଚରଣବିଧି ଉଲ୍ଲଂଘନ କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଣ ପେସାଦାର ଆଚରଣ ପ୍ରଦର୍ଶନ କରିଥିବାରୁ ଏମାନଙ୍କୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଦଳରୁ ବାସନ୍ଦ କରାଯାଇଛି। ସେହିପରି ରିଲେ ମ୍ୟାକ- ଗ୍ରୀ ନାମକ ଆଉ ଜଣେ ଫୁଟବଲରଙ୍କୁ ଏପ୍ରିଲ ୧' ତାରିଖ ପର୍ଯ୍ୟନ୍ତ ବାସନ୍ଦ କରାଯାଇଛି ବୋଲି ଫୁଟବଲ ଫେଡେରେଶନ ଅଫ୍ ଅଷ୍ଟ୍ରେଲିଆ (ଏଫ୍ଏଫ୍ଏ) ତରଫରୁ କୁହାଯାଇଛି। ଏହି ଖେଳାଳିମାନଙ୍କ ବିରୋଧରେ ଜଣେ ମହିଳା ଅସଦ୍ ଆଚରଣ ପ୍ରଦର୍ଶନ କରିବା ନେଇ ଅଭିଯୋଗ ଆଣିଥିଲେ। ଏ ସଂକ୍ରାନ୍ତରେ ଅଧିକ କିଛି ତଥ୍ୟ ମିଳନାହିଁ। ସମ୍ମାନ ଓ ଦାୟିତ୍ୱବୋଧତା ନେଇ କୌଣସି ବୁଝାମଣା କରାଯିବ ନାହିଁ ବୋଲି ଏଫ୍ଏଫ୍ଏ ତରଫରୁ କୁହାଯାଇଛି। ତେବେ ବାସନ୍ଦାଦେଶ ବିରୋଧରେ ଅପିଲ କରିବାର ଅଧିକାର ଖେଳାଳିଙ୍କର ରହିଛି ବୋଲି ଏଫ୍ଏଫ୍ଏ କହିଛି।

# ଓମାନଠାରୁ ହାରି ଭାରତ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରୁ ବାଦ୍



ଭାରତ-ଓମାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ମସ୍କାଟ, ୧୯।୧୧ (ପି.ଟି.):** ୨୦୨୨ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରୁ ଭାରତ ବାଦ୍ ପଡିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୧-୦ରେ ଓମାନଠାରୁ ପରାସ୍ତ ହେବା ପରେ ଏହା ସ୍ପଷ୍ଟ ହୋଇଛି। ସ୍ଥାନୀୟ ସୁଲତାନ କାବୁସ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ମୋହସିନ ଅଲ ଘସାନୀ ୩୩ତମ ମିନିଟ୍‌ରେ ଘରୋଇ ଦଳ ତରଫରୁ ୩୩ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହା ପୂର୍ବରୁ ଗୁଆହାଟୀରେ ଅନୁଷ୍ଠିତ ଫାର୍ଷ୍ଟ ଲେଗ୍‌ରେ ଓମାନ ୨-୧ ଗୋଲରେ ଭାରତକୁ ହରାଇଥିଲା। ଭାରତ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୩ ପଏଣ୍ଟ ପାଇବା ସହ ଗ୍ରୁପ୍ ଇ' ତାଲିକାର ଚତୁର୍ଥ ସ୍ଥାନରେ ରହିଛି। କାତାର ୫ଟି ମ୍ୟାଚ୍ ଖେଳି ୧୩ ପଏଣ୍ଟ ପାଇବା ସହ ତାଲିକାର ଶୀର୍ଷରେ ରହିଛି। ତେବେ ୧୨ ପଏଣ୍ଟ ପାଇ ଓମାନ ଦ୍ୱିତୀୟ ସ୍ଥାନରେ ରହିଛି। ଓମାନଠାରୁ ୯ ପଏଣ୍ଟ କମ୍ ପାଇ ଭାରତ ତୃତୀୟ ରାଉଣ୍ଡରୁ ବାଦ୍ ପଡିଛି। ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାୟରରେ ଭାରତ ଆଉ ୩ଟି ମ୍ୟାଚ୍ ଖେଳିବ। ଯଦି ସବୁ ମ୍ୟାଚ୍‌ରେ ବିଜୟୀ ହୁଏ ତେବେ ଭାରତ ୯ ପଏଣ୍ଟ ପାଇବ। ଏପରିକି ରନର୍ସ- ଅପ୍ ଦଳ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡରେ ପ୍ରବେଶ କରିବ ବୋଲି କିଛି ଗ୍ୟାରେଣ୍ଟି ନାହିଁ। ଏପରି ସ୍ଥଳେ ଭାରତ ବାଦ୍ ପଡିବା ନିଶ୍ଚିତ ହୋଇଛି କହିଲେ ଭୁଲ୍ ହେବ ନାହିଁ। ତେବେ ଭାରତ ୨୦୨୩ ଏସିଆନ କପ୍ କ୍ୱାଲିଫାୟର୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଆସନ୍ତାବର୍ଷ ଭାରତ ବାକି ୩ଟି ମ୍ୟାଚ୍ ଖେଳିବ। ମାର୍ଚ୍ଚ ୨୬ ତାରିଖରେ ଘରୋଇ ପରିବେଶରେ କାତାର ବିପକ୍ଷରେ, ଜୁନ ୪ ତାରିଖରେ ବାଂଲାଦେଶ, ଜୁନ୍ ୯ ତାରିଖରେ ଘରୋଇ ପରିବେଶ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଭାରତ ମ୍ୟାଚ୍ ଖେଳିବ।

# ଓଡ଼ିଶା ଏଫ୍‌ସିର କୋଚ୍ ଏଡୁକେଶନ କର୍ମଶାଳା

**ଭୁବନେଶ୍ୱର, ୧୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) କ୍ଲବ ଓଡ଼ିଶା ଏଫ୍‌ସି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏକ କ୍ୟୁରେଟେଡ କୋଚ୍ ଏଡୁକେଶନ ୱାର୍କଶପ୍ ଆୟୋଜନ କରିଛି। ସ୍ଥାନୀୟ କୋଚ୍‌ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏହି ୱର୍କଶପ୍‌କୁ କ୍ଲବର ମୁଖ୍ୟ କୋଚ୍ ଜୋସେଫ୍ ଗାମ୍ବାଉ ଓ ସହକାରୀ କୋଚ୍ ଥାଙ୍ଗବୋଇ ଶିଙ୍ଗଟୋ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୧ଜଣ କୋଚ୍ ଏଥିରେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶାରେ କୁନି ଫୁଟବଲ ପ୍ରତିଭାମାନଙ୍କ ସହିତ କାର୍ଯ୍ୟକରୁଥିବା ସ୍ଥାନୀୟ କୋଚ୍‌ମାନଙ୍କୁ ଆମେ ସାହାଯ୍ୟ ସହଯୋଗ କରିବାକୁ ଚାହୁଁଛୁ ବୋଲି ଗାମ୍ବାଉ କହିଛନ୍ତି। ଏହାଦ୍ୱାରା ଏହି ଫୁଟବଲ ପ୍ରତିଭାଙ୍କର ବିକାଶ ହୋଇପାରିବ ଓ ଏମାନେ ଯୁବାବସ୍ଥାରେ ଜଣେ ଜଣେ ବିକଶିତ ଫୁଟବଲର ହୋଇପାରିବେ। ପିଲାମାନେ ହେଉଛନ୍ତି ଭବିଷ୍ୟତ। ଏହି ୱାର୍କଶପ୍ ରାଜ୍ୟ, ଓଡ଼ିଶା ଏଫ୍‌ସି ଓ ଭାରତୀୟ ଫୁଟବଲ ଦଳ ପାଇଁ ହିତକର ବୋଲି ସେ କହିଛନ୍ତି।



ୱାର୍କଶପ୍‌ରେ ଯୋଗଦେଇଥିବା କୋଚ୍‌ମାନେ।

ଷ୍ଟାଡିୟମରେ ସିନିୟର ଦଳର ଅଭ୍ୟାସ ଦେଖି ସ୍ଥାନୀୟ କୋଚ୍‌ମାନେ ଉଭୟ ଥିଓରି ଓ ପ୍ରାକ୍ଟିକାଲ ସେସନରେ ମଧ୍ୟ ସାମିଲ ହୋଇଥିଲେ। କ୍ଲବ ତରଫରୁ ହେଡ୍ ଅଫ୍ ଫୁଟବଲ ଡେଭଲପ୍‌ମେଣ୍ଟ ଆକାଶ ନରୁଲା, ଗ୍ରାସ୍‌ରୁଟ ମ୍ୟାନେଜର ସାୟନ୍ତାନ ଗାଙ୍ଗୁଲି ଓ ଆସିଷ୍ଟାଣ୍ଟ ଗ୍ରାସ୍‌ରୁଟ ମ୍ୟାନେଜର ଶୁଭମ ଦାସ ଏହି ଅବସରରେ ଉପସ୍ଥିତ ଥିଲେ। ଭଲ ଖେଳାଳି ସୃଷ୍ଟି କରିବାକୁ ହେଲେ ଭଲ କୋଚ୍ ଅବଶ୍ୟକ ହୋଇଥାନ୍ତି। ଏଥିପାଇଁ କୋଚ୍ ଏଡୁକେଶନାଲ ୱାର୍କଶପ୍ ନିହାତି ଦରକାର ବୋଲି ନରୁଲା କହିଛନ୍ତି। ଏକ ଆଇଏସ୍ଏଲ କ୍ଲବ ହିସାବରେ ଆମେ ଓଡ଼ିଶାର ବହୁ କୋଚ୍‌ଙ୍କୁ ସାହାଯ୍ୟ କରିବାକୁ ଚାହୁଁଛୁ। ଆଜିର କାର୍ଯ୍ୟକ୍ରମ ବେଶ୍ ଭଲ ଥିଲା ଓ ସ୍ଥାନୀୟ କୋଚ୍‌ମାନେ ଏଥିରେ ଉତ୍ସାହର ସହିତ ଭାଗ ନେଇଥିବାରୁ ଆମେ ବହୁତ ଖୁସି। ଏଥିପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ସରକାରଙ୍କ ସହଯୋଗକୁ ଧନ୍ୟବାଦ ଜଣାଉଛି ବୋଲି ସେ କହିଛନ୍ତି।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଦଣ୍ଡପାଣି ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଜଙ୍କିଆ, ଖୋର୍ଦ୍ଧା
ଆବିର୍ଭାବ: ତା.୦୪।୦୩।୧୯୩୧ (ଦୋଳପୂର୍ଣ୍ଣମୀ)
ତିରୋଧାନ: ତା.୦୭।୧୨।୨୦୧୨ (ପ୍ରଥମାଷ୍ଟମୀ)
ଆପଣଙ୍କ ସ୍ମୃତି ପ୍ରତିଟି ମୁହୂର୍ତ୍ତରେ ଆମପାଇଁ ଜୀବନ୍ତ ହୋଇରହିଛି। ଆପଣଙ୍କର ଅନାବିଳ ସ୍ନେହ ଆମମାନଙ୍କ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଅଛୁ।
ଶୋକସନ୍ତପ୍ତ:
ସ୍ତ୍ରୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୭୮୦୩

୨୬ତମ ଶ୍ରାଦ୍ଧ ବାର୍ଷିକୀ



ସ୍ୱର୍ଗତ ବଳରାମ ପଟ୍ଟନାୟକ
ଆବିର୍ଭାବ : ୦୯.୦୮.୧୯୨୮
ତିରୋଧାନ : ୦୬.୧୨.୧୯୯୩
ଆଜି ଏହି ୨୬ ତମ ଶ୍ରାଦ୍ଧ ବାର୍ଷିକୀ ରେ ଆମ୍ଭେମାନେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଆପଣଙ୍କର ପରୋପକାରିତା, ସହିଷ୍ଣୁତା ଏବଂ ନିଃସ୍ୱାର୍ଥପର ସ୍ୱଭାବ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ।
ତୁମର ଧର୍ମପତ୍ନୀ, ବାବୁ, ଟୁଟୁ, ମୁନା, ମନି ଏବଂ ପରିବାର ବର୍ଗ।
ଧ-୬୬୭୨୧

13th Death Anniversary



LATE PRAVIN PATTANAIK
(BABUL)
DOB:25.11.1986
DOD: 20.11.2006
You are always with us though you are far away from us beyond the celestial bodies in the heaven. Every moment we miss your absence and feel you in the very core of our hearts and shall cherish your sweet memories till the end of our life. Its also our joy unspokable to wish you a very happy birthday ! Since today is also your auspicious birthday.
Your's
Mamuni, Babuji and Others
Malipada, BBSR
ଧ-୧୫୩୦୨

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୦/୨୦୧୯ Bhubaneswar, Wednesday, November 20/2019

### ତାରକା ହୋଟେଲ ଖାଦ୍ୟ ବିଲ୍ ଠକେଇରେ ଧରାପଡ଼ିଲେ

## ଶ୍ୱଶୁରଘରୁ ବାଇକ୍ ଚୋରି ମାମଲାରେ ଜ୍ୱାଇଁ ଗଲେ ଜେଲ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ରାଜଧାନୀର ବିଭିନ୍ନ ତାରକା ହୋଟେଲରେ ଖାଇବା ପରେ ବିଲ୍ ପଇଠ ନ କରି ଫେରାର ହୋଇଯାଉଥିଲେ। ଶହୀଦନଗର ଥାନା ଅଞ୍ଚଳରେ ଅଭିଯୁକ୍ତଙ୍କୁ ହୋଟେଲ କର୍ମଚାରୀମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ଆପରାଧିକ ରେକର୍ଡ ଯାଞ୍ଚ କରିବା ପରେ ଅଭିଯୁକ୍ତଙ୍କ ଅସଲ ମୁଖା ଖୋଲିଯାଇଥିଲା। ଶ୍ୱଶୁର ଘରୁ ବାଇକ ଚୋରି ମାମଲାରେ ଫେରାର ଥିବା ଜଣାପଡିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ଜଟଣୀ ହାଟବଜାର ଅଞ୍ଚଳର ପି. ପ୍ରସନ୍ନ ରାଓ (୩୯)।

ସୂଚନା ମୁତାବକ, ସୋମବାର ଶହୀଦନଗର ଥାନାଞ୍ଚଳରେ ଥିବା ଏକ ହୋଟେଲର ବିଲ ପଇଠ ନ କରି ଅଭିଯୁକ୍ତ ପ୍ରସନ୍ନ ଫେରାର ହେଉଥିବାବେଳେ ଧରାପଡ଼ିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ସତ୍ୟ ସାମ୍ନାକୁ ଆସିଥିଲା। ସେ ରାଜଧାନୀରେ ଏକାଧିକ ତାରକା ହୋଟେଲରେ ଖାଇବା ପରେ ବିଲ ପଇଠ ନ କରି ଫେରାର ହୋଇଯାଉଥିଲେ। ଅନ୍ୟପକ୍ଷରେ ୨୦୧୩ରେ ସ୍ତ୍ରୀଙ୍କ ମଧ୍ୟରେ ଝଗଡାକୁ କେନ୍ଦ୍ରକରି କୋର୍ଟରେ ଛାଡପତ୍ର ଆବେଦନ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ପ୍ରସନ୍ନ ଶ୍ୱଶୁର ଘରୁ ଏକ ବାଇକ୍ (ଓଡି ୦୨ କେ ୦୩୧୫) ନେଇ ଫେରାର ହୋଇଯାଇଥିଲେ। ଶାଶୁ ପି. ରେଣୁ ଦୋରାଙ୍କ ଅଭିଯୋଗକ୍ରମେ ପୋଲିସ ୫୨୬/୧୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ପ୍ରସନ୍ନଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରିଥିଲା ପୋଲିସ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

### ଜଙ୍ଗଲରୁ ମୃତ ଛେଳି ଉଦ୍ଧାର ଘଟଣା

## ବ୍ୟବଚ୍ଛେଦ ରିପୋର୍ଟରେ ବାଘ ମାରିଥିବା ସ୍ପଷ୍ଟ

**ନରସିଂହପୁର ୧୯।୧୧(ଡି.ଏନ୍.ଏ.)**



କଟକ ଜିଲା ନରସିଂହପୁର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ଉଲାସକୁଟ ଗ୍ରାମ ନିକଟ ପନିଖି ମୁଣ୍ଡିଆ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରୁ ୭ ମୃତ ଛେଳି ଉଦ୍ଧାର ଘଟଣାର ବ୍ୟବଚ୍ଛେଦ ରିପୋର୍ଟ ମଙ୍ଗଳବାର ଆସିଛି। ଏଥିରେ ଛେଳିଗୁଡ଼ିକୁ କୌଣସି ଛୋଟ ବାଘ ମାରିଥିବା ସ୍ପଷ୍ଟ ହୋଇଛି ବୋଲି ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ବିଜୟ କୁମାର ସେନାପତି କହିଛନ୍ତି। ରିପୋର୍ଟ ଆସିବାପରେ ନରସିଂହପୁର ପଶ୍ଚିମାଞ୍ଚଳ ରେଞ୍ଜର ଅଶୋକ କୁମାର ବେହେରା ବନ କର୍ମଚାରୀଙ୍କୁ ନେଇ ଜଙ୍ଗଲ ଭିତରକୁ ଯାଇ ବାଘର ଗତିବିଧି ଯାଞ୍ଚ କରିଥିଲେ। ମାତ୍ର ସୋମବାରଠାରୁ ନିଖୋଜ ଥିବା ୨୯ ଛେଳିଙ୍କ ପତ୍ତା ଅଦ୍ୟାବଧି ମିଳିପାରି ନାହିଁ। ଏନେଇ ସନ୍ଧ୍ୟା ହେଲେ ଗୃହପାଳିତ ପ୍ରାଣୀଙ୍କୁ ନିରାପଦରେ ଘରେ ରଖିବାକୁ ବେହେରା ପରାମର୍ଶ ଦେଇଛନ୍ତି। ପ୍ରାଣୀଗୁଡ଼ିକୁ ଚରିବା ଲାଗି ଜଙ୍ଗଲକୁ ନ ଛାଡିବା ପାଇଁ ବନ ବିଭାଗ ପକ୍ଷରୁ ଗ୍ରାମରେ ସଚେତନ କରାଯାଇଛି। ଏହି ଘଟଣାରେ ନିଖୋଜ ଓ ମୃତ ଛେଳିର ମାଲିକ ଲିଙ୍ଗରାଜ ଅମାନ୍ତ କ୍ଷତିପୂରଣ ଦାବି କରିଛନ୍ତି। ସେ ନରସିଂହପୁର ପଶ୍ଚିମାଞ୍ଚଳ ରେଞ୍ଜର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ବେହେରା କହିଛନ୍ତି, ରିପୋର୍ଟ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ଅବଗତ କରାଯିବା ପରେ ନିର୍ଦ୍ଦେଶ ଅନୁସାରେ କ୍ଷତିପୂରଣ ପାଇଁ ପଦକ୍ଷେପ ନିଆଯିବ।

## ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ବିଜ୍ଞାପନ

**Rationalization Of Timing Of Stage Carriages Plying On Bhubaneswar - Cuttack to Jajpur Town, Bari, Bandhadiha & Bhubaneswar - Cuttack to Jajpur Road, Anandapur, Ghatagaon, Karanjia, Keonjhar Route**

**(କେନ୍ଦ୍ରୀୟ ସମୟ ସାରଣୀ)**

ଏତଦ୍‌ଦ୍ୱାରା ଭୁବନେଶ୍ୱର / କଟକ – ବରୀ, ଯାଜପୁର ଟାଉନ, ବନ୍ଧଡିହ ଏବଂ ଭୁବନେଶ୍ୱର / କଟକ – ଯାଜପୁର ରୋଡ, ଆନନ୍ଦପୁର, ଘଟଗାଁ, କରଞ୍ଜିଆ, କେନ୍ଦୁଝର ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହି ବସ୍ ମାଲିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ବସ୍ ମାଲିକଙ୍କର ଯାତାୟତ କରୁଥିବା ସମୟକୁ ସୁବ୍ୟବସ୍ଥାକରଣ (Rationalized Time) କରି ସମୟ ସାରଣୀ ପ୍ରସ୍ତୁତ କରାଯାଇଅଛି, ଯାହାକି STA websiteରେ ଉପଲବ୍ଧ ଅଟେ। ପ୍ରସ୍ତୁତ କରାଯାଇଥିବା ସୁବ୍ୟବସ୍ଥାକରଣ (Rationalized Time) ସମୟ ସାରଣୀରେ ଯଦି କୌଣସି ବସ୍ ମାଲିକଙ୍କ କିଛି ଅଭିଯୋଗ ଥାଏ ଏବଂ ଯଦି କୌଣସି ଗାଡି ଉକ୍ତ ସମୟ ସାରଣୀରେ ସ୍ଥାନ ପାଇ ନଥାନ୍ତି ତେବେ ସେମାନେ ତାଙ୍କର ଲିଖିତ ଅଭିଯୋଗ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟରେ ଖବରକାଗଜରେ ପ୍ରକାଶିତ ଦିନଠାରୁ ୧୫ଦିନ ମଧ୍ୟରେ କରିପାରିବେ। ଯଦି ଅଭିଯୋଗ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରାନଯାଏ ତେବେ ସୁବ୍ୟବସ୍ଥାକରଣ (Rationalized Time) ସମୟ ସାରଣୀକୁ କାର୍ଯ୍ୟକାରୀ ନିମନ୍ତେ ପଦକ୍ଷେପ ନିଆଯିବ। ଯେଉଁ ଯାତ୍ରୀବାହି ବସ୍‌ଗୁଡିକୁ ସୁବ୍ୟବସ୍ଥାକରଣ (Rationalized Time)ରେ ଅନ୍ତର୍ଭୁକ୍ତ କରାଯାଇଅଛି ଉକ୍ତ ବସ୍‌ଗୁଡିକର ପଞ୍ଜିକୃତ ନମ୍ବର ଓ ସମୟ ସାରଣୀ STA wbesite ରେ ଉପଲବ୍ଧ ଅଛି। STA Websiteର ଠିକଣା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

Website :- www.orissatransport.nic.in / www.odishatransport.gov.in

ସଚିବ

ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ

## ୨ ନିଲମ୍ବିତ ପୋଲିସ କର୍ମଚାରୀଙ୍କୁ ଅନ୍ୟ ଜିଲାକୁ ବଦଳି

- ସ୍ପେଶାଲ ସ୍କ୍ୱାଡ୍‌ର ଏଏସ୍‌ଆଇଙ୍କ ନାଁରେ ଥିଲା ଷ୍ଟେଶନ ଡାଏରୀ
- ଗଞ୍ଜେଇ ମାଫିଆଙ୍କୁ ଅନୁକମ୍ପା ଦେଖାଇଥିବା ଅଭିଯୋଗ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଭୁବନେଶ୍ୱର ଡିସିପି ଅନୁପ ସାହୁଙ୍କ ଦ୍ୱାରା ନିଲମ୍ବିତ ହୋଇଥିବା ଏଏସ୍‌ଆଇ ଅର୍ଜୁନ କୁଅଁର ଏବଂ କନ୍‌ଷ୍ଟେବଳ-୧୬୩ ସଂଗ୍ରାମ ପରିଡାଙ୍କୁ ଡିଜିପି ବିଜୟ କୁମାର ଶର୍ମା ମଙ୍ଗଳବାର ଅନ୍ୟ ଜିଲାକୁ ବଦଳି କରିଛନ୍ତି। ଅର୍ଜୁନ ସ୍ପେଶାଲ ସ୍କ୍ୱାଡ୍‌ରେ କାର୍ଯ୍ୟ କରୁଥିବାବେଳେ ସେ ନିଜ ପଦବୀର ଅପବ୍ୟବହାର କରି ନିଶା ମାଫିଆଙ୍କୁ ଅନୁକମ୍ପା ଦେଖାଇବା ନେଇ ତାଙ୍କ ନାମରେ ଖଣ୍ଡଗିରି ଥାନାରେ ଷ୍ଟେଶନ ଡାଏରୀ ହୋଇଥିଲା। ତାଙ୍କ ବିରୋଧରେ ପୁରୀ ଜିଲାର ଜଣେ ଇନ୍ସପେକ୍ଟର ଅଭିଯୋଗ କରିଥିବା ଜଣାପଡ଼ିଛି। ତାଙ୍କୁ ଡିଜିପି ନବରଙ୍ଗପୁର ଜିଲାକୁ ବଦଳି କରିଛନ୍ତି। ସେହିପରି କନଷ୍ଟେବଳ ସଂଗ୍ରାମକୁ ଦେବଗଡ଼ ଜିଲାକୁ ବଦଳି କରାଯାଇଛି। ସେ ଦେବଗଡ଼ ରିଜର୍ଭ ଇନ୍ସପେକ୍ଟରଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ ବୋଲି ଜଣାପଡିଛି। କର୍ତ୍ତବ୍ୟରେ ବିଶୃଙ୍ଖଳା ପ୍ରଦର୍ଶନ କରିବା ଯୋଗୁ ସଂଗ୍ରାମକୁ ବଦଳି କରାଯାଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଅର୍ଜୁନ ନିଜକୁ ଏସିପି ବୋଲି ନିଶା ମାଫିଆଙ୍କ ନିକଟରେ ପରିଚୟ ଦେଉଥିଲେ। ଫୁଲବାଣୀ ଓ କନ୍ଧମାଳରୁ ଆସୁଥିବା ଗଞ୍ଜେଇ ଗାଡିକୁ ସେ ଏସ୍କର୍ଟ ଦେଇ ରାଜଧାନୀ ଏବଂ ପୁରୀ ରାସ୍ତାରେ ପାର କରୁଥିଲେ। ଏଭଳି ଏକ ଗଞ୍ଜେଇ ଗାଡ଼ିକୁ ସେ ଏସ୍କର୍ଟ ଦେଇ ପାର କରାଉଥିବାବେଳେ ପୁରୀ ଜିଲା ପୋଲିସ ହାତରେ ଧରାପଡ଼ିଥିଲେ। ଏନେଇ ତାଙ୍କ ନାମରେ ୫ ମାସ ତଳେ ଏକ ଷ୍ଟେଶନ ଡାଏରୀ କରାଯାଇଥିଲା। ଜଣେ ଡିଏସ୍‌ପି ର୍‍ୟାଙ୍କର ଅଧିକାରୀ ତାହାର ତଦନ୍ତ କରିଥିଲେ। ତଦନ୍ତ କରିବା ପରେ ଏନେଇ ସେ ଡିଜିପିଙ୍କୁ ରିପୋର୍ଟ ଦେଇଥିଲେ। ତଦନୁଯାୟୀ ଡିଜିପି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି।





କୋଷ୍ଠକାଠିନ୍ୟ ପାଇଁ
ଆୟୁର୍ବେଦର ପୁରାତନ ଗ୍ରନ୍ଥ ଆଧାରରେ ପ୍ରସ୍ତୁତ ହୋଇଥିବା ବର୍ଷ ବର୍ଷର ପୁରୁଣା ବିଶ୍ୱସନୀୟ
ଆୟୁର୍ବେଦିକ
କାୟମ ଚୂର୍ଣ୍ଣ
ଗୁଜରାଟର ସୁପ୍ରସିଦ୍ଧ ବୈଦ୍ୟ ଶ୍ରୀ ରସିକଭାଇ ଶେଠ୍‌ଙ୍କ ଫର୍ମୁଲା ଦ୍ୱାରା ଆୟୁର୍ବେଦର ପୁରାତନ ଗ୍ରନ୍ଥଗୁଡ଼ିକ ଆଧାରରେ ପ୍ରସ୍ତୁତ ବିଶ୍ୱସନୀୟ କାୟମ ଚୂର୍ଣ୍ଣ କୋଷ୍ଠକାଠିନ୍ୟ ଓ ସେ କାରଣରୁ ଦେଖାଦେଉଥିବା ଏସିଡିଟି, ଗ୍ୟାସ୍, ବଦହଜମି ଓ ମୁଣ୍ଡବିନ୍ଧାକୁ ଦୂର କରିଥାଏ।
ଭାବନଗରବାସୀ ଶେଠ୍ ବ୍ରଦର୍ସଙ୍କ ଉତ୍ପାଦ
କାୟମ ଚୂର୍ଣ୍ଣ ଅଧିକ ପ୍ରଭାବୀ, ସୁରକ୍ଷିତ ଏବଂ ଦୁଷ୍ପ୍ରଭାବ ମୁକ୍ତ ଅଟେ।
ମେଡିକାଲ ଏବଂ ଆୟୁର୍ବେଦିକ ଷ୍ଟୋର୍ସରେ ଉପଲବ୍ଧ



MARUTI SUZUKI

NEXA

KEEP THE CELEBRATIONS GOING WITH EXCITING OFFERS




LIMITED PERIOD OFFERS ONLY

VALID TILL 30th NOVEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+ 5 YEAR WARRANTY | ₹25,000 | ₹50,000+ 5 YEAR WARRANTY | ₹25,000 | ₹25,000+ 5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹10,000 | ₹10,000 | ₹10,000 | ₹10,000 |
| TOTAL SAVINGS# | **₹35,000** | **₹62,400** | **₹55,000** | **₹1,12,900** | **₹65,000** | **₹87,700** |

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA RAJ BHAVAN ROAD** (NARAYANI MOTORS PH: 9583022008, 7381094898),
**NEXA CYBER CITY** (JYOTE MOTORS PH: 8338033884),
**NEXA TWIN CITY** (SKY AUTOMOBILES PH: 9776497764, 7064400101).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5-year warranty (2-year standard warranty + 3-year extended warranty) on all NEXA Diesel cars.




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁମାନେ ସମାଜରୁ ଅଧିକ ନିଅନ୍ତି ଓ ସମାଜକୁ କିଛି ଦିଅନ୍ତି ନାହିଁ, ସେହିମାନେ ହିଁ ଅସୁର ପଦବାଚ୍ୟ।

-ଆରିଷ୍ଟଟଲ୍



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଘଟଣାରେ ଯୁବକ ଗିରଫ

**ମାହାଙ୍ଗା, ୧୯।୧୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ଜୟପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଘଟଣାରେ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଏହି ଫାଣ୍ଡି ଅଞ୍ଚଳର ଅଭିଯୁକ୍ତ ହିମାଂଶୁ ନାୟକ(୨୨)। ହିମାଂଶୁ ଗତ ଅକ୍ଟୋବର ୨୮ରେ ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇ ଜୋରଜବରଦସ୍ତ ବିବାହ କରିଥିଲେ। ଏହାପରେ କୌଶଳକ୍ରମେ ନାବାଳିକା ଜଣକ ଖସି ଆସି ଘରେ ଖବରଦେଇଥିଲେ। ଏନେଇ ପରିବାର ଲୋକ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୨୩୭/୧୯)ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ମାତ୍ର ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ହିମାଂଶୁ ଘରେ ଥିବା ଖବରପାଇ ମଙ୍ଗଳବାର ଜୟପୁର ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ସଦଳବଳେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

### ବେଆଇନ ପଥର ବୋଝେଇ ଟ୍ରାକ୍ଟର ଜବତ

**ବାଙ୍କୀ,୧୯।୧୧(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଖଣିରୁ ବେଆଇନ ଭାବେ ପଥର ବୋଝେଇ କରି ଏକ ଟ୍ରାକ୍ଟର ଆସୁଥିବା ବେଳେ ମଙ୍ଗଳବାର ବାଙ୍କୀ ତହସିଲର ଟିମ୍ ହାତରେ ଧରାପଡ଼ିଛି। ଏନେଇ ଗାଡି ଚାଳକଙ୍କଠାରୁ ୧୦ ହଜାର ଟଙ୍କା ଜୋରିମନା ଆଦାୟ କରାଯାଇଛି। ଏହି ଚଢ଼ାଉ ଦଳରେ ସଦର ଆରଆଇ ତାପସ କୁମାର ପଣ୍ଡା, କର୍ମଚାରୀ ପ୍ରଭାତ ସ୍ୱାଇଁ ଓ କେଳୁଚରଣ ରଣା ପ୍ରମୁଖ ସାମିଲ ହୋଇଥିଲେ। ବାଙ୍କୀ ଅଞ୍ଚଳର ବିଭିନ୍ନ ଖଣିରୁ ବେଆଇନ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁଙ୍କ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ କଳାପଥର, କଡ଼ାମଲ, ବୈଦ୍ୟେଶ୍ୱର, ସାତଖଣ୍ଡ ଆଦି ଅଞ୍ଚଳରେ ଚଢ଼ାଉ କରାଯାଉଛି। ହାଇୱା ଟ୍ରାକ୍ଟର ଓ ଟ୍ରକ୍‌ରେ ଆସୁଥିବା ପଥର୍, ବାଲି, ମୋରମ୍ ଓ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ସହ ଗାଡିର ପରିମିଟ୍ ଯାଞ୍ଚ କରାଯାଉଛି।

### ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ବାଙ୍କୀ,୧୯।୧୧(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶପଙ୍ଗି ଗ୍ରାମର ଶ୍ରୀ ଶ୍ରୀ ରଘୁନାଥ ଦେବଙ୍କ ପୀଠରେ ଶ୍ରୀରାମ ଚରିତମାନସ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ୪ଦିନ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯଜ୍ଞର ପୂର୍ଣ୍ଣାହୁତି କରାଯିବା ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଏଥିରେ ସଂସଦର ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କା, ସମ୍ପାଦକ ବିଭୁପ୍ରସାଦ ନାୟକ, ରମେଶ ଚନ୍ଦ୍ର ନାୟକ, ଗୋବର୍ଦ୍ଧନ ବେଉରା, ଗୌରାଙ୍ଗ ସ୍ୱାଇଁ ଓ ସୁଧାକର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀରାମ ଚରିତମାନସ କାର୍ଯ୍ୟକ୍ରମରେ କର୍ତ୍ତାଭାବେ କାଳନ୍ଦୀ ଚରଣ ଲେଙ୍କା ଓ ସୁନନ୍ଦା ରାଣୀ ଲେଙ୍କା ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ସୂର୍ଯ୍ୟକାନ୍ତ ନାଥ ଶର୍ମା ଓ ଡ.ଗୁରୁପ୍ରସାଦ ମହାପାତ୍ର ଏଥିରେ ପ୍ରବଚକ ଭାବେ ଯୋଗଦେଇ ଶ୍ରୀରାମ ଚରିତ ମାନସ ପାଠ କରିଥିଲେ।

### ପର୍ଯ୍ୟଟନ ବ୍ୟାକ୍ଷାନ କେନ୍ଦ୍ର ଉଦ୍‌ଘାଟିତ

**ନରସିଂହପୁର ୧୯।୧୧(ଡି.ଏନ୍.ଏ.):** ନରସିଂହପୁର ବ୍ଲକର ଥାନା ରାସ୍ତାରେ ନିର୍ମିତ ହୋଇଥିବା ପର୍ଯ୍ୟଟନ ବ୍ୟାକ୍ଷାନ କେନ୍ଦ୍ର ମଙ୍ଗଳବାରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଉପବାଚସ୍ପତି ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ସରପଞ୍ଚ ବିଣାପାଣି ବେହେରା ଉପସ୍ଥିତ ଥିଲେ। ୧କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ପର୍ଯ୍ୟଟନ ବ୍ୟାକ୍ଷାନ କେନ୍ଦ୍ରଟି ନରସିଂହପୁରକୁ ଆସୁଥିବା ପର୍ଯ୍ୟଟନଙ୍କ ରହିବା ଓ ବିଭିନ୍ନ ବିବାହ କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ନିଜିଗଡ ପଞ୍ଚାୟତ କାର୍ଯ୍ୟାଳୟ ଗୃହର ଶିଳାନ୍ୟାସ ହୋଇଯାଇଛି। ଏଥିପାଇଁ ପ୍ରାଥମିକ ଭାବେ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ପ୍ରଭାକର ମିଶ୍ର, ନିଳମଣି ସାହୁ, ରାଜ କିଶୋର ସାହୁ, ଛବି ସିଂ ଓ ଦିଲ୍ଲୀପ ବେହେରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଆଜି କାଲି କହି ୪ ଦିନ ବିତିଗଲା

# ଅପରେଶନ ନ ହେବାରୁ ଶିଶୁକନ୍ୟାଙ୍କ ଜୀବନ ଗଲା

**କଟକ ଅଫିସ,୧୯।୧୧**

ଆଜିକାଲି କହି ୪ ଦିନ ନେଇଗଲେ। ଅପରେଶନ ହୋଇପାରିଲାନାହିଁ। ଯନ୍ତ୍ରଣାରେ ଛଟପଟ ହୋଇ ୨୪ ଦିନର ଶିଶୁକନ୍ୟାଙ୍କର ମୃତ୍ୟୁ ଘଟିଛି। ଶିଶୁଭବନର ଡାକ୍ତର ଓ କର୍ମଚାରୀମାନଙ୍କ ଅବହେଳା ଯୋଗୁ ଏଭଳି ଘଟିଥିବା ମୃତଶିଶୁଙ୍କ ବାପା ଲାଲବାଗ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଘଟିଥିବା ଏହି ଘଟଣାକୁ ନେଇ ଶିଶୁଭବନରେ ଉତ୍ତେଜନା ମଧ୍ୟ ଦେଖାଦେଇଥିଲା।

ସୂଚନାଥାଉ କି, ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ଗ୍ରାମର ନିରାକାର ପୃଷ୍ଟିଙ୍କ ସ୍ତ୍ରୀ ଶୁଭଶ୍ରୀଙ୍କର ଗତ ୨୩ ତାରିଖରେ କଟକର ଏକ ଘରୋଇ ନର୍ସିଂହୋମରେ କନ୍ୟା ସନ୍ତାନ ଜନ୍ମହୋଇଥିଲା। ଜନ୍ମପରେ ଓଜନ କମ୍ ଥିବା ସହିତ ଅନ୍ୟ କେତେକ ସମସ୍ୟା ଥିବାରୁ ନର୍ସିଂହୋମ ପକ୍ଷରୁ ଶିଶୁଙ୍କୁ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁଭବନରେ ଶିଶୁଙ୍କ ୧୦ ଦିନ ଚିକିତ୍ସା ପରେ ଡିସ୍‌ଚାର୍ଜ କରାଯାଇ ଘରକୁ ପଠାଇ ଦିଆଯାଇଥିଲା। ଗତ ପୂର୍ଣ୍ଣିମା ଦିନ ଶିଶୁର ପେଟ ଫୁଲିଥିଲା। ପେଟ ଫୁଲା ନ କମିବାରୁ ପରିବାର ଲୋକେ ପୁନର୍ବାର ତାଙ୍କୁ ଶନିବାର ଶିଶୁଭବନକୁ ଆଣିଥିଲେ। ଶିଶୁଭବନରେ ଭର୍ତ୍ତି ହେବା ପରେ ଶିଶୁକନ୍ୟାଙ୍କର ମଳଦ୍ୱାର ନ ଥିବା ଡାକ୍ତର କହିଥିଲେ। ତେଣୁ ଏଥିନିମନ୍ତେ ଅପରେଶନ ଆବଶ୍ୟକତା ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ରବିବାର ଏହି ଅପରେଶନ ହେବ ବୋଲି ଡାକ୍ତରମାନେ ନିରାକାରଙ୍କୁ କହିଥିଲେ। ମାତ୍ର ରବିବାର ଅପରେଶନ ନ କରି ସୋମବାରକୁ ଦିନଧାର୍ଯ୍ୟ କରିଥିଲେ। ସୋମବାର ଦିନତମାମ ନିରାକାର ଡାକ୍ତରଙ୍କ

**ଥାନାରେ ଏତଲା**

ପାଖକୁ ଦୌଡ଼ିଥିଲେ ମଧ୍ୟ ଓଟି ଫାଙ୍କା ନାହିଁ, ଡାକ୍ତର ନାହାନ୍ତି, ଆହୁରି ଅନେକ ରୋଗୀ ତୁମ ପୂର୍ବରୁ ଲାଇନ୍‌ରେ ଅଛନ୍ତି। ତେଣୁ ମଙ୍ଗଳବାର ସକାଳୁ ଅପରେଶନ କରାଯିବ ବୋଲି ଡାକ୍ତର କହିଥିଲେ। ଭାଗ୍ୟକୁ ଆଦରି ନିରାକାର ମଙ୍ଗଳବାର ସକାଳକୁ ଅପେକ୍ଷା କରିଥିଲେ। ହେଲେ ମଙ୍ଗଳବାର ସକାଳୁ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅପରାହ୍ନ ୪ଟା ପରେ ଦେଖିବା କହି ଡାକ୍ତର ପୁଣି ଥରେ ନିରାକାରଙ୍କୁ ସମୟ ଦେଇଥିଲେ। ହେଲେ ଅପରାହ୍ନ ୨ଟାରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ନିରାକାର ଅଭିଯୋଗ କରିଛନ୍ତି, ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ଆଡକୁ ଯିବାରୁ ସେ ମେଡିକାଲରେ ଡ୍ୟୁଟି କରୁଥିବା ନର୍ସମାନଙ୍କୁ ଡାକିବାକୁ ଯାଇଥିଲେ। ମାତ୍ର ନର୍ସମାନେ ବିରକ୍ତ ହୋଇ କ'ଣ ତମ ଛୁଆ ମରିଯାଉଛି, ମରିଗଲେ କ'ଣ ଭାସିଯିବ ଭଳି କହି ତାଙ୍କୁ ଫେରାଇ ଦେଇଥିଲେ। ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନା କ'ଣ ଏହିଭଳି ବୋଲି ନିରାକାର ପ୍ରଶ୍ନ କରିଛନ୍ତି। ବାସ୍ତବ କଥା ହେଉଛି ଶିଶୁଭବନର ଏମରଜେନ୍ସି ଓଟି କାମ କରୁ ନ ଥିବାବେଳେ ପୁରୁଣା ଯନ୍ତ୍ରପାତି ଅନେକ ସମୟରେ ବାଧା ସୃଷ୍ଟି କରୁଛି। ଘଟଣା ସମ୍ପର୍କରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଥିଲେ। ଏ ନେଇ ଲାଲବାଗ ଥାନା ଆଇଆଇସି ଆଶୁତୋଷ ମିଶ୍ର କୁହନ୍ତି, ମୃତଶିଶୁଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଏକତା, ଭାଇଚାରା ବଢ଼ାଏ ମଞ୍ଚ ନାଟକ



ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସାଲେପୁର, ୧୯।୧୧(ଡି.ଏନ୍.ଏ)**

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ଗ୍ରାମର ମା' ବୁଢ଼ୀ ଜାଗୁଲାଇ ନାଟ୍ୟସଂସଦ ପକ୍ଷରୁ ମଙ୍ଗଳବାର କାଶିକୌଶଲ୍ୟା ରଙ୍ଗମଞ୍ଚରେ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ମଞ୍ଚ ନାଟକ ଏକତା ଓ ଭାଇଚାରା ବୃଦ୍ଧି କରେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାଅଧିକାରୀ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା ଓ ଶିଶୁଆ ସମିତିସଭ୍ୟ ଜୟ ପ୍ରକାଶ ନାୟକ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ କରାଯାଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ବିଧାୟକ ବେହେରା ଫିତା କାଟି ଉତ୍ସବର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ମା' ବୁଢ଼ୀ ଜାଗୁଲାଇ ନାଟ୍ୟ ସଂସଦର ମୁଖ୍ୟ ପୁରୋଧା ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିଲେ। ସୁବାସ ଚନ୍ଦ୍ର ସାହୁ, ପବିତ୍ର କୁମାର ସାହୁ, ବିଭୂତି ନାରାୟଣ ସାହୁ, ମାନଗୋବିନ୍ଦ ସାହୁ, ରଶ୍ମିରଞ୍ଜନ ବାରିକ ଓ ପ୍ରମୋଦ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ନାଟକ 'ଗୁପ୍ତ ସମ୍ପର୍କ' ପରିବେଷଣ କରାଯାଇଥିଲା।

## ରାଜନୀତିରେ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଇନ୍ଦିରା ଗାନ୍ଧୀ

**ଲଳିତଗିରି,/ମାହାଙ୍ଗା, ୧୯।୧୧(ସ୍ୱ.ପ୍ର.)**

ଭାରତୀୟ ରାଜନୀତିରେ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଇନ୍ଦିରା ଗାନ୍ଧୀ। ସେ ଦେଶ ପାଇଁ କାର୍ଯ୍ୟ କରି ନିଜ ଜୀବନକୁ ପ୍ରାଣବଳୀ ଦେଇଥିଲେ ବୋଲି ମଙ୍ଗଳବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମାହାଙ୍ଗା ଆୟୋଜିତ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୨ତମ ଜୟନ୍ତୀ ଉପଲକ୍ଷେ କୁହୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କୁମୁଡାହାଟ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାହାଙ୍ଗା କଂଗ୍ରେସର ବରିଷ୍ଠ ନେତା ଦେବେନ୍ଦ୍ର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ପିସିସି ସଭାପତି ପଟ୍ଟନାୟକ ଯୋଗଦେଇ ଇନ୍ଦିରାଙ୍କ ନୀତି,ଆଦର୍ଶ ଓ ବିଚାରଧାରାକୁ ସମସ୍ତେ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ଯୁବବର୍ଗଙ୍କ ନିଯୁକ୍ତି, ଶିକ୍ଷା,ସ୍ୱାସ୍ଥ୍ୟ ଓ ଚାଷୀଙ୍କ ସମସ୍ୟାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବାସହ ଦଳରେ ଏକତା ଶୃଙ୍ଖଳା ବଜାୟ ରଖିଲେ ତାହା ଇନ୍ଦିରା ଗାନ୍ଧୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇ ପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ସାଲେପୁର କଂଗ୍ରେସ ନେତା ରବୀନ୍ଦ୍ରନାଥ କର, ସମ୍ମାନିତ ବକ୍ତାଭାବେ ଆଇନଜୀବୀ ପ୍ରଦୀପ୍ତ ଭୂୟାଁ, ୟାକୁବ ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟା ଇନ୍ଦୀରା ଗାନ୍ଧୀଙ୍କ ଜୀବନାଦର୍ଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ପ୍ରବୀଣ କାନୁନଗୋ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲେଖ ସ୍ୱାଇଁ, ଦେବେନ୍ଦ୍ର ପରିଡା, ପ୍ରଦୀପ ରାଉତରାୟ, ବିବେକାନନ୍ଦ ମହାପାତ୍ର, ପିତାମ୍ବର କର, ରଞ୍ଜିତ ବାରିକ, ମନ୍ମଥ ପଣ୍ଡା, ଅରବିନ୍ଦ ପଣ୍ଡା ଓ ରବୀନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇନଜୀବୀ ଭାସ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପ୍ରାରମ୍ଭରେ କଲ୍ୟାଣପୁର ଛକରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ପିସିସି ସଭାପତି ପଟ୍ଟନାୟକଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲା।



ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

## ଆଦ୍ୟ ଶୈଶବ ତାଲିମ୍ ଶିବିର ଉଦ୍‌ଯାପିତ

**ବାଙ୍କୀ,୧୯।୧୧(ସ୍ୱ.ପ୍ର.)**

ମହିଳା ଓ ଶିଶୁବିଭାଗ ତରଫରୁ ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଚାଲିଥିବା ଆଦ୍ୟ ଶୈଶବ ତାଲିମ୍ ଶିବିର 'ଅଙ୍କୁର' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମରେ ମହିଳା ଶିଶୁ ବିକାଶ ଅଧିକାରୀ ନିର୍ମଳା ପଣ୍ଡା, ମହିଳା ସୁପରଭାଇଜର ଜ୍ୟୋତିର୍ମୟୀ ପ୍ରଧାନ, ଫୁଲରାଣୀ ବେହେରା, ଆରତୀ ସାମଲ ଓ ବ୍ଲକ ପ୍ରକଳ୍ପ ସଂଯୋଜିକା ହରପ୍ରିୟା ସାହୁ ଯୋଗଦେଇ ସୁରକ୍ଷିତ ମାତୃତ୍ୱ ସମ୍ପର୍କରେ ଗର୍ଭବତୀ ନାରୀଙ୍କୁ ସଚେତନ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କହିଥିଲେ। ମା'ର ଗର୍ଭସଞ୍ଚାର ଠାରୁ ଶିଶୁର ଜନ୍ମ ହେବାର ୨ବର୍ଷ ପର୍ଯ୍ୟନ୍ତ ଶିଶୁର ବୃଦ୍ଧି ଓ ବିକାଶ କିପରି ହୋଇପାରିବ ସେସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପାଥପୁର ଓ ତୁଳସୀପୁରର ୪୨ଜଣ ଅଙ୍ଗନୱାଡ଼ି କର୍ମୀ ଯୋଗଦେଇ ତାଲିମ ନେଇଥିଲେ।

## ବ୍ଲକ କାର୍ଯ୍ୟାଳୟରେ ପିଡିଙ୍କ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟମାନେ।

**ମାହାଙ୍ଗା, ୧୯।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦଲ ଅକତାରଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ବୈଠକରେ ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ ଓ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମିଣ ଗୃହ ନିର୍ମାଣ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଗୃହ ନିର୍ମାଣ ଏବଂ ପାଇଖାନା ଯୋଜନା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବ୍ଲକ ଯନ୍ତ୍ରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ ପୋଗ୍ରାମ ଅଧିକାରୀ ,ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ , ଜିଆରଏସ ଓ ଅନ୍ୟ କର୍ମଚାରମାନଙ୍କୁ ନେଇ ଏହି ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା।

## ଟାଟା ଏସିଇକୁ ଧକ୍କା ଦେଇ ହାଇୱା ଫେରାର, ୨ ଗୁରୁତର

**ଖୁଣ୍ଟୁଣୀ,୧୯।୧୧(ଡି.ଏନ୍.ଏ)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନୁଖୁରା ଗ୍ରାମଠାରେ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାରେ ଏକ ଟାଟା ଏସିଇକୁ ହାଇୱା ଧକ୍କା ଦେବାରୁ ୨ଜଣ ଗୁରୁତର ହୋଇଛନ୍ତି। ଉଦ୍ଧାର ପାଇଁ ସ୍ଥାନୀୟ ଲୋକେ ପୋଲିସ ଓ ଆମ୍ବୁଲାନ୍ସକୁ ଜଣାଇଥିଲେ ମଧ୍ୟ ଅଧଘଣ୍ଟା ପର୍ଯ୍ୟନ୍ତ ନ ଆସିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ରିପୋର୍ଟ ଲେଖା ହେବା ମଧ୍ୟରେ ଖବରପାଇ ଖୁଣ୍ଟୁଣୀ ଥାନା ଏସଆଇ ଶକୁନ୍ତଳା ଦାସ ଘଟଣାସ୍ଥଳରେ ପହଞ୍ଚି ନିଜ ପୋଲିସ ଗାଡ଼ିରେ ଦୁଇଜଣ ଗୁରୁତରଙ୍କୁ ପ୍ରଥମେ ଆଠଗଡ଼ ମେଡିକାଲ ପରେ କଟକ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜଗତ୍‌ସିଂହପୁରରୁ ଢେଙ୍କାନାଳ ଯାଉଥିବା ନଂ.ଓଡି ୦୫ ଏଆର ୭୩୮୦ ବିଶିଷ୍ଟ ଟାଟା ଏସିଇ ନୁଖୁରା ନିକଟରେ ଏନ୍‌ଏଚ କାମ ପାଇଁ ଖୋଳା ଯାଉଥିବାରୁ ଡାହାଣ ପଟୁ କାଟୁଥିଲେ। ଏହି ସମୟରେ ଢେଙ୍କାନାଳରୁ ଆସୁଥିବା ଏକ ହାଇୱା ତାକୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଟାଟା ଏସିଇରେ ଥିବା ୨ଜଣ ବ୍ୟକ୍ତି ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ସେମାନଙ୍କୁ ଉଦ୍ଧାର କରିଥିଲେ।

## କାଠ କୋଇଲା ଜବତ, ଜଣେ ଗିରଫ

**ଚୌଦ୍ୱାର,୧୯।୧୧(ଡି.ଏନ୍.ଏ)**

କାଠ କୋଇଲା ଚୋରା ଚାଲାଣ ହେଉଥିବାବେଳେ ଚୌଦ୍ୱାର ବନପାଳ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲାର ଧ୍ରୁବଚରଣ ଦାସ(୫୦)। ବନପାଳ ତାଙ୍କଠାରୁ ୨୦ବସ୍ତା କାଠ କୋଇଲା ଜବତ କରିଛି। ଖୁଣ୍ଟୁଣୀରୁ ଏକ ପିକ୍‌ଅପ ଭ୍ୟାନ ଯୋଗେ ଧ୍ରୁବ ସୋମବାର ବିଳମ୍ବିତ ରାତିରେ କାଠ କୋଇଲା ଧରି ରାଜଧାନୀ ଉପକଣ୍ଠ ବାଲକାଟୀ ଆସୁଥିଲେ। କୌଣସିସୂତ୍ରରୁ ଖବରପାଇ ଚୌଦ୍ୱାର ବନପାଳ କର୍ମଚାରୀଙ୍କ ସହ ନୂଆପାଟଣା ମଧୁସେତୁ ନିକଟରେ ଚଢ଼ାଉ କରି ଧ୍ରୁବକୁ ଧରିଥିଲେ।

## ଲୋକଙ୍କୁ ଉତ୍ତମ ବ୍ୟବହାର ପାଇଁ ପରାମର୍ଶ



ବାଙ୍କୀ ତହସିଲଦାର କାର୍ଯ୍ୟାଳୟରେ କର୍ମଚାରୀଙ୍କ ବ୍ୟବହାର ସମୀକ୍ଷା କରୁଛନ୍ତି।

**ବାଙ୍କୀ,୧୯।୧୧(ସ୍ୱ.ପ୍ର.)**

ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ଡେଲିଭରି ଆଇନ୍ -୧୨ ଅନୁଯାୟୀ, ବାଙ୍କୀ ତହସିଲ କାର୍ଯ୍ୟାଳୟରେ କର୍ମଚାରୀଙ୍କ ବ୍ୟବହାରକୁ ନେଇ ସମୀକ୍ଷା କରାଯାଇଛି। ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ ଏଥିରେ ଉପସ୍ଥିତ ରହି ତହସିଲ କାର୍ଯ୍ୟାଳୟରେ ଦାଖଲଖାରଜ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବୁଝିଥିଲେ। ସାଧାରଣ ହିତାଧିକାରୀ ଶୀଘ୍ର ଓ ସହଜରେ କିପରି ସେମାନଙ୍କ ସମସ୍ୟାର ସମାଧାନ କରିପାରିବେ ସେସମ୍ପର୍କରେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। କୌଣସି ବ୍ୟକ୍ତି ତହସିଲ କାର୍ଯ୍ୟାଳୟକୁ ଆସିଲେ ତାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରତିମାସର ୪ର୍ଥ ଶନିବାର ତହସିଲ କାର୍ଯ୍ୟାଳୟରେ କର୍ମଚାରୀଙ୍କ ସହ ଆଲୋଚନା କରାଯାଉଥିବାରୁ ସେତେବେଳେ କର୍ମଚାରୀମାନେ ନିଜ ବିଭାଗର କାଗଜପତ୍ର ପ୍ରସ୍ତୁତ କରି ରଖିବାକୁ ସାହୁ ସୂଚନା ଦେଇଥିଲେ।

## ସୁନେତ୍ର ଯୋଜନାରେ ଚକ୍ଷୁ ପରୀକ୍ଷା

**ତିଗିରିଆ, ୧୯।୧୧ (ଡି.ଏନ୍.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ରାଜ୍ୟ ସରକାରଙ୍କ ସୁନେତ୍ର ଯୋଜନାରେ ଆୟୋଜିତ ଏହି ଶିବିରରେ ୧୩୯ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ରିପୋର୍ଟ ଜିଲା ମୁଖ୍ୟାଳୟକୁ ପଠାଇ ଦିଆଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କ ଆଖି ସମସ୍ୟା ପାଇଁ ଆବଶ୍ୟକୀୟ ଅନୁଯାୟୀ ସହାୟତା ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଡା. ପ୍ରବୀଣା ସାମଲ ଓ ବାଙ୍କୀ ଡାକ୍ତର ପ୍ରଫୁଲ୍ଲ କୁମାର ବେହେରା ଏହି ଶିବିରରେ ଯୋଗଦେଇ ପିଲାମାନଙ୍କ ଚକ୍ଷ୍ୟୁ ପରୀକ୍ଷା କରିଥିଲେ। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ସୁଚିତ୍ରା ଜେନା, ବ୍ଲକବିଡ଼ ପରିଚାଳକ ଯଯାତି କେଶରୀ ସାହୁ ଏଥିରେ ସହଯୋଗ କରିଥିଲେ।



ଚକ୍ଷୁ ଚିକିତ୍ସା ଶିବିରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସରିଲା ଛାଡ଼ଖାଇ ଉତ୍ସବ

# ମନ୍ତ୍ରମୁଗ୍ଧ କଲା ଓଡ଼ିଶୀ ନୃତ୍ୟ

**ନରସିଂହପୁର,୧୯।୧୧(ଡି.ଏନ୍.ଏ.)**

ନରସିଂହପୁର ପ୍ରସିଦ୍ଧ ଛାଡଖାଇ ଉତ୍ସବ ମଙ୍ଗଳବାର ଉଦ୍‌ଯାପତି ହୋଇଯାଇଛି। ଏହି ଅବସରରେ ପ୍ରସିଦ୍ଧ ଗାୟକ ହ୍ୟୁମାନ ସାଗରଙ୍କ ଗୀତ ଗାଇ ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି ଅବସରରେ ଆୟୋଜିତ ଓଡ଼ିଶୀ ନୃତ୍ୟ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂସ୍କୃତି ପର୍ଯ୍ୟଟନ ଓ ଭାଷା ସାହିତ୍ୟ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥବରେ ପୌରୋହିତ୍ୟ କରିଥିଲେ। ଉପ ବାଚସ୍ପତି ରଜନୀକାନ୍ତି ସିଂ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବଡମ୍ବା ବ୍ଲକ ଅଧ୍ୟକ୍ଷା ଅନୁସୟା ନାୟକ ଓ ନରସିଂହପୁର ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପାଣିଗ୍ରାହୀ କହିଥିଲେ ଯେ, ନରସିଂହପୁର ଏକ ଐତିହ୍ୟପୂର୍ଣ୍ଣ ସ୍ଥାନ, ଏହାର ପ୍ରାକୃତିକ ଶୋଭା ଓ ପର୍ଯ୍ୟଟନ ସ୍ଥଳର ଉନ୍ନତି ଲାଗି ରାଜ୍ୟ ସରକାର ବଦ୍ଧ ପରିକର। ଏନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ମହାନଦୀ ପର୍ଯ୍ୟଟନ ସର୍କିଟ ନିର୍ମାଣ କରାଯିବ। ଏନେଇ ୧୦ କୋଟି ଟଙ୍କାର ପ୍ରକଳ୍ପ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ। ଉତ୍ସବ ହେଲେ ସଂସ୍କୃତିର ବିକଶିତ ହେବ ବୋଲି ସେ କହିଥିଲେ। ଏହି ଛାଡ଼ଖାଇ ମହୋତ୍ସବକୁ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ସହଯୋଗ କରାଯିବ। ଏହି ଅବସରରେ ଉପ ବାଚସ୍ପତି ସିଂ କହିଥିଲେ, ଛାଡ଼ଖାଇ ଉତ୍ସବ ୫୩ ବର୍ଷରେ ପଦାର୍ପଣ କରିଛି। ଏହାର କଳେବର ଦ୍ରୁତ ଗତିରେ ବଢ଼ିଚାଲିଛି। ଶେଷରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ। ଏହାକୁ ଦେବଦତ୍ତ ମଳୟ ପରିଚାଳନା କରିଥିଲେ।



ଛାଡ଼ଖାଇ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।



ଯେଉଁମାନେ ସମାଜରୁ ଅଧିକ ନିଅନ୍ତି ଓ ସମାଜକୁ କିଛି ଦିଅନ୍ତି ନାହିଁ, ସେହିମାନେ ହିଁ ଅସୁର ପଦବାଚ୍ୟ।

- ଆରିଷ୍ଟଟଲ୍



## ସଂକ୍ଷେପରେ

### କାଠ କୋଇଲା ଜବତ, ଜଣେ ଗିରଫ

ଚୌଦ୍ୱାର,୧୯।୧୧(ଡି.ଏନ୍.ଏ): କାଠ କୋଇଲା ଚୋରା ଚାଲାଣ ହେଉଥିବାବେଳେ ଚୌଦ୍ୱାର ବନପାଳ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲାର ଧ୍ରୁବଚରଣ ଦାସ(୫୦)। ବନପାଳ ତାଙ୍କଠାରୁ ୨୦ବସ୍ତା କାଠ କୋଇଲା ଜବତ କରିଛି। ସୂଚନାଯୋଗ୍ୟ, ଖୁଣ୍ଟୁଣୀରୁ ନଂ.ଓଡି୦୫ଏସ୍ଏସ୍ ୦୯୦୮ ବିଶିଷ୍ଟ ପିକ୍ଅପ ଭ୍ୟାନ ଯୋଗେ ଧ୍ରୁବ ସୋମବାର ବିଳମ୍ବିତ ରାତିରେ କାଠ କୋଇଲା ଧରି ରାଜଧାନୀ ଉପକଣ୍ଠ ବାଲକାଟୀ ଆସୁଥିଲେ। କୌଣସିସୂତ୍ରରୁ ଖବରପାଇ ଚୌଦ୍ୱାର ବନପାଳ ପୂର୍ବରୁ ନୂଆପାଟଣା ମଧୁସେତୁ ନିକଟରେ ବନ କର୍ମଚାରୀଙ୍କ ସହ ଜଗିରହିଥିଲେ। ଗାଡ଼ି ସେଠାରେ ପହଞ୍ଚିବା କ୍ଷଣି ସେମାନେ ଅଟକାଇବାରୁ ଡ୍ରାଇଭର ଜଣକ ଫେରାର ହୋଇଯାଇଥିବାବେଳେ ଧ୍ରୁବକୁ ଧରି ନେଇଥିଲେ। ଏହା ପୂର୍ବରୁ ମଧ ଧ୍ରୁବ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳକୁ କାଠ କୋଇଲା ବ୍ୟବସାୟ କରୁଥିବା ସ୍ୱୀକାର କରିଥିବା ବନପାଳ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି।

### ଅପମିଶ୍ରିତ ସିମେଣ୍ଟ କାରଖାନାରେ ଚଢ଼ାଉ ଘଟଣା
### ଡ୍ରାଇଭର ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

ଟାଙ୍ଗୀ(କଟକ), ୧୯।୧୧(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଅଞ୍ଚଳରେ ଗତ ରବିବାର ପୋଲିସ ଏକ ଅପମିଶ୍ରିତ ସିମେଣ୍ଟ କାରଖାନାରେ ଚଢ଼ାଉ କରିଥିଲା। କାରଖାନାରେ ଥିବା କେତେକ ବ୍ୟକ୍ତି ଫେରାର ହୋଇଯାଇଥିଲେ ମଧ ଘଟଣାସ୍ଥଳରୁ ଜଣେ ଟ୍ରକ ଚାଳକଙ୍କୁ ଧରି ଥାନାରେ ଅଟକ ରଖାଯାଇଥିଲା। ସୋମବାର ଅଟକ ଟ୍ରକ ଚାଳକ ଜଗତ୍ସିଂହପୁର ଥାନା କଂସା କଣ୍ଟାପଡ଼ା ଗ୍ରାମର ବିଜୟ ସେନାପତି(୪୦)ଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। କାରଖାନାର ମାଲିକ ମୁଖ୍ୟ ଅଭିଯୁକ୍ତ କଟକ ଚାଉଳିଆଗଞ୍ଜ ଥାନା ଅପର୍ଣ୍ଣା ନଗରର ଆନନ୍ଦ ବିହାର ବାସିନ୍ଦା ଶୁଭଶଙ୍କର ଲେଙ୍କା ରବିବାର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଧରିବା ନିମନ୍ତେ ଟାଙ୍ଗୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଥାନାଧିକାରୀ ପଦାରବିନ୍ଦ ତ୍ରିପାଠୀ ପ୍ରକାଶ କହିଛନ୍ତି।

### ବାଇକରୁ ଖସି ଯୁବକ ମୃତ

ଟାଙ୍ଗୀ(କଟକ), ୧୯।୧୧(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ଭଞ୍ଜିମୁଣ୍ଡା-ସାଲେପୁର ରାସ୍ତାର ଡ୍ରିମ୍ସ ଫାଣ୍ଡି ନିକଟରେ ଥିବା ଏକ ହମ୍ପରେ ମାଡ ହେବା ଦ୍ୱାରା ବାଇକରୁ ଖସି ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୋଟସାହି ପଞ୍ଚାୟତ କଣ୍ଟ୍ରାକ୍ଟର ସାହିର ଲକୁ ଓରଫ ଲକ୍ଷ୍ମୀଧର ସ୍ୱାଇଁ(୨୮)। ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରିବାକୁ କଟକ ପଠାଯାଇଛି। ବାଇକରେ ଲକ୍ଷ୍ମୀଧର ଆସୁଥିବାବେଳେ ସମ୍ମୁଖରେ ହମ୍ପ ଦେଖି ହଠାତ ବ୍ରେକ ମାରିଥିଲେ। ଫଳରେ ଭାରସାମ୍ୟ ହରାଇ ଗାଡ଼ିରୁ ତଳେପଡ଼ି ଗୁରୁତର ହୋଇଥିଲେ।

# ଅପରେଶନ ହେଲାନି, ଶିଶୁକନ୍ୟାଙ୍କ ଜୀବନ ଗଲା

## ଆଜିକାଲି କହି ୪ ଦିନ ବିତିଗଲା

କଟକ ଅଫିସ,୧୯।୧୧

ଆଜିକାଲି କହି ୪ ଦିନ ନେଇଗଲେ। ଅପରେଶନ ହୋଇପାରିଲାନାହିଁ। ଯନ୍ତ୍ରଣାରେ ଛଟପଟ ହୋଇ ୨୪ ଦିନର ଶିଶୁକନ୍ୟାଙ୍କର ମୃତ୍ୟୁ ଘଟିଛି। ଶିଶୁଭବନର ଡାକ୍ତର ଓ କର୍ମଚାରୀମାନଙ୍କ ଅବହେଳା ଯୋଗୁ ଏଭଳି ଘଟିଥିବା ମୃତଶିଶୁଙ୍କ ବାପା ଲାଲବାଗ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଘଟିଥିବା ଏହି ଘଟଣାକୁ ନେଇ ଶିଶୁଭବନରେ ଉତ୍ତେଜନା ମଧ ଦେଖାଦେଇଥିଲା।

ସୂଚନାଥାଉ କି, ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ଗ୍ରାମର ନିରାକାର ପୃଷ୍ଟିଙ୍କ ସ୍ତ୍ରୀ ଶୁଭଶ୍ରୀଙ୍କର ଗତ ୨୩ ତାରିଖରେ କଟକର ଏକ ଘରୋଇ ନର୍ସିଂହୋମରେ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଜନ୍ମ ପରେ ଓଜନ କମ୍ ଥିବା ସହିତ ଅନ୍ୟ କେତେକ ସମସ୍ୟା ଥିବାରୁ ନର୍ସିଂହୋମ ପକ୍ଷରୁ ଶିଶୁଙ୍କୁ ଶିଶୁଭବନକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁଭବନରେ ଶିଶୁଙ୍କ ୧୦ ଦିନ ଚିକିତ୍ସା ପରେ ଡିସ୍ଚାର୍ଜ କରାଯାଇ ଘରକୁ ପଠାଇ ଦିଆଯାଇଥିଲା। ଗତ ପୂର୍ଣ୍ଣିମା ଦିନ ଶିଶୁର ପେଟ ଫୁଲିଥିଲା। ପେଟ ଫୁଲା ନ କମିବାରୁ ପରିବାର ଲୋକେ ପୁନର୍ବାର ତାଙ୍କୁ ଶନିବାର ଶିଶୁଭବନକୁ ଆଣିଥିଲେ। ଶିଶୁଭବନରେ ଭର୍ତ୍ତି ହେବା ପରେ ଶିଶୁକନ୍ୟାଙ୍କର ମଳଦ୍ୱାର ନ ଥିବା ଡାକ୍ତର କହିଥିଲେ। ତେଣୁ ଏଥିନିମନ୍ତେ ଅପରେଶନ ଆବଶ୍ୟକତା ଥିବା ଡାକ୍ତର ପରାମର୍ଶ ଦେଇଥିଲେ। ରବିବାର ଏହି ଅପରେଶନ ହେବ ବୋଲି ଡାକ୍ତରମାନେ ନିରାକାରଙ୍କୁ କହିଥିଲେ। ମାତ୍ର ରବିବାର ଅପରେଶନ ନ କରି ସୋମବାରକୁ ଦିନଧାର୍ଯ୍ୟ କରିଥିଲେ। ସୋମବାର ଦିନତମାମ ନିରାକାର ଡାକ୍ତରଙ୍କ ପାଖକୁ ଦୌଡ଼ିଥିଲେ ମଧ ଓଟି ଫାଙ୍କା ନାହିଁ, ଡାକ୍ତର ନାହାନ୍ତି, ଆହୁରି ଅନେକ ରୋଗୀ ତୁମ ପୂର୍ବରୁ ଲାଇନ୍‌ରେ ଅଛନ୍ତି। ତେଣୁ ମଙ୍ଗଳବାର ସକାଳୁ ଅପରେଶନ କରାଯିବ ବୋଲି ଡାକ୍ତର କହିଥିଲେ। ଭାଗ୍ୟକୁ ଆଦରି ନିରାକାର ମଙ୍ଗଳବାର ସକାଳକୁ ଅପେକ୍ଷା କରିଥିଲେ। ହେଲେ ମଙ୍ଗଳବାର ସକାଳୁ ମଧ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅପରାହ୍ଣ ୪ଟା ପରେ ଦେଖିବା କହି ଡାକ୍ତର ପୁଣି ଥରେ ନିରାକାରଙ୍କୁ ସମୟ ଦେଇଥିଲେ। ହେଲେ ଅପରାହ୍ଣ ୨ଟାରେ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ନିରାକାର ଅଭିଯୋଗ କରିଛନ୍ତି, ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ଆଡକୁ ଯିବାରୁ ସେ ମେଡିକାଲରେ ଡ୍ୟୁଟି କରୁଥିବା ନର୍ସମାନଙ୍କୁ ଡାକିବାକୁ ଯାଇଥିଲେ। ମାତ୍ର ନର୍ସମାନେ ବିରକ୍ତ ହୋଇ କ'ଣ ତମ ଛୁଆ ମରିଯାଉଛି, ମରିଗଲେ କ'ଣ ଭାସିଯିବ ଭଳି କହି ତାଙ୍କୁ ଫେରାଇ ଦେଇଥିଲେ। ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନା କ'ଣ ଏହିଭଳି ବୋଲି ନିରାକାର ପ୍ରଶ୍ନ କରିଛନ୍ତି। ବାସ୍ତବ କଥା ହେଉଛି ଶିଶୁଭବନର ଏମରଜେନ୍ସି ଓଟି କାମ କରୁ ନ ଥିବାବେଳେ ପୁରୁଣା ଯନ୍ତ୍ରପାତି ଅନେକ ସମୟରେ ବାଧା ସୃଷ୍ଟି କରୁଛି। ଘଟଣା ସମ୍ପର୍କରେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଥିଲେ। ଏ ନେଇ ଲାଲବାଗ ଥାନା ଆଇଆଇସି ଆଶୁତୋଷ ମିଶ୍ର କୁହନ୍ତି, ମୃତଶିଶୁଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ ହୋଇଛି।





ଆଲୋଚନାଚକ୍ରରେ ମନ୍ତ୍ରୀ, ଆରଡିସିଙ୍କ ସହ ଅନ୍ୟମାନେ।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନସ୍ତରୀୟ ଆଲୋଚନାଚକ୍ର

# ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ

କଟକ ଅଫିସ, ୧୯।୧୧

୬୬ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ସ୍ଥାନୀୟ ଶହୀଦ ଭବନଠାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରି ସରକାରଙ୍କ ଯୋଜନା ଅନୁଯାୟୀ ସମବାୟର ଭୂମିକା, କୃଷକମାନଙ୍କ ପାଇଁ ସମବାୟ ବ୍ୟାଙ୍କ୍ ଦ୍ୱାରା ବିଭିନ୍ନ ଋଣ ପ୍ରଦାନ ସହିତ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, କେନ୍ଦ୍ରୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ମୟଙ୍କ ତିୱାରୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଜିଲାର ବିଭିନ୍ନ ସମବାୟ ବ୍ୟାଙ୍କର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଚାଷୀ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।





ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ପଥ ଉତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶୀତୁଆ ସକାଳେ ଝୁମିଲେ ସହରବାସୀ

**ପଥ ଉତ୍ସବର ସପ୍ତମ ଦିବସ**

କଟକ ଅଫିସ, ୧୯।୧୧

ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ପଥ ଉତ୍ସବର ମଙ୍ଗଳବାର ଥିଲା ସପ୍ତମ ଦିବସ। ଭକ୍ତିପୂର୍ଣ୍ଣ ନାମ ସଙ୍କୀର୍ତ୍ତନରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ଶିଉଳୀ ଘୋଷ ଓ ପବିତ୍ର କୁମାରଙ୍କ ଭଜନରେ ଉପସ୍ଥିତ ଦର୍ଶକ ମୁଗ୍ଧ ହୋଇଥିଲେ। ପରେ ଦେବାଶିଷ ମହାନ୍ତି, ମନୋରମା ଓ ରାହୁଲ ଧର ପ୍ରହରାଜଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ। ଖାନ୍‌ନଗର ନୋଡାଲ ସ୍କୁଲ ଓ ଶ୍ରୀ ଶ୍ରୀ ୟୁନିଭର୍ସିଟିର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଶୀତୁଆ ସକାଳେ ବୁଲିବା ସହିତ ନାଚଗୀତରେ ଝୁମିବା ପାଇଁ ପଡିଆରେ ପହଞ୍ଚିପାଇଥିଲେ ବହୁ କଟକିଆ। ପୂର୍ବଦିନଗୁଡିକ ଅପେକ୍ଷା ମଙ୍ଗଳବାର ପଥ ଉତ୍ସବରେ ଅଧିକ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଅଙ୍କିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ପକ୍ଷରୁ ବାଲିଯାତ୍ରା ପଡିଆରେ ସ୍ୱଚ୍ଛତା ନିମନ୍ତେ ସଫେଇ କରାଯାଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ପଥ ଉତ୍ସବରେ ଜିଲାପାଳ ଦୀର୍ଘ ସମୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଓ ଲୋକଙ୍କ ସହ ବଲ ଖେଳିଥିଲେ। ଖେଳକୁଦ ଦ୍ୱାରା ଜଣେ ମଣିଷ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବା ସହ ଉତ୍ତମ ଚିନ୍ତାଧାରାର ଅଧିକାରୀ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ପରିବେଶକୁ ସର୍ବଦା ସଫା ରଖିବାକୁ ସେ ସମସ୍ତଙ୍କୁ ଉପଦେଶ ଦେଇଥିଲେ।

### ଟାଟା ଏସିଇକୁ ଧକ୍କା ଦେଇ ହାଇୱା ଫେରାର, ୨ ଗୁରୁତର

ଖୁଣ୍ଟୁଣୀ,୧୯।୧୧(ଡି.ଏନ୍.ଏ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନୁଖୁରା ଗ୍ରାମଠାରେ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାରେ ଏକ ଟାଟା ଏସିଇକୁ ହାଇୱା ଧକ୍କା ଦେବାରୁ ୨ଜଣ ଗୁରୁତର ହୋଇଛନ୍ତି। ଉଦ୍ଧାର ପାଇଁ ସ୍ଥାନୀୟ ଲୋକେ ପୋଲିସ ଓ ଆମ୍ବୁଲାନ୍ସକୁ ଜଣାଇଥିଲେ ମଧ ଅଧଘଣ୍ଟା ପର୍ଯ୍ୟନ୍ତ ନ ଆସିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ରିପୋର୍ଟ ଲେଖା ହେବା ମଧ୍ୟରେ ଖବରପାଇ ଖୁଣ୍ଟୁଣୀ ଥାନା ଏସଆଇ ଶକୁନ୍ତଳା ଦାସ ଘଟଣାସ୍ଥଳରେ ପହଞ୍ଚି ନିଜ ପୋଲିସ ଗାଡ଼ିରେ ଦୁଇଜଣ ଗୁରୁତରଙ୍କୁ ପ୍ରଥମେ ଆଠଗଡ଼ ମେଡିକାଲ ପରେ କଟକ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜଗତ୍‌ସିଂହପୁରରୁ ଢ଼େଙ୍କାନାଳ ଯାଉଥିବା ନଂ.ଓଡି ୦୫ ଏଆର ୭୩୮୦ ବିଶିଷ୍ଟ ଟାଟା ଏସିଇ ନୁଖୁରା ନିକଟରେ ଏନ୍ଏଚ କାମ ପାଇଁ ଖୋଳା ଯାଉଥିବାରୁ ଡାହାଣ ପଟୁ କାଟୁଥିଲେ। ଏହି ସମୟରେ ଢ଼େଙ୍କାନାଳରୁ ଆସୁଥିବା ଏକ ହାଇୱା ତାକୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଟାଟା ଏସିଇରେ ଥିବା ୨ଜଣ ବ୍ୟକ୍ତି ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ସେମାନଙ୍କୁ ଉଦ୍ଧାର କରିଥିଲେ।

# କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଯାପିତ



ଭସାଣି ଶୋଭାଯାତ୍ରା ପାଇଁ ସାମିଲ ହୋଇଥିବା କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ପ୍ରତିମା।

ଟାଙ୍ଗୀ(କଟକ), ୧୯।୧୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁର କାର୍ତ୍ତିକେଶ୍ୱର ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୬ତାରିଖରେ ଲକ୍ଷ୍ମୀଧର ସାହୁଙ୍କ ଥାନପତି, ୧୮ତାରିଖରେ କାଳିକା କ୍ଲବ, ସାହୁ ସାହି, ମଙ୍ଗଳାସାହି, ହାଟସାହି, ଦୁର୍ଗା ସାହି, ଶବର ସାହି, କନମିରା, ତେଲିଆପଡ଼ା ଓ ନିମାଇଶାପୁର ଓ ୧୯ତାରିଖରେ ହରିଜନ ସାହିରେ ପୂଜା ପାଉଥିବା ମୃଣ୍ମୟ ପ୍ରତିମା ଶୋଭାଯାତ୍ରାରେ ଆସି ଯାତ୍ରା ପଡ଼ିଆରେ ଏକତ୍ରିତ ହୋଇଥିଲେ। ମହୋତ୍ସବ କମିଟି ପକ୍ଷରୁ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମେଢ଼ ମୁରବିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ଭସାଣି ଶୋଭାଯାତ୍ରାରେ ବାହାରିଥିଲେ।

# ବିଜୟ ପଡିହାରୀଙ୍କୁ ସମ୍ବର୍ଦ୍ଧନା





କଟକ ଅଫିସ,୧୯।୧୧

ସମ୍ବାଦପତ୍ର ବିକ୍ରେତା ସଂଘ କଟକର ସଭାପତି ବିଜୟ କୁମାର ପଡିହାରୀଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବାଦପତ୍ର ବିକ୍ରେତା ସଂଘ କଟକର ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ଉପସଭାପତି ସିନୁ ରେଡି, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି ଓ ବରିଷ୍ଠ ସଭ୍ୟ ପ୍ରଭାସ ପ୍ରଧାନ ପ୍ରମୁଖ ପଡିହାରୀଙ୍କୁ ଉତ୍ତରୀୟ ପ୍ରଦାନ କରିଥିଲେ।

## ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ଚିତ୍ରାଙ୍କନ ପ୍ରତିଯୋଗିତା



କଟକଠାରେ ଏକ କେନ୍ଦ୍ରରେ ଚିତ୍ରରେ ନିମଗ୍ନ କୁନିଶିଳ୍ପୀ।

# କୁନିପିଲାଙ୍କ ତୂଳୀରେ 'ଶୁଭ କଳସ'

**କଟକ ଅଫିସ,୧୯।୧୧:** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଦ୍ୱାରା ସଂସ୍ଥାପିତ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ୯ମ ବାର୍ଷିକ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା କଟକ ସମେତ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଅନୁଗୋଳ ଜିଲାର ୧୩ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ୧ମ ରୁ ୩ୟ ଶ୍ରେଣୀ ପାଇଁ ବିଷୟବସ୍ତୁ ଥିଲା 'ଶୁଭ କଳସ', ୪ର୍ଥରୁ ୭ମ ଯାଏ 'ଲଗାଇବା ଚାରା ହସିବ ଧରା' ଏବଂ ୮ ମରୁ ୧୦ମ ଯାଏ 'ମୋ ସ୍ୱପ୍ନର ଭାରତ'। କଟକ ସିଡିଏ ସେକ୍ଟର ୯ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସମେତ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ୩,୩୨୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ବୋଲି ଚିତ୍ରାଙ୍କନ ଆୟୋଜନ କମିଟି ସଭାପତି ଅଭୟ ସୂତାର ପ୍ରକାଶ କରିଛନ୍ତି। ଭଦ୍ରକ ଜିଲା ତିହିଡ଼ିରେ ସର୍ବାଧିକ ୪୫୩ ପିଲା ଭାଗ ନେଇଥିବାବେଳେ କଟକଠାରେ ୩୧୩ ଏବଂ ଯାଜପୁର ଜିଲାର ବୈତରଣୀ ରୋଡରେ ୩୧୧ ଜଣ ଛାତ୍ରୀଛାତ୍ର ତୂଳୀରେ ବିଷୟବସ୍ତୁଗୁଡ଼ିକୁ ଅଙ୍କନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରତିଷ୍ଠାନର ନିର୍ଦ୍ଦେଶକ ଗଜେନ୍ଦ୍ର ପ୍ରସାଦ ସାହୁ, ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁ, ବନମାଳୀ ପଣ୍ଡା, ପବନ କୁମାର ନାୟକ, ରାମପ୍ରସାଦ ବାରିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କୃତୀ ପିଲାଙ୍କୁ ୧୨ ଜାନୁୟାରୀରେ ପୁରସ୍କୃତ କରାଯିବ ବୋଲି ଲୋକ ସଂସଦର ସମ୍ପାଦକ ଡ. ଚିତ୍ତରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## କଟକରେ କଲ୍ୟାଣମଣ୍ଡପ ପାଇଁ ଅନୁମତି ମାମଲା

# ସିଏମ୍‌ସିର ଅନୁରୋଧପତ୍ରକୁ ହାଇକୋର୍ଟଙ୍କ ଅଗ୍ରାହ୍ୟ

କଟକ ଅଫିସ,୧୯।୧୧

କଟକ ସହରରେ ଥିବା ବିଭିନ୍ନ କଲ୍ୟାଣମଣ୍ଡପକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ଦାଖଲ ହୋଇଥିବା ଅନୁରୋଧ ପତ୍ରକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏହି ଅନୁରୋଧ ପତ୍ରରେ ଦର୍ଶାଯାଇଛି, ସହରରେ ଥିବା ୧୮୩ଟି କଲ୍ୟାଣମଣ୍ଡପ ହାଇକୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା ଗାଇଡ୍ ଲାଇନ୍‌କୁ ଅନୁସରଣ କରୁଛନ୍ତି କି ନାହିଁ ତାହାର ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଯାଞ୍ଚ ପ୍ରକ୍ରିୟା ଶେଷ କରିବା ପର୍ଯ୍ୟନ୍ତ ସମୟ ଦେବା ପାଇଁ ସିଏମ୍‌ସି ହାଇକୋର୍ଟଙ୍କୁ ନିବେଦନ କରିଥିଲା। ମାତ୍ର ଏହି ମାମଲାରେ ନିଯୁକ୍ତ ଆମିକସ୍‌କ୍ୟୁରୀ ତଥା ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ ଓ ହାଇକୋର୍ଟଙ୍କ ଦ୍ୱାରା ଗଠିତ ସବ୍‌କମିଟି ସଦସ୍ୟ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଭିନ୍ନମତ ରଖିଥିଲେ। ସେମାନେ ଦର୍ଶାଇଥିଲେ, କଲ୍ୟାଣ ମଣ୍ଡପ ଯାଞ୍ଚ ପାଇଁ ହାଇକୋର୍ଟଙ୍କ ଆଦେଶ ଅନୁଯାୟୀ ଏକ ସବ୍‌କମିଟି ଗଠନ କରାଯାଇଛି। ଏଥିରେ ଆମିକସ୍‌କ୍ୟୁରୀଙ୍କ ସହ ସଦସ୍ୟ ପଟ୍ଟନାୟକ, ସିଡିଏ ପ୍ଲାନିଂ ମେମ୍ବର, ସିଏମ୍‌ସି କମିଶନର, ଟ୍ରାଫିକ ଏସିପି ଓ ଡିସିପି ରହିଛନ୍ତି। ଉକ୍ତ କଲ୍ୟାଣମଣ୍ଡପଗୁଡ଼ିକ ହାଇକୋର୍ଟଙ୍କ ଗାଇଡ୍‌ଲାଇନ ପାଳନ କରୁଛନ୍ତି କି ନାହିଁ ସ୍ଥାନୀୟ ପୋଲିସ ସହାୟତାରେ ସେମାନେ ତଦାରଖ କରିବେ। ତେଣୁ ଯାଞ୍ଚ ପାଇଁ ସିଏମ୍‌ସି ପକ୍ଷରୁ ଗଠନ କରାଯାଇଥିବା ସ୍କ୍ୱାଡର କୌଣସି ଆବଶ୍ୟକତା ନାହିଁ ବୋଲି ଆମିକସ୍‌କ୍ୟୁରୀ ଓ ସଦସ୍ୟ ହାଇକୋର୍ଟଙ୍କୁ ଜଣାଇଥିଲେ। ହାଇକୋର୍ଟ ସିଏମ୍‌ସିର ଏହି ଅନୁରୋଧ ପତ୍ରକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏଥିସହିତ ଆସନ୍ତା ଜାନୁୟାରୀ ୨ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଏହି ସତ୍ୟପାଠରେ କେଉଁମାନେ ହାଇକୋର୍ଟଙ୍କ ଗାଇଡଲାଇନ୍‌କୁ ଅନୁସରଣ ନ କରି କଲ୍ୟାଣ ମଣ୍ଡପ ଚଳାଇଛନ୍ତି, ଯେଉଁ ୭୩ଟି କଲ୍ୟାଣ ମଣ୍ଡପକୁ ମଞ୍ଜୁରୀ ଦିଆଯାଇଛି ସେମାନଙ୍କ ସ୍ଥିତି କ'ଣ ରହିଛି ତାହା ଦର୍ଶାଇବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ସହରରେ ଥିବା କଲ୍ୟାଣମଣ୍ଡପଗୁଡ଼ିକୁ କିଭଳି ଲାଇସେନ୍ସ ପ୍ରଦାନ କରାଯିବ ସେ ନେଇ ହାଇକୋର୍ଟ ପୂର୍ବରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲେ। ଲାଇସେନ୍ସ ପ୍ରଦାନ ପୂର୍ବରୁ ଏକ ଯାଞ୍ଚକାରୀ ଦଳ କଲ୍ୟାଣମଣ୍ଡପଗୁଡ଼ିକର ଭିତ୍ତିଭୂମି ତଦାରଖ କରିବାକୁ ହାଇକୋର୍ଟଙ୍କ ଆଦେଶ ଥିଲା। ଏଥିପାଇଁ ହାଇକୋର୍ଟଙ୍କ ପକ୍ଷରୁ ଆଡଭୋକେଟ ବୁଦ୍ଧିଆଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଲାଇସେନ୍ସ ପ୍ରଦାନରେ କେଳେଙ୍କାରୀ ହୋଇଥିବା ଦର୍ଶାଇ ଆଡଭୋକେଟ ବୁଦ୍ଧିଆ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଆଜି ପ୍ରଥମାଷ୍ଟମୀ**

# ପୋଢୁଆଁ ହେବେ ମହାପ୍ରଭୁ

ପୁରୀ ଅଫିସ/ ନିଆଳି (ଡି.ଏନ୍.ଏ.) ୧୯।୧୧

ବୁଧବାର ପ୍ରଥମାଷ୍ଟମୀ। ପୋଢୁଆଁ ହେବେ ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ନିଆଳି ମାଧବ ମନ୍ଦିରରୁ ଆସିଛି ପୋଢୁଆଁ ଭାର। ତେବେ ଏହାକୁ ନେଇ ଏବେ ଦ୍ୱିମତ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବାନନ୍ଦ ଜୀଉ ବୋଲି ଦର୍ଶାଯାଇ ସେଠାରୁ ଏହି ଭାର ଆସିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ କିନ୍ତୁ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରିଛି। ଫଳରେ ମହାପ୍ରଭୁଙ୍କ ମାମୁଘରକୁ ନେଇ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ମଙ୍ଗଳବାର ନିଆଳି ମାଧବ ମନ୍ଦିରରୁ ଏହି ପୋଢୁଆଁ ଭାର ଆସିଥିଲା। ଏହି ଭାର ସହ ଶୋଭାଯାତ୍ରାରେ ସଂକୀର୍ତ୍ତନ ଦଳ, ରାଧା-କୃଷ୍ଣ ନୃତ୍ୟ ଦଳ, ରାସ ଦଳ, ଗବେଷକ, ପ୍ରବାଚକ, ଜଗତ୍‌ସିଂହପୁରସ୍ଥିତ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ପରିଷଦ, ନିଆଳି ମାଧବଜୀଉ ବିକାଶ ପରିଷଦ, ମାଧବାନନ୍ଦ ଜୀଉ ଟ୍ରଷ୍ଟ ବୋର୍ଡର ଶତାଧିକ ଭକ୍ତ ଅପରାହ୍ଣରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା ରାଜ୍ୟ ସଭାପତି ବଦ୍ରି ମିଶ୍ର ଏମାନଙ୍କୁ ସ୍ୱାଗତ କରିଥିଲେ। ନିଆଳି ମାଧବ ମନ୍ଦିର ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଅଶୋକ ପୁଷ୍ପାଳକ ଓ ସରୋଜ ନାୟକଙ୍କ ନେତୃତ୍ୱରେ ଗବେଷକ ଧୃତିଧର ଦାଶ, ଅରୁଣ ଆଚାର୍ଯ୍ୟ, ଆର୍ତ୍ତତ୍ରାଣ ପତି, ଶଶିଭୂଷଣ ପରିଡ଼ା, ବିଦ୍ୟାଧର ରାଉତ, ନ୍ୟାୟବ୍ରତ ରାଉତଙ୍କ ପରିଚାଳନାରେ ଏହି ଭାର ସିଂହଦ୍ୱାରଠାରେ ପହଞ୍ଚିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ନିଆଳି ମାଧବ ମନ୍ଦିର ମହାପ୍ରଭୁଙ୍କ ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ଲାଗି ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ସେମାନଙ୍କ ଅନୁରୋଧକୁ ରକ୍ଷା କରି ଏହାର ତର୍ଜମା କରାଯାଇଥିଲା। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବ ବୋଲି ସେମିତି କୌଣସି ରେକର୍ଡ କିମ୍ବା ତଥ୍ୟ ନାହିଁ। ସେମାନେ ଆଜି ଯାହା ଆଣିଛନ୍ତି ତାହା ସାଧାରଣ ଭକ୍ତଙ୍କଠାରୁ ଯେଭଳି ଭାବେ ଦାନ ଗ୍ରହଣ କରାଯାଏ ସେହିଭଳି ଦାନ ଆକାରରେ ଗ୍ରହଣ କରାଯାଇଛି। ପୋଢୁଆଁ ସହିତ ଏହାର କୌଣସି ସମ୍ପର୍କ ନାହିଁ।

ସୂଚନାଥାଉ କି, ନିଆଳିର ମାଧବାନନ୍ଦ ଜୀଉ ମନ୍ଦିର ମହାପ୍ରଭୁଙ୍କର ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ନିମନ୍ତେ ଶ୍ରୀ ଶ୍ରୀମାଧବାନନ୍ଦ ଜୀଉ ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା।



ନିଆଳିର ମାଧବ ମନ୍ଦିରରୁ ଶୋଭାଯାତ୍ରାରେ ଅଣାଯାଇଥିବା ପୋଢୁଆଁ ଭାର।

- ନିଆଳି ମାଧବ ମନ୍ଦିରରୁ ଆସିଥିବା ଭାରକୁ ନେଇ ଦ୍ୱିମତ
- ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରାଯାଇଛି: ନୀତି ପ୍ରଶାସକ



ଯେଉଁମାନେ ସମାଜରୁ ଅଧିକ ନିଅନ୍ତି ଓ ସମାଜକୁ କିଛି ଦିଅନ୍ତି ନାହିଁ, ସେହିମାନେ ହିଁ ଅସୁର ପଦବାଚ୍ୟ।

- ଆରିଷ୍ଟଟଲ୍



## ସଂକ୍ଷେପରେ

କଂକ୍ରିଟ ରାସ୍ତା ନିର୍ମାଣକୁ ବିରୋଧ

### ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

**ଖୋର୍ଦ୍ଧା ଅଫିସ,୧୯।୧୧:** ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର ପଞ୍ଚାୟତ ୮ନଂ. ୱାର୍ଡରେ ଜଳ ନିଷ୍କାସନ ବ୍ୟବସ୍ଥା ନ କରି କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ଚାଲିଛି। ବର୍ଷା ହେଲେ ରାସ୍ତା ପାଣି ଘରେ ପଶିବ। ଗ୍ରାମବାସୀଙ୍କ ଅଭିଯୋଗକୁ ଅଣଦେଖା କରି ରାସ୍ତା କାର୍ଯ୍ୟ ଚାଲୁଥିବା ନେଇ ଖୋର୍ଦ୍ଧା ବିଡିଓ, ପିଡି ଡିଆରଡିଏଙ୍କ ନିକଟରେ ଅଭିଯୋଗ ହୋଇଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ରାସ୍ତା ନିର୍ମାଣକୁ ବନ୍ଦ କରିବା ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ତାଲା ଭାଙ୍ଗି ଚୋରି

**ଯାଁଳା,୧୯।୧୧(ଡି.ଏନ୍.ଏ.):** ଯାଁଳା ଫାଣ୍ଡି ଅଧୀନ ଉତ୍ତର ମୁଣ୍ଡ ମୁହାଣ(ବାଘତୋଟା) ଅଞ୍ଚଳର ଦୁଇଟି ଘରୁ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ୮ହଜାର ଟଙ୍କା ଓ ସାଇକେଲ ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାଘତୋଟା ଅଞ୍ଚଳରେ ଉତ୍ତରପ୍ରଦେଶର ମନୋଜ କୁମାର କୌଶିକ ଭଡ଼ାଘର ନେଇ ରହୁଥିଲେ। ସୋମବାର ରାତିରେ କେହି ଦୁର୍ବୃତ୍ତ ମନୋଜଙ୍କ ଘର ତାଲା ଭାଙ୍ଗି ୮ହଜାର ଟଙ୍କା, ଆସବାବପତ୍ର ନେଇଯାଇଥିଲେ। ଏହା ପରେ ପାଖରେ ରହୁଥିବା ଦେବୀପ୍ରସାଦଙ୍କ ଘର ତାଲା ଭାଙ୍ଗି ଗ୍ୟାସ ସିଲିଣ୍ଡର ଓ ଏକ ସାଇକେଲ ଚୋରି କରି ନେଇଛନ୍ତି। ମନୋଜଙ୍କ ଅଭିଯୋଗକୁ ଭିତ୍ତିକରି ଯାଁଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ସାମାଜିକ କର୍ମୀଙ୍କ ପରଲୋକ

**ବେଗୁନିଆ,୧୯।୧୧(ଡି.ଏନ୍.ଏ.):** ବେଗୁନିଆ ଓ ବାଙ୍କୀ ବ୍ଲକ ଅଞ୍ଚଳର ସାମାଜିକ କର୍ମୀ ରବି ନାରାୟଣ ମହାପାତ୍ରଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ମହାପାତ୍ର ଅସୁସ୍ଥତା ଅନୁଭବ କରିଥିଲେ। ପରିବାରଲୋକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ମୃତଦେହକୁ ପଣ୍ଡାଳମ ଗ୍ରାମକୁ ଅଣାଯାଇ ଏକ ଶୋଭଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ପଲ୍ୟୁଶନ ସାର୍ଟିଫିକେଟ୍ ରସିଦ୍ ୬୦ ଟଙ୍କା, ନେଉଛନ୍ତି ମନଇଚ୍ଛା

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୧୯।୧୧ (ଡି.ଏନ.ଏ.):** ଖୋର୍ଦ୍ଧା ଜିଲାର ପଲ୍ୟୁଶନ ସାର୍ଟିଫିକେଟ ପାଇଁ ମନଇଚ୍ଛା ଟଙ୍କା ନେଉଛନ୍ତି। କିନ୍ତୁ ୬୦ ଟଙ୍କାର ରସିଦ୍ ଦେଉଛନ୍ତି। ବାଇକ୍ ପାଇଁ ୬ମାସର ପଲ୍ୟୁଶନ ସାର୍ଟିଫିକେଟ ଦେୟ ୬୦ ଟଙ୍କା ଓ ଡିଏସ ୪ ବାଇକ ପାଇଁ ୧ ବର୍ଷ ପଲ୍ୟୁସନ ସାଟିଫିକେଟ ଦେୟ ୬୦ ଟଙ୍କା ରହିଛି। କିନ୍ତୁ ବାଇକ ପାଇଁ ୭୦ ଟଙ୍କା ଓ ଡିଏସ ୪ ବାଇକ ପାଇଁ ୧୦୦ଟଙ୍କା ନେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ଯାଞ୍ଚ କରାଯାଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଚାଷୀଙ୍କୁ ଘାରିଛି ଅଗାଡ଼ି ଚିନ୍ତା

**ବୋଲଗଡ,୧୯।୧୧(ଡି.ଏନ.ଏ.)**



ଚାଷୀ ମାନେ ଜମିରେ ହୋଇଥିବା ଅଗାଡି ଧାନ କେଣ୍ଡା ଧରି ଦେଖାଉଛନ୍ତି ।

ଦୁର୍ଦ୍ଦଶା ଚାଷୀଙ୍କ ପିଛା ଛାଡୁନି । ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିବାର ଜଣାପଡୁଥିଲେ ହେଁ ତାହା ପାଚିଲା ବେଳକୁ ଅନେକ ଧାନକେଣ୍ଡା ଅଗାଡି ହୋଇଯାଉଥିବାର ଦେଖାଯାଇଛି । ଶୁଖିଯାଉଥିବା ଧାନକେଣ୍ଡାକୁ ହାତରେ ମକଚି ଦେଲେ ଚାଉଳ ବାହାରୁ ନାହିଁ। ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ଜମିରେ ଏଭଳି ହୋଇଥିବାର ଅଭିଯୋଗ ହୋଇଛି। ବିଶେଷକରି ବାଙ୍କୋଇଦେଶ ଏବଂ ସାଗରଗାଁ ପଞ୍ଚାୟତ ଅଞ୍ଚଳରେ ଅଧିକ ପରିମାଣ ଜମିରେ ଧାନକେଣ୍ଡାରେ ଅଗାଡି ହୋଇଥିବାର ଦେଖାଯାଇଛି ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ମାସ ୨୩ ତାରିଖଠାରୁ ହୋଇଥିବା ଲଗାଣ ବର୍ଷା ସମୟରେ ଅନେକ ଧାନ ଜମି ଜଳମଗ୍ନ ହୋଇ ଥୋଡ ଜଳରେ ବୁଡି ରହିଥିଲା । ବାଙ୍କୋଇଦେଶ ଏବଂ ସାଗରଗାଁ ଏହି ୨ଟି ପଞ୍ଚାୟତ ଅଞ୍ଚଳରେ ବହୁ ପରିମାଣର ଧାନ ଫସଲ ପ୍ରାୟ ତିନି ଚାରି ଦିନ ଧରି ଲଗାଣ ବର୍ଷାରେ ଜଳରେ ବୁଡି ରହିଥିଲା । କୃଷି ଏବଂ ରାଜସ୍ୱ ବିଭାଗ କର୍ମଚାରୀ ମଧ୍ୟ ଉକ୍ତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ। ବାଙ୍କୋଇଦେଶ ପଞ୍ଚାୟତର ପ୍ରାୟ ୧୨୦ ହେକ୍ଟର ଏବଂ ସାଗରଗାଁ ପଞ୍ଚାୟତର ପ୍ରାୟ ୧୭୦ ହେକ୍ଟର ଜମି ଲଗାଣ ବର୍ଷାରେ ପ୍ରଭାବିତ ହୋଇଥିବାର କୃଷି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ତେବେ ଧାନ ଜମିରୁ ଜଳ ନିଷ୍କାସନ ହେବା ପରେ ଧାନ ଫସଲ ଭଲ ହୋଇଥିବା ଦେଖାଯାଇଥିଲା। ମାତ୍ର ଧାନ କେଣ୍ଡା ବାହାରି ପାଚିଲା ବେଳକୁ ଅନେକ କେଣ୍ଡା ଶୁଖିଯାଇ ଅଗାଡି ହୋଇଯାଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ଚାଷୀ ବ୍ରଜେନ୍ଦ୍ର ସାମନ୍ତସିଂହାର ,ରମେଶ ସାମନ୍ତରାୟ,ଶୁଭ୍ରକାନ୍ତ ସାମନ୍ତରାୟ, ଉମ୍ବରୁଧର ନାଏକ,ଭାବଗ୍ରାହୀ ଲେଙ୍କା,ନିତ୍ୟାନନ୍ଦ ଦକ୍ଷିଣ କବାଟ,ପ୍ରଫୁଲ୍ଲ ପୃଷ୍ଟି, ଭାଗୀରଥି ରାଉତରାୟ ପ୍ରମୁଖ କୁହନ୍ତି ଧାନ ଫସଲ ପାଇଁ ଆବଶ୍ୟକ ଖତସାର ,କୀଟନାଶକ ପ୍ରୟୋଗ କରି ଜମି କାର୍ଯ୍ୟ କରିଥିଲୁ । ହେଲେ ଧାନକେଣ୍ଡା ବାହାରିଲା ବେଳକୁ ଏଭଳି ଅଗାଡି ସଂଖ୍ୟା ଅଧିକ ଦେଖିବାକୁ ମିଳିଛି। ଏ ନେଇ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଲେଣି। ସରକାରଙ୍କ ପକ୍ଷରୁ ଏହି ଧାନ ଜମି ଗୁଡିକ ପରିଦର୍ଶନ କରାଯାଇ କ୍ଷୟକ୍ଷତିର ଠିକ ଆକଳନ କରାଯିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ବୋଲଗଡ କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ର କୁହନ୍ତି, ଚଳିତ ବର୍ଷ ଶସ୍ୟକାଟ କାର୍ଯ୍ୟକ୍ରମ ଆରମ୍ଭ ହେଲାଣି । ତେବେ ଶସ୍ୟ କାଟ ରିପୋର୍ଟ ଆଧାରରେ କ୍ଷୟକ୍ଷତି ହୋଇଥିଲେ ନିୟମ ଅନୁସାରେ ସହାୟତା ମିଳିବା ପାଇଁ ଆମେ ଚେଷ୍ଟା କରିବୁ ।

# ବାତିଲ ହେଲା ଆତ୍ମା ଅଧ୍ୟକ୍ଷ ଚୟନ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୧୯।୧୧(ଡି.ଏନ.ଏ.):**

ଆତ୍ମା ଅଧ୍ୟକ୍ଷ ଚୟନ ନେଇ ମଙ୍ଗଳବାର ଟାଙ୍ଗୀ ଆତ୍ମା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁକାନ୍ତ ମଙ୍ଗରାଜ ଓ ବିଜୟ ମହାପାତ୍ରଙ୍କ ନାଁ ପ୍ରାର୍ଥୀ ହେବା ପାଇଁ ଆସିଥିଲା। ତେବେ ବିଭିନ୍ନ ପଞ୍ଚାୟତରେ ଏକାଧିକ ସଂଖ୍ୟକ ସଦସ୍ୟ ରହିଥିବାବେଳେ କେତେକ ପଞ୍ଚାୟତକୁ ଅଣଦେଖା କରାଯାଇଥିବା ଅଭିଯୋଗ ଉଠିଥିଲା। ଏ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରି ପାଟିତୁଣ୍ଡ କରିଥିଲେ। ଦୁଇ ଅଧ୍ୟକ୍ଷଙ୍କ ସମର୍ଥକଙ୍କ ମଧ୍ୟରେ କଥାକଟା କଟି ହୋଇଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ବଢୁଥିବାବେଳ କେତେକ କର୍ମଚାରୀ ବିଧାୟକଙ୍କ ସୁପାରିଶ ଅନୁସାରେ ବିଭିନ୍ନ ପଞ୍ଚାୟତରେ ଆତ୍ମା ସଦସ୍ୟ ଚୟନ କରାଯାଇଥିବା କହିଥିଲେ। ଏହା ଜଣାପଡିବା ପରେ ଅଧିକ ଉତ୍ତେଜନା ଦେଖା ଯାଇଥିଲା। ଉତ୍ତେଜନା ବଢ଼ିବା ଦେଖି ଅଧ୍ୟକ୍ଷ ଚୟନକୁ ବାତିଲ୍ କରାଯାଇଛି। ଆତ୍ମାର ଏହି କମିଟିରେ ୨୫ ଜଣ ସଦସ୍ୟ ବିଭିନ୍ନ ପଞ୍ଚାୟତରୁ ରହିଛନ୍ତି । ଅନ୍ୟପକ୍ଷେ ଏଥିରେ ବ୍ଲକର ୪ଜଣ ଜିଲା ପରିଷଦ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷ ସ୍ୱତନ୍ତ୍ର ସଭ୍ୟ ଭାବେ ରହିଛନ୍ତି। ଏହି ବୈଠକରେ ପିଡି ଭୁବନେଶ୍ୱର ଜେନା, ଟାଙ୍ଗୀ ବ୍ଲକ ସହକାରୀ କୃଷି ଅଧିକାରୀ ଯାଜ୍ଞସିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

■ ଅବସରପ୍ରାପ୍ତ ରେଳ କର୍ମଚାରୀ ହତ୍ୟା ଘଟଣା

# ଯୌନ ସମ୍ପର୍କକୁ ନେଇ ଖୋଳତାଡ଼ କରୁଛି ପୋଲିସ

**ଭୁବନେଶ୍ୱର, (ବ୍ୟୁରୋ)/କଟକ ରୋଡ,୧୯।୧୧(ଡି.ଏନ୍.ଏ.):**

ଅବସରପ୍ରାପ୍ତ ରେଲୱେ କର୍ମଚାରୀ ଟି. ଭେଙ୍କଟ ରାଓଙ୍କୁ ତଣ୍ଟିକାଟି ହତ୍ୟା ଘଟଣାକୁ ମଙ୍ଗଳବାର ୨୪ ଘଣ୍ଟା ବିତିଯାଇଛି। ହେଲେ ଲକ୍ଷ୍ମୀସାଗର ଥାନା ପୋଲିସ ଅଭିଯୁକ୍ତଙ୍କ ବାବଦରେ ସୁରାକ ପାଇପାରିନାହିଁ। କିଏ ଓ କେଉଁ କାରଣ ପାଇଁ ହତ୍ୟାକାଣ୍ଡ ଘଟାଇଲା ସେନେଇ ପୋଲିସ ତଦନ୍ତ କରୁଛି। ହେଲେ ଲଜ୍ ଭିତରୁ ଭେଙ୍କଟଙ୍କ ଉଲଗ୍ନ ମୃତଦେହ ମିଳିଥିବାରୁ ପୋଲିସ ଯୌନ ସମ୍ପର୍କକୁ ନେଇ ଖୋଳତାଡ଼ କରୁଛି। ଏନେଇ ଆଇଆଇସି ଦୟାନିଧି ନାୟକ କହିଛନ୍ତି, ଅପ୍ରାକୃତିକ ଯୌନ ସମ୍ପର୍କ କାରଣକୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ତେଣୁ ତଦନ୍ତରେ ଏହି ଦିଗକୁ ଅଧିକ ଫୋକସ କରାଯାଇଛି।

ଭେଙ୍କଟ ରେଲୱେ କିରାଣି ଭାବେ କାର୍ଯ୍ୟ କରୁଥିଲେ। ଚାକିରିରୁ ଅବସର ନେବା ପରେ ସେ ଭୁବନେଶ୍ୱର ରେଳଷ୍ଟେଶନରେ ଏକ ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ ଚଳାଉଥିଲେ। କେତେଜଣ ରେଲୱେ କର୍ମଚାରୀ କହିଛନ୍ତି ଯେ, ସୋମବାର ଅପରାହ୍ନ ସାଢ଼େ ଗୋଟାଏ ସମୟରେ ଭେଙ୍କଟ ଟିକେଟ୍ ଭେଣ୍ଡିଂ ମେଶିନ ନିକଟରେ ଥିଲେ। ଏହି ସମୟରେ ଜଣେ ଯୁବକ ସେଠାରେ ପହଞ୍ଚିଥିଲେ। ଉଭୟ ଷ୍ଟେଶନରେ ଥିବା ଏକ ବହି ଦୋକାନକୁ ଯାଇ ରେଲୱେର ଗ୍ରୁପ୍-ଡି ବହି କିଣିଥିଲେ। ଏହାପରେ ଉଭୟ ୬ ନମ୍ବର ପ୍ଲାଟଫର୍ମ ଦେଇ ବାହାରକୁ ବାହାରି ନିକଟସ୍ଥ ସୁକାନ୍ତି ଡର୍ମିଟୋରି ଲଜ୍‌କୁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ଭେଙ୍କଟଙ୍କ ମୃତଦେହ ଉଲଗ୍ନ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲଜ୍ ରୁମ୍‌ର ଖଟ ଉପରେ ଦେଖିବାକୁ ମିଳିଥିଲା। ତାଙ୍କ ସହ ଥିବା ଯୁବକ ଜଣକ ଫେରାର ହୋଇଥିଲେ। ରେଲୱେ କର୍ମଚାରୀମାନେ ଚର୍ଚ୍ଚା କରୁଛନ୍ତି ଯେ, ଭେଙ୍କଟ କାଳେ ରେଲୱେ ଚାକିରି କରାଇଦେବାକୁ କହି ଉକ୍ତ ଯୁବକଙ୍କୁ ଉକ୍ତ ଲଜ୍‌କୁ ଡାକି ନେଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ତାଙ୍କୁ ଯୁବକ ଜଣକ ହତ୍ୟା କରିଦେଇଥିଲେ। ପୋଲିସ ସବୁ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସନ୍ଧାନୀ କୁକୁର ଭୁବନେଶ୍ୱର ରେଳଷ୍ଟେଶନ ୪ନଂ ପ୍ଲାଟ୍‌ଫର୍ମରୁ ଫେରିବା ପରେ ପୋଲିସ ଷ୍ଟେଶନର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଜଣେ ନାଲିରଙ୍ଗର ଶାର୍ଟ ପିନ୍ଧିଥିବା ଯୁବକ ଭେଙ୍କଟଙ୍କ ସହ ପ୍ଲାଟଫର୍ମରେ ଥିବା ଦେଖିବାକୁ ମିଳୁଛି। ଏପରିକି ସେମାନେ ଲଜ୍ ଭିତରକୁ ଯିବା ପାଇଁ ୬ ନମ୍ବର ପ୍ଲାଟଫର୍ମରେ ଛକିପାଞ୍ଜି ହେଉଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଅନ୍ୟପଟରେ ଲଜ୍ ରୁମ୍‌ରୁ ଦୁଇଟି ବ୍ୟାଗ୍‌କୁ ଜବତ କରାଯାଇଛି। ଗୋଟିଏ ବ୍ୟାଗ୍ ଅଭିଯୁକ୍ତଙ୍କର। ପୋଲିସର ଉକ୍ତ ବ୍ୟାଗ୍‌ର ବାରକୋଡ୍‌କୁ ଯାଞ୍ଚ କରୁଥିବା ଜଣାପଡିଛି। ଏହାସହ ଭେଙ୍କଟଙ୍କ ମୋବାଇଲ୍ କଲ ଡିଟେଲ ରେକର୍ଡକୁ ମଧ୍ୟ ଯାଞ୍ଚ କରାଯାଉଛି। ସେ କାହାସହ ସେହିଦିନ କଥା ହୋଇଛନ୍ତି ସେନେଇ ପୋଲିସ ଖୋଳତାଡ କରୁଛି। ମଙ୍ଗଳବାର ସକାଳେ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷରେ ଲଜ୍‌ର ସିସି କ୍ୟାମେରା ଖରାପ ହେବା ପୋଲିସ ପାଇଁ ଚିନ୍ତା ବଢାଇଛି। ଏପରିକି ନିୟମିତ ଭାବେ ଲଜ୍‌ରେ ରେଜିଷ୍ଟର ପ୍ରସ୍ତୁତ ହେଉ ନ ଥିବା ପୋଲିସ ଜାଣିବାକୁ ପାଇଛି। ଏହାପରେ ଲଜ୍ ମାଲିକଙ୍କୁ ଥାନାକୁ ଡକାଇ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଲଜ୍ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।




ବେସରକାରୀ ଅନୁଦାନ ଓ ଅଣଅନୁଦାନ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଦାବି ପୂରଣ ପାଇଁ ଅଧ୍ୟାପକ, କର୍ମଚାରୀଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ବେସରକାରୀ ଅନୁଦାନ ଓ ଅଣଅନୁଦାନ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାନସଭା ସମ୍ମୁଖରେ ମହାସମାବେଶ କରି ଯୁକ୍ତ୨ ଏବଂ ଯୁକ୍ତ୩ର ଅଧ୍ୟାପକ ଓ କର୍ମଚାରୀମାନେ ନିଜର ନ୍ୟାଯ୍ୟ ଦାବି ପାଇଁ ଗର୍ଜିଥିଲେ। ହଜାର ହଜାର ସଂଖ୍ୟାରେ ଯୋଗଦେଇଥିବା ବିକ୍ଷୋଭକାରୀଙ୍କ କହିବା ହେଲା, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ବିଭିନ୍ନ ମହାବିଦ୍ୟାଳୟରେ ନିଯୁକ୍ତି ପାଇଛୁ। ମାସିକ ମାତ୍ର ୨ରୁ ୩ ହଜାର ଟଙ୍କା ଦରମା ପାଉଛୁ। ଏହିଭଳି ରାଜ୍ୟର ପ୍ରାୟ ୩ ଶହ ମହାବିଦ୍ୟାଳୟର ୩ ହଜାର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ସରକାରଙ୍କ ନିୟମାନୁଯାୟୀ ୭ଘଣ୍ଟା ଖଟୁଛୁ। ତେବେ ଚାକିରିର ସ୍ଥାୟିତ୍ୱ ଲାଗି ରାଜ୍ୟ ସରକାରଙ୍କୁ ସମସ୍ତଙ୍କ ତାଲିକା ଦିଆଯାଇଥିଲେ ମଧ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଏଯାବତ୍ ଆମକୁ ସରକାରୀ ତାଲିକାଭୁକ୍ତ କରିନାହିଁ। ଉଚ୍ଚଶିକ୍ଷା ବିଭାଗକୁ ବାରମ୍ବାର ଜଣାଇବା ପରେ ବିଭାଗ ପକ୍ଷରୁ ୨୦୧୮ ଅଗଷ୍ଟରେ ଏକ ଆଲୋଚନା କରାଯାଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ମାଧ୍ୟମରେ ଅଧ୍ୟାପକ ଓ କର୍ମଚାରୀଙ୍କ ଅବସ୍ଥିତି ମଗାଯାଇଥିଲା। ଏମାନଙ୍କ ସଂଖ୍ୟା ୨୭୫୦ ବୋଲି ଆକଳନ କରାଯାଇ ୧କୋଟି ୪୨ଲକ୍ଷ ୧୬ହଜାର ଟଙ୍କାର ବ୍ୟୟ ଅଟକଳ ମଧ୍ୟ କରାଗଲା। ହେଲେ ଆଜିଯାଏ ସରକାର ସଂଘର ଦାବି ପ୍ରତି କର୍ଣ୍ଣପାତ କରୁନଥିବାରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ସଂଘର ସଭାପତି ଦେବ ବିଜୟୀ ମିଶ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରଶ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଆବାହକ ବିମଳ ଚନ୍ଦ୍ର ନନ୍ଦୀ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ହାତୀ ଆକ୍ରମଣରେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା ପରିବାର ସଦସ୍ୟ ବେସାହାର

**ନିରାକାରପୁର,୧୯।୧୧(ଡି.ଏନ.ଏ.):**

ଖୋର୍ଦ୍ଧା ଜିଲା ବଡପୋଖରିଆ ପଞ୍ଚାୟତ ବୋଡଙ୍ଗରା ଗ୍ରାମର ଦାଶରଥି ମାଝି (୫୦) ସୋମବାର ସନ୍ଧ୍ୟାରେ କାର୍ଯ୍ୟସ୍ଥଳକୁ ଯାଉଥିବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରାତି ହୋଇଯାଇଥିବାରୁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁରେ ବୃଦ୍ଧ ମା'ବାପାଙ୍କ ସହ ସ୍ତ୍ରୀ ଓ ପୁଅ ବେସାହାରା ହୋଇପଡିଛନ୍ତି। ପରିବାରର ଜଣଙ୍କୁ ସରକାରୀ ଚାକିରୀ ଦେବାକୁ ମୃତକଙ୍କ ସମ୍ପର୍କୀୟ ମନୋଜ ପ୍ରଧାନ ଦାବି କରିଛନ୍ତି। ଏ ନେଇ ଭୁଷଣ୍ଡପୁର ଫରେଷ୍ଟର ଗୋଦାବରୀଶ ହୋତା କହନ୍ତି, ରେଡକ୍ରସ୍ ପକ୍ଷରୁ ତାଙ୍କ ପରିବାରକୁ ୧୦ହଜାର ଟଙ୍କା ଦିଆଯାଇଛି। ମୃତ ପ୍ରମାଣପତ୍ର ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ।



ନୃତ୍ୟଶାଳା ଅନୁଷ୍ଠାନର କଳାକାରମାନେ ଭଞ୍ଜକଳାମଣ୍ଡପରେ ନୃତ୍ୟ ପରିବେଷଣ କରୁଛନ୍ତି ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୧୯।୧୧**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କୁମାରାଙ୍ଗ, ଡୁମୁରାପୁଟ ଓ ଗାଲୁଆ ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ବାହିନୀର ସଦସ୍ୟମାନେ ଗାଡ଼ି ଚାଳକଙ୍କୁ ହେଲମେଟ, ସିଟବେଲ୍ଟ ପିନ୍ଧିବା, ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗାଲୁଆ ଛକଠାରୁ ବାହାରି ବାଣପୁର, ଗୋବିନ୍ଦପୁର, କଲେଜଛକ ଦେଇ କୁମାରାଙ୍ଗ ଛକଠାରେ ପହଞ୍ଚିଥିଲା। କୁମାରାଙ୍ଗ ସରପଞ୍ଚ ମନୋଜ ପ୍ରଧାନ, ନିରଞ୍ଜନ ପ୍ରଧାନ, ବ୍ୟୋମକେଶ ମହାପାତ୍ର, ପବିତ୍ର ସେଠୀ, ଅଜିତ ବାରିକ, ନୀଳମାଧବ ଘଡେଇ, ନିରଞ୍ଜନ ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଚୋରା ପଥର ଚାଲାଣ ଓ ନିଶା ମାଫିଆଙ୍କ ସହ ଲିଙ୍କ୍ ଘଟଣା

# ୨ ଆଇଆଇସିଙ୍କ ନିଲମ୍ବନ ପରେ ଘାରିଲା ଭୟ

**ଖୋର୍ଦ୍ଧା ଅଫିସ, ୧୯।୧୧:**

ଚୋରା ପଥର ଚାଲାଣ ଓ ନିଶା ମାଫିଆଙ୍କ ସହ ଲିଙ୍କ୍ ଘଟଣାରେ ଏସ୍‌ଟିଏଫ୍‌ର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇ ନ ଥିବାବେଳେ ଡିଜିପି ଖୋର୍ଦ୍ଧା ଟାଉନ୍ ଓ ସଦର ଥାନାର ଦୁଇ ପୂର୍ବତନ ଆଇଆଇସି ରଣଜିତ ସାହୁ ଓ ବିକ୍ରମ ଜେନାଙ୍କୁ ନିଲମ୍ବନ ପରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାରେ ଉଭୟ ଥାନାର ବହୁ ଏଏସ୍‌ଆଇ, ଏସଆଇ, ବଦଳି ଓ ଅବସର ନେଇଥିବା ବହୁ ଏଏସ୍‌ଆଇ, ଏସଆଇ ଅଛନ୍ତି। କେତେଜଣ ପୂର୍ବତନ ଏସପି, ଏସଡିପିଓ ମଧ୍ୟ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି। ପୁଣି କେତେଜଣ ଖବରଦାତା, ଆଇନଜୀବୀ ମଧ୍ୟ ଏଥିରେ ରହିଥିବା ପ୍ରମାଣ ମିଳିଲାଣି। ଆଇଆଇସିଙ୍କୁ କୁଆଡେ ଏସ୍‌ପି ଓ ଏସ୍‌ଡିପିଓଙ୍କର ସହଯୋଗ ମିଳୁଥିଲା। ଏଥିପାଇଁ ମୋଟା ଅଙ୍କର ହାତଗୁଞ୍ଜା ବି ନେଉଥିଲେ। ଯିଏ ଯେତେ ଅଧିକ ମାସିକ କୋଟା ଦେଉଥିଲା ତାଙ୍କୁ ପସନ୍ଦ ମୁତବାକ ଥାନାର ଆଇଆଇସି ଭାବେ ନିଯୁକ୍ତି ମିଳୁଥିଲା। ସେହିଭଳି ଚୋରା ପଥର ଚାଲାଣ ଓ ନିଶା ମାଫିଆ ମଧ୍ୟ ଉଚ୍ଚ ପଦଧିକାରୀଙ୍କ ସମ୍ପର୍କ ରଖି ଉଭୟ କାରବାରକୁ ଚଳାଉଥିଲେ। ବେଆଇନ କଳା ମୁଗୁନି ପଥର ଖଣି କାରବାର ଆଂଶିକ ଭାବେ ବନ୍ଦ ହୋଇ ଯାଇଛି। ତେବେ ବେଆଇନ ବ୍ରାଉନସୁଗାର କାରବାର ଉପରେ ଲଗାମ ଲାଗି ପାରୁନି। ଅବକାରୀ ଓ ପୋଲିସ ବିଭାଗର ଚଢ଼ାଉ ସତ୍ତ୍ୱେ କାରବାର ବଢ଼ି ଚାଲିଛି। ଖୋର୍ଦ୍ଧା ସହରର ଗଳି କନ୍ଦିରେ ଏବେ ବ୍ରାଉନସୁଗାର କାରବାର ଅବାଧରେ ଚାଲିଛି। ଏବେ ବି କେତେଜଣ ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀ ହାତଗୁଞ୍ଜା ନେଉଥିବାର ଅଭିଯୋଗ ରହିଛି। ଅନ୍ୟପକ୍ଷେ ପୋଲିସ ଅଧିକାରୀ ଓ କର୍ମଚାରୀ ମାଫିଆ ଲିଙ୍କ ଘଟଣାର ତଦନ୍ତ ଭିତିରିଆ ଭାବେ ଚାଲୁ ରହିଛି। ଜଣେ ପୋଲିସ କର୍ମଚାରୀଙ୍କ ସୂଚନା ଅନୁସାରେ, ଗୋପନୀୟତା ଭାବେ ତଦନ୍ତ ଚାଲିଛି। କେଉଁମାନେ ଚୋରା ପଥର ଚାଲାଣ ଓ ନିଶା ମାଫିଆଙ୍କ ସହ ଲିଙ୍କ୍ ଘଟଣାରେ ଅଛନ୍ତି ତାହା ତଦନ୍ତରୁ ଜଣାପଡିଲାଣି। ଆଗକୁ କେତେଜଣ କର୍ମଚାରୀ ଓ ଅଧିକାରୀ ଦଣ୍ଡିତ ହେବା ଜଣାପଡୁଛି। ଅପରପକ୍ଷେ ବେଆଇନ ମୋରମ ଚାଲାଣ ଓ ମାଙ୍କଡା ଖଣିରୁ ମାଙ୍କଡା ପଥର ଖନନ ଅବାଧରେ ଚାଲିଛି। ଏହା ଉପରେ ଏସ୍‌ଟିଏଫ, ରାଜସ୍ୱ ବିଭାଗ ଓ ପୋଲିସ ପଦକ୍ଷେପ ନେଉ ନାହାନ୍ତି।

■ ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ ପାଳିତ

# ଶିଶୁ ସୁରକ୍ଷା ଲାଗି ସ୍ୱର ଉତ୍ତୋଳନ ଜରୁରୀ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**




ବାହାରିଥିବା ସଚେତନତା ଶୋଭାଯାତ୍ରା ।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ (ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ) ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହି କ୍ରମରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ସାମାଜିକ ଅନୁଷ୍ଠାନ ସେଭ୍ ଦି ଚିଲ୍ଡ୍ରେନ୍ ଏବଂ ୱାର୍ଲ୍ଡ ଭିଜନର ମିଳିତ ଆନୁକୂଲ୍ୟରେ ଶିଶୁ ଅଧିକାର ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଅଭିଯାନର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିବାବେଳେ ସୂଚନା ଭବନଠାରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଏହି ଅବସରରେ ବରିଷ୍ଠ ବିଜେଡି ନେତା ଅରୂପ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ସମାଜର ପ୍ରତିସ୍ତରରେ ଶିଶୁମାନେ ଶୋଷିତ ହେଉଛନ୍ତି। ସେମାନଙ୍କ ସୁରକ୍ଷା ଦିଗରେ ସଚେତନ ନାଗରିକମାନେ ଦୃଢ଼ ସ୍ୱର ଉତ୍ତୋଳନ କରିବା ଜରୁରୀ ହୋଇପଡ଼ିଛି। ସେହିଭଳି ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ ରାଜ୍ୟରେ ଶିଶୁ ଯୌନ ନିର୍ଯାତନାକୁ ସମାପ୍ତ କରିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି କହିଥିଲେ। 'ନିରବତା ଭାଙ୍ଗିବା, ଶିଶୁ ଯୌନ ନିର୍ଯାତନା ସମାପ୍ତ କରିବା' ଆଜିର ଆହ୍ୱାନ ଓ ଏହାକୁ କାର୍ଯ୍ୟରେ ରୂପାୟିତ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଥିଲେ, ମିଳିତ ଜାତିସଂଘ ଘୋଷଣାନାମା ଅନୁସାରେ ଶିଶୁଙ୍କ ଅଧିକାରକୁ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଉଛି ବଞ୍ଚିବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର ଓ ଅଂଶଗ୍ରହଣ କରିବାର ଅଧିକାର। ଏସବୁ ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ଦିଗରେ ଓଡ଼ିଶା ସର୍ବଦା କାର୍ଯ୍ୟରତ ବୋଲି ସେ କହିଥିଲେ। ଏହି ଅବସରରେ 'ମିଳିତ ଜାତିସଂଘ ସ୍ୱେଚ୍ଛାସେବୀ' ପୁରସ୍କାରପ୍ରାପ୍ତ ଝିଲିମା ଉପସ୍ଥିତ ଥିଲେ। ଶିଶୁ ଅଧିକାର ଓ ଶିଶୁଙ୍କ ପ୍ରତି ଯୌନ ନିର୍ଯାତନାକୁ ସମ୍ପୂର୍ଣ୍ଣ ବିଲୋପ କରିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା। ଅତିଥିମାନେ ଅଭିଯାନ ସମ୍ପର୍କିତ ଏକ ପୋଷ୍ଟର ମଧ୍ୟ ଉନ୍ମୋଚନ କରିଥିଲେ।



ଯେଉଁମାନେ ସମାଜରୁ ଅଧିକ ନିଅନ୍ତି ଓ ସମାଜକୁ କିଛି ଦିଅନ୍ତି ନାହିଁ, ସେହିମାନେ ହିଁ ଅସୁର ପଦବାଚ୍ୟ।
-ଆରିଷ୍ଟଟଲ୍



## ସଂକ୍ଷେପରେ

### ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍, ଅଭିଯୁକ୍ତ ଗିରଫ

**ନିମାପଡ଼ା,୧୯।୧୧(ଡି.ଏନ୍.ଏ.):** ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟିନେବା ଅଭିଯୋଗରେ ନିମାପଡ଼ା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ଗ୍ରାମର ସର୍ବେଶ୍ୱର ଭୋଇ। ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ଗ୍ରାମର ଟ୍ରାକ୍ଟର ଡ୍ରାଇଭର ମାନସ ପାତ୍ରଙ୍କୁ ଗତ ୩ ତାରିଖରେ ଅଭିଯୁକ୍ତ ସର୍ବେଶ୍ୱର ପାଟପୁର ଗ୍ରାମ ଶନିମନ୍ଦିର ନିକଟରେ ଅଟକାଇ ବଟି ମାଗିଥିଲେ। ଏଥିରେ ସେ ଅରାଜି ହେବାରୁ ଅଭିଯୁକ୍ତ ତାଙ୍କୁ ମାଡ଼ ମାରିବା ସହ ୭୦୦ଟଙ୍କା ଛଡ଼ାଇ ନେଇଥିଲେ। ମାନସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୯/୧୯) ରୁଜୁକରି ତଦନ୍ତ ଚଳାଇଥିଲା।

### ଯୁବକଙ୍କୁ ବାସନ୍ଦ ଘଟଣା ଏନ୍ଏଚ୍ଆର୍‌ସିରେ ଅଭିଯୋଗ

**ପୁରୀ ଅଫିସ, ୧୯।୧୧:** ପୁରୀ ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ଖଣ୍ଡିଆବନ୍ଧ ଗ୍ରାମର ବେଣୁଧର ନାୟକଙ୍କୁ ଗ୍ରାମରୁ ବାସନ୍ଦ ଘଟଣା ନେଇ ମଙ୍ଗଳବାର ସୂଚନା ଅଧିକାର କର୍ମୀ ବଟକୃଷ୍ଣ ପ୍ରଧାନ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ବେଣୁଧରଙ୍କ ସ୍ଥିତିବାନ ଜମି ଉପରେ ଗ୍ରାମର କେତେଜଣ ବ୍ୟକ୍ତି ଜବରଦସ୍ତ ତ୍ରିନାଥ ମନ୍ଦିର ନିର୍ମାଣ କରିବା ନେଇ ସେ ପ୍ରତିବାଦ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ରବିବାର ରାତିରେ କେତେଜଣ ଗ୍ରାମବାସୀ ଗାଁରେ କଙ୍ଗାରୁ କୋର୍ଟ ବସାଇ ତାଙ୍କୁ ସାମାଜିକ ବାସନ୍ଦ କରିଥିଲେ। ସେହିପରି ତାଙ୍କ ସହିତ କେହି ସମ୍ପର୍କ ରଖିବାକୁ ଓ ସହଯୋଗ ଯୋଗାଇବାକୁ ବାରଣ କରିଥିଲେ।

### ପ୍ରଫୁଲ୍ଲ ଯୋଜନା ହିତାଧିକାରୀ ଚୟନ

**ସାକ୍ଷୀଗୋପାଳ, ୧୯।୧୧ (ଡି.ଏନ୍.ଏ.):** ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସତ୍ୟବାଦୀରେ ଜିଲା ପ୍ରଫୁଲ୍ଲ ଯୋଜନା ହିତାଧିକାରୀ ଚୟନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚିହ୍ନଟ ହୋଇଥିବା ଦିବ୍ୟାଙ୍ଗମାନଙ୍କର ଆଗ୍ରହକୁ ଭିତ୍ତିକରି ସେମାନେ ଉପାର୍ଜନକ୍ଷମ ହେବାକୁ ଆବଶ୍ୟକ ବୈଷୟିକ ତାଲିମ ପ୍ରଦାନଠାରୁ ବ୍ୟାଙ୍କ ସହାୟତା ଯୋଗାଇଦେବା ନିମନ୍ତେ ରହିଥିବା ସରକାରୀ ସୁବିଧା ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ। ସତ୍ୟବାଦୀ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟ ପ୍ରସାଦ ପାତ୍ରଙ୍କ ସହିତ ଜୀବିକା ମିଶନର କର୍ମଚାରୀ ଓ ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ହିତାଧିକାରୀ ଚୟନରେ ସହଯୋଗ କରିଥିଲେ। ସତ୍ୟବାଦୀ ବ୍ଲକରୁ ୧୪୯ ଜଣ, ପିପିଲି ବ୍ଲକରୁ ୭୫ ଜଣ ଓ ପିପିଲି ବିଜ୍ଞାପିତ ଅଞ୍ଚଳରୁ ୩୦ ଜଣ ହିତାଧିକାରୀ ଋଣ ନେବା ପାଇଁ ଦରଖାସ୍ତ କରିଥିଲେ। ଏହି ଯୋଜନାରେ ଚିହ୍ନଟ କରାଯାଇଥିବା ହିତାଧିକାରୀଙ୍କୁ ଅତିକମ୍‌ରେ ୭ ଦିନ ମାଗଣା ତାଲିମ ପ୍ରଦାନ କରାଯିବା ପରେ ଦୁଇଟି ପର୍ଯ୍ୟାୟରେ ୬୦ ହଜାର ଟଙ୍କା ବ୍ୟାଙ୍କ ଋଣ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି।

### ହରିହର ମିଶ୍ରଙ୍କ ଜନ୍ମଦିନ ପାଳିତ

**ପୁରୀ ଅଫିସ,୧୯।୧୧:** ପୁରୀ ଲିଟରାରୀ କମ୍ୟୁନ୍ ଆନୁକୂଲ୍ୟରେ ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦରେ ମଙ୍ଗଳବାର ବିଶିଷ୍ଟ କବି ଓ ନାଟ୍ୟକାର ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ରଙ୍କ ୮୦ତମ ଜନ୍ମଦିନ ପାଳିତ ହୋଇଛି। ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧକ୍ଷତା ଓ ଶ୍ୟାମପ୍ରକାଶ ସେନାପତିଙ୍କ ସଂଯୋଜନାରେ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ହରିହରଙ୍କ ସାହିତ୍ୟ କୃତୀ ଓ ଜୀବନୀ ଉପରେ ଆଲୋକପାତ କରିବା ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଓ ଉପହାର ପ୍ରଦାନ କରାଯାଇଥିଲା। ଓଡ଼ିଆ ସାହିତ୍ୟ କିପରି ଗ୍ରାମାଭିମୁଖୀ ହୋଇପାରିବ ସେଥିପାଇଁ ମିଶ୍ର ପରାମର୍ଶ ଦେଇଥିଲେ। ମିଶ୍ରଙ୍କ ସହଧର୍ମିଣୀ ରାଜଲକ୍ଷ୍ମୀ ମିଶ୍ର ଉପସ୍ଥିତ ଥିଲେ। ଡ. ସୁରେନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଆଜି ପ୍ରଥମାଷ୍ଟମୀ, ପୋଢୁଆଁ ହେବେ ମହାପ୍ରଭୁ

- ନିଆଳି ମାଧବ ମନ୍ଦିରରୁ ଆସିଥିବା ଭାରକୁ ନେଇ ଦ୍ୱିମତ
- ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରାଯାଇଛି: ନୀତି ପ୍ରଶାସକ

**ପୁରୀ ଅଫିସ, ୧୯।୧୧**



କଟକ ନିଆଳିର ମାଧବ ମନ୍ଦିରରୁ ଶୋଭାଯାତ୍ରାରେ ଅଣାଯାଇଥିବା ପୋଢୁଆଁ ଭାର।

ବୁଧବାର ପ୍ରଥମାଷ୍ଟମୀ। ପୋଢୁଆଁ ହେବେ ମହାପ୍ରଭୁ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ନିଆଳି ମାଧବ ମନ୍ଦିରରୁ ଆସିଛି ପୋଢୁଆଁ ଭାର। ତେବେ ଏହାକୁ ନେଇ ଏବେ ଦ୍ୱିମତ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବାନନ୍ଦ ଜୀଉ ବୋଲି ଦର୍ଶାଯାଇ ସେଠାରୁ ଏହି ଭାର ଆସିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ କିନ୍ତୁ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରିଛି। ଫଳରେ ମହାପ୍ରଭୁଙ୍କ ମାମୁଘରକୁ ନେଇ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ମଙ୍ଗଳବାର ନିଆଳି ମାଧବ ମନ୍ଦିରରୁ ଏହି ପୋଢୁଆଁ ଭାର ଆସିଥିଲା। ଏହି ଭାର ସହ ଶୋଭାଯାତ୍ରାରେ ସଂକୀର୍ତ୍ତନ ଦଳ, ରାଧା-କୃଷ୍ଣ ନୃତ୍ୟ ଦଳ, ରାସ ଦଳ, ଗବେଷକ, ପ୍ରବାଚକ, ଜଗତ୍‌ସିଂହପୁରସ୍ଥିତ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ପରିଷଦ, ନିଆଳି ମାଧବଜୀଉ ବିକାଶ ପରିଷଦ, ମାଧବାନନ୍ଦ ଜୀଉ ଟ୍ରଷ୍ଟ ବୋର୍ଡର ଶତାଧିକ ଭକ୍ତ ଅପରାହ୍ଣରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶା ରାଜ୍ୟ ସଭାପତି ବଦ୍ରି ମିଶ୍ର ଏମାନଙ୍କୁ ସ୍ୱାଗତ କରିଥିଲେ। ନିଆଳି ମାଧବ ମନ୍ଦିର ସେବାୟତ ତ୍ରିଲୋଚନ ପୁଷ୍ପାଳକ, ଅଶୋକ ପୁଷ୍ପାଳକ ଓ ସରୋଜ ନାୟକଙ୍କ ନେତୃତ୍ୱରେ ଗବେଷକ ଧୃତିଧର ଦାଶ, ଅରୁଣ ଆଚାର୍ଯ୍ୟ, ଆର୍ତ୍ତତ୍ରାଣ ପତି, ଶଶିଭୂଷଣ ପରିଡ଼ା, ବିଦ୍ୟାଧର ରାଉତ, ନ୍ୟାୟବ୍ରତ ରାଉତଙ୍କ ପରିଚାଳନାରେ ଏହି ଭାର ସିଂହଦ୍ୱାରଠାରେ ପହଞ୍ଚିଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ନିଆଳି ମାଧବ ମନ୍ଦିର ମହାପ୍ରଭୁଙ୍କ ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ଲାଗି ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ସେମାନଙ୍କ ଅନୁରୋଧକୁ ରକ୍ଷା କରି ଏହାର ତର୍ଜମା କରାଯାଇଥିଲା। ମହାପ୍ରଭୁଙ୍କ ମାମୁଘର ନିଆଳି ମାଧବ ବୋଲି ସେମିତି କୌଣସି ରେକର୍ଡ କିମ୍ବା ତଥ୍ୟ ନାହିଁ। ସେମାନେ ଆଜି ଯାହା ଆଣିଛନ୍ତି ତାହା ସାଧାରଣ ଭକ୍ତଙ୍କଠାରୁ ଯେଭଳି ଭାବେ ଦାନ ଗ୍ରହଣ କରାଯାଏ ସେହିଭଳି ଦାନ ଆକାରରେ ଗ୍ରହଣ କରାଯାଇଛି। ପୋଢୁଆଁ ସହିତ ଏହାର କୌଣସି ସମ୍ପର୍କ ନାହିଁ।

ସୂଚନାଥାଉ କି, ନିଆଳିର ମାଧବାନନ୍ଦ ଜୀଉ ମନ୍ଦିର ମହାପ୍ରଭୁଙ୍କର ମାମୁଘର ବୋଲି ଦର୍ଶାଯାଇ ପ୍ରଥମାଷ୍ଟମୀରେ ପୋଢୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ନିମନ୍ତେ ଶ୍ରୀ ଶ୍ରୀମାଧବାନନ୍ଦ ଜୀଉ ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଅନୁରୋଧପତ୍ରରେ ଦର୍ଶାଯାଇଥିଲା ଯେ, ମାଧବାନନ୍ଦ ଜୀଉ ମନ୍ଦିର ମହାପ୍ରଭୁଙ୍କ ମାମୁଘର ବୋଲି ଆମ ସଂସ୍କୃତିରେ ପରିଚିତ ଏବଂ ଉଚ୍ଚାରିତ। ଶ୍ରୀମନ୍ଦିର ନୀତିକାନ୍ତିରେ ମାମୁଘର ପରମ୍ପରାର ପୁନଃ ପ୍ରଚଳନର ଗୁରୁତ୍ୱ ରହିଛି। ଜଗନ୍ନାଥ ସଂସ୍କୃତିର ଆଦ୍ୟ କାଳରୁ ମାଧବାନନ୍ଦ ଜୀଉ ମନ୍ଦିର ତରଫରୁ ପ୍ରତିବର୍ଷ ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ ଦିନ ପୋଢୁଆଁ ଭାର ଶ୍ରୀମନ୍ଦିରକୁ ପଠାଯାଏ। ସେଥିଲାଗି ମାଧବାନନ୍ଦଙ୍କ ମନ୍ଦିରରେ ସ୍ୱତନ୍ତ୍ର ମହୋତ୍ସବ ହୁଏ। କାଳକ୍ରମେ ମୋଗଲମାନେ ଶ୍ରୀମନ୍ଦିର ଆକ୍ରମଣ କରିବା ଯୋଗୁ ଠାକୁରମାନେ ବାରମ୍ବାର ଶ୍ରୀମନ୍ଦିର ଛାଡ଼ି ଦୀର୍ଘ ସମୟ ବାହାରେ ରହିଥିଲେ। ଫଳରେ ସେବେଠାରୁ ପ୍ରଥମାଷ୍ଟମୀ ପ୍ରଥା ବନ୍ଦ ହୋଇଯାଇଥିଲା। ସେହି ପ୍ରଥାକୁ ପୁନଃ ପ୍ରଚଳନ କରିବା ନିମନ୍ତେ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଥିଲା।

# ଆଜି ଅଯୋଧ୍ୟା ଯିବ ଶ୍ରୀଜଗନ୍ନାଥ ସେନା

**ମନ୍ଦିର, ମସ୍‌ଜିଦକୁ ଦାନ କରିବ ୧ ଲକ୍ଷ ଲେଖାଏ ଟଙ୍କା**

**ପୁରୀ ଅଫିସ, ୧୯।୧୧**

ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ସ୍ୱାଗତ କରିଥିବା ପୁରୀର ଶ୍ରୀଜଗନ୍ନାଥ ସେନା ବୁଧବାର ଅଯୋଧ୍ୟା ଯାତ୍ରା କରିବ। ସେନାର ୧୫ଜଣ କର୍ମକର୍ତ୍ତା ପୂର୍ବାହ୍ଣରେ ପୁରୀ ଷ୍ଟେଶନରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ। ସେଠାରେ ସେମାନେ ପହଞ୍ଚି ଶ୍ରୀରାମ ମନ୍ଦିର ଓ ବାବ୍ରି ମସ୍‌ଜିଦ ନିର୍ମାଣ ପାଇଁ ଉଭୟ ଅନୁଷ୍ଠାନକୁ ୧ଲକ୍ଷ ଟଙ୍କା ଲେଖାଏ ଦାନ କରିବେ। ଏ ସମ୍ପର୍କରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଉଭୟ ଧାର୍ମିକ ପୀଠ ପାଇଁ ଶ୍ରୀମନ୍ଦିରରୁ ମାଳ ମାହାର୍ଦ୍ଦ, ପଥର ଖଣ୍ଡ ଓ ପତିତପାବନ ବାନା ନିଆଯିବ। ଶ୍ରୀରାମ ମନ୍ଦିର ପାଇଁ ଶ୍ରୀ ରାମଲାଲା ନ୍ୟାସ ଟ୍ରଷ୍ଟ ଓ ବାବ୍ରୀ ମସ୍‌ଜିଦ ପାଇଁ ଅଲ୍ ଇଣ୍ଡିଆ ସୁନୀ ୱାକଫ୍ ବୋର୍ଡଙ୍କୁ ଟଙ୍କା ଏବଂ ସାମଗ୍ରୀମାନ ହସ୍ତାନ୍ତର କରାଯିବ। ଏତଦ୍‌ବ୍ୟତୀତ ଉଭୟ ପକ୍ଷଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ୍‌କାର କରାଯିବା ପାଇଁ ମଧ ବ୍ୟବସ୍ଥା ହୋଇଛି। ଶ୍ରୀକ୍ଷେତ୍ରରୁ ଅଯୋଧ୍ୟା ଯାତ୍ରାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ଏଭଳି ଭାଇଚାରାର ବାର୍ତ୍ତା ଦ୍ୱାରା ଦେଶରେ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା ହେବାରେ ସହଯୋଗ ମିଳିବ ବୋଲି ପଟ୍ଟନାୟକ କହିଛନ୍ତି।

ସୂଚନାଥାଉ କି, ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାରେ ଗତ ୯ତାରିଖରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ। ଏହି ରାୟ ପ୍ରକାଶ ପରେ ବଡ଼ଦାଣ୍ଡସ୍ଥିତ ଭକ୍ତ ସାଲବେଗ ପୀଠରେ ପବିତ୍ର ମାଟିରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଏପରି କି ବିଦେଶୀ ଇସ୍କନ ଭକ୍ତ ସୁପ୍ରିମ୍‌କୋର୍ଟଙ୍କ ଏହି ରାୟକୁ ସ୍ୱାଗତ କରି ପରସ୍ପରକୁ ମିଠା ଖୁଆଇ ଆମେ ସବୁ ଭାଇ ଭାଇର ବାର୍ତ୍ତା ଦେଇଥିଲେ। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସବୁ ଧର୍ମାବଲମ୍ବୀମାନଙ୍କୁ ଫୁଲମାଳ ଓ ଟିକା ପିନ୍ଧାଯାଇ ସମ୍ମାନ ପ୍ରଦାନ କରାଯାଇଥିଲା।

# ଏସ୍‌ସିଏସ୍ କଲେଜରେ ଅଣଛାତ୍ରଙ୍କ ଆତଙ୍କ

**ବିରୋଧ କରିବାରୁ ଗଣ୍ଡଗୋଳ: ୩ ଛାତ୍ର ଆହତ**

**ପୁରୀ ଅଫିସ,୧୯।୧୧**

ଅଣଛାତ୍ରଙ୍କ ଆତଙ୍କ ଯୋଗୁ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଗତ ଦୁଇଦିନ ହେଲା ଅଶାନ୍ତ ରହିଛି। ସୋମବାର ଭଳି ମଙ୍ଗଳବାର ମଧ କେତେଜଣ ଅଣଛାତ୍ର ହାତରେ ମାରଣାସ୍ତ୍ର ଧରି କ୍ୟାମ୍ପସରେ ପଶିଥିଲେ। ଏହି ସମୟରେ ସେମାନଙ୍କୁ କଲେଜ କ୍ୟାଣ୍ଟିନ ନିକଟରେ କେତେଜଣ ଛାତ୍ର ବିରୋଧ କରିଥିଲେ। ଫଳରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ୩ଜଣ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚିଥିଲା। ତେବେ ବିଳମ୍ବରେ ପୋଲିସ ଆସିବାରୁ ଅଣଛାତ୍ରମାନେ ଖସିଗଲେ ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଯୁକ୍ତଦୁଇ ଶ୍ରେଣୀର ପାଠପଢ଼ା ହେଉଛି। ସେହିପରି ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଯୁକ୍ତ ୩, ପିଜି ଏବଂ ଏମ୍‌ଫିଲ୍ ଛାତ୍ରୀଛାତ୍ରଙ୍କ କ୍ଲାସ ଚାଲୁଛି। ପୂର୍ବରୁ କଲେଜ ମୁଖ୍ୟ ଫାଟକ ବନ୍ଦ ରହୁଥିବା ବେଳେ ଏବେ କିଛିଦିନ ହେଲା ମୁକୁଳା ପଡୁଛି। ଫଳରେ ଅଣଛାତ୍ରମାନେ ବାଇକ ଧରି କଲେଜ ପରିସରରେ ପ୍ରବେଶ କରୁଛନ୍ତି। ସେମାନେ ଆତଙ୍କରାଜ ସୃଷ୍ଟି କରିବା ସହ କ୍ୟାମ୍ପସ ଭିତରେ ଥିବା ଖେଳପଡ଼ିଆରେ ଦ୍ରୁତ ଗତିରେ ବାଇକ୍ ଚଳାଉଛନ୍ତି। ଏମାନଙ୍କ ଯୋଗୁ ଛାତ୍ରୀଛାତ୍ରମାନେ ଭୟରେ ରହିଛନ୍ତି। ଜଣେ ଅଧ୍ୟାପକ କହିଛନ୍ତି, କେତେଜଣ ଅଣଛାତ୍ର କ୍ୟାମ୍ପସରେ ପଶି ଆତଙ୍କ ସୃଷ୍ଟି କରୁଥିବା ଶୁଣିବାକୁ ପାଇଛି। ଏ ସମ୍ପର୍କରେ କଲେଜ ଅଧକ୍ଷଙ୍କ ସହ ଆଲୋଚନା ହୋଇଛି। କଲେଜ ପକ୍ଷରୁ ଟାଉନ ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଟାଉନ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, କ୍ୟାମ୍ପସ ପରିସରରେ ଅଣଛାତ୍ର ଆତଙ୍କ ସୃଷ୍ଟି କରୁଥିବା ଖବର ପାଇ ପିସିଆର୍ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଘଟଣା ଉପରେ ପୋଲିସ ନଜର ରଖିଛି।

# ବିଶ୍ୱ ଶିଶୁ ନିର୍ଯାତନା ନିବାରଣ ଦିବସ

**କଣାସ, ୧୯।୧୧(ସ୍ୱ.ପ୍ର.)**

ପୁରୀ ଜିଲା ଶିଶୁ ସୁରକ୍ଷା ଶାଖା ଓ ଜିଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ମଙ୍ଗଳବାର ବିଶ୍ୱ ଶିଶୁ ନିର୍ଯାତନା ନିବାରଣ ଦିବସ ପାଳନ କରାଯାଇଛି। ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ସତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଶିଶୁମଙ୍ଗଳ କମିଟିର ଅଧକ୍ଷ ମହାବୀର ରୁଦ୍ରନାରାୟଣ ସାହୁ ଯୋଗଦେଇଥିଲେ। ସେ ଶିଶୁ ନିର୍ଯାତନା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପ୍ରଶ୍ନୋତ୍ତର ମାଧମରେ ସଚେତନ କରିବା ସହ ଏହାର ନିରାକରଣ ନିମନ୍ତେ ବିଭିନ୍ନ ପନ୍ଥା ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ କମଳ ମହାରଥା, ଡିଆରଟିସି ଅଧକ୍ଷ ସୁକାନ୍ତ କୁମାର ଛୋଟରାୟ, ଉଜ୍ଜ୍ୱଳାର ଅଧକ୍ଷା ସଂଯୁକ୍ତା ମାହାନ୍ତି, ଶିକ୍ଷାବିତ୍ ଭୂପତି ଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସମାଜରେ ଘଟୁଥିବା ଶିଶୁ ନିର୍ଯାତନା ଏବଂ ତା'ର ପ୍ରତିକାର ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ସଭାପତି ସତପଥୀ ବିଭିନ୍ନ ପ୍ରକାର କୌତୁକ ପ୍ରତିଯୋଗିତା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଶିଶୁ ନିର୍ଯାତନା ସମ୍ପର୍କରେ ଅଭିହିତ କରିଥିଲେ। ନୀଳାଚଳ ସେବା ପ୍ରତିଷ୍ଠାନ ବାଳାଶ୍ରମର ପରିଚାଳକ ଅଭିମନ୍ୟୁ ସୁନ୍ଦରାୟ ଏବଂ ଅଧୀକ୍ଷକ ସନ୍ତୋଷ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ବିଭିନ୍ନ ବିଭାଗ ଯଥା ବାଳାଶ୍ରମ, ସ୍ୱଧାର, ମୂକ, ବଧିର ଓ ମାନସିକ ଅନଗ୍ରସର ଏବଂ ଉଜ୍ଜ୍ୱଳାର ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

- ମଧୁବନ ବିଦ୍ୟା ମନ୍ଦିରରେ ସଂସ୍କୃତି, ସମ୍ବର୍ଦ୍ଧନା କର୍ମଶାଳା

# ପ୍ରାଚୀନ ଲୋକକଳା, ଲୋକଗୀତ ପରିବେଷଣ କଲେ ଛାତ୍ରୀଛାତ୍ର



**ପୁରୀ ଅଫିସ, ୧୯।୧୧**

ବିଦ୍ୟାଭାରତୀ ସଂସ୍କୃତି ଶିକ୍ଷା ସଂସ୍ଥାନ ସଂଯୋଜନାରେ ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ମଙ୍ଗଳବାର ଭାରତୀୟ ସଂସ୍କୃତି ସଂରକ୍ଷଣ ସମ୍ବର୍ଦ୍ଧନା ଏବଂ ଉତ୍ଥାନ ନିମନ୍ତେ ସଙ୍ଗୀତ, ସଂସ୍କୃତି ଆଧାରିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଲୋକକଳା ସ୍ଥାନ ପାଇଥିଲା। ପୁରୀ ସଙ୍କୁଳ ଅନ୍ତର୍ଗତ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପ୍ରାଚୀନ ଲୋକକଳା ପ୍ରଦର୍ଶନ କରିଥିଲେ।

ସଂସ୍କାର ଭାରତୀର ପ୍ରାନ୍ତ ନାଟ୍ୟ ସଂଯୋଜକ ବିକାଶ ଚନ୍ଦ୍ର ଦତ୍ତ ଉଦ୍‌ଘାଟକ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଓ ଶିକ୍ଷାବିତ୍ ସର୍ବେଶ୍ୱର ବିଶୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଶିଶୁଙ୍କ ମଧ୍ୟରେ କବିତା ପାଠ, ଲିଖନଶୈଳୀ, ଟେରାକୋଟା ଯଥା ସୋଲ, କାଗଜରେ ବିଭିନ୍ନ ଖେଳଣା ଓ ଘରକରଣା ସାମଗ୍ରୀ ପ୍ରସ୍ତୁତି, ବାଲୁକା ଓ ମାଟି(ହସ୍ତଶିଳ୍ପ) ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାଚୀନ ଲୋକକଳା ଯଥା, ଦାସକାଠିଆ, ପାଲା, ଖଞ୍ଜଣି ବାଦନ, ସାହିଯାତର ବିଭିନ୍ନ ମେଢ ନୃତ୍ୟ, ଚକୁଳିଆ ପଣ୍ଡା, କୀର୍ତ୍ତନ, ସମ୍ବଲପୁରୀ, ଓଡ଼ିଶୀ, ମାହାରୀ, ରଜ ଦୋଳିଗୀତ, କାନ୍ଦଣା ଗୀତ, ଛାନ୍ଦ ଓ ଚମ୍ପୂ ଏବଂ ଲୋକଗୀତ ପରିବେଷିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଙ୍କୁଳ ପ୍ରମୁଖ ଅଭିମନ୍ୟୁ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି ଭାସ୍କର୍ଯ୍ୟ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି ବୋଲି କହିଥିଲେ। ଏହି ଅବସରରେ ସେ ୧୦ଜଣ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂସ୍କୃତ ଆଚାର୍ଯ୍ୟ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମସ୍ତ ଗୁରୁମା', ଗୁରୁଜୀ ଉପସ୍ଥିତ ଥିଲେ।

# ସୂର୍ଯ୍ୟମନ୍ଦିରରେ ବିଶ୍ୱ ଐତିହ୍ୟ ସପ୍ତାହ

**କୋଣାର୍କ, ୧୯।୧୧(ଡି.ଏନ୍.ଏ.)**



ସୁପରିଣ୍ଟେଣ୍ଡେଣ୍ଟଙ୍କ ଗାଡି ଆଗରେ ବିକ୍ଷୋଭକାରୀମାନେ।

କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଐତିହ୍ୟ ସ୍ଥଳୀର ସଂରକ୍ଷଣ ଓ ସୁରକ୍ଷା ପାଇଁ ମଙ୍ଗଳବାର ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ ହୋଇଯାଇଛି। ଏଏସ୍‌ଆଇର ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପକ ସଞ୍ଜୟ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ସୂର୍ଯ୍ୟମନ୍ଦିର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ପାଇଁ ସାମୂହିକ ପ୍ରୟାସ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏଏସ୍‌ଆଇର ଭୂଖନନ ଭୁବନେଶ୍ୱର ଶାଖାର ସୁପରିଣ୍ଟେଣ୍ଡେଣ୍ଟ ଗୌତମୀ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଐତିହ୍ୟ ଓ କଳାକୃତିର ଉପଯୁକ୍ତ ସଂରକ୍ଷଣ ପାଇଁ ସରକାର ପଦକ୍ଷେପ ନେବା ସହ ପରବର୍ତ୍ତୀ ପିଢି ପାଇଁ ଏହାର ସଂରକ୍ଷଣ ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଐତିହ୍ୟ ଓ କଳାକୃତିକୁ ନେଇ ହୋଇଥିବା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ କୋଣାର୍କ ସୂର୍ଯ୍ୟ ମନ୍ଦିରର ବିଭିନ୍ନ କଳାକୃତି ସହ ଭାରତ ବର୍ଷର ବିଭିନ୍ନ ଐତିହ୍ୟ ସ୍ଥଳୀର ଫୋଟଚିତ୍ର ପ୍ରଦର୍ଶିତ ହୋଇଥିଲା। ନିରଜ କୁମାର ସିଂ, ପ୍ରତାପ କୁମାର ନାୟକ, ବୈଭବ ଶ୍ରୀବାସ୍ତବ, ଭାଗୀରଥି ଗଡତିଆ, ରାହୁଲ ଶ୍ରୀବାସ୍ତବ ପ୍ରମୁଖ ପରିଚାଳନା କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ସୂର୍ଯ୍ୟମନ୍ଦିରଠାରୁ ନବଗ୍ରହ ମନ୍ଦିରକୁ ପ୍ରବେଶ ପଥ ଖୋଲିବା ନେଇ ଭୁବନେଶ୍ୱର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକଙ୍କ ଗାଡି ଆଗରେ ନବଗ୍ରହ ମନ୍ଦିରର ପୂଜକ ସଂଘ ଓ କୋଣାର୍କ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ପ୍ରାୟ ଏକ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ପହଞ୍ଚି ବୁଝାଇଥିଲେ। ଆସନ୍ତା ୨୭ତାରିଖରେ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀମାନେ ତାଙ୍କ ଗାଡି ଛାଡ଼ିଥିଲେ।

# ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର

**ପୁରୀ ଅଫିସ, ୧୯।୧୧**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶିକ୍ଷାଶାସ୍ତ୍ରୀ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ଉଦ୍‌ଘାଟନ କରିଥିଲେ। ପ୍ରାକୃତିକ ଦୁର୍ବିପାକ ସମୟରେ ଛାତ୍ରୀଛାତ୍ରମାନେ କିପରି ନିଜକୁ ପ୍ରସ୍ତୁତ କରିବେ, ଅନ୍ୟମାନଙ୍କୁ ସହଯୋଗ ଯୋଗାଇବେ ଏବଂ ପ୍ରତିକୂଳ ପରିସ୍ଥିତିରେ କ'ଣ କରିବେ ଆଦି ସଂକ୍ରାନ୍ତରେ ସେମାନଙ୍କୁ ତାଲିମ ଦିଆଯାଇଥିଲା। ଖୋର୍ଦ୍ଧା ଓଡ୍ରାଫ ଟିମ୍ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଷଷ୍ଠ ବାଟାଲିୟନର ଏସ୍‌ଆଇ ଜେ.ଆର୍. ଖାନଙ୍କ ନେତୃତ୍ୱରେ ୧୫ଜଣ କର୍ମୀ ସାପ କାମୁଡ଼ା, ପାଣିରେ ବୁଡ଼ିଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର, ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଆପଦ ମିତ୍ର କର୍ମୀ ସହଯୋଗ କରିଥିଲେ।

# ୨୫ରୁ ଜନଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ସମ୍ମିଳନୀ

**ପୁରୀ ଅଫିସ,୧୯।୧୧**

ପୁରୀରେ ହେବ ଜନଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ (ଏନ୍ଏପିଏମ୍)ର ଦ୍ୱିବାର୍ଷିକୀ ୨୫ତମ ସମ୍ମିଳନୀ। ଆସନ୍ତା ୨୩, ୨୪ ଓ ୨୫ ତାରିଖ ତିନିଦିନ ଧରି ଢୁଢୁୱାଲା ଧର୍ମଶାଳା ପରିସରରେ ଏହି ସମ୍ମିଳନୀ ଚାଲିବ। ଏଥିରେ ପରିବେଶବିତ୍ ମେଧା ପାଟକର, ଅରୁଣା ରାୟ, ଦଳିତ ନେତା ବେଜୱାଡ଼ା ୱିଲସନ, ତିସ୍ତା ଶୀତଲଭଦ୍ରା, ପ୍ରଫେସର ମନୋରଞ୍ଜନ ମହାନ୍ତିଙ୍କ ସମେତ ଆନ୍ଦୋଳନର କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିବେ। ଏହି ସମ୍ମିଳନୀରେ ଓଡ଼ିଶାର ୨୦୦ ପ୍ରତିନିଧିଙ୍କ ସମେତ ଦେଶର ୮୦୦ ପ୍ରତିନିଧି ଯୋଗଦେବେ ବୋଲି କହିଛନ୍ତି ଏନ୍ଏପିଏମ୍‌ର ରାଷ୍ଟ୍ରୀୟ ଆବାହକ ପ୍ରଫୁଲ୍ଲ ସାମନ୍ତରା। ମଙ୍ଗଳବାର ନାୟକ ପ୍ଲାଜା ପରିସରରେ ଲୋକଶକ୍ତି ଅଭିଯାନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସାମନ୍ତରା କହିଥିଲେ, ଦେଶର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଗରିବ, ଚାଷୀ, ଆଦିବାସୀ ଓ ଦଳିତ ଲୋକଙ୍କୁ ବିସ୍ଥାପିତ ହେବାକୁ ପଡୁଛି। ଅନେକ ସମୟରେ ଜମି, ଜଙ୍ଗଲ ଓ ଜଳରୁ ଲୋକଙ୍କ ଅଧିକାର ଛଡ଼ାଇ ନିଆଯାଉଛି। ୯୦ ଦଶକ ପରେ ଅବିଚାରିତ ଖଣି ଖନନ ଓ ପ୍ରଦୂଷଣକାରୀ ଶିଳ୍ପାୟନ ଦ୍ୱାରା ବିସ୍ଥାପିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେମାନଙ୍କୁ ଉପଯୁକ୍ତ ଥଇଥାନ ଓ ଜୀବିକା ଯୋଗାଇ ଦିଆଯାଉ ନାହିଁ। ସେଥିପାଇଁ ବିସ୍ଥାପନ ବିରୋଧରେ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଜନଆନ୍ଦୋଳନ ବଢ଼ିବାରେ ଲାଗିଛି। ତେଣୁ ସମନ୍ୱୟର ଦ୍ୱିବାର୍ଷିକ ୨୫ତମ ସମ୍ମିଳନୀକୁ ସଫଳ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଲକ୍ଷ୍ମୀପ୍ରିୟା ମହାନ୍ତି, ସମ୍ପାଦକ ମାନସ ପଟ୍ଟନାୟକ, ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସ୍ୱାଧୀନ ପଣ୍ଡା, ପ୍ରତାପ ଚିନାରା ପ୍ରମୁଖ ଉପସ୍ଥିତ ଥିଲେ।

- ବିଦ୍ୟାଳୟରେ ଶିକ୍ଷକଙ୍କ ଛାଡ଼ଖାଇ ଆସର ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

- ଗ୍ରାମବାସୀ ଆଣିଲେ ଅଭିଯୋଗ
- ବିଦ୍ୟୁତ୍ ବିଲ୍ ବାବଦ ପିଲାଙ୍କଠୁ ଆଦାୟ ହୋଇଛି ଟଙ୍କା
- ତୋସରପାତ ହେଉଛି ଅନୁଦାନ

**ପୁରୀ ଅଫିସ, ୧୯।୧୧**

ପୁରୀ ସଦର ବ୍ଲକ ଅଧୀନ ଶାସନ ଦାମୋଦରପୁରସ୍ଥ ରାମହରି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଛାଡ଼ଖାଇ ଆସର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ନେଇ ବିଭିନ୍ନ ଗଣମାଧମରେ ମଧ ଖବର ପ୍ରକାଶ ପାଇଥିଲା। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜିଲାପାଳ ବଲୱନ୍ତ ସିଂ ଏହାର ତଦନ୍ତ ଲାଗି ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ଏବଂ ସେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ କହିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଗତ ୧୩ତାରିଖରେ ରାମହରି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାଡ଼ଖାଇ ଭୋଜିଭାତ କରିଥିଲେ। ଏ ନେଇ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଫେରାଦ ହୋଇଥିଲେ। ଏହା ଦ୍ୱାରା ଶିକ୍ଷାଦାନ ଭଳି ଏକ ପବିତ୍ର ସ୍ଥାନ ପ୍ରତି ଅପମାନିତ କରାଯାଇଛି। ତେଣୁ ନିରପେକ୍ଷ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରିଥିଲେ। ସେହିପରି ବିଦ୍ୟାଳୟରେ ବକେୟା ପଡ଼ିଥିବା ବିଦ୍ୟୁତ ଦେୟ ପଇଠ ଲାଗି ୪୫୦ ଟଙ୍କା ଲେଖାଏ ୨୩୨ ପିଲାଙ୍କଠାରୁ ମୋଟ ୧ଲକ୍ଷ ୪ହଜାର ୪ଶହ ଟଙ୍କା ଆଦାୟ କରାଯାଇଛି। ପ୍ରତିବର୍ଷ ଖେଳ ବାବଦକୁ ୧୫ ହଜାର ଟଙ୍କା ଅନୁଦାନ ମିଳିଲେ ମଧ ବାର୍ଷିକ କ୍ରୀଡ଼ା ଆୟୋଜନ ହେଉନାହିଁ। ଗତ ୬ବର୍ଷ ହେଲା କୌଣସି ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ଦିଆଯାଇନାହିଁ। ପାଚେରି ନିର୍ମାଣ ଲାଗି ଅନୁଦାନ ଆସିଥିଲେ ସୁଦ୍ଧା ମାଛଧରା ଜାଲ ଘେରାଇ ଅର୍ଥ ତୋସରପାତ କରାଯାଇଛି। ଜଣେ ପୁରାତନ ଛାତ୍ର କହିଛନ୍ତି, ବିଦ୍ୟାଳୟରେ ନଡ଼ିଆ ଓ ପଇଡ଼ ବିକ୍ରି ବାବଦକୁ ଲକ୍ଷାଧିକ ଟଙ୍କା ଆଦାୟ ହେଉଛି। ମାତ୍ର ସେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ କରାଯାଉଛି, ତାହାର ହିସାବ ନାହିଁ। ଏହି ଘଟଣାର ତ୍ୱରିତ ତଦନ୍ତ ଲାଗି ସେ ଦାବି କରିଛନ୍ତି। ତେବେ ଏ ନେଇ ପ୍ରଧାନଶିକ୍ଷକ ହରିହର ରଥଙ୍କ ମୋବାଇଲ ଫୋନ୍ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।